# ଉତ୍କଳ ପ୍ରସଙ୍ଗ

**The Utkal Prasanga**

**December 2013**

**୭୦ ଭାଗ ୫ମ ସଂଖ୍ୟା ମାର୍ଗଶିର–ପୌଷ ଡିସେମ୍ବର –୨୦୧୩**

**ପ୍ରଦୀପ କୁମାର ଜେନା,** ଭା.ପ୍ର.ସେ.
ପ୍ରମୁଖ ଶାସନ ସଚିବ

**ପ୍ରମୋଦ କୁମାର ଦାସ,** ଓ.ପ୍ର.ସେ.
ନିର୍ଦ୍ଦେଶକ

**ଡକ୍ଟର ହୁସେନ ରବିଗାନ୍ଧୀ**
ସମ୍ପାଦକ

ପ୍ରଚ୍ଛଦପଟ ଓ ଲେ–ଆଉଟ୍ ଡିଜାଇନିଂ
**ମାନସ ନାୟକ**

ଫଟୋ :
**ରାଜୁ ସିଂ ଓ ମନୋରଂଜନ ମହାନ୍ତି**

ସମ୍ପାଦନା ସହଯୋଗୀ
**ଗୋବିନ୍ଦ ଚନ୍ଦ୍ର ମଲ୍ଲିକ**
**ସଚିଦାନନ୍ଦ ବାରିକ**

କମ୍ପ୍ୟୁଟର ସେଟିଂ ଓ ଡିଜାଇନିଂ
**ହେମନ୍ତ କୁମାର ସାହୁ**
**ସୁମିତ୍ରା କର**

**ପ୍ରତିଖଣ୍ଡ : ଟ. ୫.୦୦**

ଉତ୍କଳ ପ୍ରସଙ୍ଗ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗଦ୍ୱାରା ପ୍ରକାଶିତ ଏବଂ
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ–୧୦ରେ ମୁଦ୍ରିତ ।

ଠିକଣା : 'ଉତ୍କଳ ପ୍ରସଙ୍ଗ', ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଲୋକ ସମ୍ପର୍କ ଭବନ, ଭୁବନେଶ୍ୱର–୭୫୧୦୦୧

ଇ–ମେଲ୍ : iprsec@rediffmail.com, iprsec.or@nic.in, ୱେବ୍‌ସାଇଟ୍ : www.orissagov.nic.in
ଫୋନ୍ : ୦୬୭୪–୨୫୩୦୨୧୧

ଡିସେମ୍ବର –୨୦୧୩

# ସୂଚୀ


| | | |
|---|---|---|
| ● ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତ: ଏକ ଅନନ୍ୟ ଜ୍ୟୋର୍ତିବିଜ୍ଞାନୀ | ଡକ୍ଟର ସୁଧିରା ପଣ୍ଡା | .... ୧ |
| ● ସାରସ୍ୱତ ସାଧକ ପ୍ରକୃତି ପ୍ରେମିକ ରାଧାନାଥ | ଡକ୍ଟର ନାରାୟଣ ପଣ୍ଡା | .... ୮ |
| ● ନବକୃଷ୍ଣ ଚୌଧୁରୀ– ସମାଜବାଦଭିତ୍ତିକ ସର୍ବୋଦୟୀ | ଡକ୍ଟର ଅତୁଲ ଚନ୍ଦ୍ର ପ୍ରଧାନ | ... ୧୪ |
| ● ଶାସ୍ତ୍ରୀୟତା ପ୍ରସଙ୍ଗ: ଓଡ଼ିଆ ଭାଷା ଓ ଲିପି | ଡକ୍ଟର ବସନ୍ତ କୁମାର ପଣ୍ଡା | ... ୧୯ |
| ● କେନ୍ଦ୍ରାପଡ଼ାଧୀଶ ଲଙ୍ଗଳଧାରୀ ଶ୍ରୀ ଶ୍ରୀ ବଳରାମ | ନେପାଳ ପ୍ରକାଶ ସାମନ୍ତ | ... ୨୨ |
| ● ସାଗରପାରି ଦେଶରେ କଳିଙ୍ଗ | ଆଚାର୍ଯ୍ୟ ହିମାଂଶୁ ଶେଖର | ... ୨୬ |
| ● କୋଠ ଭୋଗଖିଆର କବି | ଭାରତୀ ନାୟକ | ... ୨୯ |
| ● ନୌବାଣିଜ୍ୟର ସ୍ମୃତି | ଶୈଳେଶ୍ୱର ସାହୁ | ... ୩୩ |
| ● ମାନବିକ ଅଧିକାର | ନ୍ୟାୟମୂର୍ତ୍ତୀ ବୀର କିଶୋର ମିଶ୍ର | ... ୩୬ |
| ● ମଦମୃତ୍ୟୁ ନହେବ କିପରି | ଡାକ୍ତର ରାମଚନ୍ଦ୍ର ରାଉତ | ... ୩୮ |
| ● ପଶ୍ଚିମ ଓଡ଼ିଶାର ଭାଇ ଜିଉନ୍ତିଆ ପର୍ବ | ପଣ୍ଡିତ ନାମଯଜ୍ଞ ମିଶ୍ର | ... ୪୦ |
| ● ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା | ବରଦା ପ୍ରସନ୍ନ ଦାସ | ... ୪୩ |
| ● କଳିଙ୍ଗ ନୌବାଣିଜ୍ୟର ଇତିହାସକୁ ପୁନର୍ଜୀବିତ କରିବା ପାଇଁ ବିଜୁବାବୁଙ୍କ ଉଦ୍ୟମ | ଡକ୍ଟର ଶରତ କୁମାର ବିଶ୍ୱାଳ | ... ୪୭ |
| ● ଆନ୍ତର୍ଜାତିକ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର ବିଜେତା ଏଲେନ ଜନସନ୍ ସିର୍ଲିଫ୍ | ଡକ୍ଟର ପୁରୁଷୋତ୍ତମ ବିଶ୍ୱାଳ | ... ୫୦ |
| ● ନୈତିକତା ଓ ଗଣମାଧ୍ୟମ | ରବୀନ୍ଦ୍ର ନାଥ ସେନାପତି | ... ୫୪ |
| ● ଝାରସୁଗୁଡା ଜିଲ୍ଲାର ପ୍ରମୁଖ ଦର୍ଶନୀୟ ସ୍ଥାନ | ଦାଶରଥି ପାତ୍ର | ... ୫୬ |
| ● ଧରାକୁ ନମଣ ସରା (କବିତା) | ଯାଜ୍ଞସେନୀ ପଣ୍ଡା | ... ୫୮ |
| ● ମନୋରମ ସପ୍ତଶଯ୍ୟା | ପ୍ରମୋଦ କୁମାର ନାୟକ | ... ୫୯ |
| ● ଶ୍ରୀଭୁବନେଶ୍ୱରଙ୍କ ଇତିବୃତ୍ତ | ଜାନକୀ ବଲ୍ଲଭ ପଟ୍ଟନାୟକ | ... ୬୩ |
| ● ଓଡ଼ିଶାରେ ଆୟୁର୍ବେଦ ପରମ୍ପରା ଓ ଏହାର ପୃଷ୍ଠଭୂମି | ଡାକ୍ତର ଦୀନବନ୍ଧୁ ମହାରଣା | ... ୬୫ |
| ● ବାୟୁ ପ୍ରଦୂଷଣ ଓ ଯାନବାହାନ | ଶ୍ରୀକାନ୍ତ କୁମାର ପାଣିଗ୍ରାହୀ | ... ୬୭ |
| ● ଓଡ଼ିଶାରେ ହାତୀ ଓ ମଣିଷ : ସମସ୍ୟା ଓ ସମାଧାନ | ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି<br>ଡକ୍ଟର ସଂଜୟ ନାରାୟଣ ଓତା | ... ୭୦ |
| ● ଆନ୍ତର୍ଜାତୀୟ କ୍ରୀଡ଼ାରେ ଭାରତର ସ୍ଥାନ | ନାରାୟଣ ପ୍ରସାଦ ଦାସ | ... ୭୫ |
| ● ଓଡ଼ିଆ ଅସ୍ମିତାର କୋଠଘର | ଡକ୍ଟର ଭାଗ୍ୟଲିପି ମଲ୍ଲ | ... ୭୭ |
| ● ଏ କି ତୁମ ଇଚ୍ଛା ପ୍ରଭୋ ! (କବିତା) | ସୁଦର୍ଶନ ସାମନ୍ତରା | ... ୮୦ |


❖ ❖ ❖

## ସମ୍ପାଦକୀୟ

# ପ୍ରାଣୀଙ୍କ ଭଲମନ୍ଦ ବାଣୀ

ଭାଗବତ ଗ୍ରନ୍ଥରେ ଅତିବଡୀ ଜଗନ୍ନାଥ ଦାସ ଅତି ଚମତ୍କାର ଭାବେ ପ୍ରାଣୀଙ୍କ ଶେଷ ସମୟ କଥା ଅତି ସଂକ୍ଷେପରେ କହିଛନ୍ତି– 'ପ୍ରାଣୀଙ୍କ ଭଲମନ୍ଦ ବାଣୀ । ମରଣ କାଳେ ତାହା ଜାଣି ।'

ଅର୍ଥାତ୍ ମୃତ୍ୟୁ ବା ଅନ୍ତିମ ସମୟରେ ପ୍ରାଣୀଙ୍କ ପ୍ରଶଂସା–ନିନ୍ଦା, ଭଲ–ମନ୍ଦ, ମଙ୍ଗଳ–ଅମଙ୍ଗଳ କଥା ଜଣାପଡେ । ସେହିପରି ଗୋଟିଏ ବର୍ଷ ଯେତେବେଳେ ବିଦାୟ ନିଏ, ସେତେବେଳେ ସେହି ବର୍ଷର ଭଲ–ମନ୍ଦ କଥା ମଧ୍ୟ ଆଲୋଚନା କରାଯାଏ । ୨୦୧୩ ବର୍ଷଟି ଇଂରାଜୀ ପଞ୍ଜିକାରୁ ଅପସରିଯିବ ଆଉ ଦିନ କେଇଟା ପରେ । ଏଇ ବିଗତ ବର୍ଷକ ଯାକର ଭଲ–ମନ୍ଦ କଥା ମନକୁ ସ୍ୱତଃ ଆସିଯାଉଛି ।

ଏଇ ବର୍ଷ ୨୦୧୩ରେ କିଛି ଭଲ କଥା ଘଟିଥିବା ବେଳେ, କିଛି ଭୟଙ୍କର କଥା ମଧ୍ୟ ଘଟିଛି । ହେଲେ ସେଇ ଭଲ କଥାଗୁଡିକ ପ୍ରାଣୀର ପ୍ରାଣକୁ ଯେପରି ଆନନ୍ଦ ତଲ୍ଲୀନ କରିଛି, ମନ୍ଦ କଥା ମଧ୍ୟ ସେହିପରି ଭୟଭୀତ କରି ଦେଇଛି । ମାତ୍ର ପ୍ରାଣୀଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରାଣୀ 'ମନୁଷ୍ୟ' ନିଜର ବିଚାର, ବୁଦ୍ଧି ଓ ଧୀଶକ୍ତି ବଳରେ ସେଇ ମନ୍ଦ ମୁହୂର୍ତ୍ତଗୁଡିକୁ ଯେଭଳି ଭାବେ ସାହସର ସହିତ ମୁକାବିଲା କରିଛି, ମନୁଷ୍ୟ ଜାତିର ଇତିହାସରେ ତାହା କ୍ୱଚିତ ଦେଖାଦେଇଛି ।

ଏଇ ଆମ ରାଜ୍ୟ ଓଡ଼ିଶାରେ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ (୧୮୬୬) ଏକ ଭୟଙ୍କର ଦୁର୍ଭିକ୍ଷକୁ ମୁକାବିଲା କରିଥିଲା । ମାତ୍ର ତା'ର ପରିଣତି ଅତି ଦାରୁଣ, ହୃଦୟ ବିଦାରକ ଓ ମର୍ମସ୍ପର୍ଶୀ ଥିଲା । ପାଖାପାଖି ୧୦ ଲକ୍ଷ ଲୋକ ସେହି ଦୁର୍ଭିକ୍ଷରେ ଅକାଳରେ ମୃତ୍ୟୁ ଲାଭ କରିଥିଲେ । ଆଜିବି ସେହି 'ଦୁର୍ଭିକ୍ଷ'କୁ ଓଡ଼ିଶାର ଲୋକେ ଭୁଲି ପାରିନାହାନ୍ତି । ସେତେବେଳକାର ପୁରୀ ଗଜପତି ମହାରାଜାଙ୍କ ନବମ ଅଙ୍କରେ (ଅର୍ଥାତ୍ ତାଙ୍କ ରାଜତ୍ୱର ୯ମ ବର୍ଷରେ) ସେହି କରାଳ ଦୁର୍ଭିକ୍ଷ ଓଡ଼ିଶାରେ ସଂଘଟିତ ହୋଇଥିବାରୁ ତାକୁ ନଅଙ୍କ ଦୁର୍ଭିକ୍ଷ ବୋଲି ଇତିହାସ ଲିପିବଦ୍ଧ କରିଛି ।

ତା'ପରେ ଅନେକ ବାତ୍ୟା, ମହାବାତ୍ୟା, ମରୁଡି ଓ ଦୁର୍ଭିକ୍ଷକୁ ଓଡ଼ିଶା ସାମ୍ନା କରିଛି । ସ୍ୱାଧୀନତା ପରେ ୧୯୬୬ର କଳାହାଣ୍ଡି ଜିଲ୍ଲାର ହୃଦୟବିଦାରକ ଦୁର୍ଭିକ୍ଷ, ୧୯୭୧ର ଉପକୂଳବର୍ତ୍ତୀ ଓଡ଼ିଶାରେ ଘଟିଥିବା ବାତ୍ୟା ଓ ସର୍ବୋପରି ଓଡ଼ିଶାରେ ୧୯୯୯ ବର୍ଷରେ ସଂଘଟିତ ମହାବାତ୍ୟା ପ୍ରଭୂତ ଧନ, ଜୀବନହାନୀର କାରଣ ହୋଇଥିଲା । ୧୯୯୯ର ମହାବାତ୍ୟାରେ ଉପକୂଳବର୍ତ୍ତୀ ୧୧ଗୋଟି ଜିଲ୍ଲାରେ ଭୟଙ୍କର ପରିସ୍ଥିତି ଉପୁଜିଥିଲା । କେବଳ ଜଗତ୍‌ସିଂହପୁର ଜିଲ୍ଲାରେ ୧୫ ହଜାରରୁ ଅଧିକ ମନୁଷ୍ୟ ଓ ହଜାର ହଜାର ଗୃହପାଳିତ ପଶୁ–ପକ୍ଷୀ ଅକାଳ ମୃତ୍ୟୁର ସାମ୍ନା କରିଥିଲେ । ୧୧ଟି ଜିଲ୍ଲାର ସମସ୍ତ ଚାଷ ଜମିରେ ଥିବା ଫସଲ ଉଜୁଡି ଯାଇଥିଲା ଏବଂ ଶତକଡା ୮୦ରୁ ୯୦ ଭାଗ କଚାଗୃହ ଧୂଳିସାତ ହୋଇଥିଲା । ଅନେକ ଗ୍ରାମ ପୃଥିବୀ ପୃଷ୍ଠରୁ ଲୋପ ପାଇ ବାଲୁକା ସ୍ତୂପରେ ପରିଣତ ହୋଇଥିଲା ।

ଏହି ସମସ୍ତ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ରାଜ୍ୟର ଶାସନତନ୍ତ୍ର ଓ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା ।

ଚଳିତ ବର୍ଷର ମହାବାତ୍ୟା 'ଫାଇଲିନ୍' ଓ ତତ୍‌ପରେ ଦୀର୍ଘ ଏକ ସପ୍ତାହ ଧରି କ୍ରମାଗତ ଭୀଷଣ ବର୍ଷାରେ ଓଡ଼ିଶାରେ ଜୀବନହାନି ଅତି ନଗଣ୍ୟ ହୋଇଛି । ହାତଗଣତି କିଛି ବୃଦ୍ଧ-ବୃଦ୍ଧା ତଥା ଅଳ୍ପ କିଛି ଗୃହପାଳିତ ପଶୁ-ପକ୍ଷୀଙ୍କ ନିଧନ ହୋଇଛି । ହେଲେ ତାହା ସେମିତି ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିନାହିଁ ।

ତା'ର କାରଣ ହେଉଛି, ରାଜ୍ୟର ପାଣି-ପାଗ ବିଶେଷଜ୍ଞ ଓ ସମୁଦ୍ର ବିଜ୍ଞାନୀମାନଙ୍କର ସଠିକ୍ ବୈଜ୍ଞାନିକ ପଦ୍ଧତିରେ 'ଫାଇଲିନ୍' ମହାବାତ୍ୟା ଆସିବା ଖବର ଯଥେଷ୍ଟ ପୂର୍ବରୁ ଦେବାରେ ସକ୍ଷମ ହୋଇଥିଲେ । ବୈଜ୍ଞାନିକମାନଙ୍କର ସେହି ତଥ୍ୟକୁ ଭିତ୍ତିକରି ଓଡ଼ିଶା ସରକାର ନିଜର ପ୍ରଶାସନିକ କଳକୁ ଚଳଚଞ୍ଚଳ କରାଇ ଲକ୍ଷ ଲକ୍ଷ ଜନସାଧାରଣ ତଥା ହଜାର ହଜାର ଗୃହପାଳିତ ପଶୁ-ପକ୍ଷୀଙ୍କୁ ବିପଦ ସଂମ୍ଭାବନା ଥିବା କ୍ଷେତ୍ରରୁ ନିରାପଦ ସ୍ଥାନକୁ ନେଇ ଯାଇପାରିଲେ । ଯୁଦ୍ଧକାଳୀନ ଭିତ୍ତିରେ ଏପରି ପ୍ରାକ୍-ବାତ୍ୟା-ଉଦ୍ଧାର କାର୍ଯ୍ୟ ବିଶ୍ୱବାସୀଙ୍କୁ ଚମତ୍କୃତ କରିଦେଇଛି । ତେଣୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କୁ ଜାତିସଂଘ ଦ୍ୱାରା ସ୍ୱତନ୍ତ୍ରଭାବେ ସମ୍ମାନିତ କରାଯାଇଛି । ସମଗ୍ର ଏସିଆ ମହାଦେଶର କୌଣସି ଏକ ପ୍ରାଦେଶିକ ମୁଖ୍ୟଙ୍କୁ ଏପରି ପ୍ରଶଂସା ପତ୍ର ମିଳିବା ଏହା ପ୍ରଥମ ଘଟଣା । ନବୀନବାବୁ ଅତି ନମ୍ରତାର ସହ ଏହି ସମ୍ମାନକୁ ଓଡ଼ିଶାର କୋଟି କୋଟି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ତାଙ୍କର ନମ୍ରତା ଓ ଲୋକଙ୍କ ପ୍ରତି ରହିଥିବା ବିଶ୍ୱାସ ତଥା ଆସ୍ଥାକୁ ପ୍ରମାଣିତ କରିଦେଇଛି । ଅତୀତର ସମସ୍ତ ପ୍ରାକୃତିକ ବିପର୍ଯ୍ୟୟ ଅପେକ୍ଷା ଚଳିତବର୍ଷ 'ଫାଇଲିନ୍' ବାତ୍ୟାକୁ ଯେଭଳି ଭାବେ ସଫଳତାର ସହ ଓଡ଼ିଶାବାସୀ ତଥା ଓଡ଼ିଶା ସରକାର ମୁକାବିଲା କରିଛନ୍ତି, ତାହା କେବଳ ନବୀନବାବୁଙ୍କ ଦୂରଦୃଷ୍ଟି ଓ ନେତୃତ୍ୱର ପରାକାଷ୍ଠା ପ୍ରମାଣିତ କରୁନାହିଁ, ଅପିତୁ ଓଡ଼ିଶାର ଜନସାଧାରଣଙ୍କର ସାହସ, ଧୈର୍ଯ୍ୟ ଓ ଦୁଃଖ-ଯାତନାକୁ ସଠିକ୍ ମୁକାବିଲା କରିବାର ଶକ୍ତିକୁ ମଧ୍ୟ ପ୍ରମାଣିତ କରିଦେଇଛି ।

ଓଡ଼ିଶାର ଜନସାଧାରଣ ନିଜର ପ୍ରିୟ ନାୟକ ନବୀନବାବୁଙ୍କ ନେତୃତ୍ୱରେ ଯେପରି ସାହସ ଓ ଧୈର୍ଯ୍ୟର ସହ 'ଫାଇଲିନ୍'ର ଦୁଃଖଦ ସମୟଗୁଡ଼ିକୁ ମୁକାବିଲା କଲେ, ତାହା ବିଶ୍ୱବାସୀଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ ବି କେନ୍ଦ୍ର ସରକାରଙ୍କ ଆଖିକୁ ବୋଧହୁଏ ଏହା ଭଲ ଲାଗିନାହିଁ । ତେଣୁ କେନ୍ଦ୍ର ସରକାର ଅନ୍ୟାନ୍ୟ ରାଜ୍ୟକୁ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଯେପରି ସହାୟତାର ହସ୍ତ ପ୍ରସାରଣ କରିଛି, ଓଡ଼ିଶା କ୍ଷେତ୍ରରେ ତାହା କରିନାହିଁ । ଏହା ଅତ୍ୟନ୍ତ ପରିତାପ ଓ ଦୁଃଖର କଥା ।

ତଥାପି ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ 'ଫାଇଲିନ୍' ପ୍ରପୀଡ଼ିତ ଜନସାଧାରଣଙ୍କର ଥଇଥାନ ଓ ଉଦ୍ଧାର କାର୍ଯ୍ୟ ତଥା ସମ୍ପୂର୍ଣ୍ଣଭାବେ ଉଜୁଡ଼ି ଯାଇଥିବା ରାସ୍ତା, ଘାଟ, ବିଜୁଳି, ପାନୀୟଜଳ ଯୋଗାଣ ବ୍ୟବସ୍ଥା ଇତ୍ୟାଦିର ପୁନରୁଦ୍ଧାର ପାଇଁ ଯେଉଁ ସଫଳ ପ୍ରୟାସ କରିଛନ୍ତି, ତାହା ମଣିଷକୁ ପ୍ରକୃତିର ମୁକାବିଲା କରିବାର ଏକ ନୂତନ ପରିଭାଷା ସୃଷ୍ଟି କରି ପାରିଛନ୍ତି । ଏହି ନୂତନ ପରିଭାଷା ହିଁ ଆଜି ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଛି ଏବଂ ନବୀନବାବୁଙ୍କ ନେତୃତ୍ୱ ଦୁନିଆଁର ସମସ୍ତଙ୍କ ପାଇଁ ଏକ ବଳିଷ୍ଠ ଉଦାହରଣ ସାଜିଛି ।

ଓଡ଼ିଶାବାସୀଙ୍କ ଉଦ୍ଧାର ଓ ଥଇଥାନ ପାଇଁ ଜନସାଧାରଣଙ୍କ ସହଯୋଗରେ ସରକାରଙ୍କର ସଫଳ ଉଦ୍ୟମ ଆମ ସମସ୍ତଙ୍କ ପାଇଁ ଏକ ନୂଆ ଉଦାହରଣ ସୃଷ୍ଟି କରିଅଛି । ଈଶ୍ୱର ଓଡ଼ିଶାବାସୀଙ୍କ ସମେତ ଭାରତ ତଥା ପୃଥିବୀର ସକଳ ପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ତଥା ସେମାନଙ୍କୁ କୁଶଳ ମଙ୍ଗଳରେ ରଖନ୍ତୁ, ଇଂରାଜୀ ନବବର୍ଷର ଅନ୍ତିମ ସମୟରେ ଏହାହିଁ କାମନା କରୁଛୁଁ । ସେଇଥିପାଇଁ ପ୍ରାଣୀର ଅନ୍ତିମ ସମୟରେ ତାର ଭଲ-ମନ୍ଦର ଆକଳନ କରିବା ଭଳି ଗୋଟିଏ ବର୍ଷର ବିଦାୟ ବେଳାରେ ସେହିବର୍ଷ ଘଟି ଯାଇଥିବା ଭଲ-ମନ୍ଦକୁ ବିଚାର କରି ଭବିଷ୍ୟତକୁ ନିର୍ମାଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରି ପାରିଲେ, ଗୋଟିଏ ଜାତି ନିଜର ଓ ଜଗତର ମଙ୍ଗଳ ସାଧନ କରିବାରେ ସମର୍ଥ ହୋଇପାରିବ ।

ବନ୍ଦେ ଉତ୍କଳ ଜନନୀ

# ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତ: ଏକ ଅନନ୍ୟ ଜ୍ୟୋତିର୍ବିଜ୍ଞାନୀ

ଡକ୍ଟର ସୁଧିରା ପଣ୍ଡା

ଏହି ପୃଥିବୀ ଓ ଆକାଶ ଯୁଗେ ଯୁଗେ ମଣିଷ ସମାଜ ପାଇଁ କୌତୁହଳପୂର୍ଣ୍ଣ ଓ ଦୁର୍ବୋଧ ମଧ୍ୟ । ଏହାକୁ ସାଧାରଣ ବୋଧଗମ୍ୟ କରିବା ପାଇଁ ବହୁ ପ୍ରାଚୀନ କାଳରୁ ଜ୍ୟୋତିର୍ବିଦ୍‌ମାନେ ପ୍ରୟାସ କରି ଆସିଛନ୍ତି ।

ଆମ ଭାରତବର୍ଷରେ ଆର୍ଯ୍ୟ ଋଷିମାନଙ୍କର ପରବର୍ତ୍ତୀ ଯେଉଁସବୁ ଗଣିତ ଜ୍ୟୋତିର୍ବିଦ୍ ମନୀଷୀଗଣ ଆବିର୍ଭୂତ ହୋଇ ସ୍ୱୀୟ ଜ୍ଞାନାଲୋକରେ ପୃଥିବୀକୁ ଉଦ୍ଭାସିତ କରିଥିଲେ, ସେମାନଙ୍କ ମଧ୍ୟରେ ବରାହ ମିହିର, ଭାସ୍କରାଚାର୍ଯ୍ୟ, ଆର୍ଯ୍ୟଭଟ୍ଟ, ବ୍ରହ୍ମଗୁପ୍ତ, ଗଣେଶ, ସୁଧାକର ଦ୍ୱିବେଦୀ, ଶତାନନ୍ଦ, କମଳାକର ଭଟ୍ଟ, କୁଟନାଚାର୍ଯ୍ୟ, ଇଲ୍ଲାଚାର୍ଯ୍ୟ, ବାପୁଦେବ ଶାସ୍ତ୍ରୀ ଓ ମାଧବ ମିଶ୍ର ଆଦି ପ୍ରଧାନ । ଏତଦ୍‌ବ୍ୟତୀତ ସ୍ୱକୀୟ ଗ୍ରନ୍ଥର ଅପ୍ରକାଶ ବଶତଃ ଆଉ କେତେ ପଣ୍ଡିତଙ୍କର ନାମ କାଳଗର୍ଭରେ ଲୀନ ହୋଇଯାଇଥିବା ସମ୍ଭବ ।

ହିନ୍ଦୁ ଗଣିତ ଜ୍ୟୋତିଷ ବେଦ ପରି ପ୍ରାଚୀନ । ସୁତରାଂ ଇତିହାସର ମୂଳଭିତ୍ତି ସ୍ଥାପିତ ହେବା ଦିନରୁ ଗ୍ରନ୍ଥ ଓ ଗ୍ରନ୍ଥ ଲେଖକମାନଙ୍କ ନାମ ଯଥାସମ୍ଭବ ଲିପିବଦ୍ଧ କରାଯାଇଅଛି । ଏହା ଯଥାକ୍ରମେ ସୂର୍ଯ୍ୟସିଦ୍ଧାନ୍ତ, ବ୍ରହ୍ମସିଦ୍ଧାନ୍ତ, ଲୋମଶସିଦ୍ଧାନ୍ତ, ସୋମସିଦ୍ଧାନ୍ତ ଓ ଆର୍ଯ୍ୟସିଦ୍ଧାନ୍ତ । ସୂର୍ଯ୍ୟସିଦ୍ଧାନ୍ତ ଭାରତରେ ଆଦିସିଦ୍ଧାନ୍ତ । ଏହା ଆର୍ଷ ଏବଂ ଏଥିରେ ସୂର୍ଯ୍ୟବଂଶୀ ପୁରୁଷ, ମୟଦାନବକୁ ଉପଦେଶ ଛଳରେ ଏହି ଜ୍ଞାନ ଦେଇଥିବାର ଲିଖିତ ଅଛି । କୁହାଯାଏ ବ୍ରହ୍ମସିଦ୍ଧାନ୍ତ ବ୍ରହ୍ମାଙ୍କଦ୍ୱାରା ପ୍ରଣୀତ ଏବଂ ନାରଦଙ୍କ ଦ୍ୱାରା ପ୍ରକାଶିତ । ସେହିପରି ସୋମସିଦ୍ଧାନ୍ତ ଚନ୍ଦ୍ରଙ୍କ ଦ୍ୱାରା ପ୍ରଣୀତ ଓ କୌଣସି ଋଷିଙ୍କଦ୍ୱାରା ପ୍ରକାଶିତ । କିନ୍ତୁ ଲୋମଶ ସିଦ୍ଧାନ୍ତ ଲୋମଶ ଋଷିଙ୍କ ଦ୍ୱାରା ପ୍ରଣୀତ ଏବଂ ପ୍ରକାଶିତ । ଏହା ରୋମକସିଦ୍ଧାନ୍ତ ନାମରେ ମଧ୍ୟ ବିଦିତ ଅଟେ । ଆର୍ଯ୍ୟସିଦ୍ଧାନ୍ତ ପ୍ରସିଦ୍ଧ ଆର୍ଯ୍ୟଭଟ୍ଟଙ୍କ ଦ୍ୱାରା ପ୍ରଣୀତ ଏବଂ ପ୍ରକାଶିତ ।

ପାଟଳୀପୁତ୍ର ବା କୁସୁମପୁର ନିବାସୀ ପଣ୍ଡିତ ଆର୍ଯ୍ୟଭଟ୍ଟ ମାତ୍ର ୨୩ ବର୍ଷ ବୟସରେ ଶକାବ୍ଦ ୩୯୮ ବା ଖ୍ରୀଷ୍ଟାବ୍ଦରେ ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ 'ଆର୍ଯ୍ୟସିଦ୍ଧାନ୍ତ' ରଚନା କରିଥିଲେ । ଭାରତରେ ସେ ପୃଥିବୀର ଆହ୍ନିକ ଗତିର ପ୍ରଥମ ପ୍ରବର୍ତ୍ତକ ହୋଇଥିଲେ ମଧ୍ୟ ନିଜ ମତକୁ ଦୃଢ ଭିତ୍ତିରେ ଉପସ୍ଥାପିତ କରିବାକୁ ଅକ୍ଷମ ହୋଇଥିଲେ । ସେଥିପାଇଁ ତାଙ୍କୁ ଜନସାଧାରଣରେ ବହୁତ ଅପମାନିତ ହେବାକୁ ପଡିଥିଲା । ମାତ୍ର ପରିଶେଷରେ ସେ ନିଜ ସମୀକରଣକୁ ପ୍ରମାଣିତ କରିବାରେ କୃତକାର୍ଯ୍ୟ ହୋଇଥିଲେ ଓ ପ୍ରଥମ ପର୍ଯ୍ୟବେକ୍ଷଣକାରୀ ହିସାବରେ ଅଶେଷ ଗୌରବ ଅର୍ଜନ କରିଥିଲେ ।

ବିକ୍ରମାଦିତ୍ୟଙ୍କ ରାଜସଭାରେ ନବରତ୍ନଙ୍କ ମଧ୍ୟରେ ଅନ୍ୟତମ ପଣ୍ଡିତ ଅବନ୍ତୀ ବା ଉଜ୍ଜୟିନୀବାସୀ ବରାହ ମିହିର । ସେ ଶକାବ୍ଦ ୪୨୭ ତଥା ଖ୍ରୀଷ୍ଟାବ୍ଦ ୫୦୫ରେ ବୃହତ୍ ସଂହିତା, ପଞ୍ଚସିଦ୍ଧାନ୍ତିକା ପ୍ରଭୃତି ଗ୍ରନ୍ଥ ପ୍ରଣୟନ କରିଥିଲେ । ମୌଳିକ ଲେଖକ ଓ ଅଦ୍ୱିତୀୟ ସଂଗ୍ରହକାରୀ ଭାବେ ସେ ଆଜି ମଧ୍ୟ ସ୍ମରଣୀୟ । ବୃହତ୍ ସଂହିତାରେ ସେ ବିଭିନ୍ନ ସିଦ୍ଧାନ୍ତର ପ୍ରଭେଦ, ସୂର୍ଯ୍ୟଙ୍କ ଉତ୍ତରାୟଣ ଓ ଦକ୍ଷିଣାୟନ ଗତି, ଯନ୍ତ୍ର ସାହାଯ୍ୟରେ ସମୟ ନିରୂପଣ, ପ୍ରଧାନ ଦିଗାଂଶ ଓ ମଧ୍ୟଦିନ ରେଖାରେ ସୂର୍ଯ୍ୟଙ୍କର ପ୍ରବେଶ, ନିର୍ଣ୍ଣୟ ଓ ପର୍ଯ୍ୟବେକ୍ଷଣ ସହ ଗାଣିତିକ ସାମଞ୍ଜସ୍ୟ ପ୍ରଦର୍ଶନ କରିଛନ୍ତି ।

ଏହାବ୍ୟତୀତ ବ୍ରହ୍ମଗୁପ୍ତ ରେବାରଠାରେ ଜନ୍ମଗ୍ରହଣ କରି ୩୦ ବର୍ଷ ବୟସରେ ବ୍ରହ୍ମସ୍ଫୁଟ ସିଦ୍ଧାନ୍ତ ଶକାବ୍ଦ ୫୫୦ ତଥା ଖ୍ରୀଷ୍ଟାବ୍ଦ

୬୨୮ରେ ରଚନା କରିଥିଲେ । ସେ ପ୍ରାଚୀନ ଜ୍ୟୋର୍ତିଗ୍ରନ୍ଥମାନଙ୍କରେ କେତେକ ସଂଶୋଧନ କରିଥିଲେ । ବର୍ତ୍ତମାନ ହିନ୍ଦୁ ଗଣିତ ଜ୍ୟୋତିଷ ବ୍ରହ୍ମସ୍ଫୁଟ ସିଦ୍ଧାନ୍ତରୁ ଆସିଅଛି । ତାଙ୍କ ଉତ୍କୃଷ୍ଟ ବୀଜଗାଣିତିକ ପ୍ରତିଭାରୁ ଆରବୀୟମାନେ ଜ୍ୟୋର୍ତିବିଜ୍ଞାନ ଆଲୋକ ପାଇଥିଲେ । ସମୀକରଣ ସମ୍ବନ୍ଧରେ ସେ ଯେଉଁ ପ୍ରମାଣ କରିଛନ୍ତି, ତାହା ସପ୍ତଦଶ ଶତାବ୍ଦୀର ଇଉରୋପରେ ସମସ୍ୟାରେ ବିଷୟୀଭୂତ ହୋଇଥିଲେ ।

ପଣ୍ଡିତ ସୁଧାକର ଦ୍ୱିବେଦୀ ଦଶମ ଶତାବ୍ଦୀରେ ଗଣକ–ତରଙ୍ଗିଣୀ ବା ମଞ୍ଜୁଳା ଗ୍ରନ୍ଥ ପ୍ରଣୟନ କରିଥିଲେ । ଏକାଦଶ ଶତାବ୍ଦୀରେ ପୁରୀରେ ଆଉ ଜଣେ ପଣ୍ଡିତ ଜନ୍ମଗ୍ରହଣ କରିଥିଲେ । ସେ ହେଲେ ଶତାନନ୍ଦ । ତାଙ୍କ ପ୍ରଣୀତ ଭାସ୍ୱତୀ ନାମକ ଗ୍ରନ୍ଥ ୧୦୨୧ ମସିହା ବା ୧୦୯୯ ଖ୍ରୀଷ୍ଟାବ୍ଦରେ ଲିଖିତ ହୋଇଥିଲା । ତତ୍ପରେ ପ୍ରସିଦ୍ଧ ଭାସ୍କରାଚାର୍ଯ୍ୟ ପଶ୍ଚିମ ଘାଟ ପର୍ବତ ନିକଟବର୍ତ୍ତୀ କୌଣସି ସ୍ଥାନରେ ଶକାବ୍ଦ ୧୦୩୭ ତଥା ଖ୍ରୀଷ୍ଟାବ୍ଦ ୧୧୧୪ରେ ଜନ୍ମଗ୍ରହଣ କରିଥିଲେ । ସେ ଭାରତୀୟ ଗୌରବ କେନ୍ଦ୍ର ଓ ପାଶ୍ଚାତ୍ୟବାସୀଙ୍କର ବିସ୍ମୟୋତ୍ପାଦକ ଥିଲେ । ସେ ସିଦ୍ଧାନ୍ତ ଶିରୋମଣି, କର୍ଣ୍ଣକୁତୁହଳ ପ୍ରଭୃତି ଗ୍ରନ୍ଥର ପ୍ରଣେତା ଥିଲେ । ତାଙ୍କ ମୃତ୍ୟୁ ସହିତ ଭାରତରେ ଗଣିତ ବିଜ୍ଞାନର ପ୍ରାଣବାୟୁ ଉଡିଯାଇଥିଲା । ଏହାପରେ ୧୫୨୦ ଖ୍ରୀଷ୍ଟାବ୍ଦରେ ନନ୍ଦିଗ୍ରାମ ନିବାସୀ ଗଣେଶ ନାମକ ପଣ୍ଡିତ 'ଗ୍ରହଲାଘବ' ଗ୍ରନ୍ଥ ରଚନା କରିଥିଲେ । ସପ୍ତଦଶ ଶତାବ୍ଦୀରେ ଜୟପୁରରେ ରାଜା ଜୟସିଂହଙ୍କ ରାଜତ୍ୱ କାଳରେ ଇଉକ୍ଲିଡ୍ ଜ୍ୟାମିତିର ସଂସ୍କୃତାନୁବାଦ କରାଯାଇ ଜୟସିଂହଙ୍କ ଆଦେଶରେ ଉତ୍ତର ଭାରତର ବିଭିନ୍ନ ସ୍ଥାନରେ ପର୍ଯ୍ୟବେକ୍ଷିକା ସ୍ଥାପିତ ହୋଇଥିଲା । ମହାତ୍ମା ଚନ୍ଦ୍ରଶେଖରଙ୍କ ପୂର୍ବରୁ ପ୍ରାୟ ୪୦୦ ବର୍ଷ ଧରି ଭାରତରେ କୌଣସି ପ୍ରସିଦ୍ଧ ଜ୍ୟୋତିଷୀ ପଣ୍ଡିତଙ୍କର ଆବିର୍ଭାବ ହୋଇନଥିଲା । ସେହି ୪୦୦ ବର୍ଷର ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ ୧୮୩୫ ମସିହା ପୌଷମାସ କୃଷ୍ଣପକ୍ଷ ଅଷ୍ଟମୀ ଦିନ ଜନ୍ମଗ୍ରହଣ କରିଥିଲେ ଓଡ଼ିଶାର ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତ ହରିଚନ୍ଦନ ମହାପାତ୍ର ।

### ତତ୍କାଳୀନ ଓଡ଼ିଶାର ରାଜନୈତିକ ପରିସ୍ଥିତି

୧୯୪୭ ମସିହା ପୂର୍ବରୁ ଓଡ଼ିଶା ରାଜ୍ୟ ଇଂରେଜମାନଙ୍କ ଅଧୀନରେ ଥିଲା । ଇଂରେଜମାନେ ତାଙ୍କ ସୁବିଧା ନିମିତ୍ତ ଏହାକୁ ଦୁଇ ଭାଗରେ ବିଭକ୍ତ କରିଥିଲେ ଯଥା– ଖାସମହଲ ଓ ଗଡଜାତ । ଖାସମହଲ, ପୁରୀ, କଟକ, ବାଲେଶ୍ୱର ଆଦି ଛଅଟି ତଟ ଭୂମି ଉର୍ବର ଅଞ୍ଚଳକୁ ନେଇ ଗଠିତ ଓ ଇଂରେଜମାନଙ୍କ ପ୍ରତ୍ୟକ୍ଷ ଶାସିତ ଅଞ୍ଚଳ । ଗଡଜାତ, ଖଣ୍ଡପଡା, ନୟାଗଡ, ରଣପୁର ଆଦି ଚବିଶଟି ରାଜ୍ୟ ଯାହା ଇଂରେଜମାନଙ୍କର କରଦ ରାଜ୍ୟ ଥିଲା । ଏଠାରେ ରାଜାମାନେ ନାମକୁ ମାତ୍ର ରାଜତ୍ୱ କରୁଥିଲେ କାରଣ ଦୁର୍ଗମ, ବିପଦ ସଂକୁଳ ପାହାଡ ଓ ଜଙ୍ଗଲ ଘେରରେ ଥିବା ଏହି ରାଜ୍ୟ ସବୁକୁ ଯିବାକୁ ଇଂରେଜମାନେ ପସନ୍ଦ କରୁନଥିଲେ ।

ଏହି ୨୪ଟି କରଦ ରାଜ୍ୟ ମଧ୍ୟରେ ଗୋଟିଏ ଛୋଟ ରାଜ୍ୟ ଖଣ୍ଡପଡା । ଏହା ବର୍ତ୍ତମାନ ନୟାଗଡ ଜିଲ୍ଲାର ଏକ ସବ୍‌ଡିଭିଜନ୍, ଯାହା ଖୋର୍ଦ୍ଧା ରୋଡ୍ ରେଳଷ୍ଟେସନଠାରୁ ସତୁରି କିଲୋମିଟର ପଶ୍ଚିମରେ ଓ ଭୁବନେଶ୍ୱରଠାରୁ ଅଶୀ କିଲୋମିଟର ଉତ୍ତର–ପଶ୍ଚିମକୁ ଅବସ୍ଥିତ ।

ଏହି ଅଞ୍ଚଳ ୧୫୯୯ ମସିହାରେ ଏକ ସ୍ୱତନ୍ତ୍ର ରାଜ୍ୟଭାବେ ପ୍ରତିଷ୍ଠିତ ହୋଇଥିଲା ଓ ୧୮୩୫ ମସିହାରେ ଗଡଜାତ ଅଞ୍ଚଳଭାବେ ଇଂରେଜମାନଙ୍କର ପରୋକ୍ଷ ଶାସନର ଅନ୍ତର୍ଭୁକ୍ତ ହେଲା । ୧୯୩୬ ମସିହାରେ ଗଡଜାତ ମିଶ୍ରଣରେ ଓଡ଼ିଶା ରାଜ୍ୟ ଅନ୍ତର୍ଭୁକ୍ତ ହୋଇଥିଲା । ଖଣ୍ଡପଡା ରାଜ୍ୟକୁ ମୁଖ୍ୟତଃ ଘେରି ରହିଛି ଗୋସିଙ୍ଗା ଓ ରାଜଗିରି ପର୍ବତ ଓ ସୁନାମୁଖୀ ବୃହତ ଜଳାଶୟ । ଅନ୍ୟପକ୍ଷରେ ଚିତ୍ରତ୍ପଳା (ମହାନଦୀ) ପ୍ରାକୃତିକ ଶୋଭାକୁ ଦ୍ୱିଗୁଣ କରିଛି । କଣ୍ଟିଲୋ ନୀଳମାଧବ ଏହାର ଅନ୍ୟତମ ଆକର୍ଷଣ ।

ଏହି ଖଣ୍ଡପଡା ରାଜବଂଶର ସପ୍ତମ ରାଜା ନୃସିଂହ ମର୍ଦ୍ଦରାଜ ଭ୍ରମରବର ରାୟଙ୍କର କନିଷ୍ଠ ପୁତ୍ର ଶ୍ୟାମବନ୍ଧୁ ସିଂହଙ୍କର ଏକମାତ୍ର ପୁତ୍ର ଚନ୍ଦ୍ରଶେଖର । ପୂର୍ବରୁ ଦୁଇଟି କନ୍ୟା ଓ ଗୋଟିଏ ପୁତ୍ରକୁ ହରାଇବା ପରେ ଶିବପୂଜା ଦ୍ୱାରା ପୁତ୍ରପ୍ରାପ୍ତି ହେତୁ ତାଙ୍କ ନାମ ରଖାଯାଇଥିଲା ଚନ୍ଦ୍ରଶେଖର । ପୁନଶ୍ଚ ଅପର୍ତ୍ତିଆ ପୁତ୍ରକୁ ଦିନେ ସେ ମୁସଲମାନ ଫକୀରଙ୍କ ହାତକୁ ପ୍ରଦାନ କରିଥିବାରୁ ତାଙ୍କୁ ଅତି ଶ୍ରଦ୍ଧାରେ ପଠାଣି ସାମନ୍ତ ନାମରେ ମଧ୍ୟ ସମ୍ବୋଧନ କରାଯାଏ ।

ପଠାଣି ସାମନ୍ତଙ୍କ ଆକାଶ ପ୍ରତି ଅଶେଷ ଆଗ୍ରହ ସମ୍ପୂର୍ଣ୍ଣଭାବେ ଜନ୍ମଗତ । ଅତି ଛୋଟବେଳୁ ସେ ଆକାଶକୁ ନିରୀକ୍ଷଣ କରିବା, ଶାଗୁଣାମାନଙ୍କର ଗତିବିଧି ଲକ୍ଷ୍ୟ କରିବା, ପରବର୍ତ୍ତୀ ସମୟରେ ଗ୍ରହ ନକ୍ଷତ୍ରମାନଙ୍କର ଗତିବିଧି ନିରୂପଣ କରିବାରେ ପରିଣତ ହେଲା । ପିତା ଶ୍ୟାମବନ୍ଧୁ ପୁତ୍ରର ଏତାଦୃଶ ଆଗ୍ରହ

ଲକ୍ଷ୍ୟ କରି ତାଙ୍କୁ ଜ୍ୟୋତିଷ ବିଦ୍ୟା ସମ୍ପର୍କରେ ଶିକ୍ଷା ଦେଇଥିଲେ । ନକ୍ଷତ୍ର ଚିହ୍ନିବାପରେ ସେ ସ୍ୱତଃଭାବେ ଗଣିତ ଜ୍ୟୋତିଷ ବିଦ୍ୟାପ୍ରତି ଆକର୍ଷିତ ହୋଇଥିଲେ । ସେସମୟରେ ପ୍ରାୟ ସମସ୍ତ ଗ୍ରନ୍ଥ ସଂସ୍କୃତ ଭାଷାରେ ଲେଖାଯାଇଥିଲା । ଏଣୁ ପଠାଣି ସାମନ୍ତ ଓଡ଼ିଆ ଶିକ୍ଷା ପରେ ଆନନ୍ଦ ଖଡୋଙ୍ଗାଙ୍କଠାରୁ ସଂସ୍କୃତ ଶିକ୍ଷା କରିଥିଲେ । ସେ ପ୍ରାୟ ୧୪ ବର୍ଷ ପର୍ଯ୍ୟନ୍ତ ଫଳିତ ଜ୍ୟୋତିଷ ଶିକ୍ଷା କରିଥିଲେ । ଏଣୁ ଖଣ୍ଡପଡା ଓ ଏହାର ପାଖାପାଖି ବହୁ ଲୋକ ତାଙ୍କଠାରୁ ଜାତକ କରେଇ ନେବାକୁ ଆସୁଥିଲେ । ଏହାପରେ ସେ ଜ୍ୟୋତିଷ ବିଦ୍ୟାର ଅନ୍ତର୍ନିହିତ ତଥ୍ୟ ବିଷୟରେ ଜାଣିବା ପାଇଁ ଲୀଳାବତୀ, ଧରଣୀଧର, ଅନ୍ଧବିକ୍ରମଙ୍କ ରଚିତ ବୀଜଗଣିତ ଓ ତ୍ରିକୋଣମିତି ସମ୍ବନ୍ଧୀୟ ପୁସ୍ତକଗୁଡ଼ିକୁ ଅଧ୍ୟୟନ କରିଥିଲେ । ସେ ସୂର୍ଯ୍ୟଙ୍କର ଉଦୟ, ଅସ୍ତ, ଚନ୍ଦ୍ରଙ୍କର ତିଥି ସହ ତାରାର ଭୋଗ, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର ସମୟ ଓ ଅନ୍ୟାନ୍ୟ ଗ୍ରହଙ୍କର ଉଦୟ ଅସ୍ତ ପ୍ରଭୃତି ବିଷୟରେ ନିରବଚ୍ଛିନ୍ନ ପର୍ଯ୍ୟବେକ୍ଷଣ କରିଥିଲେ । ଏସବୁ ନିମନ୍ତେ ଗୋଲଯନ୍ତ୍ର ବ୍ୟବହୃତ ହେଉଥିଲା ।

ଶରତ ଋତୁରେ ନିର୍ମଳ ଆକାଶରେ ଚନ୍ଦ୍ର, ତାରା ଓ ଗ୍ରହମାନଙ୍କୁ ସେ କେତେବେଳେ ନିଜ ଘର ଚୌପାଦୀରେ ବସି ତ କେବେ ନିଜ ଘର ଚାଳରେ କଣାକରି ଛୋଟ ଛୋଟ ବାଉଁଶ ନଳୀ ସାହାଯ୍ୟରେ ଧ୍ରୁବତାରା, ସପ୍ତର୍ଷିମଣ୍ଡଳ, କାଳପୁରୁଷ ମଣ୍ଡଳ, ସତେଇଶ ନକ୍ଷତ୍ର, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର ପ୍ରଭୃତିଙ୍କର ଗତି, ଉଦୟ ଓ ଅସ୍ତ ସମୟ ନିରୀକ୍ଷଣ କରୁଥିଲେ ଓ ସେ ସବୁକୁ ତାଳପତ୍ରରେ ଲିଖିତ ଆକାରରେ ସାଇତି ରଖୁଥିଲେ । ଚନ୍ଦ୍ରଶେଖର, ଭାସ୍କରାଚାର୍ଯ୍ୟ-ପ୍ରଣୀତ ସିଦ୍ଧାନ୍ତ ଶିରୋମଣି, ସୂର୍ଯ୍ୟସିଦ୍ଧାନ୍ତ ସ୍ଥିତ ସୂର୍ଯ୍ୟ ଓ ମୟ ଦୈତ୍ୟର କଥୋପକଥନ, ବ୍ରହ୍ମସିଦ୍ଧାନ୍ତ ପ୍ରଭୃତି ପର୍ଯ୍ୟାଲୋଚନା ସମୟରେ ଲକ୍ଷ୍ୟ କଲେ ଯେ ପୂର୍ବ ସିଦ୍ଧାନ୍ତ ଅନୁସାରେ ନକ୍ଷତ୍ରମାନେ ଠିକ୍ ସ୍ଥାନରେ ଦେଖାଯାଉନାହାନ୍ତି । କିମ୍ବା ଗ୍ରହମାନେ ସ୍ୱସ୍ଥାନରେ ପରିଦୃଷ୍ଟ ହେଉନାହାନ୍ତି । ଏତଦ୍‌ବ୍ୟତୀତ ଆଗରୁ ଯେଉଁ ପଞ୍ଜିକା ଓଡ଼ିଶାରେ ପ୍ରଚଳିତ ଥିଲା ସେଥିରୁ ଏହି ସମସ୍ତ ବିଷୟକୁ ବାଦ୍ ଦେଲେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ଦୁଇଟି ମୁଖ୍ୟ ଥିଲା । ଚନ୍ଦ୍ରଶେଖର ଲକ୍ଷ୍ୟ କରି ଦେଖିଲେ ଗ୍ରହଣ ଓ ପରାଗର ଆରମ୍ଭ ଓ ଶେଷ ସମୟ ପାଞ୍ଜି ଅନୁସାରେ ସଠିକ୍ ନିର୍ଣ୍ଣୟ କରାଯାଇନାହିଁ । ଏହି ଗଣନା ସମୟରେ ସଂଶୋଧନ ଆଣିବା ପାଇଁ ସେ କଠିନ ପରିଶ୍ରମ କରିଥିଲେ । ରାତିସାରା ଗ୍ରହ ନକ୍ଷତ୍ର ଗତିବିଧିକୁ ଲକ୍ଷ୍ୟ କରି ଦିନରେ ସେସବୁକୁ ତାଳପତ୍ର ପୋଥିରେ ଲେଖି ରଖୁଥିଲେ । ଏହି ବହୁବର୍ଷର ପରିଶ୍ରମର ଫଳସ୍ୱରୂପ ଜନ୍ମ ନେଲା ସିଦ୍ଧାନ୍ତ ଦର୍ପଣ ।

ସାରଣୀ-୧: ସିଦ୍ଧାନ୍ତ ଦର୍ପଣ ଓ ଅନ୍ୟ ସିଦ୍ଧାନ୍ତମାନଙ୍କରେ ଗଣନା କରାଯାଇଥିବା ସୌରବର୍ଷର ତୁଳନା ।

| ଗ୍ରହର ନାମ | ପାଶ୍ଚାତ୍ୟ ଗଣନା | ସୂର୍ଯ୍ୟ ସିଦ୍ଧାନ୍ତ ଗଣନା | ସିଦ୍ଧାନ୍ତ ଶିରୋମଣି ଗଣନା | ସିଦ୍ଧାନ୍ତ ଦର୍ପଣ ଗଣନା |
|---|---|---|---|---|
| ସୂର୍ଯ୍ୟ(ପୃଥିବୀ) | ୩୬୫.୨୫୩୬୭ | ୩୫୬.୨୫୮୭୫ | ୩୬୫.୨୫୮୪୩ | ୩୬୫.୨୫୮୭୫ |
| ଚନ୍ଦ୍ର | ୨୭.୩୨୧୬୬ | ୨୭.୩୨୧୬୭ | ୨୭.୩୨୧୧୪ | ୨୭.୩୨୧୬୭ |
| ମଙ୍ଗଳ | ୬୮୬.୯୭୯୪ | ୬୮୯.୯୯୭୫ | ୬୮୬.୯୯୭୯ | ୬୮୬.୯୮୭୫ |
| ବୁଧ | ୮୭.୯୬୯୨ | ୮୭.୯୫୮୫ | ୮୭.୯୬୯୯ | ୮୭.୯୭୦୧ |
| ବୃହସ୍ପତି | ୪୩୩୨.୫୮୪୮ | ୪୩୩୨.୩୨୦୬ | ୪୩୩୨.୨୪୦୮ | ୪୩୩୩.୬୨୨୮ |
| ଶୁକ୍ର | ୨୨୪.୭୦୭ | ୨୨୪.୬୯୮୫ | ୨୨୪.୯୬୭ | ୨୨୪.୭୦୨୩ |
| ଶନି | ୧୦୭୫୯.୨୧୯୭ | ୧୦୭୬୫.୭୭୩୦ | ୧୦୭୬୫.୮୧୫୨ | ୧୦୭୫୯.୭୬୦୫ |

ସାରଣୀ–୨: ସିଦ୍ଧାନ୍ତ ଦର୍ପଣ ଓ ଅନ୍ୟ ସିଦ୍ଧାନ୍ତମାନଙ୍କରେ ଗଣନା କରାଯାଇଥିବା ଗ୍ରହମାନଙ୍କର ଅକ୍ଷ ତାର କକ୍ଷ ତଳ ସହ ଆନତିର ତୁଳନା ।

| ଗ୍ରହର ନାମ | ପାଶ୍ଚାତ୍ୟ ଗଣନା<br>ଡଗ୍ରୀ ମିନିଟ ସେକେଣ୍ଡ | ସୂର୍ଯ୍ୟ ସିଦ୍ଧାନ୍ତ ଗଣନା<br>ଡଗ୍ରୀ ମିନିଟ ସେକେଣ୍ଡ | ସିଦ୍ଧାନ୍ତ ଶିରୋମଣି ଗଣନା<br>ଡଗ୍ରୀ ମିନିଟ ସେକେଣ୍ଡ | ସିଦ୍ଧାନ୍ତ ଦର୍ପଣ ଗଣନା<br>ଡଗ୍ରୀ ମିନିଟ ସେକେଣ୍ଡ |
|---|---|---|---|---|
| ବୁଧ | ୭ ୦ ୮ | ୫ ୨ ୫ | ୬ ୫୫ | ୭ ୨ |
| ଶୁକ୍ର | ୩ ୫୩ ୩୫ | ୨ ୪୬ | ୩ ୬ | ୩ ୨୩ |
| ମଙ୍ଗଳ | ୧ ୫୧ ୨ | ୧ ୩୦ | ୧ ୫୦ | ୧ ୫୧ |
| ବୃହସ୍ପତି | ୧ ୧୮ ୪୧ | ୧ ୦୦ | ୧ ୧୬ | ୧ ୧୮ |
| ପୃଥିବୀ | ୨୩ ୨୭ | ୨୪ ୦୦ | ୨୪ ୦୦ | ୨୩ ୩୦ |
| ଶନି | ୨ ୨୯ ୪୦ | ୨ ୦୦ | ୨ ୪୦ | ୨ ୨୯ |

ତାଙ୍କ ଗଣନା ପରେ ଗ୍ରହଣ ଓ ପରାଗ ସମୟ, ଏହାର ସ୍ପର୍ଶ ଭୋଗ ଓ ମୋକ୍ଷ ସମୟ ସାମନ୍ତଙ୍କ ଦ୍ୱାରା ପୂର୍ବ ନିର୍ଦ୍ଧାରିତ ସମୟରେ ଘଟିଲା । ଫଳସ୍ୱରୂପ ପୂର୍ବ ପଞ୍ଜିକା ସବୁ ଲୋପ ପାଇ ସାମନ୍ତଙ୍କ ଲିଖିତ ପଞ୍ଜିକା ଅନୁଯାୟୀ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ସମସ୍ତ ପୂଜାପର୍ବ ପାଳନ ହେଲା । ଆଜି ବି ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ନିତିବିଧି ଚନ୍ଦ୍ରଶେଖର ପ୍ରଣୀତ ପଞ୍ଜିକା ଅନୁସାରେ ପାଳନ ହେଉଅଛି ।

ଏହା ପ୍ରଚାରିତ ହେବା ପରେ ଓଡ଼ିଶା ବାହାରୁ ବହୁ ବ୍ୟକ୍ତି ସାମନ୍ତଙ୍କ ଶିଷ୍ୟ ହେବାକୁ ମନ ବଳାଇଲେ । ସେମାନଙ୍କ ମଧ୍ୟରେ ମେଦିନୀପୁରର ରୁଦ୍ରନାରାୟଣ ଭଟ୍ଟାଚାର୍ଯ୍ୟ, ମଞ୍ଜୁସାର ବଲ୍ଲଭ ବିଦ୍ୟାଭୂଷଣ, ଖୋର୍ଦ୍ଧାର ସଦାଶିବ ଖଡିରତ୍ନ, ଘୁମୁସରର ହରିହର ଶତପଥୀ ଓ କଟକର ଆଦିକନ୍ଦ ତ୍ରିପାଠୀ ହେଉଛନ୍ତି ପ୍ରଧାନ । ଏହାବ୍ୟତୀତ ତାଙ୍କ ସହିତ ଶାସ୍ତ୍ର ଆଲୋଚନା କରିବା ପାଇଁ ବହୁ ବଡ ବଡ ପଣ୍ଡିତମାନେ ଖଣ୍ଡପଡା ଆସୁଥିଲେ । ସେମାନଙ୍କ ମଧ୍ୟରେ ମାର୍କଣ୍ଡେୟ ତର୍କ ପଞ୍ଚାନନ, ଚିନ୍ତାମଣି ତର୍କ ବାଚସ୍ପତି, ବିଶ୍ୱନାଥ ମହାପାତ୍ର ଅନ୍ୟତମ । ସେସମୟରେ ଖଣ୍ଡପଡାକୁ ବିଦ୍ୟାନଗରୀ କୁହାଯାଉଥିଲା ।


ରାତିରେ ଗ୍ରହ ନକ୍ଷତ୍ରମାନଙ୍କୁ ଦେଖିବା ପାଇଁ ସେ ସହଜଲଭ୍ୟ ବସ୍ତୁ ସାହାଯ୍ୟରେ ଯେଉଁ ଯନ୍ତ୍ରପାତି ସ୍ୱହସ୍ତରେ ନିର୍ମାଣ କରି ବ୍ୟବହାର କରୁଥିଲେ, ତାକୁ ଦେଖିଲେ ଆଧୁନିକ ସମାଜ ଆଚମ୍ବିତ ହୋଇଯିବ । ସେଗୁଡିକ ଯଥାକ୍ରମେ ଗୋଲଯନ୍ତ୍ର, ମାନଯନ୍ତ୍ର, ଧର୍ନୁଯନ୍ତ୍ର, ଶଙ୍କୁ, ସୂର୍ଯ୍ୟଘଡି, ଚାପଯନ୍ତ୍ର, ଗୋଲାର୍ଦ୍ଧଯନ୍ତ୍ର ଇତ୍ୟାଦି । ଗୋଲଯନ୍ତ୍ର ଭୂଗୋଲକ ଓ ଭୂଗୋଲକର ଏକ ନମୁନା । ଏଥିରେ ପୃଥିବୀ ଗୋଲକକୁ ଆକାଶ ଗୋଲକ ମଧ୍ୟରେ ସ୍ଥାପନ କରାଯାଇଛି, ଯେପରି ଗ୍ଲୋବରେ ଅକ୍ଷାଂଶ ଓ ଦ୍ରାଘିମା ପରି କାଳ୍ପନିକ ରେଖାକୁ ଭିତ୍ତିକରି ପୃଥିବୀର ଯେକୌଣସି ସ୍ଥାନର ଅବସ୍ଥିତି ନିର୍ଣ୍ଣୟ କରାଯାଇପାରେ । ସେହିପରି ଏହି ଭୂଗୋଲକ ଉପରେ କ୍ରାନ୍ତି ଓ ଧ୍ରୁବରେଖା ଅଙ୍କନ କରି ସାମନ୍ତ ଆକାଶ ମଣ୍ଡଳରେ ଗ୍ରହ ନକ୍ଷତ୍ରମାନଙ୍କ ଅବସ୍ଥିତି ଓ ଗତି ନିରୂପଣ କରୁଥିଲେ । ମାନଯନ୍ତ୍ର ଦୁଇ ଖଣ୍ଡ ପରସ୍ପର ପ୍ରତି ଲମ୍ବ ବାଡି ଦ୍ୱାରା ନିର୍ମିତ । ଏହାକୁ ଓଲଟାଇ ଭୂମି ସହ ସମାନ୍ତର କରି ରଖିବା ଦ୍ୱାରା ଏହାର ଲମ୍ବ ଦଣ୍ଡ ମଧ୍ୟରେ ପ୍ରତି ଏକକରେ ସୂଚିତ ହୋଇଥିବା ରନ୍ଧ୍ରରେ ବସ୍ତୁକୁ ଦେଖି ଏହାର ଉଚ୍ଚତା ଏବଂ ଦୂରତା ମାପି ହୁଏ । ମାନଯନ୍ତ୍ର ପଠାଣି ସାମନ୍ତଙ୍କୁ ଓଡ଼ିଶାର ପୁରପଲ୍ଲୀରେ ପରିଚିତ କରିଥିଲା, କାରଣ ତାହାର ଜ୍ୟାମିତିକ ପ୍ରମାଣ ଅତି ସରଳ । ଧର୍ନୁଯନ୍ତ୍ର ସହାୟତାରେ ସାମନ୍ତ ମାତ୍ର ଦୁଇଖଣ୍ଡ ନଡିଆ ଖଡିକା ସାହାଯ୍ୟରେ ତତ୍କାଳୀନ ରେଭେନ୍ସା କଲେଜର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାୟଙ୍କୁ ଶୁକ୍ର ଓ ମଙ୍ଗଳ ମଧ୍ୟରେ କୌଣିକ ଦୂରତା ୬* ବୋଲି ପ୍ରମାଣ ଦେଖାଇ ପାରିଥିଲା । ଶଙ୍କୁ ଆଧୁନିକ ମାନବ ସମାଜ ନିମନ୍ତେ ଯନ୍ତ୍ର ରୂପେ ଗୃହୀତ ହେବା ଅସାଧାରଣ ଭାବେ କଷ୍ଟକର କାରଣ ଏହା ଭୂମି ଉପରେ ଲମ୍ବଭାବେ ଦଣ୍ଡାୟମାନ ଏକ ଯଷ୍ଟିମାତ୍ର । ମାତ୍ର ଏହି ଯଷ୍ଟି ଏବଂ ଏହାର ଛାୟାର ଦୈର୍ଘ୍ୟର ଅନୁପାତରୁ ଯେକୌଣସି ସ୍ଥାନର ଅକ୍ଷାଂଶ, ସ୍ଥାନର ଦିଗ ନିର୍ଣ୍ଣୟ, ସୂର୍ଯ୍ୟର କ୍ରାନ୍ତି ଓ ସୂର୍ଯ୍ୟର ଧ୍ରୁବ ଅକ୍ଲେଶରେ ନିର୍ଣ୍ଣୟ କରାଯାଇ ପାରିବ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଯନ୍ତ୍ରଗୁଡିକର ନିର୍ମାଣ ଏବଂ କାର୍ଯ୍ୟପଦ୍ଧତି

ମଧ୍ୟ ଆଧୁନିକ ସମାଜ ନିମନ୍ତେ ଏକ ବିସ୍ମୟର ବିଷୟ । ସାମନ୍ତଙ୍କ ନିର୍ମିତ ସୂର୍ଯ୍ୟଘଡି ଆଜି ମଧ୍ୟ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସର ଓ ଖଣ୍ଡପଡା ନ୍ୟାୟାଳୟ ପରିସର ମଧ୍ୟରେ ଅବସ୍ଥାପିତ ଏବଂ ଆଜି ମଧ୍ୟ ସଠିକ୍ ସମୟ ପ୍ରଦର୍ଶନ କରୁଅଛି । ଚାପଯନ୍ତ୍ର, ସପ୍ତଦଶ ଶତାବ୍ଦୀରେ ଜୟପୁର ରାଜା ଜୟସିଂହଙ୍କ ବହୁ ଅର୍ଥ ବ୍ୟୟ ଦ୍ୱାରା ନିର୍ମିତ ପର୍ଯ୍ୟବେକ୍ଷିକାର ଏକ ଛୋଟ ନମୁନା । ମାତ୍ର ଏହା ଦିଲ୍ଲୀ ଓ ଜୟପୁରର ଯନ୍ତରମନ୍ତର ସହିତ ସମାନ ମାନର କାର୍ଯ୍ୟକ୍ଷମ । ଗୋଲାର୍ଦ୍ଧଯନ୍ତ୍ର ସାମନ୍ତ ଏକ ମାଠିଆର ନିମ୍ନଭାଗକୁ ନେଇ ତିଆରି କରିଥିଲେ । ଏସବୁ ଯନ୍ତ୍ରର ବର୍ଣ୍ଣନା ସାମନ୍ତ ତାଙ୍କ ସିଦ୍ଧାନ୍ତ ଦର୍ପଣର ବିଂଶ ଅଧ୍ୟାୟରେ ବର୍ଣ୍ଣନା କରିଯାଇଛନ୍ତି । ୨୨ ବର୍ଷ ବୟସରେ ଚନ୍ଦ୍ରଶେଖର ଅନୁଗୁଳ ରାଜବଂଶଜ ଦାଶରଥି କ୍ଷତ୍ରୀୟ ବୀରସିଂହଙ୍କ କନ୍ୟା ସୀତାଦେବୀଙ୍କ ସହ ବିବାହ ସ୍ଥିର ହୋଇଥିଲେ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ତାଙ୍କ ଅସୁନ୍ଦର ଚେହେରା ହେତୁ ବିବାହ ଭାଙ୍ଗି ଯିବାର ଆଶଙ୍କା ଉପୁଜିଥିଲା । ମାତ୍ର ପରବର୍ତ୍ତୀ ସମୟରେ ଚନ୍ଦ୍ରଶେଖରଙ୍କ 'ନଳ–ଦମୟନ୍ତୀ' ଉପାଖ୍ୟାନ ଶ୍ଳୋକ ଉଚ୍ଚାରଣ ଓ ବ୍ୟାଖ୍ୟାରେ ବିମୋହିତ ହୋଇ ପିତା ବୀରସିଂହ ଚନ୍ଦ୍ରଶେଖରଙ୍କୁ ଜାମାତା ରୂପେ ସ୍ୱୀକାର କରିବାରେ ଗୌରବାନ୍ୱିତ ମନେ କରିଥିଲେ ।


ସାମନ୍ତ ଜଣେ ପ୍ରବଳ ଈଶ୍ୱର ବିଶ୍ୱାସୀ ହିନ୍ଦୁ ଥିଲେ । ତେଣୁ ସେ ପାଞ୍ଜି ଓ ହିନ୍ଦୁ ଗ୍ରନ୍ଥମାନଙ୍କରେ ଥିବା ଜୀବନଶୈଳୀକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ସେ ନିଜ ପିତାଙ୍କ ପରି ସ୍ପଷ୍ଟ ଏବଂ ସତ୍ୟବାଦୀ ଥିଲେ । ଫଳ ସ୍ୱରୂପ ତାଙ୍କୁ ତତ୍କାଳୀନ ରାଜା ନଟବର ସିଂହଙ୍କର ଚକ୍ଷୁଶୂଳ ହେବାକୁ ପଡିଥିଲା । ଏଣୁ ସେ ରାଜ ପୃଷ୍ଠପୋଷକତା ହରାଇବା ସହ ନିଜ ଜାଗିରିରୁ ମଧ୍ୟ ଉଚ୍ଛେଦିତ ହୋଇଥିଲେ । ପୁନଶ୍ଚ ସାମନ୍ତ ନିଜର ପୁତ୍ର କନ୍ୟାମାନଙ୍କର ବ୍ରତୋପନୟନ ଓ ବିବାହରେ ବହୁ ଅର୍ଥ ବ୍ୟୟ କରି ଦେଇଥିଲେ । ସେଥିପାଇଁ ସରସ୍ୱତୀଙ୍କ ବରପୁତ୍ର ପଠାଣି ସାମନ୍ତଙ୍କ ଉପରେ ଲକ୍ଷ୍ମୀଙ୍କର କୃପାଦୃଷ୍ଟି ପଡି ନଥିଲା । ନିଜର ଉତ୍କଟ ଦାରିଦ୍ରତା ଭିତରେ ସେ କେବେହେଲେ ନିଜ ଆଦର୍ଶରୁ ବିଚ୍ୟୁତ ହୋଇ ନଥିଲେ । ଏଥିପାଇଁ ସେ ବିନା ମୂଲ୍ୟରେ ଜ୍ୟୋତିଷଭାବେ ଲୋକମାନଙ୍କର ଜାତକ ଏବଂ ଭବିଷ୍ୟତ ଗଣନା କରୁଥିଲେ ।

ଏହି ଗଡଜାତର ବନମଲ୍ଲୀ ଦିନେ ସମସ୍ତଙ୍କ ଅଲକ୍ଷ୍ୟରେ ମଉଳି ଯାଇଥାନ୍ତି । ମାତ୍ର କବିବର ରାଧାନାଥ ରାୟଙ୍କର ଖଣ୍ଡପଡା ବିଦ୍ୟାଳୟ ପରିଦର୍ଶନ ତାଙ୍କ ବିଦ୍ୱତ୍ତାକୁ ସମଗ୍ର ଦୁନିଆ ସମ୍ମୁଖରେ ଆଣିପାରିଥିଲା । ଏହାପରେ ସେ ମଧୁସୂଦନ ରାଓଙ୍କର ସହାୟତାରେ କଲିକତା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ ଚନ୍ଦ୍ର ନ୍ୟାୟ ରତ୍ନଙ୍କୁ ଜଣାଇ ଥିଲେ । ପରେ ରେଭେନ୍ସା ମହାବିଦ୍ୟାଳୟର ବିଜ୍ଞାନ ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟଙ୍କ ମିଳିତ ପ୍ରଚେଷ୍ଟାରେ ସାମନ୍ତ ଚନ୍ଦ୍ରଶେଖରଙ୍କ ରଚିତ ସିଦ୍ଧାନ୍ତ ଦର୍ପଣ ପୁସ୍ତକର ରୂପ ନେଲା । ଏହି ପୁସ୍ତକ ସମଗ୍ର ପୃଥିବୀରେ ଆଦୃତ ହେବା ପରେ ସେପ୍ଟେମ୍ବର ୧୮୯୪ ମସିହାରେ ତାଙ୍କୁ 'ମହାମହୋପାଧ୍ୟାୟ' ଉପାଧିରେ ଭୂଷିତ କରାଯାଇଥିଲା । ପ୍ରକାଶ ଥାଉକି, ସାମନ୍ତ ଯଦି ସରକାରୀ ମତ (ସୂର୍ଯ୍ୟ ସ୍ଥିର ଓ ପୃଥିବୀ ଘୂରୁଚି)କୁ ମାନି ନେଇଥାନ୍ତେ ତେବେ ତାଙ୍କୁ ରାଜ ପୃଷ୍ଠପୋଷକତା ମିଳିପାରିଥାନ୍ତା । ମାତ୍ର ସାମନ୍ତ ପରିସ୍ଥିତି ଆଗରେ ମୁଣ୍ଡ ନୁଁଆଇବାକୁ ଚାହିଁଲେ ନାହିଁ । କେବଳ ସେତିକି ନୁହେଁ, ପ୍ରଥମ ପର୍ଯ୍ୟାୟରେ କଲିକତାରେ ଦରବାର ବସି ପଠାଣି ସାମନ୍ତଙ୍କୁ 'ମହାମହୋପାଧ୍ୟାୟ' ଉପାଧିରେ ଭୂଷିତ କରାଯିବାର ଥିଲା, ମାତ୍ର ଜାହାଜରେ କଲିକତା ଯିବାରେ ନିଜର ନିତ୍ୟକର୍ମ ଓ ପୂଜାପାଠ ଠିକ୍ ଭାବେ କରିପାରିବେ ନାହିଁ ବୋଲି ନିମନ୍ତ୍ରଣ ଅସ୍ୱୀକାର କରିବାରୁ ସାମୟିକଭାବେ ଦରବାର କଟକରେ ଡକାଯାଇଥିଲା । ସିଦ୍ଧାନ୍ତ ଦର୍ପଣ ପୁସ୍ତକ ମୁଦ୍ରଣର ସମସ୍ତ ଖର୍ଚ୍ଚ ଆଠଗଡ ଓ ମୟୂରଭଞ୍ଜ ରାଜା ବହନ କରିଥିଲେ । ଏହାର ଏକମାତ୍ର ସଂସ୍କରଣରେ ୫୦୦୦ ପୁସ୍ତକ ଛପାଯାଇଥିଲା ଓ ଏହା ପୃଥିବୀର ପ୍ରାୟ ସମସ୍ତ ପାଠାଗାରର ଶୋଭାବର୍ଦ୍ଧନ କରିଥିଲା । ଏତଦ୍‌ବ୍ୟତୀତ ପୃଥିବୀର ଏକ ପ୍ରସିଦ୍ଧ ପତ୍ରିକା 'Nature' Vol-59, March 1899, No-1532,PP 436-437ରେ ସାମନ୍ତ ଚନ୍ଦ୍ରଶେଖର ଓ ସିଦ୍ଧାନ୍ତ ଦର୍ପଣ ଉପରେ ଆଲୋଚନା କରି ସାମନ୍ତଙ୍କୁ ୟୁରୋପର ପ୍ରସିଦ୍ଧ ଜ୍ୟୋର୍ତିବିଦ୍ ଟାଇକୁ ବ୍ରାହେ (Tycho Brahe)ଙ୍କ ସହ ତୁଳନା କରାଯାଇଥିଲା । ଏପରିକି ତାଙ୍କୁ ଟାଇକୁ ବ୍ରାହେଙ୍କଠାରୁ ଅଧିକ ଜ୍ଞାନୀ ବୋଲି ଦର୍ଶାଯାଇଥିଲା । କାରଣ ଟାଇକୁ ବ୍ରାହେଙ୍କ ପରି ନା ଥିଲା ସାମନ୍ତଙ୍କ ପାଖରେ ରାଜପୃଷ୍ଠପୋଷକତା ନା ଥିଲା ଉଚ୍ଚଶିକ୍ଷାର ସୁବିଧା ଓ ସୁଯୋଗ । ଅତଃ ନିଜର ସୀମିତ ପରିବେଶର ସହାୟତାରେ ଏତେ ନିର୍ଭୁଲ ଗଣନା ଯାହା ୟୁରୋପୀୟ ଗଣନା ସହ ବହୁ ପରିମାଣରେ ସମାନ ।


ମାତ୍ର ଦୁଃଖର ବିଷୟ ଯେ ବର୍ତ୍ତମାନ ସାରା ଓଡ଼ିଶାରେ ସିଦ୍ଧାନ୍ତ ଦର୍ପଣ ପୁସ୍ତକର ଗୋଟିଏ ମାତ୍ର ଖଣ୍ଡ ରାଜ୍ୟ ଅଭିଲେଖାଗାରରେ ଉପଲବ୍ଧ । ଏହାବ୍ୟତୀତ ଦର୍ଷଦୀପିକା ଓ ଦର୍ପଣସାର ପୁସ୍ତକ କାଳ ଗର୍ଭରେ ଲୀନ ହୋଇଯାଇଛି । ଏହି ସମସ୍ତ ପୁସ୍ତକର ପୁନରୁଦ୍ଧାର ଏବଂ ଗବେଷଣା କରାଯାଇପାରିଲେ ତାହା ଆମେ ଓଡ଼ିଶାବାସୀଙ୍କୁ ନିଜକୁ ଓଡ଼ିଆ ଭାବେ ଗର୍ବ କରିବାର ଏକ ସୁଯୋଗ ମିଳି ପାରନ୍ତା ।




Equatorial Sun Dial. It indicates the local time.



ଶଙ୍କୁ ଯନ୍ତ୍ର

asure angular distances. This instrument had dra Ray and his friends when Samanta correctly n Mars and Venus.




*Dhanuryantra*




ପ୍ରାଧ୍ୟାପିକା, ଗଣିତ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ–୩

# ସାରସ୍ୱତ ସାଧକ ପ୍ରକୃତି ପ୍ରେମିକ ରାଧାନାଥ

ଡକ୍ଟର ନାରାୟଣ ପଣ୍ଡା

ଯେଉଁ ସମୟରେ ରୀତିଯୁଗୀୟ ଓଡ଼ିଆ ସାହିତ୍ୟର ଶେଷ ଆଲୋକ ରେଖା ମ୍ଳାନ ଓ ନିଷ୍ପ୍ରଭ ହୋଇ ଆସୁଥିଲା, ମଧ୍ୟଯୁଗୀୟ କାବ୍ୟଭାରତୀଙ୍କ ହସ୍ତର ବୀଣାତନ୍ତ୍ରୀର ସ୍ୱର କ୍ରମଶଃ କ୍ଷୀଣରୁ କ୍ଷୀଣତର ହୋଇ ଯାଇଥିଲା, ଉତ୍କଳର ଜନ ସମାଜ ଶିକ୍ଷା, ଶାସନ, ବାଣିଜ୍ୟ, ଶିଳ୍ପ ଓ ରାଜନୀତି ପ୍ରଭୃତି ସାମାଜିକ ବିକାଶର ଅନୁନ୍ନତ ସ୍ତରରେ ଅବସ୍ଥାନ କରୁଥିଲେ, ପଡ଼ୋଶୀ ଅଣ ଓଡ଼ିଆମାନଙ୍କ ଦ୍ୱାରା ଓଡ଼ିଆ ଭାଷା ଓ ସାହିତ୍ୟର ବିଲୋପ ସାଧନର ଯେତେବେଳେ ପ୍ରବଳ ଉଦ୍ୟମ ଚାଲିଥିଲା, ଠିକ୍ ସେହି ସମୟରେ ଉତ୍କଳବାଣୀ କାନନରେ କବିବର ରାଧାନାଥଙ୍କର ଆବିର୍ଭାବ ଓଡ଼ିଶାର ଅଗଣିତ ସାହିତ୍ୟପ୍ରାଣ ବ୍ୟକ୍ତିଙ୍କ ଅନ୍ତରକୁ ସାରସ୍ୱତ ସୌରଭରେ ସୁରଭିତ କଲା।

କବି ରାଧାନାଥ ରାୟ ୧୮୪୮ ମସିହା ସେପ୍ଟେମ୍ବର ମାସ ୨୮ ତାରିଖରେ ବାଲେଶ୍ୱର ଜିଲ୍ଲାର କେଦାରପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। କବିଙ୍କ ପିତାଙ୍କର ନାମ ଥିଲା ସୁନ୍ଦର ନାରାୟଣ ରାୟ। ମାତା ତାରିଣୀ ଦେବୀ ଇହଧାମ ତ୍ୟାଗ କରିଥିଲେ, ତେଣୁ ପୁତ୍ରର ଲାଳନପାଳନ ଭାର ପିତା ସୁନ୍ଦର ନାରାୟଣଙ୍କ ଉପରେ ପଡିଥିଲା। ରାଧାନାଥ ବାଲ୍ୟକାଳରୁ ଅତ୍ୟନ୍ତ ରୁଗ୍ଣ ଥିଲେ। ବିଭିନ୍ନ ସମୟରେ ତାଙ୍କୁ ରୋଗ ଯନ୍ତ୍ରଣା ଭୋଗ କରିବାକୁ ପଡୁଥିଲା କିନ୍ତୁ ତାଙ୍କର ବୁଦ୍ଧି ଓ ମେଧାଶକ୍ତି ଅତି ପ୍ରଖର ଥିଲା। ରୁଗ୍ଣ ସ୍ୱାସ୍ଥ୍ୟ ସତ୍ତ୍ୱେ ସେ ସ୍ୱଳ୍ପ ସମୟ ମଧ୍ୟରେ ଅତି ଦକ୍ଷତାର ସହିତ ପାଠ୍ୟକ୍ରମକୁ ଆୟତ୍ତ କରିଥିଲେ। ୧୮୬୪ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ପ୍ରବେଶିକା ପରୀକ୍ଷାରେ ତାଙ୍କର କୃତିତ୍ୱପୂର୍ଣ୍ଣ ସାଫଲ୍ୟ ସେସମୟରେ ବାଲେଶ୍ୱରର ଶିକ୍ଷିତ ଜନସାଧାରଣ ମଧ୍ୟରେ ପ୍ରବଳ ଆଲୋଡ଼ନ ସୃଷ୍ଟି କରିଥିଲା। ସୁନ୍ଦର ନାରାୟଣ ଜଣେ ସ୍ୱଳ୍ପ ବେତନ ଭୋଗୀ ସାଧାରଣ ସରକାରୀ କର୍ମଚାରୀ ହୋଇଥିଲେ ହେଁ ପୁତ୍ରର ଉଚ୍ଚଶିକ୍ଷା ନିମିତ୍ତ ଯତ୍ନବାନ୍ ଥିଲେ। ସୁତରାଂ ପୁତ୍ରକୁ ଉଚ୍ଚଶିକ୍ଷା ଲାଭ ପାଇଁ କଲିକତା ପ୍ରେରଣ କଲେ। କିନ୍ତୁ କଲିକତାରେ ସ୍ୱାସ୍ଥ୍ୟଭଙ୍ଗ ହେତୁ ରାଧାନାଥ ସେଠାରୁ ବାଲେଶ୍ୱର ପ୍ରତ୍ୟାବର୍ତ୍ତନ କଲେ। ସେହି ସମୟରେ ଓଡ଼ିଶାରେ ଉଚ୍ଚଶିକ୍ଷା ଲାଭ ନିମିତ୍ତ କଲେଜ ପ୍ରତିଷ୍ଠିତ ହୋଇ ନଥିଲା। ତେଣୁ ସେ ଉଚ୍ଚଶିକ୍ଷା ଲାଭରୁ ବଞ୍ଚିତ ହୋଇଥିଲେ। ସୋର ଜିଲ୍ଲା ସ୍କୁଲର ୩ୟ ଶିକ୍ଷକ ରୂପେ ନିଯୁକ୍ତି ପାଇଲେ। ଏହା ପରେ ସେ ପୁରୀ, ବାଲେଶ୍ୱର ଓ ବଙ୍ଗ ଦେଶର ବାଙ୍କୁଡ଼ା ପ୍ରଭୃତି ବିଭିନ୍ନ ସ୍ଥାନରେ ଶିକ୍ଷକତା କଲେ। ତା'ପରେ ବାଲେଶ୍ୱର ଜିଲ୍ଲା ସ୍କୁଲ ସମୂହର ଡେପୁଟି ଇନ୍ସପେକ୍ଟର ରୂପେ ନିଯୁକ୍ତି ଲାଭ କଲେ। କିଛିକାଳ ଡେପୁଟି ଇନ୍ସପେକ୍ଟର ପଦରେ ଅବସ୍ଥାପିତ ହେବା ପରେ ଜଏଣ୍ଟ ଇନ୍ସପେକ୍ଟର ଏବଂ ୧୮୮୨ ମସିହାରେ ଇନ୍ସପେକ୍ଟର ପଦକୁ ଉନ୍ନୀତ ହୋଇଥିଲେ। ୧୯୦୧ ମସିହାରେ ସେ ଓଡ଼ିଶାର ଶିକ୍ଷା ବିଭାଗର ସର୍ବୋଚ୍ଚ ପରିଦର୍ଶକ ଭାବରେ ନିଯୁକ୍ତି ପାଇଥିଲେ।

କବିଙ୍କର ପ୍ରତିଭା ଓ କାର୍ଯ୍ୟ ଦକ୍ଷତାରେ ମୁଗ୍ଧ ହୋଇ ତତ୍କାଳୀନ ଇଂରେଜ ସରକାର ତାଙ୍କୁ 'ରାୟବାହାଦୂର' ଉପାଧିରେ ଭୂଷିତ କରିଥିଲେ। ଶିକ୍ଷକତା କରୁଥିବା ସମୟରେ ସେ ଯେତେବେଳେ ବାଲେଶ୍ୱରରେ ଅବସ୍ଥାନ କରୁଥିଲେ, ସେତେବେଳେ ବ୍ୟାସକବି ଫକୀରମୋହନଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା ଓ ଆତ୍ମୀୟତା ପ୍ରତିଷ୍ଠିତ ହୋଇଥିଲା। ପୁରୀରେ ଅବସ୍ଥାନ କରୁଥିବା କାଳରେ ଭକ୍ତକବି ମଧୁସୂଦନ ରାଓ ତାଙ୍କର ଛାତ୍ର ଥିଲେ। ରାଧାନାଥ ଯୁଗର ଫକୀରମୋହନ, ରାଧାନାଥ ଓ ମଧୁସୂଦନ ଏହି ତିନିଜଣ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ପରିପୁଷ୍ଟ କରିଥିଲେ।

କବି ରାଧାନାଥ ରାୟଙ୍କର ଥିଲା ଅସାଧାରଣ ପ୍ରତିଭା ଓ ବ୍ୟତିକ୍ରମ ବ୍ୟକ୍ତିତ୍ୱ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ସାହିତ୍ୟରେ କବିଙ୍କର

ଗଭୀର ପାଣ୍ଡିତ୍ୟ ଓ ଧୀଷଣା ଥିଲା । କବିଙ୍କ କାବ୍ୟ କବିତା ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟର ଏକ ମିଳନ ସେତୁ । ଓଡ଼ିଶା ଓ ଓଡ଼ିଶା ବାହାରର ବହୁ ବିଦ୍ୱାନଙ୍କୁ କବିଙ୍କ ପ୍ରତିଭା ପ୍ରଭାବିତ କରିଥିଲା । କବି ରାଧାନାଥଙ୍କ ପ୍ରତିଭାରେ ମୁଗ୍ଧ ହୋଇ ଭୂଦେବ ବାବୁ ୧୮୭୯ ମସିହା ମଇ ମାସ ୨୩ ତାରିଖରେ ପ୍ରକାଶିତ ଏଜୁକେଶନ ଗେଜେଟ୍‌ରେ ଯେଉଁ କବିତାଟି ପ୍ରକାଶ କରିଥିଲେ, ତାହା ବେଶ୍ ଉଲ୍ଲେଖଯୋଗ୍ୟ–

ରାଧାନାଥ ଓଡ଼ିଶାରେ ଗୌରବ କେତନ,
ଉଦାର ବିନୀତ ବୀର ସୁବୋଧ ସୁଜନ
ନାନା ଭାଷା ବିଭୂଷିତ
ନାନାଶାସ୍ତ୍ର ସୁପଣ୍ଡିତ
କବିତା କାନନେ ପିକବର ପ୍ରିୟବର
ସ୍ୱର୍ଗୀୟ ସ୍ୱଭାବେ ପୂତ ତୋମାର ଅନ୍ତର ।

ଭୂଦେବ ବାବୁଙ୍କର ଏହି ଉକ୍ତି ରାଧାନାଥଙ୍କ ପ୍ରତି ଯଥାର୍ଥ ଭାବରେ ଉଦ୍ଦିଷ୍ଟ ଥିଲା । ବିଚାର କରି ଦେଖିଲେ ପ୍ରକୃତ ପକ୍ଷରେ ରାଧାନାଥ ଥିଲେ ସାରସ୍ୱତ ଓଡ଼ିଶା ରାଜ୍ୟର ଗର୍ବ ଓ ଗୌରବ । କବିଙ୍କର ନୈସର୍ଗିକ କବି ପ୍ରତିଭା ତଥା ଭାଷା ଓ ଶାସ୍ତ୍ରଜ୍ଞାନର ପ୍ରକୃଷ୍ଟ ପରିଚୟ ଦେଇଛି ତାଙ୍କ ମହନୀୟ ଲେଖନୀସୃତ ମହାର୍ଘ କୃତିରାଜି । ଉତ୍କଳର ଓଡ଼ିଆ ଭାଷାଭଣ୍ଡାରକୁ କବିଙ୍କର ଅବଦାନ ହେଉଛି– କେଦାରଗୌରୀ, ଚନ୍ଦ୍ରଭାଗା, ଉଷା, ନନ୍ଦିକେଶ୍ୱରୀ, ପାର୍ବତୀ, ଯଯାତିକେଶରୀ, ଚିଲିକା, ମହାଯାତ୍ରା, ଉର୍ବଶୀ, ଦରବାର, ତୁଳସୀସ୍ତବକ, ମେଘଦୂତ ପ୍ରଭୃତି । ଏତଦ୍‌ବ୍ୟତୀତ କବିଙ୍କ ଲେଖନୀରୁ 'ବିବେକୀ' ପ୍ରବନ୍ଧ ତଥା 'ଇତାଲୀୟ ଯୁବା' ଗଳ୍ପ ତୁଲ୍ୟ ଉଚ୍ଚକୋଟୀର ଗଦ୍ୟ ରଚନାମାନ ସୃଷ୍ଟି ହୋଇଥିଲା । ଧବଳେଶ୍ୱର ସ୍ତୋତ୍ରମ କାଳିକାସ୍ତୁତିଃ, ଭାରତୀ ଗୀତିକା ତଥା ସତ୍ୟବାଦୀ ପ୍ରଭୃତି ସଂସ୍କୃତ ଗୀତିକା କବିଙ୍କର ଉଚ୍ଚକୋଟୀର ସଂସ୍କୃତ ଜ୍ଞାନର ପରିଚୟ ପ୍ରଦାନ କରେ । 'ଚିଲିକା' କାବ୍ୟରେ ପ୍ରକୃତି ପ୍ରୀତି ସଂଗେ ସଂଗେ ଜୀବନ ଦର୍ଶନ, ଜାତୀୟବୋଧ ତଥା ଉଚ୍ଚକୋଟୀର ମନ୍ମୟ କଳ୍ପନା ବିଳାସ ପ୍ରକଟିତ ହୋଇଛି । ପୃଥିବୀର ଇତିହାସରେ ଅତୁଳନୀୟ ମହା କୁରୁକ୍ଷେତ୍ର ଯୁଦ୍ଧରେ ବିଜୟଶ୍ରୀ ମଣ୍ଡିତ ଅଖଣ୍ଡ ଭାରତ ସାମ୍ରାଜ୍ୟର ଅଧୀଶ୍ୱର ଅଥଚ ବିଜୟୋତ୍ସବାନ୍ତେ ଐଶ୍ୱର୍ଯ୍ୟ, ତୃପ୍ତ, ମହାଶୂନ୍ୟାୟିତ ହୃଦୟ, ଶୋକନିର୍ବେଦନିମଗ୍ନ, ବୈରାଗ୍ୟବ୍ୟାକୁଳ ଶାନ୍ତି ପ୍ରୟାସୀ ଧର୍ମନନ୍ଦନ ଯୁଧିଷ୍ଠିର ପ୍ରମୁଖ ପାଣ୍ଡବ ବୀରେନ୍ଦ୍ରମାନଙ୍କର ସେହି ପରମ ସ୍ମରଣୀୟ ମହାପ୍ରସ୍ଥାନ ରୂପ ଚିରାମୃତ କଥା 'ମହାଯାତ୍ରା'ର ବର୍ଣ୍ଣନୀୟ ବିଷୟ । ଭାରତର ଚିରାରାଧ୍ୟ ମହାଭାରତ ବିରାଟ ମହାକାବ୍ୟର ସେହି ମହାଶୋକ ବୈରାଗ୍ୟାନ୍ତ ମହାଯାତ୍ରା ଉପାଖ୍ୟାନ ପରି ଉଦାର ବା ଗମ୍ଭୀର ଗାଥା ଆଉ କ'ଣ ଅଛି ? କବି ରାଧାନାଥ ଶୁଭକ୍ଷଣରେ ଏହି ମହାବିଷୟ ନିର୍ବାଚନ କରି ନିଜ କବି ଜୀବନକୁ ଧନ୍ୟ ଓ ସାର୍ଥକ କରିଛନ୍ତି ଏବଂ ଆଧୁନିକ ଉତ୍କଳ ସାହିତ୍ୟର ଆଶା ଓ ଗୌରବକୁ ଶତଗୁଣିତ କରିଛନ୍ତି ।

'ମହାଯାତ୍ରା' ଆଧୁନିକ ଉତ୍କଳ ସାହିତ୍ୟର ପ୍ରଥମ ମହାକାବ୍ୟ । ଏଥିରେ କବିଙ୍କ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଚିନ୍ତାଧାରାର ଅପୂର୍ବ ସୁସମନ୍ୱୟ ଦେଖିବାକୁ ମିଳେ । ଚନ୍ଦ୍ରଭାଗା, ନନ୍ଦିକେଶ୍ୱରୀ, ଉଷା ଓ ପାର୍ବତୀ ପ୍ରଭୃତି କାବ୍ୟରେ କବିଙ୍କର ଉଚ୍ଚାଙ୍ଗ ସୌନ୍ଦର୍ଯ୍ୟବୋଧ, ବର୍ଣ୍ଣନାବିଳାସ ତଥା ପ୍ରକୃତି ପ୍ରିୟତା ସଂଗେ ସଂଗେ ଉତ୍କଳୀୟ ଭୌଗୋଳିକ ଚିତ୍ରର ମନ୍ମୟ ପ୍ରକାଶ ସମ୍ଭବ ହୋଇଛି । 'ମେଘଦୂତ' ମହାକବି କାଳିଦାସଙ୍କ ଅମର କୃତି ମେଘଦୂତମ୍ ଉପରେ ଆଧାରିତ । ଏହା ମୂଳତଃ ଏକ ପଦ୍ୟାତ୍ମକ ଅନୁବାଦ ହେଲେ ହେଁ ଏଥିରେ କବିଙ୍କ ମୌଳିକ ଚିନ୍ତାଧାରା ସମ୍ୟକ୍ ଭାବରେ ପ୍ରତିଫଳିତ ହୋଇଛି । 'ଦରବାର' କବିଙ୍କ ପ୍ରଜ୍ଞାଦୀପ୍ତ ପ୍ରତିଭା ଓ ପ୍ରତିଭାଦୀପ୍ତ ପ୍ରଜ୍ଞାର ସ୍ମାରକୀ ବହନ କରେ । 'ଦରବାର' ଏକ ଉଚ୍ଚକୋଟୀର ବ୍ୟଙ୍ଗାତ୍ମକ ରଚନା । ଏଥିରେ ତତ୍କାଳୀନ ସମାଜଚିତ୍ର କବି ପ୍ରଦାନ କରିବା ସଂଗେ ସଂଗେ ଜୀବନ ଓ ଜଗତପ୍ରତି ବ୍ୟକ୍ତିଗତ ଅନୁଭୂତିକୁ ପରିବେଷଣ କରିଛନ୍ତି ।

କବି ରାଧାନାଥଙ୍କ କାବ୍ୟ କବିତାରେ ପ୍ରଦତ୍ତ ପ୍ରକୃତି ଜୀବନ୍ତ, ଚିତ୍ରପଟ୍ଟ ପରି ସ୍ଥିର ମେକାନିକାଲ । ପ୍ରକୃତିର କମନୀୟ ଚିତ୍ରକୁ କବି ସରସ ସୁନ୍ଦର ଭାବରେ କାବ୍ୟରେ ବର୍ଣ୍ଣନା କରିଛନ୍ତି । ଜଡ଼ ପ୍ରକୃତିକୁ କବି ମାନବୀୟ ଗୁଣରେ ଭୂଷିତ କରିଛନ୍ତି । ରାଧାନାଥଙ୍କ ପ୍ରକୃତି ନିଷ୍ପ୍ରାଣ ନିର୍ବାକ ନୁହେଁ, ସେ ମଣିଷ ସହ ସହଭାଗୀ, ସମ୍ବେଦନଶୀଳ । ବାହ୍ୟ ପ୍ରକୃତି ଓ ଅନ୍ତଃପ୍ରକୃତିର ବର୍ଣ୍ଣନା କାବ୍ୟ କବିତାଗୁଡିକୁ ବେଶ ମନୋମୁଗ୍ଧ କରି ଗଢ଼ି ତୋଳିଛି । ରାଧାନାଥ ହେଉଛନ୍ତି ପ୍ରାଚ୍ୟ ଜଗତର ୱାର୍ଡସ୍ ୱର୍ଥ (Words Worth) । କବି ବିଶିଷ୍ଟ ସୌନ୍ଦର୍ଯ୍ୟବାଦୀ କବି ୱାର୍ଡସ ୱାର୍ଥଙ୍କ ପରି ପ୍ରକୃତି ପ୍ରେମୀ ଓ ଯଥେଷ୍ଟ ସୌନ୍ଦର୍ଯ୍ୟ ସଚେତନ । ଉତ୍କଳ ସାହିତ୍ୟରେ ପ୍ରକୃତିକୁ ସ୍ଥାଣୁ ଓ ଚେତନାଶୂନ୍ୟ ମନେ ନକରି ତା'ଭିତରେ କବିପ୍ରାଣର ସ୍ପନ୍ଦନ ଅନୁଭବ କରିଥିଲେ । କବି ରାଧାନାଥଙ୍କ ଦୃଷ୍ଟିରେ ଚିଲିକା ନଥିଲା ପର୍ବତ, ବନାନୀ ବେଷ୍ଟିତ ଏକ ପ୍ରାଣହୀନ ଜଳରାଶି, ତାହାଥିଲା ରୂପ, ରସ, ଗନ୍ଧର ଏକ ଜୀବନ୍ତ ପ୍ରକୃତି । ଏକ ଶାନ୍ତକାନ୍ତ ଅନୁଭୂତି । ଏକ ରମଣୀୟ ରମଣୀ

ତୁଲ୍ୟ ଲାବଣ୍ୟର ରଂଗସ୍ଥଳୀ। 'ଚିଲିକା' ପ୍ରକୃତିର ମନୋରମା ଅନୁପମା କନ୍ୟା। କବି ରାଧାନାଥ ଆବେଗଭରା ପ୍ରାଣରେ କାବ୍ୟ ଆରମ୍ଭ କରିଥିଲେ–

ଉତ୍କଳ–କମଳା–ବିଳାସ–ଦୀର୍ଘିକା
ମରାଳ–ମାଳିନୀ–ନୀଳାମ୍ବୁ–ଚିଲିକା ॥
(ଚିଲିକା)

କବି ଚିଲିକାର ଆଭ୍ୟନ୍ତରୀଣ ତଥା ବେଳାଭୂମିର ଅଂଗ, ଯଥା ସୈକତ, ନୀଳଗଣ୍ଡ, କାଳିଜାଇ, ଚଢ଼େଇଗୁହା, ଟଙ୍କ ବନାନୀର ଶୋଭା ରୂପାୟନ କରି ନିଜେ ଆତ୍ମବିଭୋର ହେବା ସଂଗେ ସଂଗେ ପାଠକ ମନରେ ମଧ୍ୟ ଉକ୍ତ ଦୃଶ୍ୟର ରୂପ ଚଳଚ୍ଚିତ୍ର ପରି ଫୁଟାଇ ଅପାର ଆନନ୍ଦ ସଂଚାର କରିପାରିଛନ୍ତି। କବି ରୂପ ମାଧୁରୀ ଆସ୍ୱାଦନ କରି ସ୍ୱତଃ ପ୍ରକାଶ କରିଛନ୍ତି–

ଏତେ ଛବି ଯେଣୁ ଏକାଧାରେ ଠୁଳ
ଛବିଳ ଉତ୍କଳେ ତୋ'ଛବି ଅତୁଳ ।

କବି ନିଜ ଜୀବନରେ ହିମାଳୟ, ରାଜସ୍ଥାନ ମରୁଭୂମି, ଦଣ୍ଡକାରଣ୍ୟ ଆଦି ଭାରତୀୟ ପ୍ରକୃତି ଅବଲୋକନ କରିବାର ସୌଭାଗ୍ୟ ଲାଭ କରିଥିଲେ । ସେ ସମସ୍ତ ରୂପର ଚିତ୍ର କବିଙ୍କ ଐନ୍ଦ୍ରଜାଲିକ ତୂଳିକାରେ ପ୍ରାଞ୍ଜଳ ଓ ଜୀବନ୍ତ ଭାବରେ ପାଠକ ପ୍ରାଣରେ ପୁଲକ ସୃଷ୍ଟି କରିଛି । କବିଙ୍କ କୋମଳ ଚିତ୍ତକୁ ଚିଲିକାର ଶାନ୍ତ କାନ୍ତ ରୂପ ଉଲ୍ଲସିତ କରିଛି । କବି ପ୍ରକାଶ କରିଛନ୍ତି–

ଗୁରୁପ୍ରାୟ ତାଙ୍କୁ ଦୂରୁଁ କରି ଭୀତି
ସଖୀ ପ୍ରାୟେ ତୋତେ ସ୍ମରୁଥିଲି ନିତି
ଇତର ଜନର ଅବସାଦ କର
ଯୋଗୀ ଋଷିଙ୍କ ସେ ସ୍ଥାନ ମନୋହର ॥

ଚିଲିକା ବକ୍ଷରେ ଶରତ–ଶୋଭା ପାଟବ ବର୍ଣ୍ଣନା ଏପରି ମଞ୍ଜୁଳ ହୋଇପାରିଛି, ଯେକୌଣସି ପାଠକ ନିଜ ଗୃହରେ ଅବସ୍ଥାନ କରି ମଧ୍ୟ କବିଙ୍କର 'ଚିଲିକା' ପାଠକରି ତା'ର ଶରତ ସୁଷମା ଅନୁଭବ କରିବାରେ କ୍ଷମ ହୋଇପାରିବ। ଚିଲିକାର ଶରତ ବର୍ଣ୍ଣନାକୁ ଉଦ୍ଧାର କଲେ ସହଜରେ ଅନୁଭବ କରିହେବ–

କଳୁଷିତ ବାରି କଳୁଷ ହାରକ
କାସାରେ କୁମୁଦ–ହାସ–ପ୍ରକାଶକ।
ଦକ୍ଷିଣାଶା–ବଧୂ–ଅବତଂସ–ମୋତି
ମହୋଜ୍ଜ୍ୱଳ କୁମ୍ଭ–ସମ୍ଭୁଭବ–ଜ୍ୟୋତି।

ଉଇଁଲେ ଆକାଶେ ଆସି ଦଳେଦଳେ
ପୂରାଇ ଜଳ ଏ କଳ କୋଳାହଳେ।
ଏମାନେ କି ସହଚର ଶରତର
ଶରତ ସଂଗତେ ହୁଅନ୍ତି ଅନ୍ତର ?

ଶରତ ବର୍ଣ୍ଣନା କବିଙ୍କ ଲେଖନୀରେ ପ୍ରକୃଷ୍ଟ ରୂପ ଲାଭ କରିଅଛି। ଶରତ ଋତୁରେ ଯାହା ଯାହା ପ୍ରାକୃତିକ ପରିବେଷ୍ଟନୀରେ ସମ୍ଭବ, ସେସବୁର ବର୍ଣ୍ଣନା କବିଙ୍କ ଲେଖନୀରେ ଏକ ମନୋଜ୍ଞ ରୂପ ଲାଭ କରିଅଛି ଯେ ପାଠକ ତାହା ପାଠ କରିବା ସମୟରେ ଭାବେ ସତେ ଯେପରି ସେ ଚିଲିକା ତୀରରେ ସେସବୁ ସୌନ୍ଦର୍ଯ୍ୟ ଉପଭୋଗ କରୁଅଛି। ଚିଲିକାର ପଶ୍ଚିମ ତୀରର ଶୋଭା ସନ୍ଧ୍ୟା ସମୟରେ ରାଧାନାଥଙ୍କ ଚକ୍ଷୁରେ ଏକ ବର୍ଣ୍ଣୋତ୍ସବ ସୃଷ୍ଟି କରିଅଛି। ଏହି ବର୍ଣ୍ଣନାରେ କବିଙ୍କର କଳ୍ପନାବିଳାସର ଯଥେଷ୍ଟ ପରିଚୟ ମିଳିଛି। ସୌନ୍ଦର୍ଯ୍ୟବାଦୀ ରାଧାନାଥ ଏହି ସୌନ୍ଦର୍ଯ୍ୟରେ ଏତେଦୂର ମୁଗ୍ଧ ହୋଇପଡିଛନ୍ତି ଯେ, ସେ ପ୍ରକାଶ କରିଛନ୍ତି–

ଆହା ଏ ଶୋଭାର ନାହିଁ ପଟାନ୍ତର
ଥିଲେ ଥିବ ସ୍ୱର୍ଗେ ମର୍ତ୍ତ୍ୟେ ଅଗୋଚର,
ପାଶୋରିବ ଦେଖି କହ କେହୁ ଜନ
ଏ ଶୋକ ପାସୋରା ଅପ୍‌ସରା ଭୁବନ ?
ଭାରତୀ ଭକତ କେଉଁ ରୂପପାୟୀ
ତୃପ୍ତ ହେବ ଏହା ଥରେ ମାତ୍ର ଧ୍ୟାୟୀ
ବଚନ ବିଷୟ ନୁହଁଇ ଏ ଛବି,
ହୃଦ ସେ କେବଳ ପାରେ ଅନୁଭବି।

ଚିଲିକାର ପ୍ରାକୃତିକ ବର୍ଣ୍ଣନାକୁ ମଂଜୁଳ ରୂପ ଦେବା ଭିତରେ କବି ଚିଲିକା କୂଳରେ ବସି ଦିନେ ଅତୀତ ଉତ୍କଳର କେତେଗୋଟି ଐତିହାସିକ ଘଟଣା ସ୍ମରଣ କରିବା ନିମିତ୍ତ ସେ କଳ୍ପନାର ଆଶ୍ରୟ ନେଇଛନ୍ତି। କବି କଳ୍ପନା ସୁନ୍ଦରୀଙ୍କୁ ବର୍ଣ୍ଣନା କଲାବେଳେ ତାଙ୍କୁ ବୀଣାପାଣିଙ୍କ ଚିର ସହଚରୀ ରୂପେ ପ୍ରକାଶ କରିଛନ୍ତି।

ବିଷୟ ବସ୍ତୁର ନିର୍ବାଚନ ଦୃଷ୍ଟିରୁ ମଧ୍ୟ ଚିଲିକାର ଶୈଳୀ ବିଚାର କରାଯାଇପାରେ। ରାଧାନାଥଙ୍କ ପୂର୍ବବର୍ତ୍ତୀ ମଧ୍ୟଯୁଗର କବିମାନେ ସାଧାରଣତଃ ରାମାୟଣ, ମହାଭାରତ ବା ପୁରାଣମାନଙ୍କରୁ ବିଷୟବସ୍ତୁ ସଂଗ୍ରହ କରି କାବ୍ୟ ରଚନା କରୁଥିଲେ। କବି ରାଧାନାଥ ପାଶ୍ଚାତ୍ୟ ସାହିତ୍ୟରୁ ବିଷୟ ବସ୍ତୁ ସଂଗ୍ରହ କରିବା ସଂଗେ ସଂଗେ ପ୍ରାଚ୍ୟ ସାହିତ୍ୟରୁ ମଧ୍ୟ ତଥ୍ୟ ସଂଗ୍ରହ କରିଛନ୍ତି। ରାଧାନାଥଙ୍କର ଆଠଗୋଟି ବିଶିଷ୍ଟ କାବ୍ୟ କିପରି ଇଂରାଜୀ ସାହିତ୍ୟର ବିଷୟବସ୍ତୁ ଉପରେ ପରିକଳ୍ପିତ, ତାହା

ସମାଲୋଚକଗଣ ପ୍ରଦର୍ଶନ କରିଯାଇଛନ୍ତି। କବିଙ୍କର ଯେଉଁ କାବ୍ୟଗୁଡିକ ଉପରେ ଇଂରାଜୀ ସାହିତ୍ୟ ରଚନାର ପ୍ରଭାବ ପଡିଛି, ତାହା ଆଲୋଚନା କଲେ ସହଜରେ ଅନୁମାନ କରିହେବ।

ରାଧାନାଥଙ୍କ କାବ୍ୟମାନଙ୍କର ନାମ ପ୍ରଭାବିତ କରିଥିବା ପାଶ୍ଚାତ୍ୟ କାବ୍ୟ ଓ ନାଟକଗୁଡିକର ନାମ–

୧. କେଦାର ଗୌରୀ (Pyramus and Thisbe)
୨. ଚନ୍ଦ୍ରଭାଗା (Daphne and Apllo)
୩. ପାର୍ବତୀ (Lliod, Agamemnon, Hamlet & Cence Cymbeline)
୪. ଯଯାତି କେଶରୀ
୫. ଉଷା (Atlanta's Race and Annals of Rajasthan)
୬. ନନ୍ଦିକେଶ୍ୱରୀ (Seigh of Corinth)
୭. ମହାଯାତ୍ରା (Paradise Lost)
୮. ଚିଲିକା (Lady of the Lake)

ଚିଲିକାର ପ୍ରକୃତି ବର୍ଣ୍ଣନାରେ କବି ରାଧାନାଥଙ୍କ ଉପରେ ପାଶ୍ଚାତ୍ୟ କବି ସେଲ୍ଲୀଙ୍କ ପ୍ରଭାବ ପଡିଛି। ଇଂରାଜୀ କବି ସେଲ୍ଲୀ ତାଙ୍କ ଅନବଦ୍ୟ କୃତି 'The Sensitive Plant' ରେ ପ୍ରକାଶ କରିଛନ୍ତି–

And the Leaves, brown, yellow and gray and red and white with the whiteness of what is dead.

(The Sensitive Plant)

ତଦନୁରୂପେ କବି ରାଧାନାଥ 'ଚିଲିକା'ରେ ପ୍ରକାଶ କରିଛନ୍ତି–

କଳା, ନୀଳ, ପୀତ, ହରିତ, ଲୋହିତ
ବିହଙ୍ଗମେ ଉର୍ମି କାହିଁ ବିମଣ୍ଡିତ।

(ଚିଲିକା)

ଅଧ୍ୟାପକ ଡକ୍ଟର ଗୋପାଳ ଚନ୍ଦ୍ର ମିଶ୍ର ଯଥାର୍ଥରେ ପ୍ରକାଶ କରିଛନ୍ତି– ଚିଲିକା କାବ୍ୟରେ 'ରୂପତତ୍ତ୍ୱ' କବିତ୍ୱ ପୂର୍ଣ୍ଣ ବିଳାସରେ ଯେଉଁ ଦାର୍ଶନିକ ବିଶ୍ଳେଷଣ କରାଯାଇଛି, ଉତ୍କଳର ଜାତୀୟତା ତଥା ମହାନୁଭବତା ଯେପରି ପ୍ରକାଶ ପାଇଅଛି, ରସିକ କବିର ଆଶା ଯେପରି ଭାବରେ ପ୍ରକୃତି ସହିତ ଘନ ଆଶ୍ଳେଷରେ ଜଡ଼ିତ ହୋଇଛି, ତାହା ରାଧାନାଥଙ୍କ ଅନ୍ୟାନ୍ୟ ରଚନାମାନଙ୍କରେ ପରିଦୃଷ୍ଟ ହୁଏନାହିଁ। ଚିଲିକା ସହିତ ରାଧାନାଥଙ୍କର ଅନ୍ୟାନ୍ୟ ରଚନାମାନଙ୍କରେ ପରିଦୃଷ୍ଟ ହୁଏନାହିଁ। ଚିଲିକା ସହିତ ରାଧାନାଥଙ୍କର ଏକାତ୍ମଭାବ ପ୍ରକୃତି ସହିତ ପୁରୁଷର ଚିରନ୍ତନ ମିଳନ ଇଚ୍ଛାର ପ୍ରତିବିମ୍ବ। 'ଚିଲିକା' ବର୍ଣ୍ଣନା କଲାବେଳେ କବି ମାନବୀୟ ଚେତନାରୁ ଊର୍ଦ୍ଧ୍ୱକୁ ଯାଇ ଅନ୍ୟ ଏକ ଚିରାନନ୍ଦମୟ ଜଗତର ଅଧିବାସୀ ହୋଇ ପଡିଛନ୍ତି। ନିଜର ଭାବା–ବେଶରେ ସେ ବିହ୍ୱଳ ଓ ମୁଗ୍ଧ ରାଧାନାଥ ରାୟ ପ୍ରତିଭାର ଶ୍ରେଷ୍ଠ ସ୍ୱାକ୍ଷର ବହନ କରି ଚିଲିକା ଆଜି ଅବିସ୍ମରଣୀୟ।

'ନନ୍ଦିକେଶ୍ୱରୀ' କାବ୍ୟର ପ୍ରଥମ ସର୍ଗରେ ରାଜା ଚୋଡ଼ଗଙ୍ଗଙ୍କ ଉତ୍କଳ ଆକ୍ରମଣର ଦୃଶ୍ୟ ଉଦ୍‌ଭାସିତ ହୋଇଛି। କାବ୍ୟରେ କବି ରାଧାନାଥ ରାୟ ଚୋଡ଼ଗଙ୍ଗଙ୍କ ସମର ସଜ୍ଜା କଥା ଯେପରି ବର୍ଣ୍ଣନା କରିଛନ୍ତି, ତାହାଠାରୁ ଅଧିକ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ଉତ୍କଳବୀରଙ୍କ ଆବାସସ୍ଥଳୀ ସମୂହର। ଉତ୍କଳର କମନୀୟ ପ୍ରକୃତି ସହ ରାଧାନାଥଙ୍କ ମନପ୍ରାଣ ସଂପୂର୍ଣ୍ଣ ଭାବରେ ଏକତ୍ର ହୋଇଛି କହିଲେ ବାର୍ତ୍ତାର ଅପଳାପ ହେବ ନାହିଁ। କବିଙ୍କ କର୍ଣ୍ଣିକା ପ୍ରସୂତ ଏକ ବର୍ଣ୍ଣନାରୁ ପ୍ରକୃତି ଚିତ୍ରକୁ ଅନୁଭବ କରିହୁଏ ଯଥାର୍ଥରେ–

ବିରଜା ମଣ୍ଡଳେ ଯେତେ ବୀରପଲ୍ଲୀ
ପୂଗମାଳେ ଯହିଁ ଜଡ଼େ ନାଗବଲ୍ଲୀ,
ପରସ୍ପରେ ଭୁଜ ଛନ୍ଦିବାରେ ସଦା
ଚମ୍ପାଚୂତ ଯହିଁ ବଳାନ୍ତି ଶରଧା
ଭାଦ୍ରବ ଯା' ପାଦେ ବେଢ଼ିଅଛି ଛନ୍ଦି
ଉତ୍କଳେ କାଳିନ୍ଦୀ ରୂପିଣୀ ସାଳନ୍ଦୀ
ସୋର, ଗର୍ବ, ଯାର, କରଇ ପ୍ରସାର
ପଶ୍ଚିମେ ପର୍ବତ ପୂର୍ବେ ପାରାବାର।

କବିଙ୍କ ଲେଖନୀରେ ପ୍ରକୃତି ବର୍ଣ୍ଣନା ହୋଇଛି, ତାହା ନୁହେଁ ଭୌଗୋଳିକ ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହାର ଯଥାର୍ଥତା ରହିଛି। ରାଧାନାଥଙ୍କ ପ୍ରକୃତି କେବଳ କଳ୍ପନାର ଦୋଳାରେ ସୁକୁମାରୀ ରାଜନନ୍ଦିନୀ ନୁହେଁ, ଏହା ବାସ୍ତବତାର ପଟ୍ଟଭୂମିରେ ଛବିଳ ଉତ୍କଳର ନୁପୂର ନିକ୍ୱଣ ଛନ୍ଦିତ ପଲ୍ଲୀ ବଧୂଟିଏ। ଉତ୍କଳର ଚାରୁଚିତ୍ରଶାଳାର ବହୁ ଚିତ୍ର 'ନନ୍ଦିକେଶ୍ୱରୀ'ର ପୃଷ୍ଠା ମଣ୍ଡନ କରିଛି। କୌଣସି ଏକ ଦନ୍ତାହସ୍ତୀର ବିହାରସ୍ଥଳ ସଂପର୍କରେ ବର୍ଣ୍ଣନା ଦେବାକୁ ଯାଇ କବିବର ଉତ୍କଳୀୟ ପ୍ରକୃତିକୁ ଏପରି ମନୋଜ୍ଞ କରିଦେଇଛନ୍ତି, ଯାହାକି ଅତ୍ୟନ୍ତ ଆକର୍ଷଣୀୟ ହୋଇପାରିଛି। ସେ ପ୍ରକାଶ କରିଛନ୍ତି–

ସପ୍ତକୋଶୀ ଗଣ୍ଡ ରାଜେ ଶୈଳକୁଞ୍ଜେ
ସୁଶୀତଳ ତୁଙ୍ଗ ଶୈଳଛାୟା ପୁଞ୍ଜେ
ନିର୍ଜନେ ଦିଅନ୍ତି ନବ ଦ୍ରୁମାବଳୀ
ଜଳଦେବତାଙ୍କୁ ଯହିଁ ପୁଷ୍ପାଞ୍ଜଳି,

ତହିଁ ମହାନଦୀ ପ୍ରବାହେ ନିଦାଘେ
ପ୍ରିୟା ସଂଗେ ଖେଳୁଥିଲା ଅନୁରାଗେ
ମତ୍ତ ଦନ୍ତାବଳ, ଏବେ ରଣସ୍ଥଳ
କରିଅଛି ନିଜ ଅସ୍ଥିରେ ଧବଳ।

ରାଧାନାଥଙ୍କର ପ୍ରତ୍ୟେକ କାବ୍ୟ ହେଉଛି ପ୍ରାକୃତିକ ଦୃଶ୍ୟାବଳୀର ଏକ ମନୋରମ ଚିତ୍ରଶାଳା। ପ୍ରକୃତି ଚିତ୍ର ମଧ୍ୟରେ କବିଙ୍କର ଅପୂର୍ବ କଳ୍ପନା ଚାତୁରୀ ଓ କମନୀୟ କବିତ୍ୱ ବିଳାସ ପ୍ରକଟିତ ହୋଇଛି। 'ମହାଯାତ୍ରା' କାବ୍ୟରେ କବି ବିଭିନ୍ନ ପ୍ରସଙ୍ଗରେ ପ୍ରାକୃତିକ ଶୋଭା ସମ୍ଭାରର ଚିତ୍ର ଅଙ୍କନ କରିଛନ୍ତି। 'ମହାଯାତ୍ରା' କାବ୍ୟରେ କବି ରାଧାନାଥ ପାଣ୍ଡବମାନଙ୍କ ବାନପ୍ରସ୍ଥାଶ୍ରମ ବର୍ଣ୍ଣନା ପ୍ରସଙ୍ଗରେ ସେମାନଙ୍କୁ ଭାରତବର୍ଷର ବିଭିନ୍ନ ତୀର୍ଥ ଭ୍ରମଣ କରାଇଛନ୍ତି। ସେହି ସମୟରେ ଅଗ୍ନିଦେବଙ୍କ ସହିତ ପାଣ୍ଡବମାନେ ଉତ୍କଳ ଭୂମିରେ ପଦାର୍ପଣ ପୂର୍ବକ ତୀର୍ଥ ଦର୍ଶନ କରିଥିଲେ। ସେହି ପ୍ରସଙ୍ଗରେ କବି ଉତ୍କଳୀୟ ପ୍ରକୃତିର କେତେଗୋଟି ବିଶିଷ୍ଟ ଦୃଶ୍ୟ ବର୍ଣ୍ଣନା କରିଛନ୍ତି। ଓଡ଼ିଶାର ପୂର୍ବ ଦିଗସ୍ଥ ସମୁଦ୍ରର ବର୍ଣ୍ଣନା କବି ଯେପରି ଭାବରେ କରିଛନ୍ତି, ତାହା ବେଶ୍ ହୃଦୟସ୍ପର୍ଶୀ। କବିଙ୍କ ଭାଷାରେ–

ଉତ୍କଳର ପ୍ରାଚ୍ୟ ନଭ ପ୍ରାଚୀର ଆକୃତି
ନୀଳ ଫେନାକୂଳ ତୁଙ୍ଗ ତରଙ୍ଗ ଭଙ୍ଗୁର
ନୀଳାଚଳ ତଟେ ଯହିଁ ଲୋଟେ ବାରାନିଧି
ଗମ୍ଭୀର ନିର୍ଘୋଷ ଘୋଷି ବିଶ୍ୱ ଚରାଚରେ
ଗର୍ଜ୍ଜଇ କି ନିଜ ବିଷଜ୍ୱାଳା ଅସମ୍ଭାଳେ
ଫଣୀନ୍ଦ୍ର ବାସୁକୀ ଅବା ଫଣା ଶ୍ରେଣୀ ତୋଳି!
ଅନନ୍ତ ନୀଳିମମୟ ସେ ଜଳକାନ୍ତାରେ
କଲ୍ଲୋଳ–ଉଲ୍ଲୋଳ–ଲୀଳା ହେରି କୁତୁହଳେ
ବୀରବୃନ୍ଦ ସର୍ବେ ହେଲେ ସ୍ତବ୍ଧ ବିସ୍ମୟେ।

–ମହାଯାତ୍ରା

ଉତ୍କଳର ମହୋଦଧିର ଚିତ୍ର 'ମହାଯାତ୍ରା' କାବ୍ୟର ପ୍ରକୃତି ଚିତ୍ରଣରେ ପୁଷ୍ଟ ହୋଇଛି। ଯେଉଁମାନେ ପୁରୀ କ୍ଷେତ୍ରକୁ ଯାଇ ତାହାର ତୀରବର୍ତ୍ତୀ ତରଙ୍ଗାୟିତ ସାଗରକୁ ଦେଖିଛନ୍ତି, ସେମାନେ 'ମହାଯାତ୍ରା'ର ଉପରୋକ୍ତ ବର୍ଣ୍ଣନାର ଗୁରୁତ୍ୱ ସହଜରେ ଉପଲବ୍ଧ କରିପାରିବେ। ଓଡ଼ିଶାର ପ୍ରାଚ୍ୟ ଦିଗସ୍ଥ ପ୍ରାଚୀରାକୃତି ତରଙ୍ଗାୟିତ ଦିଗନ୍ତ ବିସ୍ତାରୀ ସାଗର ପ୍ରତ୍ୟେକ ଭାବୁକ ବ୍ୟକ୍ତିଙ୍କୁ ବିସ୍ମୟାଭୂତ କରିଦେଇଥାଏ। ପ୍ରକୃତି ପ୍ରେମୀ ଓ କଳ୍ପନାବିଳାସୀ ରାଧାନାଥ ମଧ୍ୟ ଏହି ଭୀମକାଂତ ଦୃଶ୍ୟ ଦେଖି ଏକଦା ସ୍ତବ୍ଧ ଓ ବିସ୍ମିତ ହୋଇଯାଇଥିବା ସ୍ୱାଭାବିକ।

ପ୍ରକୃତି ପ୍ରାଣ ସାରସ୍ୱତ ସାଧକ ରାଧାନାଥଙ୍କ 'ମହାଯାତ୍ରା'ର କାବ୍ୟର ଅନ୍ୟତମ ପ୍ରାକୃତିକ ଚିତ୍ର ହେଉଛି ମହାନଦୀ ତୀରବର୍ତ୍ତୀ ଅରଣ୍ୟ ଓ ପାର୍ବତ୍ୟ ଭୂମିର ଦୃଶ୍ୟ ବର୍ଣ୍ଣନା। କବିଙ୍କ ଲେଖନୀସୃତ ମହାନଦୀ ତୀରବର୍ତ୍ତୀ ଅରଣ୍ୟ ବର୍ଣ୍ଣନା ବେଶ ଚିତ୍ତାକର୍ଷକ। କବି ଯଥାର୍ଥରେ ପ୍ରକାଶ କରିଛନ୍ତି–

କଲ୍ଲୋଳିନୀ–କୁଳେଶ୍ୱରୀ–ମହାନଦୀ କୂଳେ
ଗଗନ–ପରଶୀ ବେନି ଦିଗେ ତୁଙ୍ଗ ଭୃଗୁ
ସଂକଟେ ସଂକୋଚି ବପୁ, ବାହାରଇ ଯହିଁ
ପୁଣି ପୂର୍ବାକାରେ ସ୍ରୋତ ପୂର୍ବସିନ୍ଧୁଗାମୀ
ବିଜନ–ଭୀଷଣ ସ୍ଥଳୀ, ବନଗଜବ୍ରଜ
କଣ୍ଡୁଳ–କପୋଳ–ପିଣ୍ଡ–ଘର୍ଷଣେ–କମ୍ପିତ
ଦ୍ରୁମାବଳୀ ଦେହୁଁ ଯହିଁ ଝରଇ ପ୍ରବାହେ
ସୁରଭି ଅରଣ୍ୟ ପୁଷ୍ପ ପୁଞ୍ଜ ପୁଞ୍ଜ ହୋଇ,
ବନ ଦେବୀଙ୍କର କି ସେ ଅର୍ଘ୍ୟ ଲାଜାଞ୍ଜଳି?

– ମହାଯାତ୍ରା

ରାଧାନାଥଙ୍କ ମହନୀୟ କର୍ଣ୍ଣିକା ପ୍ରସୂତ 'ମହାଯାତ୍ରା' କାବ୍ୟରେ ଓଡ଼ିଶାର ଅରଣ୍ୟ ପ୍ରକୃତି ଚିତ୍ର ଅଙ୍କିତ ହୋଇଛି। ତା' ମଧ୍ୟରେ ଓଡ଼ିଶାର ଅରଣ୍ୟ ପ୍ରକୃତି ସର୍ବାପେକ୍ଷା ଅଧିକ ଚିତ୍ତାକର୍ଷକ ବୋଧ ହୁଏ। ମନୋହର ବର୍ଣ୍ଣନାକୁ ସହଜ ଓ ସରଳ ଭାବରେ କବି ପ୍ରକାଶ କରିଛନ୍ତି ଯଥାର୍ଥରେ–

ନୀଳ ବନସ୍ଥଳୀ ମଧ୍ୟେ ଦୂର ପ୍ରସାରିତ
ସୌର କରୋଦ୍‌ଭାସୀ ଶୁଭ୍ର ନଦୀବାଲି ରେଖା
ସ୍ନିଗ୍ଧଛାୟା ଦ୍ରୁମବତୀ ଭୀମ ମହାଟବୀ
ଆବରିଛି ମହୀନଭଃ ପଲ୍ଲବ ଗହଳେ
କାହିଁ ମୁଖରିତ ସ୍ଥଳୀ ଶ୍ୱାପଦ–ନିର୍ଘୋଷେ
ପ୍ରତିଘୋଷେ ପ୍ରତିବାଣୀ ଦିଅଇ ଯା' ଶୁଣି
ପ୍ରତିଧ୍ୱନି ଗିରିଗୁହା–କ୍ରୋଡ଼–ପ୍ରଣୟନୀ
ଶିଳାଶଯ୍ୟା–ପ୍ରବାହିଣୀ ଶୈଳ ସ୍ରୋତସ୍ୱତୀ
ଉପଳେ ସ୍ଖଳିତ ହୋଇ ଯାର ବାରିଧାରା

–ମହାଯାତ୍ରା

କେବଳ 'ଚିଲିକା', 'ମହାଯାତ୍ରା' ନୁହେଁ ରାଧାନାଥ ତାଙ୍କର ପ୍ରତ୍ୟେକ କାବ୍ୟରେ ପ୍ରକୃତିକୁ ସ୍ଥାନ ଦେଇ ତାକୁ ମନୁଷ୍ୟ ଜୀବନର

ଏକ ଅବିଚ୍ଛେଦ୍ୟ ଅଂଗ ରୂପେ ଗ୍ରହଣ କରିଛନ୍ତି । ପ୍ରତ୍ୟେକ କାବ୍ୟର ଅନ୍ତରାଳରେ 'ପ୍ରକୃତି' ପ୍ରଚ୍ଛନ୍ନ ଭାବରେ ରହିଥିବାର ଦୃଷ୍ଟିଗୋଚର ହୁଏ । କବି ନିଜର ଅନ୍ତର୍ଦୃଷ୍ଟି ବଳରେ ପ୍ରକୃତିର ସୁଷମାକୁ ବିଚିତ୍ର ଓ ବିବିଧ ଭାବରେ ଉପଲବ୍ଧି କରି ନିପୁଣତାର ସହିତ ଚିତ୍ର ଅଙ୍କନ କରିଛନ୍ତି । କବି ରାଧାନାଥ ଯଥାର୍ଥରେ ନିସର୍ଗ ଶୋଭାର ଜଣେ ସ୍ୱଭାବ କବି । ତେଣୁ ତାଙ୍କର କେଦାର ଗୌରୀ, ଯଯାତି କେଶରୀ, ପାର୍ବତୀ, ଉଷା ପ୍ରଭୃତି ପ୍ରତ୍ୟେକ କାବ୍ୟରେ ପ୍ରକୃତି ପ୍ରୀତିର ପରିଚୟ ଯଥାର୍ଥ ଭାବରେ ପ୍ରତିଭାତ ହୋଇଛି ।

'ଚନ୍ଦ୍ରଭାଗା' କାବ୍ୟର ଆରମ୍ଭରେ କବି ଜଗନ୍ନାଥଙ୍କର ପୌଷ ମାସର ରାମାଭିଷେକ ଉତ୍ସବର ବର୍ଣ୍ଣନା ପ୍ରଦାନ କରିଛନ୍ତି । ସେହି ଉତ୍ସବ ଉପଲକ୍ଷେ ଉତ୍କଳର ବିଭିନ୍ନ ପ୍ରାନ୍ତରୁ ଅନେକ ଦେବ ଦେବୀ ନିଜ ନିଜର ଉପହାର ଓ ପୂଜା ସମ୍ଭାର ଧରି ସିଂହଦ୍ୱାରରେ ଉପନୀତ । କବିବର ରାଧାନାଥ ଦେବଦେବୀଙ୍କ ଆଗମନକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । କବିଙ୍କ ଲେଖନୀରୁ ଝରିପଡିଛି–

ଅଭିଷେକୋତ୍ସବ ଦର୍ଶନ
ଆସେ ସିଂହଦୁଆରେ
ବିଜେ ଆଜ–ଦେବ ଦେବୀଏ
ଯେଝା ପୂଜାସମ୍ଭାରେ
କେତକୀ କାନନ–ସଂକୁଳ
ରମ୍ୟ ସିକତା ସ୍ଥଳ
ଛାଡି ହରଚଣ୍ଡୀ ଆଗତ
ଆଜ ଶ୍ରୀ ନୀଳାଚଳ
ଭଗବତୀ ବାଣପୁରରୁ
ଉପନୀତ ସ୍ୱଗଣେ
ଶୋଲରୀ ଦେଖଇ ସ୍ୱମୁଖ
ଯହିଁ ହ୍ରଦ–ଦର୍ପଣେ ।
ପ୍ରଭାମଣ୍ଡଳରେ ମଣ୍ଡିତ
ତନୁ କନକ ଗୋରା
ତୈଲଙ୍ଗୀ ବସନ ଭୂଷଣେ
ପୁଣି ଦିଶଇ ତୋରା ।

କବି ରାଧାନାଥ ଛବିଳ ଉତ୍କଳର ବିଭିନ୍ନ ତୀର୍ଥସ୍ଥଳୀର ହୃଦୟଗ୍ରାହୀ ବର୍ଣ୍ଣନା ଅତି ସଂକ୍ଷିପ୍ତ ଓ ସୁନ୍ଦର ଭାବରେ 'ଚନ୍ଦ୍ରଭାଗା' କାବ୍ୟରେ ପ୍ରକାଶ କରିଛନ୍ତି । ପ୍ରତ୍ୟେକ ଦେବଦେବୀଙ୍କର ପରିଚୟ ଛଳରେ ସେମାନଙ୍କର ଅଧିଷ୍ଠିତ– ପୀଠର ପ୍ରାକୃତିକ ବର୍ଣ୍ଣନା କାବ୍ୟରେ ରାଧାନାଥ ପ୍ରକାଶ କରିବା ଫଳରେ ତାଙ୍କର ଭୌଗୋଳିକ ଜ୍ଞାନ, ସୌନ୍ଦର୍ଯ୍ୟ ପିପାସୁ କବି ପ୍ରାଣ ଓ ରସାନ୍ୱେଷୀ ଦୃଷ୍ଟିକୋଣର ପରିଚୟ ମିଳିଥାଏ ।

ଉପସଂହାରରେ ଏତିକି କହିଲେ ଯଥେଷ୍ଟ ହେବ ସାରସ୍ୱତ ସାର୍ଥକ କବି ରାଧାନାଥ ଥିଲେ ପ୍ରକୃତିର ଉପାସକ । ତେଣୁ ତାଙ୍କର ପ୍ରତ୍ୟେକ କାବ୍ୟ କବିତାରେ ପ୍ରକୃତି ପୂଜାର୍ଚ୍ଚନା ଦୃଷ୍ଟିଗୋଚର ହୁଏ । କବି ପାର୍ଥିବ ଶରୀର ତ୍ୟାଗ କରିଥିଲେ ବି ତାଙ୍କ ମହନୀୟ ସାହିତ୍ୟକୃତି ପାଇଁ ସେ ଆଜି ଅମର ।

ବିଭାଗୀୟ ମୁଖ୍ୟ
ଓଡ଼ିଆ ଭାଷା–ସାହିତ୍ୟ ବିଭାଗ,
ଫକୀର ମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର–୧

**ସହାୟକ ଗ୍ରନ୍ଥ ସୂଚୀ :**


୧. ଯୁଗସ୍ରଷ୍ଟା ରାଧାନାଥ : ଡକ୍ଟର ନଟବର ସାମନ୍ତରାୟ
୨. ଯୁଗଜ୍ୟୋତି ରାଧାନାଥ : ଡକ୍ଟର ଦେବେନ୍ଦ୍ର ମହାନ୍ତି
୩. କବିବର କାବ୍ୟବିଭା : ଡକ୍ଟର ନୃସିଂହ ଷଡ଼ଙ୍ଗୀ
୪. ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ : ଡକ୍ଟର କ୍ଷେତ୍ରବାସୀ ନାୟକ
୫. ଆଧୁନିକ ଓଡ଼ିଆ କାବ୍ୟଧାରା : ଡକ୍ଟର ନରେନ୍ଦ୍ର ନାଥ ମିଶ୍ର
୬. ମୋ ଆଖିର ମୂଳ : ଡକ୍ଟର ରତ୍ନାକର ଚଇନି
୭. ଚନ୍ଦ୍ରଭାଗା ଓ ରାଧାନାଥ : କେଶବ ଚନ୍ଦ୍ର ମେହେର
୮. ମୋ ଦୃଷ୍ଟିରେ ଚିଲିକା : ଡକ୍ଟର ଅସିତ କବି
୯. ସାହିତ୍ୟ ସଙ୍ଗମ : ଡକ୍ଟର ଶରତଚନ୍ଦ୍ର ପ୍ରଧାନ
୧୦. କବିବର କାବ୍ୟ ସମୀକ୍ଷା : ସାରଳା ସାହିତ୍ୟ ସଂସଦ
୧୧. ଓଡ଼ିଆ ସାହିତ୍ୟର ଇତିହାସ : ଡକ୍ଟର ନଟବର ସାମନ୍ତରାୟ
୧୨. ମହାଯାତ୍ରା ଓ ରାଧାନାଥ : ବେଣୁଧର ରାଉତ

❖ ❖ ❖

# ନବକୃଷ୍ଣ ଚୌଧୁରୀ– ସମାଜବାଦଭିତ୍ତିକ ସର୍ବୋଦୟୀ

ଡକ୍ଟର ଅତୁଲ ଚନ୍ଦ୍ର ପ୍ରଧାନ

ନବକୃଷ୍ଣ ଚୌଧୁରୀ ୧୯୫୦ ରୁ ୧୯୫୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ମୁଖ୍ୟମନ୍ତ୍ରୀତ୍ୱ ଛଡ଼ା ତାଙ୍କର ଏକ ବ୍ୟାପକ ପରିଚୟ ଥିଲା । ସେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ, ସର୍ବୋଦୟ ନେତା ଏବଂ ମାନବବାଦୀ । ତାଙ୍କଠାରେ ସମାଜବାଦ ଓ ସର୍ବୋଦୟର ସମନ୍ୱୟ ଦେଖିବାକୁ ମିଳେ । କ୍ଷମତାରେ ଥିବା କାଳରେ ସେ ସମାଜବାଦ ଓ ସର୍ବୋଦୟକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଚେଷ୍ଟା କରିଥିଲେ । ସେ କ୍ଷମତା ପ୍ରତି ଆସକ୍ତ ନଥିଲେ ଏବଂ ଏହାକୁ ଜନ ସେବାର ଏକ ମାଧ୍ୟମ ଭାବେ ଗ୍ରହଣ କରିଥିଲେ । କ୍ଷମତାକୁ ଛାଡ଼ିଲା ପରେ ମଧ୍ୟ ସେ ରାଜନୀତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ ଏବଂ ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ । ଅର୍ଥ ଓ ସମ୍ପତ୍ତି ପ୍ରତି ନବକୃଷ୍ଣ ଚଉଧୁରୀ ଲାଳସା ରହିତ ଥିଲେ । ଜଗତ୍‌ସିଂହପୁରର ଜମିଦାର ଓ କଟକର ଓକିଲ



ଗୋକୁଳାନନ୍ଦ ଚଉଧୁରୀଙ୍କ ସନ୍ତାନ ହେଲେ ମଧ୍ୟ କଟକରେ କୋଠାବାଡ଼ିରେ ନରହି ସେ ଅନୁଗୋଳରେ ଛପରଘରେ ଶେଷ ଜୀବନ କଟାଇଥିଲେ । ମୁଖ୍ୟମନ୍ତ୍ରୀ ଥିଲାବେଳେ କ୍ଷମତାର ଅହମିକା ପ୍ରଦର୍ଶନ ନ କରି ସେ ସାଧାରଣ ଲୋକଙ୍କ ସହିତ ମିଶୁ ଥିଲେ । ତେଣୁ ଲୋକେ ତାଙ୍କୁ ମୁଖ୍ୟମନ୍ତ୍ରୀ ବୋଲି ନ କହି ନବବାବୁ କହୁଥିଲେ । ସେ ଜ୍ଞାନୀ ଓ ବୁଦ୍ଧିଜୀବୀ ଥିଲେ । ସେ ବହୁ ପୁସ୍ତକ ଅଧ୍ୟୟନ କରିଥିଲେ । ସବୁଜ ସାହିତ୍ୟ ଯୁଗର ଲବ୍ଧ ପ୍ରତିଷ୍ଠ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଭାଷାରେ ଯୁବକ ନବକୃଷ୍ଣ 'ଦାର୍ଶନିକ' ସାହିତ୍ୟିକ ଓ ଚିନ୍ତା ନାୟକ ଭାବରେ ଜଣାଶୁଣା ଥିଲେ । କିନ୍ତୁ ସେ ଜ୍ଞାନର ଗାରିମା ପ୍ରଦର୍ଶନ କରୁ ନଥିଲେ । ସେ ନିଃସ୍ୱାର୍ଥପର ଭାବରେ ଦେଶ ସେବା କରିଥିଲେ । ନବକୃଷ୍ଣ ଓ ତାଙ୍କର ବଡ଼ ଭାଇ ଗୋପବନ୍ଧୁ (ଯିଏ ଅସହଯୋଗ ଆନ୍ଦୋଳନ ସମୟରେ ଡେ଼ପୁଟି କଲେକ୍ଟର ପଦ ଛାଡ଼ି ଏହି ଆନ୍ଦୋଳନରେ ସସ୍ତ୍ରୀକ ଯୋଗ ଦାନ କରିଥିଲେ) କଟକର କୋଠା ବ୍ୟତୀତ ସମସ୍ତ ଭୂସମ୍ପତ୍ତିକୁ ଭୂଦାନ ଆନ୍ଦୋଳନକୁ ଦାନ କରିଥିଲେ । ଏକମାତ୍ର ପୁତ୍ର ବିନାୟକ (କାଲୁ)ର ଆତ୍ମହତ୍ୟାରେ ଯେତେବେଳେ ନବକୃଷ୍ଣ ଶୋକାତୁର ହୋଇପଡ଼ିଥିଲେ, ସେତେବେଳେ ତାଙ୍କର ଭଣଜା ଦାର୍ଶନିକ ଜିତେନ୍ଦ୍ରନାଥ ମହାନ୍ତିଙ୍କ ସହାନୁଭୂତିପୂର୍ଣ୍ଣ ଚିଠିର ପ୍ରତ୍ୟୁତ୍ତରରେ ସେ ଭକ୍ତ ଶ୍ରେଷ୍ଠ ପ୍ରହ୍ଲାଦଙ୍କ ଉକ୍ତି ଉଦ୍ଧାର କରିଥିଲେ –

ନ ତ୍ୱମହଂ କାମୟେ ରାଜ୍ୟମ୍
ନ ସ୍ୱର୍ଗଂ ନା ପୁନର୍ଭବମ୍
କାମୟେ ଦୁଃଖ ତପ୍ତାନାଂ
ପ୍ରାଣୀନାଂ ଆର୍ତ୍ତନାଶନମ୍ ।

୧୯୦୧ ମସିହା ନଭେମ୍ବର ମାସରେ ସାମ୍ପ୍ରତିକ ଜଗତସିଂହପୁର ଜିଲ୍ଲାର ଖେରସ ଗ୍ରାମରେ ନବକୃଷ୍ଣ ଚଉଧୁରୀ ଜନ୍ମଲାଭ କରିଥିଲେ । ପ୍ୟାରୀମୋହନ ଏକାଡ଼େମୀରୁ ମେଟ୍ରିକୁଲେସନ୍ ପାଶ କରି ସେ ରେଭେନସା ମହାବିଦ୍ୟାଳୟରେ ଯୋଗ ଦେଇଥିଲେ । ଅସହଯୋଗ ଆନ୍ଦୋଳନ ଆରମ୍ଭହେଲା ପରେ ନବକୃଷ୍ଣ ଓ ତାଙ୍କର କେତେଜଣ ସହପାଠୀ ଯଥା ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ ଓ ନିତ୍ୟାନନ୍ଦ କାନୁନଗୋ ଆଦି କଲେଜ ପଢ଼ା ଛାଡ଼ି ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ । ୧୯୨୫ ମସିହାରେ ନବକୃଷ୍ଣ ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର

ତାରକନାଥ ଦାସଙ୍କର ଗ୍ରାମ୍ୟ ଅର୍ଥନୀତି ଉପରେ ବକ୍ତୃତା ଶୁଣିବା ପାଇଁ ଶାନ୍ତି ନିକେତନ ଯାତ୍ରା କରିଥିଲେ । ଶାନ୍ତି ନିକେତନରେ ସେ ଦଶମାସ ରହିଥିଲେ । ସେଠାରେ ଅବସ୍ଥାନ କାଳରେ ମାଳତୀ ସେନ ନାମଧେୟା ଜନୈକା ବଙ୍ଗୀୟା ଅନ୍ତେବାସିନୀଙ୍କ ସହିତ ତାଙ୍କର ଆତ୍ମୀୟତା ସୃଷ୍ଟି ହେଲା । ମାତାଙ୍କ ବିରୋଧ ସତ୍ତ୍ୱେ ୧୯୨୭ ମସିହା ଜୁଲାଇ ମାସରେ ନବକୃଷ୍ଣ ମାଳତୀଙ୍କୁ ବିବାହ କରିଥିଲେ । ମାଳତୀ ଦେବୀ ଶାନ୍ତି ନିକେତନରେ ରବୀନ୍ଦ୍ରନାଥଙ୍କ ପ୍ରଭାବରେ ଏକ ସଙ୍ଗୀତଜ୍ଞା ଏବଂ ସଂସ୍କୃତି ସମ୍ପନ୍ନା ମହିଳା ପାଲଟି ଯାଇଥିଲେ । ସେ ମଧ୍ୟ ନବକୃଷ୍ଣଙ୍କ ସହିତ ମିଶି ସ୍ୱାଧୀନତା ସଂଗ୍ରାମ ସମାଜବାଦୀ ଆନ୍ଦୋଳନ, କୃଷକ ଆନ୍ଦୋଳନ, ଗଡ଼ଜାତ ଆନ୍ଦୋଳନ ଏବଂ ଆଦିବାସୀ ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ବିବାହ ପରେ ନବକୃଷ୍ଣ ଜଗତସିଂହପୁର ଜିଲ୍ଲାର ଅଣଖିଆଠାରେ ପୈତୃକ ଭୂମିରେ ଉନ୍ନତ ଧରଣର କୃଷି ଫାର୍ମ ପ୍ରତିଷ୍ଠା କଲେ । ମାଳତୀ ଦେବୀ ମଧ୍ୟ ସେଠାରେ ରହିଲେ । ଏହି ସମୟରେ ନବକୃଷ୍ଣଙ୍କ ବଡ଼ ଭାଇ ଗୋପବନ୍ଧୁ ସପରିବାର ଅଳକାଶ୍ରମରେ ରହୁଥିଲେ । ୧୯୩୦ ମସିହାରେ ବାଲେଶ୍ୱର ଜିଲ୍ଲାର ଶ୍ରୀଜଙ୍ଗ ଗ୍ରାମରେ ଚଉକିଦାରୀ ଟିକସ ବିରୋଧରେ ଆନ୍ଦୋଳନରେ ଅଂଶ ଗ୍ରହଣ କରି ନବକୃଷ୍ଣ ୪ମାସ ପାଇଁ ଜେଲ ଯାଇଥିଲେ । ଗାନ୍ଧିଜୀ ଦ୍ୱିତୀୟ ଗୋଲଟେବୁଲ ବୈଠକରୁ ଫେରିଲା ପରେ ୧୯୩୨ରେ ଆଇନ୍ ଅମାନ୍ୟ ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟରେ ଉଭୟ ନବକୃଷ୍ଣ ଓ ମାଳତୀ ଅଂଶ ଗ୍ରହଣ କରିଥିଲେ । ଚୌଧୁରୀ ପରିବାରର ସବୁ ସଦସ୍ୟ ଜେଲ ଯାଇଥିଲେ । ମାଳତୀ ଦେବୀ ନିଜର କୁନି ପୁଅକୁ ସଙ୍ଗରେ ନେଇ ଜେଲ୍ ଯାଇଥିଲେ ।

ଆଇନ୍ ଅମାନ୍ୟ ଆନ୍ଦୋଳନ ପରେ କଂଗ୍ରେସ ଦଳରେ ସମାଜବାଦୀ ଗୋଷ୍ଠୀର ଆବିର୍ଭାବ ହେଲା । ୧୯୩୩ ମସିହା ଫେବ୍ରୁଆରୀ ମାସରେ ନବକୃଷ୍ଣ ଚଉଧୁରୀଙ୍କ ନେତୃତ୍ୱରେ ଓଡ଼ିଶାର ସମାଜବାଦୀମାନେ ଯଥା: ଗୌରଚନ୍ଦ୍ର ଦାସ, ଗୌରାଙ୍ଗ ଚରଣ ଦାସ୍, ସୁଧୀର ଚନ୍ଦ୍ରଘୋଷ, ନୃପେନ୍ ସେନ୍ ଓ ସୁରେନ୍ଦ୍ରନାଥ ଦ୍ୱିବେଦୀ ଉତ୍କଳ କଂଗ୍ରେସ ସାମ୍ୟବାଦୀ ସଂଘ (UTKAL CONGRESS COMMUNIT WORKERS LEAGUE) ଗଠନ କରିଥିଲେ । ଏହି ସମୟରେ ମହାରାଷ୍ଟ୍ରର ନାସିକ ଜେଲ୍‌ରେ ଜୟପ୍ରକାଶ ନାରାୟଣ, ମିନୁ ମାସାନୀ, ଅଚ୍ୟୁତ ପଟ୍ଟବର୍ଦ୍ଧନ ଅଶୋକ ମେହେଟା ଆଦି କଂଗ୍ରେସ ସମାଜବାଦୀ ଦଳ (CONGRESS SOCIALIST PARTY) ଗଠନ କରିବାର ପରିକଳ୍ପନା କରିଥିଲେ ।

୧୯୩୪ ମସିହାରେ ସର୍ବ ଭାରତୀୟ ସ୍ତରରେ କଂଗ୍ରେସ ସମାଜବାଦୀ ଦଳ ଗଠିତ ହେଲା । ଉତ୍କଳ ସାମ୍ୟବାଦୀ କର୍ମୀ ସଂଘ ଏଥିରେ ସାମିଲ ହେଲା । ନବକୃଷ୍ଣ ଚଉଧୁରୀ କଂଗ୍ରେସ ସମାଜବାଦୀ ଦଳର କାର୍ଯ୍ୟକାରିଣୀ କମିଟିର ସଦସ୍ୟ ହେଲେ । ପ୍ରାଣନାଥ ପଟ୍ଟନାୟକ କଂଗ୍ରେସ ସମାଜବାଦୀ ଦଳର ଓଡ଼ିଶା ଶାଖାର ପ୍ରଥମ ସଭାପତି ହେଲେ । ୧୯୩୪ ମସିହା ପରଠାରୁ କଂଗ୍ରେସ ସମାଜବାଦୀଙ୍କ ପ୍ରଚେଷ୍ଟାରେ ବାଲେଶ୍ୱର, କଟକ ଓ ପୁରୀ ଜିଲାରେ କୃଷକ ଆନ୍ଦୋଳନ ଆଗେଇ ଚାଲିଲା । କୃଷକମାନଙ୍କ ପ୍ରଥମ ସମ୍ମିଳନୀ ୧୯୩୫ ମସିହା ଜୁନ ୩୦ ତାରିଖରେ ଗୋଦାବରୀଶ ମିଶ୍ରଙ୍କ ସଭାପତିତ୍ୱରେ କଟକରେ ଅନୁଷ୍ଠିତ ହୋଇଥିଲା । ଅଗଷ୍ଟ ୧୦ ତାରିଖରେ କୃଷକ ସଂଘ ଗଠିତ ହେଲା । ହରେକୃଷ୍ଣ ମହତାବଙ୍କୁ ସଭାପତି ଏବଂ ମାଳତୀ ଦେବୀ ଓ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କୁ ଯୁଗ୍ମ ସମ୍ପାଦକ କରାଗଲା । ଓଡ଼ିଶା ଡ଼ିଭିଜନ୍ ବାହାରେ ଗଞ୍ଜାମ ଜିଲ୍ଲାରେ ବିଶ୍ୱନାଥ ଦାସ୍, ଉମାଚରଣ ପଟ୍ଟନାୟକ, ଦିବାକର ପଟ୍ଟନାୟକ , ବନମାଳୀ ମହାରଣା ଓ ଦିବାକର ପଟ୍ଟନାୟକ ରୟତମାନଙ୍କୁ ସଂଗଠିତ କରୁଥିଲେ । ବିଭିନ୍ନ ସ୍ଥାନରେ କୃଷକ ସମ୍ମିଳନୀମାନ ଅନୁଷ୍ଠିତ ହେଲା । ୧୯୩୫ ମସିହା ସେପ୍ଟେମ୍ବର ମାସ ପହିଲା ତାରିଖ ନିଖିଳ ଭାରତ କୃଷକ ଦିବସ ରୂପେ ପାଳିତ ହେଲା । ୧୯୩୬ ମସିହା ସେପ୍ଟେମ୍ବର ମାସରେ ଖୋର୍ଦ୍ଧାର ଚାନ୍ଦମାରି ପଡ଼ିଆରେ ପ୍ରାଣନାଥ ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ କୃଷକ ସମ୍ମିଳନୀରେ ନବକୃଷ୍ଣ ଚଉଧୁରୀ ସଭାପତିତ୍ୱ କରିଥିଲେ । ୧୯୩୭ ମସିହାରେ ଜଗତ୍‌ସିଂହପୁର ଜିଲ୍ଲାର ବାଗଲପୁର ଓ ପୁରୀ ଜିଲ୍ଲାର ବଳଙ୍ଗାଠାରେ ବିରାଟ କୃଷି ସମ୍ମିଳନୀମାନ ଅନୁଷ୍ଠିତ ହୋଇଥିଲା ।

୧୯୩୬ ମସିହା ପର୍ଯ୍ୟନ୍ତ ନବକୃଷ୍ଣ ଚଉଧୁରୀ ଅଣଖିଆ କୃଷି ଫାର୍ମ ସହିତ ସମ୍ପର୍କ ରଖି ଥିଲେ । ୧୯୩୭ରେ ସେ ତିର୍ତ୍ତୋଲ–ଏରସମା ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ କିନ୍ତୁ କଂଗ୍ରେସ ସମାଜବାଦୀ ଦଳର ନିଷ୍ପତ୍ତି ଅନୁସାରେ ସେ ପ୍ରଥମ କଂଗ୍ରେସ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀପଦ ଗ୍ରହଣ କରି ନଥିଲେ ।

କଂଗ୍ରେସ ସମାଜବାଦୀମାନଙ୍କ ଦ୍ୱାରା ପରିଚାଳିତ କୃଷକ ଆନ୍ଦାଳନର ଚାପ ବିଶ୍ୱନାଥ ଦାସଙ୍କ କଂଗ୍ରେସ ମନ୍ତ୍ରିମଣ୍ଡଳ ଉପରେ ପଡ଼ିଲା । ଜମିଦାର ଓ ସାହୁକାରମାନଙ୍କ ଦାଉରୁ କୃଷକମାନଙ୍କୁ ରକ୍ଷା କରିବା ପାଇଁ କଂଗ୍ରେସ ସରକାର ଦୁଇଟି ଆଇନ ପାଶ କଲେ ଯଥା (Orissa Tenancy (Amendment) Act ଏବଂ

Orissa Money Lenders Act) ମୋଗଲ ବନ୍ଦୀର କୃଷକମାନଙ୍କ ପରେ ଗଡଜାତର ପ୍ରଜାମାନଙ୍କ ଉପରେ ସମାଜବାଦୀ ଆନ୍ଦୋଳନର ପ୍ରଭାବ ପଡିଲା । ଓଡ଼ିଶାରେ ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ସଂଗଠକ ଥିଲେ ସାରଙ୍ଗଧର ଦାସ । ସାରଙ୍ଗଧର ଢେଙ୍କାନାଳର ବାସିନ୍ଦା ଏବଂ ଆମେରିକାରେ ଶିକ୍ଷା ଲାଭ କରିଥିବା କୃଷି ବିଶେଷଜ୍ଞ । ତାଙ୍କ ପ୍ରେରଣାରେ କଂଗ୍ରେସ ସମାଜବାଦୀମାନେ ଗଡ଼ଜାତରେ ଆନ୍ଦୋଳନ କଲେ । ୧୯୩୭ ମସିହା ଜୁନ ମାସରେ କଟକ ଟାଉନ ହଲରେ ଦ୍ୱିତୀୟ ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀ ପଟ୍ଟାଭି ସୀତାରାମାୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ୧୯୩୮ମସିହା ଏପ୍ରିଲ୍ ମାସରେ ନୀଳଗିରିରେ ପ୍ରଜା ଆନ୍ଦୋଳନ ଆରମ୍ଭ ହେଲା । ସେହି ବର୍ଷ ସେପ୍ଟେମ୍ବର ୧୦୨ତାରିଖରେ ସାମ୍ପ୍ରତିକ ଯାଜପୁର ଜିଲ୍ଲାର ଜେନାପୁରଠାରେ ଐତିହାସିକ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଢ଼େଙ୍କାନାଳ ପ୍ରଜାମଣ୍ଡଳ ଗଠିତ ହୋଇଥିଲା । ଏହାପରେ ଢ଼େଙ୍କାନାଳରେ ପ୍ରଜାମଣ୍ଡଳ ଜୋରଦାର ହୋଇଥିଲା । ଏହି ଆନ୍ଦୋଳନକୁ କିଛି ସ୍ଥାନୀୟ ଲୋକ ଏବଂ କିଛି ବାହାର ଲୋକ ନେତୃତ୍ୱ ଦେଉଥିଲେ ନବକୃଷ୍ଣ ଚଉଧୁରୀ, ମାଳତୀ ଦେବୀ, ସାରଙ୍ଗଧର ଦାସ ଓ ଅନ୍ୟାନ୍ୟ ସମାଜବାଦୀ ବା ବାମପନ୍ଥୀ ନେତାମାନେ । ଢ଼େଙ୍କାନାଳ ବ୍ୟତୀତ ଅନ୍ୟାନ୍ୟ ଗଡ଼ଜାତ ଯଥା ନୀଳଗିରୀ, ତାଳଚେର ଓ ରଣପୁରରେ ପ୍ରଜା ଆନ୍ଦୋଳନ ଜୋରଦାର ହୋଇଥିଲା । ତାଳଚେରରେ ରାଜାଙ୍କ ନୀତି ବିରୋଧରେ ପ୍ରତିବାଦ କରି ହଜାର ହଜାର ଲୋକ ରାଜ୍ୟ ବାହାରକୁ ପଳାଇଲେ । ରଣପୁରରେ ଉତ୍ତ୍ୟକ୍ତ ଜନତା ପଲିଟିକାଲ ଏଜେଣ୍ଟ ମେଜର ବେଜେଲଗେଟ୍‌ଙ୍କୁ ହତ୍ୟା କରିଥିଲେ ।

୧୯୪୦ ମସିହା ଡ଼ିସେମ୍ବର ମାସରେ ବ୍ୟକ୍ତିଗତ ଆଇନ୍ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେଇ ନବକୃଷ୍ଣ ଚଉଧୁରୀ ଜେଲ୍ ଯାଇଥିଲେ । ସେ ଭାରତଛାଡ଼ ଆନ୍ଦୋଳନ ପୂର୍ବରୁ ବମ୍ବେରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଯୋଗଦେଇ ନଥିଲେ । ହରେକୃଷ୍ଣ ମହତାବ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟ ହିସାବରେ ସେଠାକୁ ଯାଇଥିଲେ । କଂଗ୍ରେସ ସମାଜବାଦୀମାନଙ୍କ ମଧ୍ୟରୁ ମାଳତୀଦେବୀ ଓ ସୁରେନ୍ଦ୍ର ଦ୍ୱିବେଦୀ ଏହି ଅଧିବେଶନରେ ଯୋଗ ଦେଇଥିଲେ । ଦ୍ୱିବେଦୀ ଓ ମାଳତୀଦେବୀ ବମ୍ବେରୁ ଫେରିଲା ପରେ ଗିରଫ ହୋଇଥିଲେ । ନବକୃଷ୍ଣ ଓଡ଼ିଶାରେ ରହି ବୈପ୍ଳବିକ କାର୍ଯ୍ୟକଳାପ ହେତୁ ଗିରଫ ହୋଇ ଯଥାକ୍ରମେ କଟକ, ଅନୁଗୁଳ, ପୁରୀ ଓ ବ୍ରହ୍ମପୁର ଜେଲରେ ବନ୍ଦୀ ହୋଇ ରହିଥିଲେ ।

୧୯୪୫ରେ ହରେକୃଷ୍ଣ ମହତାବ ଓ ନବକୃଷ୍ଣ ଚଉଧୁରୀ ଆଦି କଂଗ୍ରେସ ନେତାମାନେ ଜେଲରୁ ମୁକ୍ତି ଲାଭ କଲେ । ୧୯୪୬ ମସିହାରେ ଓଡ଼ିଶା ବିଧାନ ସଭା ପାଇଁ ନିର୍ବାଚନରେ ନବକୃଷ୍ଣ ଚଉଧୁରୀ କେନ୍ଦ୍ରାପଡ଼ାରୁ ନିର୍ବାଚିତ ହୋଇଥିଲେ । ସେ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ହୋଇଥିଲେ ଏବଂ ରାଜସ୍ୱ ଯୋଗାଣ ଓ ପରିବହନ ବିଭାଗମାନଙ୍କର ଦାୟିତ୍ୱ ନେଇଥିଲେ । ସ୍ୱାଧୀନତା ପରେ ହରେକୃଷ୍ଣ ମହତାବଙ୍କ ପ୍ରଚେଷ୍ଟାରେ ଏବଂ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ତଥା ଦେଶୀୟ ରାଜ୍ୟ ସମସ୍ୟା ଦାୟିତ୍ୱରେ ଥିବା ଉପପ୍ରଧାନ ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱରେ ଓଡ଼ିଶାରେ ଗଡ଼ଜାତ ମିଶ୍ରଣ ସଂଘଟିତ ହେଲା । ଅବଶ୍ୟ ଏହି ମିଶ୍ରଣ ପାଇଁ ତୃଣମୂଳ ସ୍ତରରେ ନବକୃଷ୍ଣଙ୍କ ଭଳି କଂଗ୍ରେସ ସମାଜବାଦୀମାନେ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ୧୯୩୪ରୁ ସ୍ୱାଧୀନତା ପର୍ଯ୍ୟନ୍ତ ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନରେ ତଥା ରାଜନୀତି କ୍ଷେତ୍ରରେ ନବକୃଷ୍ଣ ଚଉଧୁରୀଙ୍କ ଭୂମିକା ସମ୍ପର୍କରେ ତାଙ୍କର ଘନିଷ୍ଠ ବନ୍ଧୁ ତଥା ପ୍ରବୀଣ ରାଜନୀତିଜ୍ଞ ହରେକୃଷ୍ଣ ମହତାବ ତାଙ୍କ ମୃତ୍ୟୁ ପରେ ଦେଇଥିବା ଟିପ୍ପଣୀ ଏଠାରେ ଉଲ୍ଲେଖଯୋଗ୍ୟ ।

'ନବକୃଷ୍ଣ ଚୌଧୁରୀ ମୁଖ୍ୟ ମନ୍ତ୍ରୀ ଥିଲେ ଇତ୍ୟାଦି ବର୍ଣ୍ଣନାରୁ ସେ କଅଣ ଥିଲେ, ତାହା ଯୁବକମାନେ ଜାଣି ପାରିବେ ନାହିଁ । ସେ ଥିଲେ ଓଡ଼ିଶା କଂଗ୍ରେସ ଇତିହାସର ଏକ ଅଧ୍ୟାୟର ପ୍ରଧାନ ନାୟକ । ସୋସାଲିଷ୍ଟ ପାର୍ଟିର ଥେସିସ୍ କଟକସ୍ଥ ନବବାବୁଙ୍କ ଘରେ ପ୍ରସ୍ତୁତ ହୋଇଥିଲା । ମିନୁ ମାସାନି, ଅଚ୍ୟୁତ ପଟ୍ଟବର୍ଦ୍ଧନ ପ୍ରଭୃତି ସେଇଠି ଆସି ଏକତ୍ର ହେଉଥିଲେ । ୧୯୩୪ରୁ ୧୯୪୭ ପର୍ଯ୍ୟନ୍ତ କଂଗ୍ରେସ ସୋସାଲିଷ୍ଟ ପାର୍ଟି ହିଁ ଓଡ଼ିଶାର କଂଗ୍ରେସ ଥିଲା । ସେହି ସମୟରେ ପ୍ରବଳ ବେଗରେ କୃଷକ ଆନ୍ଦୋଳନ ଚାଲିଥିଲା । ପ୍ରବର୍ତ୍ତକ ଥିଲେ ନବକୃଷ୍ଣ ଚୌଧୁରୀ ଓ ଶ୍ରୀମତୀ ମାଳତୀ ଚୌଧୁରୀ । ନବକୃଷ୍ଣଙ୍କ ଜୀବନ ଥିଲା ସମାଜବାଦୀର ଜୀବନ । କେବଳ ଚିନ୍ତା କ୍ଷେତ୍ରରେ ସମାଜବାଦୀ ହୋଇ କାର୍ଯ୍ୟ କ୍ଷେତ୍ରରେ ଯେପରି ଧନୀ ଜୀବନ ଅନେକ ଅତିବାହିତ କରନ୍ତି, ସେ ସେପରି ଧନୀ ନ ଥିଲେ । ସେ ଥିଲେ କାୟମନୋବାକ୍ୟରେ ସମାଜବାଦୀ । ସେ ରାଜସ୍ୱ ବିଭାଗରେ ମନ୍ତ୍ରୀ ଥିଲାବେଳେ ବିଭାଗଟିକୁ ସମାଜବାଦୀ ଲାଇନରେ ପରିଚାଳନା କରିଥିଲେ । ପୁଣି ଯେତେବେଳେ ମୁଖ୍ୟମନ୍ତ୍ରୀ ହେଲେ ସମୁଦାୟ ଶାସନକୁ ସର୍ବୋଦୟ କାର୍ଯ୍ୟକ୍ରମରେ ଲଗାଇଲେ । ତାଙ୍କର ଜୀବନ ଛଳନାମୟ ନଥିଲା । ସେ ଯାହା ବିଶ୍ୱାସ କରୁଥିଲେ ତାହାହିଁ କରୁଥିଲେ– ଏହା ହିଁ ଥିଲା ତାଙ୍କ ଜୀବନର ବିଶେଷତ୍ୱ । ଓଡ଼ିଆ ଜୀବନରେ ଆଧୁନିକତା ପ୍ରବେଶ କରାଇବାରେ ସେ ଥିଲେ

ଅଗ୍ରଣୀ । ସାହିତ୍ୟ କ୍ଷେତ୍ରରେ ସବୁଜ ସାହିତ୍ୟ ଯୁଗ ଯେ ଆରମ୍ଭ ହୋଇଥିଲା ଏଥିରେ ନବକୃଷ୍ଣ ଚୌଧୁରୀ ପ୍ରଥମ ଅବସ୍ଥାରେ ସାମିଲ ଥିଲେ । ନବବାବୁଙ୍କର ଦୀର୍ଘ ଜୀବନ ଓଡ଼ିଶା କଂଗ୍ରେସ ଓ ସାଧାରଣ ଜୀବନର ଇତିହାସର ଏକ ଅଧ୍ୟାୟ । ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବାର ଛଳନା ମୁଁ କରୁନାହିଁ । ଆମେ ଥିଲୁ ସମବୟସୀ ଓ ବହୁ ବର୍ଷର ସହକର୍ମୀ । ନାନା ବିଷୟରେ ମତଭେଦ ଥିଲେ ମଧ୍ୟ ଆମେ ଥିଲୁ ଅନ୍ତରଙ୍ଗ ବନ୍ଧୁ । ସେହି ପଥରେ ସମସ୍ତଙ୍କୁ ଯିବାକୁ ହେବ । ଜନ୍ମ ଓ ମୃତ୍ୟୁ ମଧ୍ୟରେ ଯେଉଁସବୁ ସମୟତକକୁ ଜୀବନ କୁହାଯାଏ, ତାହା ନବ ବାବୁଙ୍କ ପକ୍ଷରେ ସାର୍ଥକ ଥିଲା, ଏହା ହିଁ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ।'

୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରଧାନ ମନ୍ତ୍ରୀ ହରେକୃଷ୍ଣ ମହତାବ ରାଜନୀତିରେ ଦକ୍ଷିଣ ପନ୍ଥୀ ଥିଲେ । ଦକ୍ଷିଣ ପନ୍ଥୀ ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ରିମଣ୍ଡଳରେ ରହି ନବକୃଷ୍ଣ ସମାଜବାଦକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କରିଥିଲେ । ସେ ରାଜ୍ୟ ପରିବହନ ସେବାକୁ ରାଷ୍ଟ୍ରୀୟକରଣ କରିଥିଲେ । ସେ ଜମିଦାରୀ ଉଚ୍ଛେଦ ଓ ପଞ୍ଚାୟତ ବ୍ୟବସ୍ଥା ପ୍ରଚଳନ ବିଷୟରେ ପରିକଳ୍ପନା କରିଥିଲେ । ରାଜସ୍ୱ ମନ୍ତ୍ରୀ ଥିବା ସମୟରେ ନବକୃଷ୍ଣଙ୍କ କନ୍ୟା ଉତ୍ତରା ମହାତ୍ମାଗାନ୍ଧୀଙ୍କ ପରଲୋକଗତ ପ୍ରାଇଭେଟ୍ ସେକ୍ରେଟାରୀ ମହାଦେବ ଦେଶାଇଙ୍କ ପୁତ୍ର ନାରାୟଣ ଦେଶାଇଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଗାନ୍ଧୀ ଏହି ଦମ୍ପତ୍ତିଙ୍କୁ ଆଶୀର୍ବାଦ ଦେଇଥିଲେ। କିନ୍ତୁ ୧୯୪୮ ମସିହା ମାର୍ଚ୍ଚମାସ ୧୨ ତାରିଖରେ ତାଙ୍କର ଏକମାତ୍ର ପୁତ୍ର ବିନାୟକ(କାଲୁ) ପ୍ରେମ ଜନିତ ବ୍ୟାପାର ହେତୁ ଆତ୍ମହତ୍ୟା କଲେ । ଏଇ ଦାରୁଣ ଘଟଣା ଏବଂ ମୁଖ୍ୟମନ୍ତ୍ରୀ ମହତାବଙ୍କ ସହିତ ମତ ପାର୍ଥକ୍ୟ ହେତୁ ୧୯୪୮ ମସିହା ଏପ୍ରିଲ୍ ମାସ ୨୩ ତାରିଖରେ ନବକୃଷ୍ଣ ମହତାବ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ ।

ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବାର କିଛି କାଳ ପରେ ନବକୃଷ୍ଣ ଚୌଧୁରୀ ଓଡ଼ିଶା ଲ୍ୟାଣ୍ଡ ରେଭିନିଉ ଏଣ୍ଡ ଲ୍ୟାଣ୍ଡ ଟେନିୟୁର୍ (Orissa Land Revenue and Land Tenure Committee) କମିଟିର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୪୯ ମସିହା ଜୁଲାଇମାସ ୭ ତାରିଖରେ ଏହି କମିଟି ଦ୍ୱାରା ପ୍ରଦତ୍ତ ରିପୋର୍ଟ ଅନୁସାରେ ଜମିଦାରୀ ପ୍ରଥାର ଉଚ୍ଛେଦ କରାଯାଇଥିଲା ଏବଂ ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦମାନ ଗଠିତ ହୋଇଥିଲା ।

ଏହାପରେ ସେବାଗ୍ରାମର ମୌଳିକ ଶିକ୍ଷା କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଆର୍ଯ୍ୟନାୟକମ୍‌ଙ୍କ ପ୍ରସ୍ତାବ ଅନୁସାରେ ନବକୃଷ୍ଣ ଅନୁଗୋଳରେ ରହି ମୌଳିକ ଶିକ୍ଷା ସଂଗଠକ ଦାୟିତ୍ୱ ବହନ କରିଥିଲେ । ସେଥିପାଇଁ ସେ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ । ମୌଳିକ ଶିକ୍ଷା ସଂଗଠକ ଦାୟିତ୍ୱରେ ନବକୃଷ୍ଣ ୯ମାସ ରହିଥିଲେ । ମୌଳିକ ଶିକ୍ଷାରେ ତାଙ୍କର ଯଥେଷ୍ଟ ରୁଚି ଥିଲା । ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସେ ଅନୁଗୋଳରେ ଏକ ମୌଳିକ ଶିକ୍ଷା ତାଲିମ୍ ମହାବିଦ୍ୟାଳୟ ସ୍ଥାପନ କରିଥିଲେ । ୧୯୫୦ରେ ହରେକୃଷ୍ଣ ମହତାବ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଯୋଗ ଦେବାରୁ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ପରାମର୍ଶ ଅନୁସାରେ ନବକୃଷ୍ଣ ଚଉଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ୧୯୫୬ ମସିହା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିଥିଲେ। ୧୯୫୧ରୁ ୧୯୫୬ ପର୍ଯ୍ୟନ୍ତ ସେ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟ ମଧ୍ୟ ରହିଥିଲେ।

ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ୧୯୫୨ରେ ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ନବକୃଷ୍ଣ ଚୌଧୁରୀ କଟକ ଜିଲ୍ଲାର ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ବହୁ ସଂଖ୍ୟକ ଭୋଟ ପାଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଏବଂ କଂଗ୍ରେସ ଦଳ ଅଳ୍ପ ବ୍ୟବଧାନରେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରିବାରେ ଅସମର୍ଥ ହୋଇଥିଲା। ଏଭଳି ସ୍ଥିତିରେ ନବକୃଷ୍ଣ କେତେକ ସ୍ୱାଧୀନ ସଦସ୍ୟଙ୍କ ସମର୍ଥନରେ ମନ୍ତ୍ରିମଣ୍ଡଳ ଗଠନ କରିଥିଲେ।

ମୁଖ୍ୟମନ୍ତ୍ରୀ ଭାବରେ ନବକୃଷ୍ଣ ସମାଜବାଦୀ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଲାଗି ପଡିଲେ। ୧୯୫୦ ମସିହା ସେପ୍ଟେମ୍ବର ମାସ ୨୮ ତାରିଖ ଦିନ ଜମିଦାରୀ ଉଚ୍ଛେଦ ବିଲ୍ ବିଧାନସଭାରେ ଗୃହୀତ ହୋଇଥିଲା। ଭାଗଚାଷୀମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ (ଜନତା ରିଲିଫ୍ ଆକ୍ଟ) ପାଶ୍ ହେଲା। ବହୁ ଆଲୋଚନା ପରେ ସ୍ଥିର ହେଲା ଯେ ଜମି ମାଲିକମାନେ ଭାଗ ଚାଷୀମାନଙ୍କଠାରୁ ଉତ୍ପନ୍ନ ଫସଲର ଏକ ଚତୁର୍ଥାଂଶ ପାଇବେ। ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ବିଧାନସଭାରେ ଘୋଷଣା କଲେ ଯେ ଜଣେ ନିଜେ ଜମି ଚାଷ ନକଲେ ଜମି ଉପରେ ମାଲିକାନା ରଖି ପାରିବେ ନାହିଁ। ପ୍ରଶାସନର ବିକେନ୍ଦ୍ରୀକରଣ ପାଇଁ ଏବଂ ପ୍ରଶାସନକୁ ଲୋକାଭିମୁଖୀ କରିବା ପାଇଁ ୧୯୫୫ରେ ଅଞ୍ଚଳ ଶାସନ ଆଇନ ପାଶ୍ କରାଯାଇଥିଲା। ପରବର୍ତ୍ତୀ କାଳରେ ବିକେନ୍ଦ୍ରୀକରଣ ଉଦ୍ଦେଶ୍ୟରେ ପଞ୍ଚାୟତ ସମିତି ଓ

ଜିଲ୍ଲାପରିଷଦମାନ ଗଠନ କରାଯାଇଥିଲା । ଶାସନକୁ ଲୋକାଭିମୁଖୀ କରାଇବା ପାଇଁ ନବକୃଷ୍ଣ ସରକାରୀ ସ୍ତରରେ ଓଡ଼ିଆ ଭାଷା ପ୍ରଚଳନ କରିବାକୁ ଚାହୁଁଥିଲେ । ଏହି ଉଦ୍ଦେଶ୍ୟରେ ୧୯୫୨ରେ ସେ (ଅଫିସିଆଲ୍ ଲାଙ୍ଗୁଏଜ୍ ଆକ୍ଟ) ପାଶ୍ କରାଇଥିଲେ । ନବକୃଷ୍ଣ ନିଜେ ସବୁବେଳେ ବିଧାନସଭାରେ ଓଡ଼ିଆ ଭାଷା ବ୍ୟବହାର କରୁଥିଲେ । ୧୯୫୧ ମସିହା ଫେବୃଆରୀ ମାସରେ ସେ ଓଡ଼ିଆରେ ବଜେଟ୍ ଉପସ୍ଥାପନ କରିଥିଲେ ।

ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ବହୁମୁଖୀ ହୀରାକୁଦ ନଦୀବନ୍ଧ , ଡୁଡୁମା ଜଳ ବିଦ୍ୟୁତ୍ କେନ୍ଦ୍ର, ରାଉରକେଲା ଇସ୍ପାତ କାରଖାନା, ରାଜଗାଙ୍ଗପୁରର ସିମେଣ୍ଟ କାରଖାନା, ଚୌଦ୍ୱାରର କାଗଜକଳ, କେନ୍ଦୁଝରର ଯୋଡ଼ାଠାରେ ଓ କୋରାପୁଟର ରାୟଗଡ଼ାଠାରେ ଫେରୋମାଙ୍ଗାନିଜ କାରଖାନା ଓ କଟକ ଶିଳ୍ପାଞ୍ଚଳ ଭଳି ଯୋଜନାମାନ କାର୍ଯ୍ୟକାରୀ ହୋଇଥିଲା । ଏହା ସହିତ ଭୁବନେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ପଶୁଚିକିତ୍ସା ଏବଂ ପଶୁ ବିଜ୍ଞାନ ମହାବିଦ୍ୟାଳୟ, ବୁର୍ଲାରେ ଇଞ୍ଜିନିୟରିଙ୍ଗ୍ କଲେଜ ସ୍ଥାପିତ ହୋଇଥିଲା ।

ମୁଖ୍ୟମନ୍ତ୍ରୀ ଭାବରେ ନବକୃଷ୍ଣ ସାଧୁ, ସଚ୍ଚୋଟ ଓ ସହାନୁଭୂତିଶୀଳ ଥିଲେ । ସେ ଖୁବ୍ ସାଧାସିଧା ଭାବରେ ଚଳୁଥିଲେ । ସେ ଆଦିବାସୀମାନଙ୍କ ଭଳି ପଛୁଆ ଲୋକ ଓ କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକମାନଙ୍କ ସମସ୍ୟା ପାଇଁ ବିଶେଷ ଧ୍ୟାନ ଦେଇଥିଲେ । ୧୯୫୫ ମସିହା ସେପ୍ଟେମ୍ବର ମାସରେ ମହାନଦୀରେ ପ୍ରବଳ ବନ୍ୟା ହେଲା । ମୁଖ୍ୟମନ୍ତ୍ରୀ ନବକୃଷ୍ଣ ନୂଆଦିଲ୍ଲୀରୁ ଏହି ଖବର ପାଇ ପ୍ରତ୍ୟାବର୍ତ୍ତନ କରି ନିଜେ ବ୍ୟକ୍ତିଗତ ଭାବରେ ରିଲିଫ୍ କାର୍ଯ୍ୟ ପରିଚାଳନା ଓ ତଦାରଖ କରିଥିଲେ ।

ଗ୍ରାମାଞ୍ଚଳରେ ଭୂମିହୀନ ବ୍ୟକ୍ତିଙ୍କ ପାଇଁ ନବକୃଷ୍ଣ ଚୌଧୁରୀ ବିଶେଷ ଭାବରେ ଚିନ୍ତିତ ଥିଲେ । ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ଥିଲାବେଳେ ଭୂଦାନ କାର୍ଯ୍ୟକ୍ରମରେ ଆଗ୍ରହ ପ୍ରଦର୍ଶନ କରିଥିଲେ । ୧୯୫୩ ମସିହାରେ ସେ ନିଜେ ବିଧାନ ସଭାରେ ଭୂଦାନ ଯଜ୍ଞ ବିଲ୍ ଉପସ୍ଥାପନ କରିଥିଲେ ଏବଂ ପାଶ୍ କରାଇଥିଲେ । ମୁଖ୍ୟମନ୍ତ୍ରୀ ଥିବାବେଳେ ସେ ଆଚାର୍ଯ୍ୟ ବିନୋବାଙ୍କ ସହିତ ଓଡ଼ିଶାର ବ୍ୟାପକ ଅଞ୍ଚଳରେ ପଦଯାତ୍ରା କରିଥିଲେ । ନବକୃଷ୍ଣଙ୍କ ବଡ଼ଭାଇ ଗୋପବନ୍ଧୁ ଚୌଧୁରୀଙ୍କ ସମସ୍ତ ପରିବାର ଭୂଦାନ ଯଜ୍ଞରେ ଯୋଗଦେଇ ଥିଲେ । ଶେଷରେ ପ୍ରଧାନମନ୍ତ୍ରୀ ନେହେରୁଙ୍କ ଇଚ୍ଛା ବିରୋଧରେ ୧୯୫୬ରେ ମୁଖ୍ୟମନ୍ତ୍ରୀ ପଦଛାଡ଼ି ନବକୃଷ୍ଣ ସର୍ବୋଦୟ ଓ ଭୂଦାନ ଆନ୍ଦୋଳନରେ ଯୋଗ ଦେଇଥିଲେ ।

ମୁଖ୍ୟମନ୍ତ୍ରୀତ୍ୱ ଛାଡ଼ିଲା ପରେ ନବକୃଷ୍ଣ ଅନୁଗୋଳରେ ମାଳତୀ ଦେବୀ ଗିରିଜା ଦତ୍ତଙ୍କଠାରୁ କିଣିଥିବା ଏକ ହେକ୍ଟର ଜାଗାରେ ନିର୍ମିତ ଛପର ଘରେ ରହିଲେ । ଏହାକୁ ସେତେବେଳେ ବାଜି ରାଉତ ଛାତ୍ରାବାସ କୁହାଯାଉଥିଲା । ଏହାଠାରୁ ୧୫ କି.ମି. ଦୂରରେ ଚମ୍ପତି ମୁଣ୍ଡାରେ ନବକୃଷ୍ଣ ଓ ମାଳତୀ ଦେବୀ ଉତ୍ତର ମୌଳିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ୧୯୫୭ ମସିହାରେ ନବକୃଷ୍ଣ ସର୍ବଭାରତୀୟ ସର୍ବସେବା ସଂଘର ସଭାପତି ହୋଇଥିଲେ । ୧୯୬୦ ମସିହାରେ ସର୍ବସେବା ସଂଘରୁ ଅବ୍ୟାହତି ନେଇଥିଲେ । ସର୍ବୋଦୟ ଆନ୍ଦୋଳନର ନେତା ଭାବରେ ଆଚାର୍ଯ୍ୟ ବିନୋବା ଭାବେଙ୍କ ତରଫରୁ ସେ ନାଗାଲାଣ୍ଡ ଯାଇଥିଲେ ଏବଂ ସେଠାରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ । ୧୯୬୭ରେ ସେ ଓଡ଼ିଶାରେ ଅଣ କଂଗ୍ରେସ ବିରୋଧୀ ଦଳମାନଙ୍କ ପାଇଁ ନିର୍ବାଚନ ପ୍ରଚାରରେ ଅଂଶ ଗ୍ରହଣ କରିଥିଲେ । ୧୯୭୪–୭୫ ମିସହା ପର୍ଯ୍ୟନ୍ତ ସେ ଜୟପ୍ରକାଶ ନାରାୟଣଙ୍କ ଅନୁରୋଧରେ ଇନ୍ଦିରା ଗାନ୍ଧୀଙ୍କ ଜରୁରୀ ବ୍ୟବସ୍ଥାକୁ ବିରୋଧ କରିଥିଲେ । ସେଥିପାଇଁ ତାଙ୍କୁ ୧୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିଥିଲା ଏବଂ ବାରିପଦା ଜେଲ୍‌ରେ ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ । ୧୯୮୪ ମସିହା ଜୁନ୍ ମାସରେ ତାଙ୍କର ସ୍ୱାସ୍ଥ୍ୟର ଅବସ୍ଥା ବହୁତ ଖରାପ ହୋଇପଡିଥିଲା । ତାଙ୍କର ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କଟକରୁ ଡାକ୍ତର ଦଳ ପଠାଇଥିଲେ । ଜୁନ୍ ୨୨ ତାରିଖ ରାତ୍ରିରେ ଶୋଇଥିବା ବେଳେ ସେ ମହତାବଙ୍କ ନାମ ଉଚ୍ଚାରଣ କରୁଥିଲେ । ଜୁନ୍ ମାସ ୨୩ ତରିଖରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ ।

**ସହାୟକ ଗ୍ରନ୍ଥ:**


ପଦ୍ମ ଚରଣ ନାୟକ, ଅନିର୍ବାଣ: ନବକୃଷ୍ଣ ଚୌଧୁରୀଙ୍କ ଜୀବନ ଓ ସମୟ, ଭୁବନେଶ୍ୱର, ୧୯୯୬

ମନମୋହନ ଚୌଧୁରୀ, କସ୍ତୁରୀ ମୃଗସମ: ମନମୋହନ ଚୌଧୁରୀଙ୍କ ଆତ୍ମକଥା, କଟକ, ୧୯୯୫

ସୁରେନ୍ଦ୍ର ନାଥ ଦ୍ୱିବେଦୀ, ମୋ ଜୀବନ ସଂଗ୍ରାମ, କଟକ, ୧୯୮୪

କାଳିନ୍ଦୀ ଚରଣ ପାଣିଗ୍ରାହୀ, ଅଙ୍ଗେ ଯାହା ନିଭାଇଛି, କଟକ, ୨୦୦୬



ଏମ୍.ଆଇ.ଜି–୬୮ଏମ୍

ବରମୁଣ୍ଡା, ହାଉସିଂବୋର୍ଡ କଲୋନୀ,

ଭୁବନେଶ୍ୱର–୭୫୧୦୦୩

# ଶାସ୍ତ୍ରୀୟତା ପ୍ରସଙ୍ଗ: ଓଡ଼ିଆ ଭାଷା ଓ ଲିପି

ଡକ୍ଟର ବସନ୍ତ କୁମାର ପଣ୍ଡା

ସଂସ୍କୃତ ସହିତ ଦକ୍ଷିଣ ଭାରତୀୟ ଭାଷାଗୁଡ଼ିକ ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଆମ ମାତୃଭାଷା ଓଡ଼ିଆର ପ୍ରାଚୀନତା ଓ ଶାସ୍ତ୍ରୀୟତା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଦେଖାଦେଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ ଯେଉଁ ଚାରୋଟି ପ୍ରାଥମିକ ମାନଦଣ୍ଡ ସ୍ଥିର କରାଯାଇଛି, ତାହାର ମୂଳକଥା ହେଲା– ଏହି ଭାଷାର ୧୫୦୦ରୁ ୨୦୦୦ ବର୍ଷର ଐତିହ୍ୟ ଓ ପରମ୍ପରା ଥିବ ଓ ଏହା ମୌଳିକ ସୃଷ୍ଟି ସମ୍ଭାରରେ ସମୃଦ୍ଧ ହୋଇଥିବ । ଏହି କଥାକୁ ସର୍ବାଦୌ ଦୃଷ୍ଟିରେ ରଖି ଓଡ଼ିଆ ଭାଷାର ପ୍ରାଚୀନତା ଓ ମୌଳିକତାକୁ ପ୍ରମାଣ କରିବା ପାଇଁ ଗବେଷଣାତ୍ମକ ଉପାଦାନ ସଂଗ୍ରହ କରି ଏହା ସପକ୍ଷରେ ପ୍ରାମାଣିକ ନଥି ପ୍ରସ୍ତୁତ କରିବାକୁ ପଡିବ। ଏ ପ୍ରକାର ଗବେଷଣା କାର୍ଯ୍ୟର ଦୁଇଟି ଦିଗ ଭାଷା ତାତ୍ତ୍ୱିକ ଓ ଲିପି ତାତ୍ତ୍ୱିକ।

ଭାଷା ତାତ୍ତ୍ୱିକ ଦିଗରୁ ଏଇ ଉଦ୍ୟମ କମ୍ ବହୁତେ ଜାରି ରହିଛି। ସ୍ଥୂଳତଃ ଓଡ଼ିଆ ଭାଷା ଅନ୍ୟସବୁ ପୂର୍ବଭାରତୀୟ ଭାଷା ସମୂହ ପରି ଭାରତୀୟ ଆର୍ଯ୍ୟଭାଷା ପରିବାର ଅନ୍ତର୍ଭୁକ୍ତ। ସଂସ୍କୃତରୁ ମାଗଧୀ ପ୍ରାକୃତ ବାଟ ଦେଇ ଦଶମ ଏକାଦଶ ଶତାବ୍ଦୀରେ ଉଦ୍‌ଭୂତ ହୋଇଥିବା ପ୍ରଥାବଦ୍ଧ ବିଶ୍ୱାସକୁ ଅସ୍ୱୀକାର କରି ଖ୍ରୀଷ୍ଟପୂର୍ବ ତୃତୀୟ ଚତୁର୍ଥ ଶତାବ୍ଦୀରୁ ଉଡ୍ର ପ୍ରାକୃତ ଭାଷାରେ ଏହାର ପ୍ରତ୍ନରୂପର ଅନୁସନ୍ଧାନ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ମୁଁ ଏଇ କଥାଟି ନୂଆ କରି କହୁନାହିଁ। ବହୁ ପୂର୍ବରୁ ଅନେକ ପଣ୍ଡିତ ଓ ଭାଷା ବିଶାରଦ ଏଇ କଥାର ସୂଚନା ଦେଇଥିଲେ। ତାହାକୁ ଗ୍ରହଣ କରିବାର ପ୍ରଥାମୁକ୍ତ ନିର୍ଭୀକତା ନଥିବାରୁ ଏପର୍ଯ୍ୟନ୍ତ ତାହା ବିବଦମାନ ହୋଇ ରହିଛି। ଏବେ ସୂକ୍ଷ୍ମ ଭାବେ ଚିନ୍ତା କରି ଭାଷା ବିଜ୍ଞାନର ଆଲୋଚନାରେ ଏହାକୁ ପ୍ରତିଷ୍ଠା ଦେବାକୁ ହେବ । ବହୁ ପ୍ରାଚୀନ ଗ୍ରନ୍ଥାନୁସାରେ ପ୍ରାଚୀନ କଳିଙ୍ଗର ନାମ ଥିଲା ଉଡ୍ର ଦେଶ । ଉଡ୍ର ଶବ୍ଦଟି ଉଦ୍ର ଶବ୍ଦର ଅପଭ୍ରଂଶ। ଏହାର ଅର୍ଥ ସନ୍ତସନ୍ତିଆ ଭୂମିଭାଗ। ପ୍ରଥମ ଶତାବ୍ଦୀରେ ରଚିତ ଭରତ ମୁନିଙ୍କ ନାଟ୍ୟ ଶାସ୍ତ୍ରରେ ଉଲ୍ଲେଖ ଅଛି–

ଶକାରାଭୀର ଚଣ୍ଡାଳ
ଶବର ଦ୍ରାବିଡୋଡ୍ରଜା
ହୀନା ବନେ ଚରାଣାଂଚ
ବିଭାଷା ନାଟକେ ସ୍ମୃତ

ନାଟ୍ୟ ଶାସ୍ତ୍ରର ସମ୍ପାଦନା କରିବା ବେଳେ ମନମୋହନ ଘୋଷ 'ଉଡ୍ରଜାଦ'କୁ 'ଆନ୍ଧ୍ରଜାଦ ରୂପେ ପରିବର୍ତ୍ତନ କରି ଦେଇଥିଲେ। କିନ୍ତୁ ଦ୍ରାବିଡ଼ ଶବ୍ଦ ପାଖରେ ଆନ୍ଧ୍ରତା ଶବ୍ଦର କୌଣସି ଅର୍ଥ ନାହିଁ । ଭୂମିକାରେ ଏକଥାକୁ ସ୍ୱୀକାର କରି ଘୋଷ ମହାଶୟ ଲେଖିଛନ୍ତି: It is almost certain that the name 'Odra' was older and enjoyed a great prestige for this reason shared the honour with magadha in giving a name to the eastern style of procedure (prabrithi) which was called odramagadhi. କେବଳ ନାଟ୍ୟଶାସ୍ତ୍ରରେ ନୁହେଁ, ମହାଭାରତଠାରୁ ଆରମ୍ଭ କରି ମାର୍କଣ୍ଡେୟଙ୍କ ପ୍ରାକୃତ ସର୍ବସ୍ୱ ପର୍ଯ୍ୟନ୍ତ ଅନେକତ୍ର ଉଡ୍ର ବିଭାଷାର ସୂଚନା ରହିଛି। ଏ କଥାରୁ 'ଅର୍ଦ୍ଧମାଗଧୀ' ନୁହେଁ 'ଉଡ୍ରମାଗଧୀ'ଯେ ଓଡ଼ିଆ ଭାଷାର ପ୍ରାଚୀନ ରୂପ ଏକଥା ବହୁ ପଣ୍ଡିତ ଅନୁମାନ କରିଛନ୍ତି। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଅଶୋକଙ୍କର କଳିଙ୍ଗ ଯୁଦ୍ଧ ସମୟରେ ଏଇ ଉଡ୍ର ମାଗଧୀ ପ୍ରାକୃତ ଯେ ପ୍ରାଚୀନ କଳିଙ୍ଗ ଅଧିବାସୀଙ୍କ ଭାଷା ଥିଲା ଏକଥା ସ୍ପଷ୍ଟ ଅନୁମିତ ହେଉଅଛି। ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂଙ୍କ ବିବରଣୀରେ 'Oda ବା Odra' ଶବ୍ଦର ଉଲ୍ଲେଖ ଏଇ ଅନୁମାନକୁ ପ୍ରମାଣ କରୁଛି। କଲିକତା ବିଶ୍ୱବିଦ୍ୟାଳୟର ପ୍ରଥମ ଭାଷା ତତ୍ତ୍ୱ ଖଇରା ପ୍ରଫେସର ତାରାପୋରେୱାଲା 'Elements of the

science of Language' ଗ୍ରନ୍ଥରେ origin of Tertiary prakrit ଅଂଶରେ ଏଇ ତୃତୀୟ ସ୍ତରର ପ୍ରାକୃତରୁ ମାଗଧୀ ବାଟଦେଇ ଓଡ଼ିଆ ଇତ୍ୟାଦି ଆସିଥିବା କଥା ଆଲୋଚନା କରିଛନ୍ତି। ଏଇ ମତକୁ ବଳିଷ୍ଠ କରି ପଣ୍ଡିତ ନୀଳକଣ୍ଠ ଦାସ 'ଓଡ଼ିଆ ଭାଷା ଓ ସାହିତ୍ୟ' ଗ୍ରନ୍ଥରେ 'ଓଡ଼ିଆ ବର୍ଣ୍ଣ ବିଚାରର ସଂକ୍ଷିପ୍ତ ସୂଚନାଦ ପ୍ରସଙ୍ଗରେ ଲେଖିଛନ୍ତି, ଏଇ ଆଲୋଚନାରେ ପ୍ରବେଶ କରିବା ପୂର୍ବରୁ ସଂସ୍କୃତ ଭାଷା ତଥା ତାହାର ବର୍ଣ୍ଣ–ବିନ୍ୟାସ ପଦ୍ଧତିର ପ୍ରକୃତି, ସଂସ୍କୃତ ଓ ପ୍ରାକୃତର ସମ୍ପର୍କ ପ୍ରତି ପ୍ରଣିଧାନ ଦେବାକୁ ହେବ। ଆଦିମ ଅର୍ଥରେ ବୁଝିଲେ 'ସଂସ୍କୃତ'ର ଅର୍ଥ 'ସମ୍ ଯୁକ୍ତ କୃତ' ଅର୍ଥାତ୍ ଏକତ୍ରୀକୃତ ଏବଂ ସୂକ୍ଷ୍ମ ପ୍ରୟୋଗରେ ସଂସ୍କୃତର ଅର୍ଥ ପରିଷ୍କୃତ ବା ନବୀନୀକୃତ। ଏଇ ଶବ୍ଦାର୍ଥରୁ ପ୍ରତୀତ ହୁଏ, ସଂସ୍କୃତ କଦାପି କୁତ୍ରାପି ଆଦିମ କଥିତ ଭାଷା ନଥିଲା। ପ୍ରାକୃତ ଭାଷାହିଁ ସର୍ବଦା କଥିତ ଭାଷା। ପାଲି ହେଉ, ମାଗଧୀ ହେଉ, ଶୌରସେନୀ ହେଉ, ପୈଶାଚୀ ହେଉ, ଓଡ଼ିଆ ବା ବଙ୍ଗଳା ହେଉ, ସମସ୍ତେ ପ୍ରାକୃତ, ଅର୍ଥାତ୍ ପ୍ରକୃତି ବା ଲୋକ ସାଧାରଣଙ୍କ ଦ୍ୱାରା ବ୍ୟବହୃତ। ଅବଶ୍ୟ ଆଦିମ କାଳରେ ପ୍ରାକୃତ ଭାଷା କିପରି ଥିଲା, ତାହା ଗବେଷଣା ପର ତତ୍ତ୍ୱ ସିଦ୍ଧିସୁମାନଙ୍କର ଅନୁସନ୍ଧେ ୟ। ପରବର୍ତ୍ତୀ ସମୟରେ ସତ୍ୟନାରାୟଣ ରାଜଗୁରୁ, ମାୟାଧର ମାନସିଂହ ଓ ବେଣୀମାଧବ ପାଢ଼ୀ ଆଦି ପ୍ରତିଷ୍ଠିତ ଗବେଷକ ଏହି କଥା ଉପରେ ଗୁରୁତ୍ୱ ଦେଇ ଆଲୋଚନା କରିଛନ୍ତି। ଏହି ଧାରାରେ ଅଧିକ ଗବେଷଣା କରି ଅଧିକ ପ୍ରାମାଣିକ ତଥ୍ୟାନୁସାରେ ଆମକୁ ଓଡ଼ିଆ ଭାଷାର ପ୍ରାଚୀନ ସ୍ୱରୂପ ଭାବେ ପ୍ରାକୃତକୁ ପ୍ରତିଷ୍ଠା ଦେବାକୁ ପଡିବ। ପ୍ରକୃତିର ଅର୍ଥ ପ୍ରଜା ବା ଜନସାଧାରଣ। ପ୍ରଜାମାନଙ୍କର ଭାଷା ପ୍ରାକୃତ। ପଣି, ବଣିକ, ଶ୍ରମଣ ଓ ଚକ୍ରବରଙ୍କ ଭାଷା ଥିଲା ପ୍ରାକୃତ। ଏହାର ଲୌକିକ ରୂପ ଥିଲା ଉଡ୍ର ପ୍ରାକୃତ। ସମ୍ରାଟ ଅଶୋକ ଓ ଖାରବେଳଙ୍କ ଶିଳାଲେଖର ଭାଷାରୁ ଶବ୍ଦ ସନ୍ଧାନ କରି ଆମ ଭାଷାର ପ୍ରତ୍ନରୂପ ଭାବରେ ତାହାକୁ ଚିହ୍ନିତ କରିବାକୁ ପଡିବ। ବର୍ତ୍ତମାନର ଓଡ଼ିଆମାନଙ୍କ ଭାଷାର ଜନ୍ମଦାତ୍ରୀ ଓଡ଼ିଆ ଭାଗବତର ରଚୟିତା ଜଗନ୍ନାଥ ଦାସ ଲେଖିଛନ୍ତି–

'ପ୍ରାକୃତ ବନ୍ଧେ ଭାଗବତ
ରଚଇ ଦାସ ଜଗନ୍ନାଥ'

ପ୍ରାକୃତ ବନ୍ଧ ଯେ ସୁପ୍ରାଚୀନ ଓଡ଼ିଆ ଭାଷାର ଆତ୍ମିକ ପରିଚୟ ଏକଥା ସ୍ମରଣୀୟ ।

ଗବେଷଣାର ଅପର ଦିଗଟି ହେଉଛି ଲିପିତାତ୍ତ୍ୱିକ ଦିଗ। ଭାଷା ଓ ଲିପି ଉଭୟେ ପରସ୍ପରର ପରିପୂରକ ହେଲେ ମଧ୍ୟ ଲିପି ଅପେକ୍ଷା ଭାଷା ଯେ, ପ୍ରାଚୀନ ଏକଥା ସର୍ବବାଦୀ ସମ୍ମତ। ପୁଣି ଲିପିରୁ ଲିଖିତ ପ୍ରମାଣର ସୂଚନା। ତେଣୁ ଏଭଳି ଐତିହାସିକ କାର୍ଯ୍ୟରେ ଲିପିତତ୍ତ୍ୱ ର ସହାୟତା ଅତ୍ୟନ୍ତ ପ୍ରୟୋଜନ। ମାନବ ସଭ୍ୟତାର ଇତିହାସରେ ଅକ୍ଷର ଏକ ମହତ୍ତମ ଅବଦାନ। ମନୁଷ୍ୟର ମୁଖ ନିସୃତ ଧ୍ୱନିକୁ ଚିରକାଳ ଧରି ରଖିବା ବା ଅକ୍ଷୟ କରିବା ଲାଗି ଅକ୍ଷର ବା ବର୍ଣ୍ଣମାଳାର ସୃଷ୍ଟି। ମନୁଷ୍ୟ ସଭ୍ୟତାର ଐତିହାସିକ ବିବର୍ତ୍ତନ ଭିତରେ ଚିତ୍ରଲିପି (Hieroglyphic) କ୍ରମେ ଭାବଲିପିକୁ (Ideogra[hic Script) ଉନ୍ନିତ ହେଲା। ଭାରତବର୍ଷର ପ୍ରାଚୀନତମ ଲିପି ବୋଲି କୁହାଯାଉଥିବା ସିନ୍ଧୁ ସଭ୍ୟତା ବା ହରପ୍ପା ସଭ୍ୟତାର ଲିପି ଏପର୍ଯ୍ୟନ୍ତ ସ୍ପଷ୍ଟ ଭାବେ ପାଠ କରାଯାଇ ପାରିନାହିଁ । କାଲିଫର୍ଣ୍ଣିଆ ଓ ହାରଭାର୍ଡ଼ ବିଶ୍ୱବିଦ୍ୟାଳୟର ଗବେଷକ ପାଲୋ ଆଲ୍ଟୋ ଓ ମାଇକେଲ୍ ୱିକେଲ୍ ଯେଉଭଳି ଭାବେ ସିନ୍ଧୁ ସଭ୍ୟତାକୁ ନିରକ୍ଷର ବୋଲି ଆପେକ୍ଷ କରିଥିଲେ, ବର୍ତ୍ତମାନ ତାହା ବିରୁଦ୍ଧରେ ପ୍ରମାଣ ସଂଗ୍ରହ ଚାଲିଛି, କିନ୍ତୁ ହରପ୍ପାର ଲିପିର ପରିଚୟ ଆମର ଏଯାଏଁ ଅଜ୍ଞାତ । ପ୍ରାଚୀନ ଭାରତରେ ଯେଉଁ ଅକ୍ଷର ଲିପି ବ୍ୟବହୃତ ହୋଇଛି ତନ୍ମଧ୍ୟରେ ପ୍ରସିଦ୍ଧ ହୋଇଛି ବ୍ରାହ୍ମୀ । ସମ୍ରାଟ ଅଶୋକଙ୍କ ଶିଳାଲେଖ ସବୁ ମୁଖ୍ୟତଃ ତିନୋଟି ଭାଷାରେ ଖୋଦିତ ହୋଇଛି – ପ୍ରାକୃତ, ଗ୍ରୀକ୍ ଓ ଆର୍ମାଇକ୍ । ଲିପି ମଧ୍ୟ ଆଫଗାନିସ୍ତାନରେ ଆର୍ମାଇକ୍ ଓ ଗ୍ରୀକ୍, ପାକିସ୍ତାନର ମାନସେହର୍ ଓ ସାବଜଗିରିରେ ଖରୋଷ୍ଠି ଓ ଅନ୍ୟ ସର୍ବତ୍ର ବ୍ରାହ୍ମୀ ବ୍ୟବହୃତ ହୋଇଛି । ପ୍ରନ୍ ଐତିହାସିକ ସିନ୍ଧୁ ସଭ୍ୟତାର ଲିପିରୁ ଅଦ୍ଭୁତ ବ୍ରାହ୍ମୀଲିପି ସବୁ ଆର୍ଯ୍ୟ ଓ ଦ୍ରାବିଡ଼ ଭାଷାର ଆଧାର ଲିପି । ବ୍ରାହ୍ମୀରୁ କାଳକ୍ରମେ ଆମ ଭାଷାର ଲିପି ଯଥା– ନାଗରୀ, ଓଡ଼ିଆ, ବଙ୍ଗଳା, ଗୁଜରାଟି ପ୍ରଭୃତି କିପରି ବିକାଶ ଲାଭ କରିଛି, ତାହାର ଚିତ୍ର ଅତି ମାର୍ମିକ ।

ପ୍ରାଚୀନ କାଳରୁ ଉତ୍କୀର୍ଣ୍ଣ ଲିପିର ଗନ୍ତାଘର ଭାବରେ ଓଡ଼ିଶା ଅପେକ୍ଷାକୃତ ବୀଭବଶାଳୀ ଅଟେ । ଏହାର ପଥୁରିଆ ପାହାଡ଼, ଗୁମ୍ଫା ଓ କଠିନ ପଥର ନିର୍ମିତ ମନ୍ଦିର ଗାତ୍ର ଶିଳାଲେଖା ପାଇଁ ଅନୁକୂଳ । ଏଠାର ପ୍ରାଚୀନତମ ପ୍ରନ୍ ସମ୍ପଦ ଭାବରେ ସମ୍ରାଟ ଅଶୋକଙ୍କର ଧଉଳି (ତୋଷାଳୀ) ଓ ଜଉଗଡ଼ (ଲୋମାପା) ଅନୁଶାସନ ବିଦ୍ୟମାନ । ଏହାର ଭାଷା ପ୍ରାକୃତ ଓ ଲିପି ପ୍ରାରମ୍ଭ କାଳୀନ ଆକୃତିର ବ୍ରାହ୍ମୀଲିପି । ସମୟ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଶେଷଭାଗ । ଏହା ପରେ ପ୍ରଥମ ଶତାବ୍ଦୀର ସମ୍ରାଟ ଖାରବେଳଙ୍କର ହାତୀଗୁମ୍ଫା ଶିଳାଲେଖ । ଏହାର ଭାଷା ପାଲି ଓ ଲିପି ବ୍ରାହ୍ମୀ । ଏଇ ଦୁଇଟି ପ୍ରାଚୀନ ସମ୍ପଦରୁ ଆମ ଭାଷାର ଉତ୍ସ ସନ୍ଧାନ କରିବା ଆମର ପ୍ରଧାନ କର୍ତ୍ତବ୍ୟ । ଏଇ ଶିଳାଲେଖରେ

ବ୍ୟବହୃତ ଭାଷାକୁ ମୂଳ ଓଡ଼ିଆ ଶବ୍ଦ ସନ୍ଧାନ କରି ଆମ ଭାଷାର ପ୍ରାଚୀନତାକୁ ପ୍ରମାଣ କରିବାକୁ ହେବ । ସମ୍ରାଟ ଅଶୋକ ଓ ଖାରବେଳଙ୍କଠାରୁ ଆରମ୍ଭ କରି ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ପର୍ଯ୍ୟନ୍ତ ବହୁ ଶାସନ ବିଭିନ୍ନ ସ୍ଥାନରେ ଶିଳାଲେଖ, ତାମ୍ରଶାସନ ଇତ୍ୟାଦି ଉତ୍କୀର୍ଣ୍ଣ କରିଯାଇଛନ୍ତି । ଏଇ ସବୁ ଉଲ୍ଲେଖଗୁଡ଼ିକରେ ବ୍ରାହ୍ମୀଲିପି ବ୍ୟତୀତ ଗୁପ୍ତଲିପି (ତୃତୀୟ ଶତାବ୍ଦୀରୁ ଷଷ୍ଠ ଶତାବ୍ଦୀ) ସୂକ୍ଷ୍ମକୋଣ ଲିପି (ଷଷ୍ଠରୁ ଏକାଦଶ) ମାଗଧୀ ଲିପି, (୧୧ଶରୁ ୧୪ଶ) ପ୍ରାଚୀନ ଓଡ଼ିଆ ଲିପି (୧୫ଶରୁ ୧୬ଶତାବ୍ଦୀ) ଓ ଆଧୁନିକ ଓଡ଼ିଆ ଲିପି (୧୬ଶ ଶତାବ୍ଦୀ ପର) ବ୍ୟବହୃତ ହୋଇଛି । ଖ୍ରୀ ୧୦୫୧ରେ ଲିଖିତ ଶ୍ରୀକାକୋଲମ୍ ଜିଲ୍ଲାର ଭରଜାମ୍ ଶିଳାଲେଖ ହେଉଛି ଓଡ଼ିଆ ଭାଷାରେ ଲିଖିତ ପ୍ରଥମ ଶିଳାଲେଖ । ଏହା ଚୋଡ଼ଗଙ୍ଗଦେବଙ୍କ ପିତାମହ ଅନନ୍ତବର୍ମଦେବଙ୍କ ରାଜତ୍ୱ କାଳର କୃତି । ଉତ୍କୀର୍ଣ୍ଣ ଶିଳାଲିପିଗୁଡ଼ିକ ମଧ୍ୟରେ କେତୋଟି ଦ୍ୱୈଭାଷିକ ଲିପି ମଧ୍ୟ ବିଦ୍ୟମାନ । ବୀର ନରସିଂହ ଦେବଙ୍କର ଭୁବନେଶ୍ୱରସ୍ଥ ତାମିଲ– ଓଡ଼ିଆ ଦ୍ୱୈଭାଷିକ ଶିଳାଲେଖ ଓ ବୀରଭାନୁ ଦେବଙ୍କର 'ଗଙ୍ଗନରସିଂହଭୋଗ' ପାଇଁ ପ୍ରଦତ୍ତ ତେଲୁଗୁ ଲିପି ଏହାର ଅନ୍ତର୍ଭୁକ୍ତ । ଏଥିରୁ ଦ୍ରାବିଡ଼ ପରିବାରର ତାମିଲ ଓ ତେଲୁଗୁ ଭାଷା ସହିତ ତଥା ଲିପି ସହିତ ଓଡ଼ିଆ ଭାଷା ଓ ଲିପିର ସୁଦୀର୍ଘ ସମ୍ପର୍କ ତା'ର ନିରବଚ୍ଛିନ୍ନତାର ସୂଚନା ଦିଏ ।

ସର୍ବତ୍ର ଶିଳାଲେଖ ବା ଅଭିଲେଖଗୁଡ଼ିକର ଭାରତୀୟ ଆର୍ଯ୍ୟ ଭାଷାର ତିନି ପ୍ରକାର ଶବ୍ଦ ଯଥା– ତତ୍ସମ (ସଂସ୍କୃତ ସହିତ ସମାନ) ତଦ୍‌ଭବ (ସଂସ୍କୃତରୁ ଉଦ୍‌ଭୂତ) ଓ ଦେଶଜ (ଆଞ୍ଚଳିକ) ବ୍ୟବହୃତ ହୋଇଛି । କାବ୍ୟାଦର୍ଶ ଅନୁଯାୟୀ ତଦ୍ଭବଃ ତତ୍ସମଃ ଦେଶତ୍ୟନେତଃ ପ୍ରାକୃତକ୍ରମଃ ସିଦ୍ଧାନ୍ତ ରହିଛି । ହାର୍ନେଲଙ୍କ ବ୍ୟାକରଣ ପରେ କେତେକ ତତ୍ସମକୁ ତତ୍ସମ ଓ ଅର୍ଦ୍ଧ ତତ୍ସମରେ ପରିଣତ କରିଛନ୍ତି । ପ୍ରାଚୀନ ଶିଳାଲେଖଗୁଡ଼ିକରୁ ତତ୍ସମ ଓ ତଦ୍‌ଭବ ଶବ୍ଦ ଅପେକ୍ଷା ଦେଶୀୟ ଶବ୍ଦ ସନ୍ଧାନ କରି ଆମ ଭାଷା ସହିତ ତାର ମୂଳ ସମ୍ପର୍କକୁ ସନ୍ଧାନ କରିବା ଅଧିକ ନିର୍ଭରଯୋଗ୍ୟ ଓ ନିର୍ଭୁଲ ହେବ । ଦେଶୀୟ ଶବ୍ଦ ମଧ୍ୟରୁ କେତେକ ଦ୍ରାବିଡ଼ ଭାଷା ପରିବାରର କିମ୍ବା ଦକ୍ଷିଣ ଭାରତୀୟ ଭାଷା ସହିତ ସମାନ ଓ ଅଳ୍ପ କେତେକ ମୁଣ୍ଡ ପରିବାରର ବୋଲି ଓଡ଼ିଆ ଭାଷା ଓ ଲିପିର ବିବର୍ତ୍ତନ ଗ୍ରନ୍ଥ ଗବେଷକ କୁଞ୍ଜବିହାରୀ ତ୍ରିପାଠୀ ଲେଖିଛନ୍ତି– ଅଶୋକ ଓ ଖାରବେଳଙ୍କ ଶିଳାଲେଖରେ ବ୍ୟବହୃତ କେତେକ ଶବ୍ଦ ପରବର୍ତ୍ତୀ ସମୟର ଓଡ଼ିଆ ଶିଳାଲେଖରେ ମଧ୍ୟ ବ୍ୟବହୃତ ହୋଇଥିବା କଥା ଡଃ ତ୍ରିପାଠୀ ଉଲ୍ଲେଖ କରିଛନ୍ତି । ଶିଳାଲେଖଗୁଡିକୁ ଯାଞ୍ଚ କରିଥିବା ଭାଷାତତ୍ତ୍ୱବିତ୍ ସୁନୀତି କୁମାର ଚାଟାର୍ଜୀଙ୍କ ମତ ଉଦ୍ଧାର କରି ଡଃ ତ୍ରିପାଠୀ ଲେଖିଛନ୍ତି, 'ଉକ୍ତ ଶିଳାଲେଖ ଗୁଡିକରେ ଖୋଦିତ ହୋଇଥିବା ପ୍ରାଚୀନ ଓଡ଼ିଆ ଏକ ଜୀବନ୍ତ ଭାଷା, ଓଡ଼ିଶାର ସାହିତ୍ୟିକ ଭାଷା ବଙ୍ଗଳା ଭାଷା ଅପେକ୍ଷା ଅଧିକ ସାଂସ୍କୃତାନୁସାରୀ ଏବଂ ବୃହତ୍ ଆକାରରେ ଲେଖାଯାଇଥିଲେ ଏଗୁଡିକ ଏତେ ଚମକପ୍ରଦ ହୋଇପାରି ନଥାନ୍ତା । କେତେକ ପ୍ରାଚୀନ ଓ ଅପ୍ରଚଳିତ ଶବ୍ଦର ରୂପ ଏଗୁଡିକରେ ସ୍ଥାନ ପାଇଛି ଯଥା– ସଂଯୋଜକ, ଇନ୍–ଇତା । କିନ୍ତୁ ପରିମାଣାତ୍ମକ ଦିଗରୁ ବିଚାର କଲେ ଏଗୁଡିକ ଗୋଟିଏ ଜାତୀୟ ସାହିତ୍ୟିକ ଭାଷାର ସମ୍ମାନିତ ରୂପ । ଅଶୋକଙ୍କ ଶିଳାଲେଖ ଓ ଅଭିଲେଖର ସଂଗ୍ରାହକ ଓ ସମ୍ପାଦକ ପ୍ରଫେସର ଦୀନେଶ ଚନ୍ଦ୍ର ସରକାର ଓଡ଼ିଶାର ଧଉଳି ଓ ଜଉଗଡ଼ଠାରେ ଥିବା ପ୍ରସ୍ତର ଲେଖ ଦ୍ୱୟକୁ ସ୍ୱତନ୍ତ୍ର ଅନୁଶାସନ ଭାବେ ଗ୍ରହଣ କରିଛନ୍ତି ।

ଏହିସବୁ ସୂଚନା ଓ ଆଲୋଚନାର ଆଧାରରେ ଆମର ଗବେଷଣା ଓ ଅନୁସନ୍ଧାନକୁ ତ୍ୱରାନ୍ୱିତ କରି ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତିର ପଥ ସୁଗମ କରିବାକୁ ପଡିବ । ପ୍ରଥମରୁ ଲେଖିଥିଲି ଏହା ଏକ ଜାତୀୟ ଆହ୍ୱାନ । ଏଥିରେ ସରକାର, ଜନସାଧାରଣ ଓ ଗଣମାଧ୍ୟମର ଯେପରି ଭୂମିକା ରହିଛି ତା' ଅପେକ୍ଷା ଭାଷାବିତ୍, ଲିପିତତ୍ତ୍ୱ ବିତ୍ ଓ ଐତିହାସିକମାନଙ୍କର ଦାୟିତ୍ୱ ଯଥେଷ୍ଟ ବେଶୀ । ଏକଥା ଆମକୁ ଅଙ୍ଗୀକାର କରି ଏଇ ଜାତୀୟ କାର୍ଯ୍ୟରେ ମନୋନିବେଶ କରିବାକୁ ପଡିବ । ଏହା ହିଁ ହେବ ଆମର ଐତିହ୍ୟର ଉତ୍ତରାଧିକାରର ଶ୍ରେଷ୍ଠ ନିଦର୍ଶନ ।

ଇଳା ସରସ୍ୱତୀ ମହୀ ତିସ୍ରୋଦେବୀ
ମୟୋର୍ଭୂବଃ ବହିର୍ସିଦ୍ଧଂ ତ୍ୱଂ ସିଦ୍ଧଃ ॥

ଓଡ଼ିଆ ବିଭାଗ,
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ,
ଭୁବନେଶ୍ୱର–୨୨

❖ ❖ ❖

# କେନ୍ଦ୍ରାପଡ଼ାଧୀଶ ଲଙ୍ଗଳଧାରୀ ଶ୍ରୀ ଶ୍ରୀ ବଳରାମ

ନେପାଳ ପ୍ରକାଶ ସାମନ୍ତ

ତୀର୍ଥଯାତ୍ରା କାଳରେ ଶ୍ରୀ ଶ୍ରୀ ଲଙ୍ଗଳଧାରୀ ବଳରାମ କପିଳମୁନି ଆଶ୍ରମରୁ ଦ୍ୱାରକାକୁ ଫେରିବା ସମୟରେ ରସୁଲପୁର କାନ୍ଥି ଦେଇ ବାଲେଶ୍ୱର ଜିଲ୍ଲାର ଲଙ୍ଗଳେଶ୍ୱରଠାରେ ପହଞ୍ଚିଥିଲେ। ଲଙ୍ଗଳେଶ୍ୱର, ବାଲେଶ୍ୱର ଶ୍ରୀ ଶ୍ରୀ ବଳରାମଙ୍କର ତୀର୍ଥଯାତ୍ରାର ପ୍ରତୀକ ଅଟେ। ତା'ପରେ ଗୁଡ଼୍‌ର ବଳଦେବଜୀଉ ମନ୍ଦିର ଦେଇ ଯାଜପୁରର କ୍ରୋଡ଼ଆଖଣ୍ଡଳେଶ୍ୱର ମନ୍ଦିରରେ ରାତ୍ରି ଯାପନ କଲେ, କ୍ରୋଡ଼ଆଖଣ୍ଡଳେଶ୍ୱର, ନାରାୟଣ ଛକ, ଯାଜପୁରରେ ଅବସ୍ଥାନ ସମୟରେ ବ୍ରାହ୍ମଣମାନଙ୍କ ମୁହଁରୁ କନ୍ଦରାସୁରର ଅତ୍ୟାଚାର ଓ ଉତ୍ପୀଡନ କଥା ଶୁଣିଲା ପରେ ବ୍ରାହ୍ମଣମାନଙ୍କୁ ବୈତରଣୀ ନଦୀକୂଳରେ ଯଜ୍ଞ କରିବାକୁ ଆଦେଶ କଲେ। ଯଜ୍ଞକାର୍ଯ୍ୟ ଚାଲିଥିଲା ବେଳେ କନ୍ଦରାସୁରର ଚରମାନେ ଆସି ଯଜ୍ଞସ୍ଥଳକୁ ନଷ୍ଟଭ୍ରଷ୍ଟ କରିବାକୁ ଉଦ୍ୟତ ହେବାରୁ ଲଙ୍ଗଳ ଧାରୀ ବଳରାମ ଲଙ୍ଗଳଧରି ସେମାନଙ୍କୁ ଦମନ କରିବାକୁ ଆସିଲେ । ଚରମାନେ ଭୟରେ ସେ ସ୍ଥାନ ତ୍ୟାଗ କରି ପଳାୟନ କଲେ । ବଳରାମ ଲଙ୍ଗଳ ଧରି ସେମାନଙ୍କୁ ଅନୁସରଣ କରି ଚାରିଲଙ୍ଗଳଠାରେ ପହଞ୍ଚିଲେ। ସେଠାରେ କନ୍ଦରାସୁରଙ୍କ ପିତାଙ୍କୁ ଅନୁସରଣ କରି ଚାରିଲଙ୍ଗଳଠାରେ ପହଞ୍ଚିଲେ। ସେଠାରେ କନ୍ଦରାସୁରଙ୍କ ପିତା ଶଙ୍କୁ କର୍ଣ୍ଣକୁ ମାଡ଼ି ବସିଲେ। ଏବେ ମଧ୍ୟ ତାଙ୍କର ଏହି ସ୍ଥାନରେ ଆଣ୍ଠୁର ଚିହ୍ନ ରହିଛି। ଏହି ଅବସ୍ଥାରେ ସେ କନ୍ଦରାସୁରର ପିତାମହଙ୍କ ଆବାସସ୍ଥଳୀ ସମ୍ବନ୍ଧ ରେ ଅବଗତ ହେଲେ ଏବଂ ଶଙ୍କୁ କର୍ଣ୍ଣକୁ ଲଙ୍ଗଳରେ ପ୍ରହାର କରି ତାର କଟି ଓ ଅଙ୍ଗ ବିଚ୍ଛିନ୍ନ କରି ଦେଲେ। ସେଥିପାଇଁ ଚାରିଲଙ୍ଗଳ, କଟିକଟା, ଖଡ଼ିଅଙ୍ଗ ପ୍ରଭୃତି ନାମକରଣ ହୋଇଛି।



କନ୍ଦରାସୁର କପିଳାସର ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଦେବଙ୍କ ଆରାଧକ ଓ କେନ୍ଦ୍ରାପଡ଼ା ତାହାର ଆବାସସ୍ଥଳୀ, ଏ କଥା ଶଙ୍କୁ କର୍ଣ୍ଣ ଶ୍ରୀ ଶ୍ରୀ ବଳରାମଙ୍କୁ ଜଣାଇ ଥିଲେ। ବଳରାମ କପିଳାସରେ ପହଞ୍ଚି କନ୍ଦରାସୁରକୁ ଯୁଦ୍ଧ ପାଇଁ ହୁଙ୍କାର ଦେଲେ ମଧ୍ୟ ତାହାକୁ ସେଠାରେ ନପାଇ କ୍ରୋଧାନ୍ୱିତ ହୋଇ ଲଙ୍ଗଳମୁନରେ ପାହାଡ଼ ତାଡ଼ିବାରୁ ସେଠାରେ ଝରଣା ସୃଷ୍ଟି ହେଲା। ଅଦ୍ୟାବଧି ସେହି ଝରଣାର ନାମ ଲଙ୍ଗଳାୟୁଧ ଝରଣା ଅଟେ। କପିଳାସରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଖୋଜି ବଳରାମ କନ୍ଦରାସୁରକୁ ନପାଇବାରୁ ନିରାଶ ହୋଇ କେନ୍ଦ୍ରାପଡ଼ା ଅଭିମୁଖେ ଯାତ୍ରା କଲେ। ଏଠାରେ ପହଞ୍ଚି କନ୍ଦରାସୁରକୁ ଖୋଜି ତା ସହିତ ଯୁଦ୍ଧ କଲେ। ତାହାର ଶରୀର ଖଣ୍ଡବିଖଣ୍ଡିତ ହୋଇ ଏଠି ସେଠି ଛିଟିକି ପଡ଼ିଲା ଏବଂ ଏହି ବିଚ୍ଛିନ୍ନ ଅଙ୍ଗଗୁଡିକର ନାମାନୁସାରେ ବଳଗଣ୍ଡି, ଖଡ଼ିଅଙ୍ଗ, ନାକପୋଲ ଇତ୍ୟାଦି ନାମ ହେଲା। ପୁନଶ୍ଚ ବଳରାମ କନ୍ଦରାସୁରର ପିତାମହ ମଧୁ ଦୈତ୍ୟର ଆବାସସ୍ଥଳୀକୁ ଖୋଜି ତାକୁ ବଧ କଲେ। ମଧୁ ଦୈତ୍ୟର ମୁଣ୍ଡ ପଡିଥିବା ଜାଗାର ନାମ ଅସୁରେଶ୍ୱର, କଟି ପଡିଥିବା ଜାଗାର ନାମ ହେଲା କଟିକଟା ଓ ମଧୁଦୈତ୍ୟର ପ୍ରବାହିତ ରକ୍ତଧାରା ମଧୁସାଗର ନାମରେ ଅଦ୍ୟାବଧି ବିଦିତ ଅଛି। କଥିତ ଅଛି କନ୍ଦରାସୁର ଗଡ଼, ଯାହାକି ଲଳିତଗିରି ପାହାଡ଼ରେ ଅବସ୍ଥିତ ଥିଲା, ସେଠାରେ ଶ୍ରୀ ଶ୍ରୀ ବଳରାମ ଯାଇ ପହଞ୍ଚିଲେ ଏବଂ କନ୍ଦରାସୁରର ପାଳିତ କନ୍ୟା ମାତା ତୁଳସୀକୁ ସାକ୍ଷାତ କଲେ। ତୁଳସୀଙ୍କ ଦୁଃଖରେ ଦୁଃଖିତ ହୋଇ ତାଙ୍କର

ପାଣିଗ୍ରହଣ କଲେ ଏବଂ ତୁଳସୀଙ୍କ କଥାନୁସାରେ ପିତାଙ୍କୁ ବଧ କରିଥିବା ଜାଗାର ନାମ କେନ୍ଦ୍ରାପଡ଼ା ହେଲା ଏବଂ ତୁଳସୀଙ୍କ କଥାନୁସାରେ ତୁଳସୀକ୍ଷେତ୍ର ଏବଂ ମଧୁଦୈତ୍ୟଙ୍କ ଶରୀରରୁ ପ୍ରବାହିତ ହୋଇଥିବା ଲହୁଧାରକୁ 'ମଧୁସାଗର' ନାମରେ ନାମିତ କଲେ । ଉଦାହରଣ ସ୍ୱରୂପ କାଞ୍ଚିଅଭିଯାନ ବେଳେ ଦୁଇ ଭ୍ରାତା ମାଣିକ ଗଉଡୁଣୀଠାରୁ ଦହି ଖାଇଥିଲେ ବୋଲି ସେହି ସ୍ଥାନର ନାମ ମାଣିକପାଟଣା ନାମରେ ନାମିତ ହୋଇଥିଲା । ଦେବୀ ତୁଳସୀ ଯେତେବେଳେ ବଳରାମଙ୍କ ନିକଟରେ ଦୁଃଖ ପ୍ରକାଶ କଲେ ସେତେବେଳେ ବଳରାମ ତାଙ୍କୁ ପୂର୍ବଜନ୍ମର ଅଭିଶାପକୁ ମନେପକାଇ ଦେଲେ ଯେ ଏକଦା ଦେବାଦିଦେବ ମହାଦେବ ଯେତେବେଳେ ପାର୍ବତୀଙ୍କ ସଙ୍ଗରେ ରତିକ୍ରିୟାରେ ବ୍ୟସ୍ତ ଥିଲେ ସେତିକିବେଳେ ଦେବତାମାନଙ୍କ ଉପରେ ଅସୁରମାନେ ଅତ୍ୟାଚାର କରିବାକୁ ଲାଗିଲେ । ଦେବତାମାନେ ଏଥିରୁ ରକ୍ଷା ପାଇବା ପାଇଁ ମହାଦେବଙ୍କ ଶରଣ ପଶିଲେ । ନନ୍ଦୀ ଦ୍ୱାରରେ ଥାଇ ସେମାନଙ୍କୁ ପ୍ରବେଶ କରିବାକୁ ଦେଲେ ନାହିଁ । କାରଣ ମାତା ପାର୍ବତୀଙ୍କ ନିର୍ଦ୍ଦେଶ ଥିଲା, କାହାରିକୁ ଭିତରକୁ ପ୍ରବେଶ କରାଇ ନଦେବାକୁ । ଦେବତାମାନେ ଚିନ୍ତାଗ୍ରସ୍ତ ହୋଇପଡିଲେ । ସମସ୍ତେ ଅଗ୍ନିଦେବତାଙ୍କୁ ଛଦ୍ମବେଶ ଧରି ଭିତରକୁ ଯିବାକୁ ଅନୁରୋଧ କଲେ । ଅଗ୍ନିଦେବତା ଛଦ୍ମବେଶରେ ଭିତରକୁ ଗଲେ । ମାତା ପାର୍ବତୀ ଅଗ୍ନିଦେବତାଙ୍କୁ ଦେଖି କ୍ରୋଧାନ୍ୱିତ ହେଲେ । ମାତ୍ର ତତ୍‌କ୍ଷଣାତ୍ କ୍ରୋଧକୁ ସମ୍ଭାଳି ଅଗ୍ନିଦେବତାଙ୍କ ଆସିବାର କାରଣ ପଚାରିଲେ । ଅଗ୍ନିଦେବତା ପ୍ରସ୍ଥାନ କରିବା ପରେ ସେ ନନ୍ଦୀଙ୍କୁ ଆଦେଶ ଅମାନ୍ୟ କରିଥିବାରୁ ମର୍ତ୍ତ୍ୟରେ ଅସୁର ରୂପରେ ଜନ୍ମ ନେବାକୁ ଅଭିଶାପ ଦେଲେ । ନନ୍ଦୀ ଏଥିରେ ବ୍ୟଥିତ ହୋଇ ନିଜକୁ ନିର୍ଦ୍ଦୋଷ କହି ଶାପମୁକ୍ତ ହେବା ପାଇଁ ମହାଦେବଙ୍କୁ ପ୍ରାର୍ଥନା କଲେ । ମହାଦେବ ନନ୍ଦୀଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ନନ୍ଦୀଙ୍କୁ ଶାପମୁକ୍ତ କରିବା ପାଇଁ କହିଲେ ମାତା ପାର୍ବତୀ ଅସୁରର କନ୍ୟା ରୂପରେ ଜନ୍ମ ହେବେ ଏବଂ ସ୍ୱୟଂ ମହାଦେବ ଶ୍ରୀ ଶ୍ରୀ ବଳରାମ ରୂପ ନେଇ ଧରାଧାମକୁ ଆସିବେ ଏବଂ ଅସୁରରୂପୀ ନନ୍ଦୀକୁ ଯୁଦ୍ଧରେ ପରାସ୍ତ କରି ଶାପମୁକ୍ତ କରିବେ ଏବଂ ଅସୁର ଦୁହିତା ମାତା ତୁଳସୀ (ପାର୍ବତୀ)ଙ୍କୁ ବିବାହ କରିବେ । ଏହା ଶୁଣିବା ମାତ୍ରେ ମାତା ତୁଳସୀ ପୂର୍ବଜନ୍ମର ସମସ୍ତ କଥା ସ୍ମରଣକୁ ଆଣିଲେ । ତା'ପରେ ବଳରାମ ତୁଳସୀଙ୍କୁ ବୃକ୍ଷ ରୂପରେ ରଖି ପୁନରାୟ ତୀର୍ଥ ଭ୍ରମଣରେ ଯାତ୍ରା କଲେ । ତୀର୍ଥଯାତ୍ରାବେଳେ ସେ ବିଭିନ୍ନ ନଦନଦୀ ପାରିହୋଇ ଜଗତ୍‌ସିଂହପୁରରେ ପହଞ୍ଚିଲେ । ସେଠାରୁ ପୁରୀ ଗଲେ ଏବଂ ପୁରୀରେ ଶ୍ରୀ ଶ୍ରୀ ଲୋକନାଥ ଓ ମାର୍କଣ୍ଡେଶ୍ୱରଙ୍କୁ ଦର୍ଶନ କରି ବାଲୁଗାଁ ବାଟ ଦେଇ (ଲଙ୍ଗଳେଶ୍ୱର) ଋଷିକୂଲ୍ୟା ଓ ନର୍ମଦା ନଦୀ କୂଳେ କୂଳେ ଦ୍ୱାରକାରେ ପହଞ୍ଚିଥିଲେ । ଲଙ୍ଗଳେଶ୍ୱର, ବାଲୁଗାଁ ଶ୍ରୀ ଶ୍ରୀ ବଳରାମଙ୍କର ତୀର୍ଥଯାତ୍ରାର ପ୍ରତୀକ ଅଟେ ।

ପୁରୀ ଗଜପତି ମହାରାଜ ଶ୍ରୀ ରାମଚନ୍ଦ୍ର ଦେବ ସୁବେଦାରଙ୍କ କନ୍ୟାଙ୍କୁ ବିବାହ କରି ମୁସଲମାନ ଧର୍ମ ଗ୍ରହଣ କରିଥିବାରୁ ଶ୍ରୀଜଗନ୍ନାଥ ମନ୍ଦିରଟି ଯବନମାନଙ୍କ ରୋଷରୁ ରକ୍ଷା ପାଇଗଲା । କିନ୍ତୁ କେନ୍ଦ୍ରାପଡ଼ା ଓ ଅଯୋଧ୍ୟାରେ ଏପରି କୌଣସି ଘଟଣା ଘଟିନଥିବାରୁ ଏହି ମନ୍ଦିରଗୁଡିକ ରକ୍ଷା ପାଇଲା ନାହିଁ ।

ଗୁଜୁରାଟ ରାଜାମାନେ ଦ୍ୱାରକାଧୀଶଙ୍କ ଗମ୍ବୁଜାକୃତି ମନ୍ଦିର ପରି କେନ୍ଦ୍ରାପଡ଼ାର ଶ୍ରୀ ଶ୍ରୀ ବଳରାମ ମନ୍ଦିର ଓ ମୂର୍ତ୍ତି ନିର୍ମାଣ କରାଇଥିଲେ । ଔରଙ୍ଗଜେବ୍‌ଙ୍କ ସମୟରେ ମନ୍ଦିରକୁ ପରିବର୍ତ୍ତନ କରି ମସଜିଦ୍ କରାଯାଇଥିଲା । ଦ୍ୱାରକାର ସମସ୍ତ ମନ୍ଦିରଗୁଡିକ ଗମ୍ବୁଜ ପରି ତିଆରି ହୋଇଛି । ଦ୍ୱାରକାରେ ଶ୍ରୀକୃଷ୍ଣ ଦେହତ୍ୟାଗ ପରେ ଭାସମାନ କାଠରୁ ପୁରୀରେ ଶ୍ରୀଜୀଉଙ୍କ ମୂର୍ତ୍ତି ଗଢ଼ା ହୋଇଥିଲା । ତେଣୁ ଅନୁମାନ କରାଯାଏ ବହୁ ପୂର୍ବରୁ ଗୁଜୁରାଟ ରାଜାମାନେ ଗମ୍ବୁଜ ପରି ମନ୍ଦିର କେନ୍ଦ୍ରାପଡ଼ାରେ ତିଆରି କରିଥିଲେ । ସେଥିପାଇଁ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ବହୁତ ପୂର୍ବରୁ କେନ୍ଦ୍ରାପଡ଼ାରେ ଶ୍ରୀ ଶ୍ରୀ ବଳରାମ ମନ୍ଦିର ଥିଲା କିନ୍ତୁ ଅଯୋଧ୍ୟାର ଶ୍ରୀ ଶ୍ରୀ ରାମ ମନ୍ଦିର କେନ୍ଦ୍ରାପଡାର ଶ୍ରୀ ଶ୍ରୀ ବଳରାମ ମନ୍ଦିରଠାରୁ ପୁରୁଣା ଅଟେ । ଓଡ଼ିଶାର ରାଜା ଓ ମହାରାଜାମାନେ ବୌଦ୍ଧଧର୍ମ ଗ୍ରହଣ କଲାପରେ ଲଙ୍ଗଳଧାରୀ ଶ୍ରୀ ଶ୍ରୀ ବଳରାମ ମୂର୍ତ୍ତି ରଖି ନାହାନ୍ତି । ସବୁ ନଷ୍ଟ କରି ଦେଇଛନ୍ତି । ଓଡ଼ିଶାରେ ସବୁ ଠାକୁରଙ୍କ ନର ରୂପରେ ମୂର୍ତ୍ତି ଅଛି । ମାତ୍ର ଦୁଃଖର କଥା ଓଡ଼ିଶାରେ ଲଙ୍ଗଳଧାରୀ ଶ୍ରୀ ଶ୍ରୀ ବଳରାମଙ୍କ କେଉଁଠାରେ ମୂର୍ତ୍ତି ନାହିଁ । ପ୍ରତ୍ୟେକ ଶ୍ରୀ ଶ୍ରୀ ବଳଦେବ ଜୀଉ ମନ୍ଦିରରେ ଶ୍ରୀ ଶ୍ରୀ ଲଙ୍ଗଳଧାରୀ ବଳରାମ ମୂର୍ତ୍ତି ପ୍ରତିଷ୍ଠା କରାଯାଉ ଏବଂ ଏହାର ତଥ୍ୟକୁ ଅନୁସନ୍ଧାନ କରାଯାଉ ଏବଂ ପ୍ରଚାର କରାଯାଉ ।

କେନ୍ଦ୍ରାପଡ଼ାର ପ୍ରାଚୀନତମ ମନ୍ଦିର ହେଉଛି ଶ୍ରୀ ଶ୍ରୀ ଲଙ୍ଗଳଧାରୀ ବଳରାମ ମନ୍ଦିର ବା ଶ୍ରୀ ଶ୍ରୀ ଦାଉଜୀ ମନ୍ଦିର ବା ଶ୍ରୀ ବଳଦେବଙ୍କ ମନ୍ଦିର । ଦ୍ୱାରକାଧୀଶଙ୍କ ମନ୍ଦିର ନିର୍ମାଣ ବେଳେ ଗୁଜୁରାଟ ରାଜାମାନେ କେନ୍ଦ୍ରାପଡ଼ାରେ ମନ୍ଦିର ମଧ୍ଯ ତିଆରି କରିଥିଲେ । ଶ୍ରୀ ଶ୍ରୀ ଦ୍ୱାରକାଧୀଶଙ୍କ ମନ୍ଦିର ଏବଂ କେନ୍ଦ୍ରାପଡ଼ାର ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ମନ୍ଦିର ପୂର୍ବରୁ ଗମ୍ବୁଜ ଢ଼ାଞ୍ଚାରେ ତିଆରି ହୋଇଛି । ଏହାକୁ ଅନୁସନ୍ଧାନ କରାଗଲେ ଅନେକ ତଥ୍ୟ ମିଳିପାରିବ କାରଣ ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ପରେ ଶ୍ରୀ ଶ୍ରୀ

ଜଗନ୍ନାଥଙ୍କ ମନ୍ଦିର ପୁରୀରେ ନିର୍ମାଣ ହୋଇଥିଲା। ତା ପୂର୍ବରୁ ବଳରାମ ତୀର୍ଥଯାତ୍ରା କରିବାକୁ ଆସି ଓଡ଼ିଶାକୁ ଆସିଥିଲେ। ସେତେବେଳେ ଶ୍ରୀ ଶ୍ରୀ ବଳରାମଙ୍କ ମନ୍ଦିର କେନ୍ଦ୍ରାପଡ଼ାରେ ତିଆରି ହୋଇଥିଲା। କେନ୍ଦ୍ରାପଡ଼ାର ଶ୍ରୀ ଶ୍ରୀ ବଳରାମ ଦେବଜୀଉ ମନ୍ଦିର ଦଖଲ ପୂର୍ବରୁ ଓଡ଼ିଶାର ହିନ୍ଦୁ ରାଜା ଓ ମହାରାଜା ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ ଏବଂ ଓଡ଼ିଶାରେ ଥିବା ସମସ୍ତ ଶ୍ରୀ ବଳଦେବ ଜୀଉ ମନ୍ଦିରରୁ ଶ୍ରୀ ଶ୍ରୀ ବଳରାମଙ୍କ ମୂର୍ତ୍ତିକୁ ପରିବର୍ତ୍ତନ କରି ହାତଗୋଡ ବିହୀନ ଶ୍ରୀ ଶ୍ରୀ ବଳଦେବ ଜୀଉ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ ବୋଲି ଅନୁମାନ କରାଯାଏ। ଓଡ଼ିଶାରେ ସବୁ ଠାକୁରଙ୍କର ହାତଗୋଡ଼ ଥିବା ମୂର୍ତ୍ତି ଅଛି। କିନ୍ତୁ ହାତଗୋଡ଼ ଥିବା ଶ୍ରୀ ଶ୍ରୀ ଲଙ୍ଗଳଧାରୀ ବଳରାମଙ୍କ ମୂର୍ତ୍ତି ଓଡ଼ିଶାରେ ନାହିଁ ।

ଉଦାହରଣ ସେତେବେଳେ ଆଳି ରାଜା ବ୍ରାହ୍ମଣମାନଙ୍କ ସହାୟତାରେ ଲକ୍ଷ୍ମୀବରାହ ମୂର୍ତ୍ତିକୁ ନିଜ ରାଜ୍ୟକୁ ନେଇ ଆସିଥିଲେ। କାରଣ ପ୍ରତ୍ୟେକ ଦିନ ଦର୍ଶନ ପାଇଁ ଯାଜପୁରକୁ ଆସିବାକୁ ରାଜାଙ୍କୁ ଅସୁବିଧା ହେଲା। ସେତେବେଳେ ପ୍ରଜାମାନେ ମୂର୍ଖ ଥିଲେ। ରାଜା ମହାରାଜା ଓ ବ୍ରାହ୍ମଣମାନେ ଯାହା ପ୍ରଜାମାନଙ୍କୁ ବୁଝାଉଥିଲେ, ସେମାନେ ଅନ୍ଧ ଭାବରେ ତାହା ଗ୍ରହଣ କରି ନେଉଥିଲେ।

କେନ୍ଦ୍ରାପଡ଼ାରେ ଶ୍ରୀ ଶ୍ରୀ ବଳଦେବ ଜୀଉ ମନ୍ଦିର ଆଉରେଙ୍ଗଜେବଙ୍କ ସୁବେଦାର ଦଖଲ କରିବା ଆଶଙ୍କାରେ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ପୂଜକମାନେ ଶ୍ରୀ ଶ୍ରୀ ବଳଦେବଜୀଉ ମୂର୍ତ୍ତିକୁ ସଖୀବାଟଠାରେ ଥିବା ଘନ ଜଙ୍ଗଲ ମଧ୍ୟରେ ଲୁଚାଇ ରଖିଥିଲେ। କିଛି ଦିନ ପରେ ପୂଜକମାନେ ନିଜ ଚେଷ୍ଟାରେ ସେଠାରେ ଗୋଟିଏ ଛୋଟିଆ ମନ୍ଦିର କରି ଏକା ଶ୍ରୀ ଶ୍ରୀ ବଳଦେବଜୀଉ ମୂର୍ତ୍ତି ବସିଲା ପରି ସିଂହାସନଟିଏ ତିଆରି କରି ପୂଜା ଅର୍ଚ୍ଚନା କରୁଥିଲେ। ଘନ ଜଙ୍ଗଲ ମଧ୍ୟରେ ପୂଜା ଅର୍ଚ୍ଚନା କରିବାକୁ ଅସୁବିଧା ହେବାରୁ ପୂଜକମାନେ ସେତେବେଳର କୁଜଙ୍ଗ ରାଜାଙ୍କୁ ଏକଥା ଜଣାଇଲେ। ତତ୍କାଳୀନ କୁଜଙ୍ଗ ରାଜା ଠାକୁରଙ୍କୁ ନିଜ ରାଜ୍ୟକୁ ନେଇଯିବା ପାଇଁ ମନସ୍ଥ କଲେ। ଏଠାରେ ଉଲ୍ଲେଖ କରାଯାଇପାରେ (ପୁରୀର ରଥ ଦାଣ୍ଡରେ ମାଳିନୀ ନଦୀ ପ୍ରବାହ ହେଉଥିଲା)। ସେତେବେଳେ ମଧୁସାଗର ନଦୀଟି ଇଚ୍ଛାପୁର ମଧ୍ୟ ଦେଇ ପ୍ରବାହିତ ହେଉଥିଲା ଏବଂ କ୍ରମଶଃ ପୋତି ହୋଇଗଲାଣି, ଯେପରି ପୁରୀ ବଡ଼ଦାଣ୍ଡରେ ମାଳିନୀ ନଦୀ ପ୍ରବାହିତ ହେଉଥିଲା, ଏବେ ପୋତି ହୋଇଯାଇଛି। ସେତେବେଳେ କୁଜଙ୍ଗ ରାଜା ଡ଼ଙ୍ଗା ସାହାଯ୍ୟରେ ମଧୁସାଗର ନଦୀରେ ଶ୍ରୀ ଶ୍ରୀ ଠାକୁରଙ୍କୁ ନେଇଯାଉଥିବା ସମୟରେ ସନ୍ଧ୍ୟା ହୋଇଯିବାରୁ ଶିବଲିଙ୍ଗ ଥିବା ଛେଦରା ଜମିଦାରଙ୍କ ଇଲାକାରେ ଡ଼ଙ୍ଗାଟି କୂଳରେ ରଖି ବିଶ୍ରାମ ନେବାକୁ ବ୍ୟବସ୍ଥା କଲେ। ରାତିରେ କୁଜଙ୍ଗ ରାଜାଙ୍କୁ ସ୍ୱପ୍ନ ହେଲା। ଠାକୁର କହୁଛନ୍ତି ମୁଁ ଏଠାରେ ରହିବି, ମୁଁ କେଉଁଠାକୁ ଯିବି ନାହିଁ। ରାଜା ଦେଖିଥିବା ସ୍ୱପ୍ନ କଥା ସମସ୍ତଙ୍କୁ ଜଣାଇଲେ। ଛେଦରା ଜମିଦାରଙ୍କ ମଧୁସାଗର ନଦୀ କୂଳରେ ଉଆସ ଥିଲା। ତାଙ୍କୁ ମଧ୍ୟ ଜଣାଇଲେ। ଠାକୁର ନିଜେ ରହିବାକୁ ଇଚ୍ଛାପ୍ରକାଶ କରିଥିବାରୁ ସେହି ସ୍ଥାନର ନାମ ହେଲା 'ଇଚ୍ଛାପୁର' ଅଦ୍ୟାବଧି ସେଠାରେ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ଅଛି। ସେଠାରେ ସେତେବେଳେ କୁଜଙ୍ଗ ରାଜା ଓ ଛେଦରା ଜମିଦାର ଏବଂ ବଡକୋଠା ଜମିଦାରମାନେ ମିଶି ସଖୀବଟ ସଦୃଶ୍ୟ ମନ୍ଦିରଟିଏ କରି ଶ୍ରୀ ଶ୍ରୀ ବଳଦେବଙ୍କ ମୂର୍ତ୍ତି ରଖି ପୂଜା ଅର୍ଚ୍ଚନା କରିବାର ବ୍ୟବସ୍ଥା କଲେ ଏବଂ ଶ୍ରୀ ଶ୍ରୀ ବଳଦେବଙ୍କ ପୂଜା ଓ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ସମସ୍ତେ ଜମି ବାଡ଼ି ଦେଇ ବ୍ୟବସ୍ଥା କରିଥିଲେ ଏବଂ ଶିବ ଲିଙ୍ଗ ଉପରେ ମଧ୍ୟ ମନ୍ଦିର ତିଆରି କରିଥିଲେ।

ପରବର୍ତ୍ତୀ କାଳରେ ରାମଦାଶ ବାବାଜୀ ପୁରୀରେ ଥିବା ସମୟରେ ଗଜପତିଙ୍କର ବିଶ୍ୱାସ ଭାଜନ ହୋଇ ରାଜାଙ୍କୁ ପ୍ରବର୍ତ୍ତାଇ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ବେଢ଼ା ମଧ୍ୟରେ ମାତା ବିମଳା ଓ ମାତା ଲକ୍ଷ୍ମୀଙ୍କ ମନ୍ଦିର ତିଆରି କରାଇଥିଲେ। ତା'ପରେ କେନ୍ଦ୍ରାପଡ଼ାରେ ଛେଦରା ଜମିଦାରଙ୍କ ଉଆସରେ ରହି ଏବଂ ଜମିଦାରଙ୍କୁ ପ୍ରବର୍ତ୍ତାଇ କେନ୍ଦ୍ରାପଡ଼ା ବଳଦେବଜୀଉ ବେଢ଼ା ମଧ୍ୟରେ ପୁରୀର ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଢ଼ାଞ୍ଚାରେ ପତିତପାବନ ଓ କୁଜଙ୍ଗ ରାଜା ଓ ଛେଦରା ଜମିଦାର କରିଥିବା ଛୋଟ ମନ୍ଦିରକୁ କାଶୀ ବିଶ୍ୱନାଥ ଏବଂ ରତ୍ନ ସିଂହାସନ ପରି ସିଂହାସନ ତିଆରି କରାଇବା ସହ ବଡ଼ ମନ୍ଦିର କରାଇ ତିନି ଠାକୁରଙ୍କୁ ବସାଇଲେ। ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମୂର୍ତ୍ତି ମଣିବିଗ୍ରହ ଏବଂ ମାତା ସୁଭଦ୍ରା ଏବଂ ଶ୍ରୀ ଶ୍ରୀ ଜଗନ୍ନାଥ ହେଲେ କାଠର। ଏବେ କିଛି ଲୋକ ଧର୍ମକୁ ଦ୍ୱାହି ଦେଇ ମାତା ଲକ୍ଷ୍ମୀଙ୍କ ମନ୍ଦିର ବେଢ଼ାରେ ଶ୍ରୀ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା କଲେ। ଏଠାରେ ସବୁ କାର୍ଯ୍ୟ କ୍ରମେ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରପରି ହେଉଛି। କିନ୍ତୁ ଶ୍ରୀ ଶ୍ରୀ ବଳରାମ ପୂଜା ପଦ୍ଧତି ଦ୍ୱାରକା ଓ ମଥୁରାରେ ଶ୍ରୀ ଶ୍ରୀ ବଳରାମ ମନ୍ଦିର ପୂଜା ପଦ୍ଧତିଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହାକୁ ଅନୁସନ୍ଧାନ କଲେ ପୂଜା ପଦ୍ଧତି ବିଷୟରେ ଜାଣିପାରିବେ। ପୁରୀ ଗଜପତି ଶ୍ରୀ ରାମଚନ୍ଦ୍ର ଦେବ ପୁରୀର ମନ୍ଦିରକୁ ସୁବେଦାରଙ୍କ ଠାରୁ ରକ୍ଷା କରିବା ପାଇଁ ସୁବେଦାରଙ୍କ କନ୍ୟାଙ୍କୁ ବିବାହ କରିଥିଲେ। ସେ ବାଧ୍ୟ ହୋଇ ମୁସଲମାନ ଧର୍ମ

ଗ୍ରହଣ କରିଥିଲେ। ମୁସଲମାନ ଧର୍ମ ଗ୍ରହଣ କରିଥିବାରୁ ମନ୍ଦିର ମଧ୍ୟକୁ ଦର୍ଶନ କରିବାକୁ ଯାଇପାରୁ ନଥିଲେ। ସେଥିପାଇଁ ଶ୍ରୀ ଶ୍ରୀ ଜଗନ୍ନାଥ ବଡ଼ପଣ୍ଡାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଲେ, ମୁଁ ପତିତପାବନ ଭାବରେ ବାଟରେ ରହିବି। ମୋତେ ଗଜପତି ଶ୍ରୀ ରାମଚନ୍ଦ୍ର ଦେବ ଦର୍ଶନ କରିପାରିବେ। ଆଉ କେତେକଙ୍କ ମତରେ ପତିତମାନେ ମନ୍ଦିର ମଧ୍ୟକୁ ଯାଇପାରୁ ନଥିବାରୁ ଶ୍ରୀ ଶ୍ରୀ ଜଗନ୍ନାଥ ନିଜେ ପତିତପାବନ ରୂପରେ ବାଟରେ ରହିଲେ। ସେଠାରେ ସମସ୍ତେ ଦର୍ଶନ କରିପାରିବେ।

ରାମଦାଶ ବାବାଜୀଙ୍କ ପ୍ରରୋଚନାରେ ପତିତପାବନ, କାଶୀ ବିଶ୍ୱନାଥ ଏବଂ ରତ୍ନସିଂହାସନ ଏବଂ ବଡ଼ ମନ୍ଦିର ଇତ୍ୟାଦି ତଥା କିଛି ଲୋକଙ୍କ ଚେଷ୍ଟାରେ ମାତା ଲକ୍ଷ୍ମୀ ମନ୍ଦିର ଶ୍ରୀ ଜୀଉଙ୍କ ମନ୍ଦିର ବେଢ଼ା ମଧ୍ୟରେ ପ୍ରତିଷ୍ଠା ହୋଇଛି।

ଏବେ ଯଦି ମନ୍ଦିରରେ ଶ୍ରୀ ଶ୍ରୀ ବଳରାମ ମୂର୍ତ୍ତିଙ୍କ ଦୁଇ ପାର୍ଶ୍ୱରେ ଯଥା ଡାହାଣ ପାର୍ଶ୍ୱରେ ମାତା ତୁଳସୀଙ୍କ ମନ୍ଦିର ଓ ବାମ ପାର୍ଶ୍ୱରେ ମାତା ରେବତୀଙ୍କ ମନ୍ଦିର କରାଯାଏ ଏବଂ ଦ୍ୱାରକା ଓ ମଥୁରାପରି ଶ୍ରୀ ଶ୍ରୀ ବଳରାମଙ୍କ ପୂଜା ଅର୍ଚ୍ଚନା କରାଯାଏ, ତାହାହେଲେ ଶ୍ରୀ ଶ୍ରୀ ବଳରାମ, କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ର ଏବଂ ମଧୁସାଗରର ପୂର୍ବ କୀର୍ତ୍ତି ଫେରିଆସିବ ଏବଂ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନେ ମଧ୍ୟ ଏଠାକୁ ଆସିବେ।

ବହୁ ଚେଷ୍ଟା ପରେ ଶ୍ରୀ ନେପାଳ ପ୍ରକାଶ ସାମନ୍ତ, ଆଡଭୋକେଟ୍, କଟକ, ଖଡ଼ିଅଙ୍ଗ, କେନ୍ଦ୍ରାପଡା ଓ ଡଃ. ସୁନିଲ୍ କୁମାର ପାଲ, କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରଙ୍କ ଆର୍ଥିକ ସହାୟତାରେ ଶ୍ରୀ ଶ୍ରୀ ଲଙ୍ଗଳଧାରୀ ବଳରାମଙ୍କ ମୂର୍ତ୍ତିକୁ କୁଜଙ୍ଗ ରାଜା କରିଥିବା ମନ୍ଦିରରେ ତଥା କାଶୀ ବିଶ୍ୱନାଥ ମନ୍ଦିରରେ ପୁନଃ ବସା ଯାଇଅଛି ଏବଂ ଚଳିତ ବର୍ଷ ମାତା ତୁଳସୀ ଏବଂ ଶ୍ରୀ ଶ୍ରୀ ବଳରାମଙ୍କ ବିବାହ ସମ୍ପନ୍ନ ହୋଇଛି।

କେନ୍ଦ୍ରାପଡ଼ାରେ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରେ ପାଳିତ ହେଉଥିବା ଚାରୋଟି ମୁଖ୍ୟ ଉତ୍ସବ ଯଥା–

**୧. ଅଗ୍ନି ପୂର୍ଣ୍ଣିମା ତିଥି–** ଏହିଦିନ ତୀର୍ଥ କରିବାକୁ ଆସି ଶ୍ରୀ ଶ୍ରୀ ବଳରାମ ଅତ୍ୟାଚାରୀ କନ୍ଦରାସୁରକୁ କେନ୍ଦ୍ରାପଡ଼ାରେ ବଧ କରିଥିଲେ ଏବଂ ସେହି ଉଦ୍ଦେଶ୍ୟରେ ମନ୍ଦିରରେ ଶ୍ରୀ ଶ୍ରୀ ବଳଦେବ କନ୍ଦରାସୁର ବଧ ବେଶ ହୁଅନ୍ତି। ଏହି ଦିନଟି କେନ୍ଦ୍ରାପଡ଼ା ନାମକରଣ ସହିତ ସଂପୃକ୍ତ।

**୨. କାର୍ତ୍ତିକ ଶୁକ୍ଳ ଦଶମୀ ତିଥି–** ଏହିଦିନ ମନ୍ଦିରରେ ଶ୍ରୀ ଶ୍ରୀ ବଳଦେବ ମଧୁଦ୍ୱୈତ ବେଶ ହୁଅନ୍ତି। ଏହି ଦିନ ଅସୁରେଶ୍ୱରଠାରେ ପ୍ରଭୁ ଅତ୍ୟାଚାରୀ ମଧୁ ଦ୍ୱୈତକୁ ବଧ କରିଥିଲେ। ସେଥିପାଇଁ ସେହି ଜାଗାର ନାମକରଣ ଅସୁରେଶ୍ୱର, କଟିକଟା ଏବଂ ରକ୍ତରୁ ମଧୁସାଗରର ସୃଷ୍ଟି।

**୩. ଗହ୍ମା ପୂର୍ଣ୍ଣିମା ତିଥି– ବା ରାକ୍ଷୀ ବନ୍ଧନ–** ଏହିଦିନ ଶ୍ରୀ ଶ୍ରୀ ବଳରାମଙ୍କ ଜନ୍ମୋତ୍ସବ ପାଳନ କରାଯାଏ।

**୪. ଗରୁଡ଼ ଦ୍ୱାଦଶୀ ତିଥି (କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ)–** ଶ୍ରୀ ଶ୍ରୀ ବଳରାମ ତୀର୍ଥ କରିବାକୁ ଆସି କନ୍ଦରାସୁର, ମଧୁଦ୍ୱୈତ, ଶଙ୍କୁକର୍ଣ୍ଣ ଏବଂ ସହଯୋଗୀ ଅସୁରମାନଙ୍କୁ ବଧ କରିଥିଲେ। ତା'ପରେ ଅତ୍ୟାଚାରୀ କନ୍ଦରାସୁରର ପାଳିତ କନ୍ୟା ତୁଳସୀଙ୍କୁ ବିବାହ କରିଥିଲେ।

କେନ୍ଦ୍ରାପଡ଼ା ଯଦି କୌଣସି ହିନ୍ଦୀ ଭାଷା ପ୍ରଦେଶ ଅଞ୍ଚଳ ମଧ୍ୟରେ ଥାନ୍ତା, ତାହାହେଲେ ଏହାର ପ୍ରଚାର, ପ୍ରସାର ଏବଂ ଅନୁସନ୍ଧାନ ମଧ୍ୟ କରାଯାଇଥାଆନ୍ତା। ଯେହେତୁ କେନ୍ଦ୍ରାପଡ଼ା ମନ୍ଦିର ସମ୍ବନ୍ଧ ରେ ଅନ୍ୟକୌଣସି ଭାଷାରେ ଲେଖାହୋଇ ନାହିଁ, ସେଥିପାଇଁ ଅନ୍ଧାର ମଧ୍ୟରେ ଲୁକାୟିତ ଭାବରେ ରହିଛି।

ଆଡ୍‌ଭୋକେଟ୍,
ନୋଟାରୀ, ଓଡ଼ିଶା ହାଇକୋର୍ଟ
ସା– ଖଡିଅଙ୍ଗ, କେନ୍ଦ୍ରାପଡ଼ା

❖ ❖ ❖

# ସାଗରପାରି ଦେଶରେ କଳିଙ୍ଗ

ଆଚାର୍ଯ୍ୟ ହିମାଂଶୁ ଶେଖର

ମହାଭାରତର ବନପର୍ବରେ ଉଲ୍ଲେଖ ଅଛି ଯେ ଲୋମଶ ଋଷି ଗଙ୍ଗା ମୁହାଣ ନିକଟରେ ଦଣ୍ଡାୟମାନ ହୋଇ ଯୁଧିଷ୍ଠିରଙ୍କୁ କଳିଙ୍ଗ ରାଜ୍ୟ ପ୍ରତି ଲକ୍ଷ୍ୟ କରି କହୁଛନ୍ତି– ଏହିଠାରୁ ହେଉଛି କଳିଙ୍ଗ ଜନତାଙ୍କ ରାଜ୍ୟ, ଯେଉଁ ରାଜ୍ୟରେ ବୈତରଣୀ ନଦୀ ପ୍ରବାହିତ ହେଉଅଛି । ଏଥିରୁ ଜଣାଯାଏ ଦ୍ୱାପର ଯୁଗରୁ କଳିଙ୍ଗ ନାମକ ରାଜ୍ୟ ବଙ୍ଗୋପ ସାଗର କୂଳରେ ରହିଥିଲା ।

ଜ୍ୟୋତିର୍ବିଦ୍ ଆର୍ଯ୍ୟଭଟ୍ଟଙ୍କ ଲିଖିତ 'ସୂର୍ଯ୍ୟ ସିଦ୍ଧାନ୍ତ' ପୁସ୍ତକର ୧୯ ପୃଷ୍ଠାରେ ଉଲ୍ଲେଖ ଅଛି, କଳିଯୁଗ ଖ୍ରୀ.ପୂ. ୩୧୦୨ରେ ଆରମ୍ଭ ହୋଇଥିଲା । ବ୍ରହ୍ମଗୁପ୍ତଙ୍କ ଦ୍ୱାରା ଲିଖିତ ଓ ପ୍ରମୋଦ ଚନ୍ଦ୍ର ସେନ୍‌ଗୁପ୍ତଙ୍କ ଦ୍ୱାରା ଅନୁବାଦିତ 'ଖଣ୍ଡ ଖାଦ୍ୟକ' ପୁସ୍ତକର ୯ ପୃଷ୍ଠାରେ ମଧ୍ୟ ଏଇ କଥା ଉଲ୍ଲେଖ ଅଛି । ଏଥିରୁ ଜଣାଯାଉଛି ଖ୍ରୀ.ପୂ ୩୧୦୨ ପୂର୍ବେ ଦ୍ୱାପର ଯୁଗ ଥିଲା । ଅର୍ଥାତ୍ ୫୧୧୫ ବର୍ଷପୂର୍ବରୁ କଳିଙ୍ଗ ନାମକ ରାଜ୍ୟ ରହିଥିଲା । କଳିଙ୍ଗ ରାଜ୍ୟର ମୂଳ ଅଧିବାସୀ କେହି ନଥିଲେ । ସାଧାରଣତଃ କୈବର୍ତ୍ତମାନେ ଦକ୍ଷିଣର ବଙ୍ଗୋପ ସାଗର କୂଳରୁ ଏଠାକୁ ମାଛ ଧରିବାକୁ ଆସି ବସତି ସ୍ଥାପନ କରିଥିଲେ । ତା'ଛଡା ଉତ୍ତର ପୂର୍ବାଞ୍ଚଳର ଧୀବରମାନେ ମଧ୍ୟ ମତ୍ସ୍ୟ ସନ୍ଧାନରେ ଆସି ଏଠାରେ ରହୁଥିଲେ । କଳିଙ୍ଗ ଉପକୂଳରେ ମୂଲ୍ୟବାନ ଓ ସ୍ୱାଦିଷ୍ଟ ମାଛ ମିଳୁଥିଲା । କ୍ରମେ ଏହା ଧୀବରମାନଙ୍କ ଦେଶ ଭାବେ ଗଢ଼ି ଉଠିଲା । ଲୋକେ ମତ୍ସ୍ୟ ଦେଶ ବୋଲି ମଧ୍ୟ କହୁଥିଲେ । ଏହା ଆର୍ଯ୍ୟ ଓ ଦ୍ରାବିଡ଼ମାନଙ୍କ ମିଳନସ୍ଥଳୀ ହୋଇ ଏକ ସଭ୍ୟତାର ରୂପ ନେଇଥିଲା । ଯେଉଁ ସମୁଦ୍ର ଉପକୂଳରେ ଲଙ୍ଗର ପକାଇ ରହୁଥିଲେ, ତାହାକୁ କଳିଙ୍ଗ ଆଖ୍ୟା ଦେଇଥିଲେ । ପୂର୍ବେ ଏହି ଅଞ୍ଚଳକୁ ଉତ୍ତର ଭାରତର ଲୋକେ ଘୃଣା କରୁଥିଲେ । ଏ ଅଞ୍ଚଳକୁ ଆସିଲେ ପ୍ରାୟଶ୍ଚିତ କରୁଥିଲେ । କାଳକ୍ରମେ ଆର୍ଯ୍ୟମାନେ ଧୀରେ ଧୀରେ ଏମାନଙ୍କ ସହିତ ସଂପର୍କ ସ୍ଥାପନ କଲେ । ବିଭିନ୍ନ ଜାତିର ଲୋକେ ଏଠାରେ ବସବାସ କଲେ ।

କଳିଙ୍ଗର ଲୋକମାନେ ଭାରି ସାହସୀ ଥିଲେ । ସମୁଦ୍ରରେ ନୌକା ଚଳାଇବା ପାଇଁ ନୂଆ କୌଶଳମାନ ଆବିଷ୍କାର କରିଥିଲେ । ଜଳବାୟୁର ଗତିକୁ ଲକ୍ଷ୍ୟ କରି ନୌକାରେ ପାଲ ବାନ୍ଧୁ ଥିଲେ । ୭ମ ଶତାବ୍ଦୀରେ ଉଡ୍ର–କଳିଙ୍ଗର ଲୋକଭାଷା 'ଉଡ୍ରଭାଷା', ସଂସ୍କୃତ ଭାଷା ଓ ସାହିତ୍ୟକୁ ଗଭୀର ପ୍ରଭାବିତ କରିଥିଲା । ସଂସ୍କୃତକୁ ଆଧାର କରି ସେହି ଲୋକଭାଷା କ୍ରମେ ବିବର୍ତ୍ତିତ ହୋଇ ନୂତନ ରୂପରେଖ କଲା ଏବଂ ଅପଭ୍ରଂଶ ଓଡ଼ିଆ ରୂପେ ଆତ୍ମପ୍ରକାଶ କରିଥିଲା ।

ଆଦି କାଳରୁ କଳିଙ୍ଗ ଆଜି ପର୍ଯ୍ୟନ୍ତ ବହୁ ଉତ୍‌ଥାନ–ପତନ ଭିତରେ ଗତି କରିଛି । କେତେବେଳେ ଏହାର କଳେବର ମଗଧ ପର୍ଯ୍ୟନ୍ତ ବ୍ୟାପି ଯାଇଛି ତ କେତେବେଳେ ସଂକୁଚିତ ଓ ଖଣ୍ଡ ବିଖଣ୍ଡିତ ହୋଇଛି । କଳିଙ୍ଗ ରାଜ୍ୟରେ ୩୫୦ ଖ୍ରୀଷ୍ଟାବ୍ଦରୁ ମାଠାରମାନେ ଶାସନ କଲେ । ସେମାନଙ୍କ ସମୟରେ ରାଜ୍ୟର ପ୍ରଭୂତ ଉନ୍ନତି ହୋଇପାରିଥିଲା । ବିଜ୍ଞାନ କ୍ଷେତ୍ରରେ ବହୁ କୌଶଳର ଉଦ୍ଭାବନ ହୋଇଥିଲା । ନାବିକମାନେ ବଡ଼ ବଡ଼ ନୌକାରେ ପାଲ ଲଗାଇ ସମୁଦ୍ର ପାରି ଦ୍ୱୀପମାନଙ୍କ ସହିତ ସଂପର୍କ ସ୍ଥାପନ କଲେ । ବିଶେଷ କରି ବୈଶ୍ୟମାନେ (ଏକ ବଣିକ ଗୋଷ୍ଠୀ) ବ୍ରହ୍ମଦେଶ, ଶ୍ୟାମ, ସୁବର୍ଣ୍ଣ ଦ୍ୱୀପ, କମ୍ବୋଦ, ଜାଭା, ସୁମାତ୍ରା, ସିଂହଳ ଇତ୍ୟାଦି ଦ୍ୱୀପକୁ ଯାଇ ବାଣିଜ୍ୟ କରି ବହୁ ଅର୍ଥ ରୋଜଗାର କରୁଥିଲେ । ଅଶୋକ କଳିଙ୍ଗ ଜୟ କରିବା ପୂର୍ବରୁ ମଧ୍ୟ ଏହି ବାଣିଜ୍ୟ ଚାଲୁଥିଲା । ସେତେବେଳେ ଏହି ଦେଶ ଧନ, ଦଉଲତ ଓ କୃଷିରେ ପୂର୍ଣ୍ଣ ଥିଲା । ସେହି ସମୟରେ ସାଧବମାନେ ବୋଇତରେ ବିଦେଶ ଯାତ୍ରା କରୁଥିଲେ ନିଜର ବ୍ୟବସାୟ ବଢ଼ାଇବା ପାଇଁ । ସେମାନେ କଳିଙ୍ଗର

ସଂସ୍କୃତି, ଧର୍ମ ଓ କୃଷିକୁ ସେହି ଦେଶରେ ପ୍ରଚାର କରିଥିଲେ। ଏବେ ସେହି ଦେଶମାନଙ୍କରେ ଯେଉଁ ସଂସ୍କୃତି ଓ ଧର୍ମ ଦେଖାଯାଏ, ସେଥିରେ ଉତ୍କଳୀୟ ପ୍ରଭାବ ପରିଲକ୍ଷିତ ହୁଏ। ସମୁଦ୍ରରେ ଯାତ୍ରା ଆରମ୍ଭ କାଳରେ ନୌକାକୁ ପୂଜା କରୁଥିଲେ। ସାଧବ ବହୁମାନେ ଶଙ୍ଖ ହୁଳୁହୁଳି ଦ୍ୱାରା ସାଧବମାନଙ୍କର ମଙ୍ଗଳ ମନାସି ବନ୍ଦାଇ ଦେଉଥିଲେ। ଏବେ ସେଇ ପ୍ରଥାକୁ ସ୍ମରଣ ରଖିବା ପାଇଁ ଧାର୍ମିକ ଅନୁଷ୍ଠାନ ଭାବେ କାର୍ତ୍ତିକ ମାସ ପୂର୍ଣ୍ଣିମାରେ ଭେଳା ଭସାଇବାର ପରମ୍ପରା କେବଳ ଓଡ଼ିଶାରେ ହିଁ ଦେଖାଯାଏ। ଭେଳା ଭସାଇବା ବେଳେ କହନ୍ତି, ଆ କା ମା ବୈ ପାନ ଗୁଆ ଥୋଇ, ପାନ ଗୁଆ ତୋର ମାସକ ଧରମ ମୋର। କାରଣ ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ଧର୍ମ ମାସରେ ପାନଗୁଆ ଦେଇ ବରୁଣଙ୍କୁ ପୂଜା କଲେ ଧର୍ମ ହୋଇଥାଏ। କଳିଙ୍ଗ ସହିତ ଘନିଷ୍ଠ ସମ୍ପର୍କ ଥିବା କେତେଗୁଡିଏ ଦେଶର ସଂକ୍ଷିପ୍ତ ବିବରଣୀ ଉଲ୍ଲେଖ କଲେ ଉତ୍କଳର ଅତୀତ ଗୌରବ ସମ୍ବନ୍ଧ ରେ ଜାଣି ହେବ । ଜାଭା– ଜାଭାଦ୍ୱୀପର ସଂସ୍କୃତ ପ୍ରତିଶବ୍ଦ ହେଉଛି ଯବଦ୍ୱୀପ । ରାମାୟଣର କିଷ୍କିନ୍ଧା କାଣ୍ଡରେ ଯବଦ୍ୱୀପର ବର୍ଣ୍ଣନା କରାଯାଇଛି (୪୦ ଅଧ୍ୟାୟ ୨୯– ୩୦ ଶ୍ଳୋକ) ।

ଯତ୍ନବନ୍ତୋ ଯବଦ୍ୱୀପଂ ସପ୍ତରାଜ୍ୟୋପ ଶୋଭିତଂ
ସୁବର୍ଣ୍ଣ ରୁପ୍ୟକଂ ଚୈବ ସୁବର୍ଣ୍ଣାକର ମଣ୍ଡିତଂ
ଯବଦ୍ୱୀପ ମତିକ୍ରମ୍ୟ ଶିଶିରୋ ନାମ ପର୍ବତଃ
ଦିବଂ ସ୍ପୃଶତି ଶୃଙ୍ଗେଣ ଦେବଦାନବ ସେବିତଃ ॥

ଏହି ଦ୍ୱୀପରେ ପ୍ରଚୁର ସୁନା ଓ ରୂପା ମିଳୁଥିବାର ପ୍ରମାଣ ମିଳେ ଏବଂ ଏହି ଦେଶ ତ୍ରେତୟା ଯୁଗରେ ମଧ୍ୟ ଭାରତ ସହିତ ତଥା ବିଶେଷ କରି କଳିଙ୍ଗ ସହିତ ଘନିଷ୍ଠ ସଂପର୍କ ଥିବାର ପ୍ରମାଣ ମିଳେ। S. Raffies ଙ୍କ "History of Java Vol.-II p-73" ରେ ଉଲ୍ଲେଖ ଅଛି– କଳିଙ୍ଗ ଅଞ୍ଚଳର ୨୦ ହଜାର ପରିବାର ଉକ୍ତ ଦ୍ୱୀପକୁ ଆସି ସେଠାରେ ସର୍ବପ୍ରଥମେ ଉପନିବେଶ ସ୍ଥାପନ କରିଥିଲେ। ସେଠାକାର ଜନଶ୍ରୁତିକୁ ଆଧାର କରି ରାଖାଲଦାସ ବାନାର୍ଜୀ କହନ୍ତି ଯେ, କଳିଙ୍ଗ ଅଶୋକଙ୍କ ପୂର୍ବେ ଏକ ଦରିଆପାରି ସାମ୍ରାଜ୍ୟ ଗଠନ କରିପାରିଥିଲା ଏବଂ କଳିଙ୍ଗର ଲୋକେ ପୂର୍ବାଞ୍ଚଳରେ ସୁଦୂର ଫିଲିପାଇନ୍ସ ଦ୍ୱୀପପୁଞ୍ଜ ଯାଏ ଏବଂ ଦକ୍ଷିଣ ପୂର୍ବରେ ଭାରତ ମହାସାଗରୀୟ ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ଉପନିବେଶ ସ୍ଥାପନ କରିଥିଲେ। ସେହି ଦ୍ୱୀପମାନଙ୍କର ଆଦିମ ଅଧିବାସୀମାନେ ଆଜି ପର୍ଯ୍ୟନ୍ତ ଉପନିବେଶ ସ୍ଥାପନ କରିଥିଲେ। ସେହି ଦ୍ୱୀପମାନଙ୍କର ଆଦିମ ଅଧିବାସୀମାନେ ଆଜି ପର୍ଯ୍ୟନ୍ତ ବିଶ୍ୱାସ କରନ୍ତି ଯେ କଳିଙ୍ଗର ଲୋକେ ସର୍ବପ୍ରଥମେ ସେ ଅଞ୍ଚଳକୁ ଆସି ସଭ୍ୟତାର ଆଲୋକ ପ୍ରଦାନ କରିଥିଲେ। କେବଳ ଜାଭା ନୁହେଁ– ତା'ର ଆଖପାଖ ଦ୍ୱୀପ ସୁମାତ୍ରା ଓ ବୋର୍ଣ୍ଣିଓ ଆଦି ଦ୍ୱୀପରେ ପ୍ରାୟ ସମକାଳରେ କଳିଙ୍ଗର ଉପନିବେଶ ସ୍ଥାପନ ହୋଇଥିଲା।

**ବାଲିଦ୍ୱୀପ–** ବାଲିଦ୍ୱୀପରେ ବର୍ତ୍ତମାନ ସୁଦ୍ଧା ବ୍ରାହ୍ମଣ, ହିନ୍ଦୁ ଧର୍ମ ରହିଛି। ଶିବ, ଦୁର୍ଗା, ବିଷ୍ଣୁ, ସୂର୍ଯ୍ୟ ଓ ଗଣେଶ ଏହି ପାଞ୍ଚ ଦେବତାଙ୍କର ପୂଜା ବାଲିଠାରେ ବହୁକାଳରୁ ପ୍ରଚଳିତ ହୋଇଆସୁଛି। ବାଲିର ଶିକ୍ଷିତ ସମ୍ପ୍ରଦାୟଙ୍କ ମଧ୍ୟରେ ବେଦ ଓ ଉପନିଷଦର ପ୍ରଭାବ ପ୍ରବେଶ କରିଥିବା ଦେଖାଯାଏ। ବୌଦ୍ଧମାନେ ଧର୍ମ ପ୍ରଚାରରେ ଆସି ବେଦ ସହିତ ବୌଦ୍ଧ ଧର୍ମ ପ୍ରଚାର କରିଥିଲେ। ସେମାନେ ଯେଉଁ ଗ୍ରନ୍ଥ ରଚନା କରିଥିଲେ, ତାର ନାମ ହେଲା 'ବେଦବୁଦ୍ଧ'। ରାଜା ଇନ୍ଦ୍ରଭୂତିଙ୍କର ଜଗନ୍ନାଥ (ଆଦିବୁଦ୍ଧ) ବାଲିଦ୍ୱୀପରେ ପୂଜିତ ହେଉଥିଲେ। ସେଠାରେ ଶିବଙ୍କୁ ଜଗନ୍ନାଥ ବୋଲି ସ୍ତୁତି କରାଯାଏ। ବାଲି ଦ୍ୱୀପରେ ଶୈବମାନଙ୍କର ଜଣାଣରୁ ଏହା ଜଣାଯାଏ।

କ୍ଷମସ୍ୱମାଂ ଜଗନ୍ନାଥ ସର୍ବପାପ ବିନାଶନଂ
ସର୍ବକାର୍ଯ୍ୟ ପ୍ରାଣଦେବଂ ପ୍ରଣମାମି ସୁରେଶ୍ୱରଂ ॥
କ୍ଷମସ୍ୱ ମାଂ ଶିବଦେବ ଜଗନ୍ନାଥ ହିତଂକର
ସର୍ବପାପ ବିମୁକ୍ତେନ ପ୍ରଣମାମ୍ୟହଂ ସୁରେଶ୍ୱରଂ ॥

**ରୋମ୍–** ଭାରତର ପୂର୍ବ-ଉପକୂଳ ସହିତ ରୋମ୍‌ର ପ୍ରତ୍ୟକ୍ଷ ବାଣିଜ୍ୟ ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା ବୋଲି ଶିଶୁପାଳଗଡ଼ ଖନନରୁ ପ୍ରମାଣିତ ହୋଇଛି। ଗ୍ରୀକ୍ ନାବିକ ହିପ୍‌ପାଲସ୍ ପ୍ରଥମ ଶତାବ୍ଦୀରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଗତିପଥ ଆବିଷ୍କାର କରିବା ପରେ ରୋମ୍ ସହିତ ଭାରତୀୟ ପୂର୍ବ-ଉପକୂଳ ତଥା କଳିଙ୍ଗର ବାଣିଜ୍ୟର ବିକାଶ ସାଧନ ହୋଇଥିଲା। ୬୦ ଖ୍ରୀଷ୍ଟାବ୍ଦରେ ଜଣେ ଗ୍ରୀକ୍ ନାବିକଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକରୁ ଜଣାପଡ଼େ ଯେ ସେସମୟରେ କଳିଙ୍ଗ ଉପକୂଳରେ ଯଥାକ୍ରମେ ଦକ୍ଷିଣରୁ ଉତ୍ତରକୁ 'ପିଥୁଣ୍ଡ', 'ପଲୁର', 'ଗଙ୍ଗା' ଓ 'ତାମ୍ରଲିପ୍ତ' ବନ୍ଦରମାନ ଥିଲା। ଏହି ବନ୍ଦରମାନଙ୍କରୁ ସାଧବମାନେ ବାଣିଜ୍ୟ କରିବାପାଇଁ ରୋମକୁ ଯାଉଥିଲେ। ପଲ୍ଲୁର ଓ ତାମ୍ର ଲିପ୍ତି ଦୁଇଟି ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା। ଐତିହାସିକ ପ୍ଲିନି ଲେଖିଛନ୍ତି ଭାରତୀୟମାନେ ପ୍ରତି ବର୍ଷ ୫୫୦,୦୦୦,୦୦୦ ସିଷ୍ଟାର୍ସ (୨୨,୦୦୦,୦୦୦ ଡଲାର)ରୁ ଅଧିକ ଅର୍ଥ ରୋମ୍ ସାମ୍ରାଜ୍ୟରୁ ନେଇ ଯାଉଛନ୍ତି

ଏବଂ ତା ବଦଳରେ ରୋମକୁ ଯେଉଁ ପଣ୍ୟ ଯୋଗାଉଛନ୍ତି ତାହାର ମୂଲ୍ୟ ଅତି ନଗଣ୍ୟ। ଶେଷରେ ତୃତୀୟ ଖ୍ରୀଷ୍ଟାବ୍ଦର ଶେଷ ବେଳକୁ ବିଭବଶାଳୀ ରୋମ୍ ନଗରୀ ଶ୍ରୀହୀନ ହୋଇଗଲା। ଯେଉଁ ବଣିକଗୋଷ୍ଠୀ ରୋମ୍ ଭାଙ୍ଗି ଭାରତକୁ ସମୃଦ୍ଧ କରିଥିଲେ, ସେମାନଙ୍କ ମଧ୍ୟରେ କଳିଙ୍ଗର ବଣିକଙ୍କ ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିଲା।

ଐତିହାସିକ ଯୁଗରେ କଳିଙ୍ଗ ଅଞ୍ଚଳର ନୌଚାଳନା ଓ ନୌବାଣିଜ୍ୟ ପରମ୍ପରା ଭାରତ ଇତିହାସର ଏକ ଗୌରବମୟ ଅଧ୍ୟାୟ। ଭାରତୀୟ ଧର୍ମ ଓ ସଂସ୍କୃତିର ପରିପ୍ରସାର ସଙ୍ଗେ ଭାରତ ଓ ଦକ୍ଷିଣ–ପୂର୍ବ ଏସିଆ ମଧ୍ୟରେ ବାଣିଜ୍ୟ ସଂପର୍କ ବିକାଶ କରିବା ଥିଲା କଳିଙ୍ଗର ନାବିକ ଓ ବଣିକଙ୍କର ବିଶିଷ୍ଟ ଅବଦାନ। କଳିଙ୍ଗ ଉପକୂଳ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବହୁ ନଦୀ ଦ୍ୱାରା ସୁବିଭକ୍ତ ଓ ଦନ୍ତୁରିତ ହୋଇ ନୌଚାଳନ କରିବା କଳିଙ୍ଗବାସୀଙ୍କ ପାଇଁ ଅନୁକୂଳ ଥିଲା। ସାଗର ପାରି ଦେଶର ଆକର୍ଷଣ ତଥା ଲହରୀ ବିକ୍ଷୁବ୍ଧ ସମୁଦ୍ରର ରହସ୍ୟମୟ ଆହ୍ୱାନ କଳିଙ୍ଗବାସୀଙ୍କ ପ୍ରାଣରେ ସମୁଦ୍ର ଯାତ୍ରାର ସ୍ପୃହା ଜାଗ୍ରତ କରିଥିଲା। ସେହି କାରଣରୁ କଳିଙ୍ଗର ନାବିକ ପ୍ରାଚୀନ କାଳରୁ ନୌଚାଳନାରେ କୁଶଳତା ଓ ପାରଦର୍ଶିତା ଲାଭ କରିପାରିଥିଲେ। ଆଜି ବି ଭାରତୀୟ ଧର୍ମ ଓ ସଂସ୍କୃତି ଏହି ସାଗର ପାରି ଭୂଇଁରେ ବଞ୍ଚି ରହିଛି। ଅଶୋକ ପଠାଇଥିବା ଗୁପ୍ତଚରମାନେ ଉତ୍କଳକୁ ଆସି ଦେଖିଲେ ଏଠାକାର ବଣିକମାନେ ଧନଶାଳୀ। କଳିଙ୍ଗର ଲୋକମାନେ ଲମ୍ବା ଓ ଶକ୍ତିଶାଳୀ ଅଟନ୍ତି। ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପ୍ରାୟ ବଙ୍ଗୋପସାଗରର ୩/୪ ଅଂଶ କଳିଙ୍ଗ ଅଧିକାର କରିଛି। ହୁଏନ୍‌ସାଂ ମଧ୍ୟ ଚୀନ୍‌ରୁ ଆସି କଳିଙ୍ଗ ବିଷୟରେ ତାଙ୍କ ବିବରଣୀରେ ସେଇକଥା ଉଲ୍ଲେଖ କରିଛନ୍ତି।

ଆମେ ଭୁଲି ଯାଉଛୁ ଆମର ଅତୀତ ଗୌରବ। ଦୀର୍ଘ ଦିନର ପରାଧୀନତା ଭିତରେ ପେଷି ହୋଇ ଆମେ ସବୁ ଆଜି ନିଜକୁ ଦୁର୍ବଳ ମନେ କରୁଛୁ। ଆମକୁ ଜାଗ୍ରତ ହେବାକୁ ହେବ। ଆମ କ୍ଷେତବାଡିରେ ମେହନତ କରି ଖାଦ୍ୟଶସ୍ୟ ଅମଳ କରିବାକୁ ପଡିବ। ବ୍ୟବସାୟ ବାଣିଜ୍ୟରେ ସଂକୁଚିତ ନହୋଇ ଆମକୁ ବିଶ୍ୱ ଦରବାରରେ ପଶିବାକୁ ପଡିବ। ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତି ଓ ଓଡ଼ିଶାର ହସ୍ତଶିଳ୍ପକୁ ବିଶ୍ୱ ବଜାରରେ ପ୍ରଦର୍ଶିତ କରିବାକୁ ପଡିବ। କାର୍ତ୍ତିକ ଆସିଛି– ଆଜି ଆମେ ଆଉ ସୋଲର ଭେଳା ଭସାଇ ବସିଗଲେ ହେବ ନାହିଁ। ଆମକୁ ସାଗର ପାରି ଦେଶମାନଙ୍କୁ ଯିବାପାଇଁ ପଡିବ। ମୋର ଆଜି ଗୋଟିଏ ପିଲାଦିନେ ଶିଖିଥିବା ଗୀତ ମନେ ପଡିଯାଉଛି। ତାହା ହେଲା–

ଗଙ୍ଗାଠାରୁ ଗୋଦାବରୀ ଯାଏ ତୁମ କୀରତି ରାଜେ
ଶତ୍ରୁ ସଦା ପରାଜିତ ହୁଏ, ଐରୀ ଦୁର୍ଗ ଭାଜେ...
ଗଙ୍ଗାଠାରୁ ଗୋଦାବରୀ....

ଆଜି ବେଳ ଆସିଛି, ଅତୀତକୁ ମନେ ପକାଇବା। ନିଦ୍ରା ତେଜି ଜାଗ୍ରତହେବା। ଦେହରେ ସିଂହର ବଳ ନେଇ ଧନ, ଜନ ଗୋପ ଲକ୍ଷ୍ମୀରେ ଉତ୍କଳ ଜନନୀକୁ ସଜେଇ ଦେବା। ଆନନ୍ଦରେ ଗାଇ ଉଠିବ– 'ବନ୍ଦେ ଉତ୍କଳ ଜନନୀ' ।

ସମ୍ପାଦକ, ମା' ତୁଳସୀ
ବାରିପଦା, ମୟୂରଭଞ୍ଜ

❖ ❖ ❖

# କୋଠ ଭୋଗଖିଆର କବି

ଭାରତୀ ନାୟକ

ଭଜନ ସମ୍ରାଟ ଭିକାରୀ ବଳଙ୍କ କଣ୍ଠରେ 'କୋଠ ଭୋଗଖିଆ, 'ମୋ ଚକା ଆଖିଆ'ଭଜନ ଓଡ଼ିଶାର ଘରେ ଘରେ ପରିଚିତ। ଜଗନ୍ନାଥ ପ୍ରାଣ ଭିକାରୀ ବଳଙ୍କ ତନ୍ମୟତା ତାଙ୍କର ଗାନକୁ ପ୍ରଭାବଶାଳୀ କରିପାରିଛି। ସେହିପରି ଅନ୍ୟ ଜଣେ ଜଗନ୍ନାଥ ପ୍ରାଣ ଭଜନ ଗାୟକ ହେଉଛନ୍ତି ନିମାଇଁ ଚରଣ ହରିଚନ୍ଦନ। ଜଗନ୍ନାଥଙ୍କ ରଥଯାତ୍ରାର ବାହୁଡ଼ା ଦିନ ହିଁ 'ବାହୁଡ଼ାଇ ନିଅ' ଭଜନ ସିଂହଦ୍ୱାରରେ ଗାଇ ଲୋକପ୍ରିୟ ହୋଇପାରିଛନ୍ତି । ଭଜନ ସମ୍ରାଟଙ୍କର ପ୍ରତ୍ୟେକ ଭଜନ ହୃଦୟକୁ ଆନ୍ଦୋଳିତ କରେ, କିନ୍ତୁ ତାଙ୍କୁ ପ୍ରତିଷ୍ଠା ଆଣି ଦେଇଛି କୋଠ ଭୋଗଖିଆ ଭଜନ। ଭଜନଟିର ଗାୟକଙ୍କୁ ସମସ୍ତେ ଊଣା ଅଧିକେ ଓଡ଼ିଶାରେ ଜାଣନ୍ତି, କିନ୍ତୁ ଏହାର ରଚନାକାର ପ୍ରାୟ ଅଜଣା। ଏହି ଭଜନର ଗୀତିକାର ହେଉଛନ୍ତି କ୍ଷୀରୋଦ ଚନ୍ଦ୍ର ପୋଥାଳ। ସେ ଏକାଧାରରେ ଗୀତିକାର, ଗାୟକ ଓ ଶିଶୁ ସାହିତ୍ୟିକ। ଶିଶୁ କବିତା, ଗୀତି କବିତା, ଆଧୁନିକ କବିତା ଜଗତରେ କ୍ଷୀରୋଦ ଚନ୍ଦ୍ର ପୋଥାଳ ଏକ ପ୍ରତିଷ୍ଠିତ ନାମ। ଶିଶୁ କବିତା ଓ ଶୁଶୁ କାହାଣୀ ରଚନା କରିବାରେ ତାଙ୍କର ଦକ୍ଷତା କିଛି କମ୍ ନୁହେଁ। ପ୍ରାଥମିକ ଅବସ୍ଥାରେ ଶିଶୁ କବିତା ରଚନା କ୍ଷେତ୍ରରେ ସେ ଲେଖନୀ ଚଳାଇ ନିଜର ବୈଶିଷ୍ଟ୍ୟ ପ୍ରଦର୍ଶନ କରିବାର ପ୍ରୟାସ କରିଥିଲେ। ପରେ ଗୀତିକବିତା କ୍ଷେତ୍ରରେ ପ୍ରସିଦ୍ଧ ହେବାରୁ ସେ ସେହି ଦିଗରେ ମନୋନିବେଶ କରିଥିଲେ।

ଶିଶୁର ନିକଟତମ ମାଆ। ଦ୍ୱିତୀୟରେ ଶିକ୍ଷକ ଏବଂ ତୃତୀୟରେ ଶିକ୍ଷାଗାଥା ସ୍ଥାନ ପାଇଥାଏ। କ୍ଷୀରୋଦ ଚନ୍ଦ୍ର ପୋଥାଳ ଏହି ତୃତୀୟ ଚକ୍ରରେ ଶିଶୁଙ୍କ ଆଗରେ ଉଭା ହୋଇ ପାରିଥିଲେ। ମୂଳତଃ ସେ ଜଣେ ଶିଶୁ ସାହିତ୍ୟିକ। ଶିଶୁ ସାହିତ୍ୟ ପାଇଁ କୋମଳ ଶବ୍ଦ ବିନ୍ୟାସ ପ୍ରତି ତାଙ୍କର ଆକର୍ଷଣ ଥିବାରୁ ଗୀତକବିତା ସେ ବ୍ୟବହାର କରିଛନ୍ତି। ଆଜିର ପରିସ୍ଥିତିରେ ଶିଶୁମାନଙ୍କର ବୟସ ଦୃଷ୍ଟି ଅନୁସାରେ ସାହିତ୍ୟ ରଚନା କରିବା ଅନାବଶ୍ୟକ। ପିଲାମାନଙ୍କର ସଚେତନତା ଓ ଅନୁଭୂତିର ବିକାଶ ଘଟିଥିଲେ ବି ସେମାନଙ୍କର ମୌଳିକ ପ୍ରବୃତ୍ତି ଓ ପ୍ରକୃତି ପୂର୍ବବତ୍ ରହିଛି। ଶିଶୁର ସାଧାରଣ ସାମର୍ଥ୍ୟ, ଇନ୍ଦ୍ରିୟାନୁଭୂତି, ଆବେଗ, ମନସ୍ତାତ୍ତ୍ୱିକ ଓ ମାନସିକ ଅବସ୍ଥାକୁ ଚାହିଁ କବି କ୍ଷୀରୋଦ ଚନ୍ଦ୍ର ପୋଥାଳ ଶିଶୁ ସାହିତ୍ୟ ରଚନା କରିଛନ୍ତି।

ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷର ପ୍ରାଦେଶିକ ଗୀତି ସାହିତ୍ୟର ବିକାଶଧାରାକୁ କ୍ଷୀରୋଦ ଚନ୍ଦ୍ର ପୋଥାଳ ନିଜର ସାଧନା, ଉଦ୍ୟମ ବଳରେ ସମୃଦ୍ଧ କରିପାରିଛନ୍ତି। ପଦ ସଙ୍ଗେ ପଦ ଯୋଡ଼ି ଦେଲେ ସଙ୍ଗୀତ ହୋଇଯାଏ ନାହିଁ। ସ୍ୱର, ତାଳ, ଲୟଯୁକ୍ତ ରସସିକ୍ତ ପଦୋଚୟକୁ ଗୀତକବିତା କୁହାଯାଏ। ଇଂରାଜୀରେ କୁହାଯାଇଛି– "When a poem is subjective it is epical, when a poem is objective it is lyrical". ସବୁ କବିତା ପାଠକ ବା ଶ୍ରୋତାକୁ ସବୁ ସମୟ ପାଇଁ ବିଭୋର କରିପାରେ ନାହିଁ। କେତେକ କବି ନିଜର ରଚନା ମାଧମରେ ପ୍ରତିଷ୍ଠା ଅର୍ଜନ କରନ୍ତି। ସେହିପରି ଏକ ସର୍ବପାଠ୍ୟ କବି ଓ ଗୀତିକାର କ୍ଷୀରୋଦ ଚନ୍ଦ୍ର ପୋଥାଳ।

ସାମ୍ପ୍ରତିକ ଜୀବନ ଖଣ୍ଡିତ, ବହୁଧା ବିଭକ୍ତ। ଏହି ଜୀବନ କେବେ ପାଶ୍ଚାତ୍ୟ ମୁହଁରେ ଅନ୍ଧ ନିଜ ପ୍ରାଣକୁ ବିଶ୍ୱପ୍ରାଣଙ୍କ ସହ ଏକାକାର କରିବାକୁ ପାଗଳ। କବି କ୍ଷୀରୋଦ ଚନ୍ଦ୍ର ପୋଥାଳ ପ୍ରଥମେ ଜଣେ ଭକ୍ତ ଓ ପରେ କବି। ଭକ୍ତ ଭାବରେ ସେ ଗାଇ ଉଠନ୍ତି–

'ଚାହାଁ ମନ ଚକାଡ଼ୋଳାକୁ
ଭାବ ବିନୋଦିଆ ଭାବଭୋଳାକୁ।
ମୃଗୁଣୀ ତାରଣ ଗଜ ଉଦ୍ଧାରଣ
ଏଇ ବଳିରାଜା ଦର୍ପଦଳାକୁ ।।'

ଆଧୁନିକ କବିତା ରଚନା କରିବାରେ କବି ଜଣେ ସଫଳ ଗୀତିକାର। ପ୍ରେମଠାରୁ, ପ୍ରଣୟ ଯଥେଷ୍ଟ ଅବଲମ୍ବନ କରୁଥିବା କବିଙ୍କ ଲେଖନୀରୁ ଝରିପଡିଛି–

ତୁମେ କବି, ମୁଁ ଯେ କବିତା
ତୁମେ ଆକାଶ, ମୁଁ ଯେ ସବିତା
ତୁମେ ସାଗର, ମୁଁ ଯେ ତଟିନୀ
ତୁମେ ବାରିଦ, ମୁଁ ଯେ ବନାନୀ
ତୁମେ ମଧୁପ, ମୁଁ ଯେ ପୁଷ୍ପିତା ॥

କବି ପୋଥାଳଙ୍କ ରଚନାରେ ଭକ୍ତି ଓ ପ୍ରେମର ସ୍ୱରୂପ ଯେପରି ସ୍ଥାନ ପାଇଛି, ଦେଶପ୍ରେମ ମଧ୍ୟ ସେହିପରି ପ୍ରମୁଖ ସ୍ଥାନ ଲାଭ କରିଛି। ଦେଶ ପାଇଁ ସଂଗ୍ରାମ କରିଥିବା ଜନନାୟକମାନଙ୍କୁ ସେ ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି। ଦେଶ ମାତୃକାର ଜୟଗାନରେ ଶତମୁଖ ହୋଇ ସେ ଲେଖିଛନ୍ତି–

କୋଟି କଣ୍ଠେ ଆଜି, ସ୍ୱର ଉଠୁ ଆଜି,
ଜୟ ମା ଭାରତ ଜୟ।
ସେହି ଜୟନାଦେ, ନିନାଦିତ ହେଉ,
ଆକୁମାରୀ ହିମାଳୟ ॥

ଦେଶ ବନ୍ଦନାଭିତ୍ତିକ ଗୀତକବିତାଗୁଡିକର ବିଶେଷତ୍ୱ ହେଉଛି ଜାତୀୟ ସଂହତି ସ୍ଥାପନ ଓ ଜାତିର ଗୌରବଗାନ।

କ୍ଷୀରୋଦ ଚନ୍ଦ୍ର ପୋଥାଳ ଜଣେ ଓଡ଼ିଆ। ତାଙ୍କର ଆରାଧ୍ୟ ଜଗତର ନାଥ ଜଗନ୍ନାଥ। ନିଜ ହୃଦୟର ନିଷ୍କାମ ଭକ୍ତିକୁ ସେ ଜଗନ୍ନାଥଙ୍କର ଚରଣରେ ନିବେଦନ କରିଛନ୍ତି। ସେଥିପାଇଁ ସେ ଲେଖୁଛନ୍ତି କୋଠ ଭୋଗଖିଆ, ଚକାଆଖିଆ, ପତିତପାବନ, କଳ୍ପବଟମୂଳିଆ, ରମାରମଣ, କଳାମାଣିକ, କଳାବଦନ। ଜଗନ୍ନାଥଙ୍କୁ ସବୁ ନାମରେ ଡ଼ାକି ହୁଏ। କାରଣ ସେ ସର୍ବନାମ। ତାଙ୍କ ଗୀତିକା ସମୂହରେ ବୈଷ୍ଣବୀୟ ଦର୍ଶନର ପ୍ରତିଫଳନ ଦେଖିବାକୁ ମିଳେ। ଭକ୍ତ କବି, ଗୀତିକାର ଓ ଶିଶୁ ସାହିତ୍ୟର ସ୍ରଷ୍ଟା କ୍ଷୀରୋଦ ଚନ୍ଦ୍ର ପୋଥାଳ ଯଥାର୍ଥରେ ଜଣେ ଉଚ୍ଚକୋଟୀର ସାହିତ୍ୟିକ। ତାଙ୍କ ଜୀବନ ବିକ୍ଷୁବ୍ଧ ତରଙ୍ଗାୟିତ। ଜଣେ ସାଧାସିଧା କିନ୍ତୁ ଆଦର୍ଶ ବ୍ୟକ୍ତିତ୍ୱର ଅଧିକାରୀ ଭାବେ ସେ ନିଜକୁ ପ୍ରତିପାଦନ କରିଛନ୍ତି। ତାଙ୍କ ଜୀବନକଥା ବିଶେଷ ଜ୍ଞାତ ନୁହେଁ। ସର୍ବୋପରି ସେ 'କୋଠ ଭୋଗ ଖିଆ'ର କବି ଭାବରେ ପରିଚିତ।

ସେ ୧୯୩୯ ମସିହା ଜୁନ୍ ୩୦ ତାରିଖରେ କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ପଞ୍ଚାୟତର ଗୋପପୁର ଗ୍ରାମର ଯଦୁମଣି ପୋଥାଳ ଓ ଜହ୍ନ ଦେଈଙ୍କ କୋଳ ମଣ୍ଡନ କରିଥିଲେ। ଜନ୍ମଲାଭର ୨ ମାସ ପରେ ସେ ମାଆଙ୍କୁ ଓ ୪ ବର୍ଷ ପରେ ପିତାଙ୍କୁ ହରାଇ ପାରମ୍ପରିକ ସ୍ନେହ, ଶ୍ରଦ୍ଧା, ଲାଳନ ପାଳନ, ଶିକ୍ଷାଦୀକ୍ଷାରୁ ବଞ୍ଚିତ ହୋଇଥିଲେ ମଧ୍ୟ ଦୁଃଖରେ ଭାଙ୍ଗି ନପଡି କୈଶୋରାବସ୍ଥାରୁ ସାରସ୍ୱତ ସାଧନରେ ବ୍ରତୀ ହୋଇଥିଲେ। ସେ କରୁଣାମୟ ଜଗତର ନାଥ ଶ୍ରୀଜଗନ୍ନାଥଙ୍କଠାରେ ନିଜକୁ ସମର୍ପଣ କରି ଗୀତିକବି ଭାବରେ ପ୍ରତିଷ୍ଠିତ ହୋଇଛନ୍ତି।

କବି କ୍ଷୀରୋଦ ଚନ୍ଦ୍ରଙ୍କ ସୃଜନଶୀଳ ବ୍ୟକ୍ତିତ୍ୱର ଅୟମାରମ୍ଭ ଘଟେ ଶିଶୁ ସାହିତ୍ୟ ସଂରଚନାରୁ। ମାତ୍ର ୧୪ ବର୍ଷ ବୟସରେ 'ମାତୃଭୂମି'ରେ ତାଙ୍କର ଶିଶୁ ଲେଖାଟି ପ୍ରକାଶିତ ହେବା ପରେ ସେ ଲୋକଲୋଚନକୁ ଆସନ୍ତି । ତା'ପରେ ପ୍ରଜାତନ୍ତ୍ରର ମୀନାବଜାରରେ ଶିଶୁ ଉପଯୋଗୀ ରଚନା ପ୍ରକାଶ ପାଏ । ସେଥିରେ ସେ ଧାରାବାହିକ ଭାବେ ଶିଶୁ ଉପଯୋଗୀ କବିତା ରଚନା କରିଛନ୍ତି। 'ମନେହୁଏ ମୋର ହେବାକୁ ମୀନା' ପୁସ୍ତକ ପାଇଁ ୧୯୮୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରି ଜଣେ ଶ୍ରେଷ୍ଠ ଶିଶୁସାହିତ୍ୟିକର ମର୍ଯ୍ୟାଦା ଲାଭ କରିଛନ୍ତି। ଶିଶୁ ସାହିତ୍ୟ ଓ ଗୀତିକବିତା ସଂରଚନାରେ କବି କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ କବି ପ୍ରତିଭାର ବିକାଶ ଘଟିଛି।

ଶିଶୁ ସାହିତ୍ୟ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ମହିମାମୟ ବିଭାଗ। ଶିଶୁମାନଙ୍କୁ ଭବିଷ୍ୟତରେ ସୁନାଗରିକ ରୂପରେ ଗଢ଼ିତୋଳିବା ହେଉଛି ଶିଶୁ ସାହିତ୍ୟିକମାନଙ୍କର ଦାୟିତ୍ୱ। ସେମାନଙ୍କ ଭିତରେ ସୌନ୍ଦର୍ଯ୍ୟବୋଧ, ପ୍ରକୃତିପ୍ରୀତି, କର୍ତ୍ତବ୍ୟବୋଧ, ସ୍ୱଦେଶପ୍ରେମ, ପରୋପକାର, ନୈତିକତାବୋଧ, ଧର୍ମଭାବ, ଏକତାବୋଧ, ସମପ୍ରାଣତା ଇତ୍ୟାଦି ବିଷୟରେ ସଚେତନତା ସୃଷ୍ଟି କରିବା ହେଉଛି ଶିଶୁ ସାହିତ୍ୟର ଉଦ୍ଦେଶ୍ୟ। ଶିଶୁ ସାହିତ୍ୟର ପ୍ରଥମ ଉଦ୍ଦେଶ୍ୟ ହେଲା ମନୋରଞ୍ଜନ। ଦ୍ୱିତୀୟ ଉଦ୍ଦେଶ୍ୟ ହେଲା ଜ୍ଞାନ ଅର୍ଜନ। ଶିଶୁ ସାହିତ୍ୟ ହେଲା ଶିଶୁର ବନ୍ଧୁ । ତେଣୁ ଶିଶୁର ଅଙ୍ଗେ ଲିଭାଇଥିବା ଅନୁଭୂତି, ଅଭିଜ୍ଞତା ଅଥବା ଦେଖିଥିବା ଘଟଣାକୁ ଶିଶୁସାହିତ୍ୟରେ ଅଗ୍ରାଧିକାର ଦେବା ଉଚିତ୍। ସେ 'ଉପଧା' ମିଳନ ଉପରେ ଗୁରୁତ୍ୱ ଦେଉଥିଲେ। ତାଙ୍କର ପ୍ରତ୍ୟେକ ରଚନା ଭାବ, ରସ, ଛନ୍ଦର ତ୍ରିବେଣୀ ସଙ୍ଗମ ଭାବରେ ପାଠକୀୟ ଆଦର ଲାଭ କରିଛି। ବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଆ ଶିଶୁସାହିତ୍ୟ କ୍ଷେତ୍ରରେ କ୍ଷୀରୋଦ ଚନ୍ଦ୍ର ପୋଥାଳ ଜଣେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ଭାବେ ପରିଚିତ। ଅର୍ଦ୍ଧଶତାବ୍ଦୀ ଧରି ଶିଶୁ ମନର ଅନ୍ତରାତ୍ମାକୁ

ହୃଦୟ ମଧ୍ୟରେ ଜାବୁଡ଼ି ଧରି ସେ ଯେଉଁ ଅଜସ୍ର କାହାଣୀ, ଶିଶୁକବିତା, ଗଳ୍ପ, ରୂପକ ଓ ସଙ୍ଗୀତ ରଚନା କରିଛନ୍ତି, ସେ ସବୁ ଯୁଗାଶ୍ରୟୀ ହେବା ସହିତ ଓଡ଼ିଆ ଶିଶୁସାହିତ୍ୟ ଇତିହାସରେ ସୁବର୍ଣ୍ଣମୟ ଯୁଗ ସୃଷ୍ଟି କରିପାରିଛି । କଟକରେ କବିଙ୍କର ଦୀର୍ଘ ଦିନର ସାଧନାରେ ଶିଶୁର ଶିକ୍ଷାତତ୍ତ୍ୱ , ସମାଜ ବିଜ୍ଞାନ, ଶିଶୁ ଜୀବନ ନିର୍ମାଣ ସହ ବୈପ୍ଳବିକ ପରିବର୍ତ୍ତନର ଭାବଧାରା ଏକ ଉର୍ଜସ୍ୱଳ ରୂପ ଧାରଣ କରେ । କବିଙ୍କର 'ମନହୁଏ ହେବାକୁ ମୀନା', 'ହସ ରାଇଜର ମୁନା', 'ଗାଁ ମାଟି ମୋର ହସେରେ', 'ଅକଲ ମକଲ ଟକଲଟିଆଁ', 'ହସ ପସରା', 'ଶୁଣ ମୋର ଧନରେ' ଆଦି ଅନେକ କବିତାରେ ଗ୍ରାମ୍ୟ ପରିବେଶ, ପରିପାଟୀଠାରୁ ଆରମ୍ଭ କରି ଜନ୍ମରୁ ବାଲ୍ୟଜୀବନର ଶେଷ ପର୍ଯ୍ୟନ୍ତ ପ୍ରତିଟି ମୁହୂର୍ତ୍ତ ପ୍ରତିଫଳିତ । କବିଙ୍କର ମାନସ ପଟ୍ଟରେ ନିଜ ବାଲ୍ୟଜୀବନର ଅଭୁଲା ସ୍ମୃତିମାନ କାବ୍ୟିକ ରୂପ ଧାରଣ କରିଛି ।

କ୍ଷୀରୋଦ ଚନ୍ଦ୍ର ପୋଥାଳ ଜଣେ ସଫଳ ଶିଶୁସାହିତ୍ୟିକ ଭାବରେ ଯେପରି ପ୍ରତିଷ୍ଠା ଅର୍ଜନ କରିଛନ୍ତି, ସେହିପରି ଜଣେ ଉଚ୍ଚକୋଟୀର ଗୀତିକବି ବା ବିଦଗ୍ଧ ସାହିତ୍ୟିକ ଭାବରେ ସ୍ୱୀକୃତି ଲାଭ କରିଛନ୍ତି । ଗୀତିକବିତା ରଚନାରେ ମନୋନିବେଶ କରି ସେ ଆକାଶବାଣୀର ଜଣେ ଗୀତିକାର ଭାବେ ସ୍ୱୀକୃତି ପାଇଥିଲେ । କବି କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ ରଚିତ ବହୁ ସଂଖ୍ୟକ ଭକ୍ତିଗୀତ, ସଙ୍ଗୀତ, ରୂପକ, ଗୀତିକଥା ପ୍ରଭୃତି ବିଗତ ପ୍ରାୟ ୪୫ ବର୍ଷ ହେଲା ଆକାଶବାଣୀ ମାଧ୍ୟମରେ ପ୍ରଚାରିତ ହୋଇଆସୁଅଛି । କବି କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ ପ୍ରତ୍ୟେକ ସଙ୍ଗୀତ ହୃଦୟ ରସରେ ରସାଣିତ । ତାଙ୍କର ସଙ୍ଗୀତାବଳି ଅଭିଜ୍ଞତା ଓ ଭାବରେ ରସାନ୍ୱିତ ।

ଭକ୍ତ ହୃଦୟର ଅନାବିଳ ଅଭିବ୍ୟକ୍ତିରେ କ୍ଷୀରୋଦ ଚନ୍ଦ୍ରଙ୍କ ଭକ୍ତି ଗୀତଗୁଡିକ ମନୋରମ । ଜଣେ ଏକନିଷ୍ଠ ଭକ୍ତ ହୃଦୟର ଭାବହିଁ ତାଙ୍କ ସଂଗୀତଗୁଡିକରୁ ସ୍ପଷ୍ଟ ବାରିହୋଇ ପଡ଼େ । ପ୍ରତ୍ୟେକ ସଂଗୀତଗୁଡିକରେ ତାଙ୍କର ମୌଳିକତା ଲକ୍ଷ୍ୟ କରିବାର କଥା । ପ୍ରାୟ ଶତାଧିକ ଭକ୍ତି ସଂଗୀତର ସେ ସ୍ରଷ୍ଟା । ସେଥିମଧ୍ୟରୁ ଅଧିକାଂଶ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଜଗତର ନାଥ ଜଗନ୍ନାଥଙ୍କୁ ନେଇ ରଚିତ ହୋଇଥିଲାବେଳେ କେତେକ କୃଷ୍ଣ, ସରସ୍ୱତୀ, ଗଣେଶ, ସାରଳାଙ୍କୁ ନେଇ ରଚିତ । ଜଗନ୍ନାଥଙ୍କୁ ନେଇ ରଚିତ ସଂଗୀତମାନଙ୍କ ମଧ୍ୟରେ 'କୋଠ ଭୋଗଖିଆ, ମୋ ଚକା ଆଖିଆ', 'କଳ୍ପବଟ ମୂଳିଆ ମୋ କାଳିଆ ରାଜା', 'ମନ ଦେଖ କାଳିଆର ଭେଳିକିରେ', 'ଆହା ମୋ କାଳିଆ ହାତୀ', 'ଚକା ଆଖିହେ ଚକା ଆଖି', 'ଜଗାକାଳିଆରେ କଲୁ ମୋତେ ସାତ ପର', 'ମିଛେ ଦୀନବନ୍ଧୁ ନାମ କହିଛ ହରି', 'ପତିତ ତାରଣ ଶରଣ ରକ୍ଷଣ', 'କାଳିଆ ସୁନାରେ କାଳିଆ ସୁନା', 'ମୋର ଡ଼ର ନାହିଁ ଆଉ କାହାକୁ, 'କଳାମାଣିକ ମୋ କଳା ବଦନ', 'ଚାହଁ ମନ ଚକା ଡୋଳାକୁ', 'ମହାପ୍ରଭୁ ଏକି ତୁମ ବଡପଣ', 'ଫୁଲଟିଏ ମୋତେ କର ମହାପ୍ରଭୁ', ଆଦି ଭକ୍ତି ସଙ୍ଗୀତଗୁଡିକ ପାଠକ ଓ ଶ୍ରୋତାଙ୍କ ମନ ଏବଂ ହୃଦୟକୁ ଭକ୍ତି ରସରେ ରସାଣିତ କରେ । କବି କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ ଭକ୍ତି ସଂଗୀତଗୁଡିକ ଭଜନ ସମ୍ରାଟ ଭିକାରୀ ବଳଙ୍କ କଣ୍ଠରେ ଏପରି ଶ୍ରବଣ ସୁଖଦାୟୀ ହେଉଥିଲା, ଯାହାକି ପ୍ରତ୍ୟେକ ଶ୍ରୋତାଙ୍କର ହୃଦୟ ରାଜ୍ୟକୁ ସ୍ପର୍ଶ କରିପାରୁଥିଲା । ଗୀତିକବି କ୍ଷୀରୋଦ ଚନ୍ଦ୍ର ପୋଥାଳ କୋଠ ଭୋଗ ଖିଆ ଗୀତର ଦୁଇପଦ ଲେଖି ସ୍ୱର କରିବାକୁ ଦେଇଥାନ୍ତି ଭଜନ ସମ୍ରାଟ ଭିକାରୀ ବଳଙ୍କୁ । ଆଉ ପଦଟିଏ ଲେଖା ସରିଲେ ଗୀତ ହେବ ସମ୍ପୂର୍ଣ୍ଣ । ପ୍ରଥମରୁ ସହଜ ହେଉଥିବା ପଦ କବିଙ୍କ ଚେତନା ସ୍ତରକୁ କେଜାଣି କାହିଁକି ସ୍ପର୍ଶ କରୁନଥାଏ । ଦିନ ପରେ ଦିନ ବିତିଗଲା । ରେକର୍ଡିଂ ପୂର୍ବଦିନ ରାତିରେ ଗୀତ ନ ପାଇ ଏକ ପ୍ରକାର ନିରାଶାରେ ଭିକାରୀ ବଳ ଫେରି ଯିବା ପରେ କିଛି ସମୟ କିଂକର୍ତ୍ତବ୍ୟବିମୂଢ଼ ହୋଇ ସେ ଦୁଇ ହାତ ଊର୍ଦ୍ଧ୍ୱକୁ ଟେକି ସବୁ ଗର୍ବ, ଦମ୍ଭ, ଅଭିମାନକୁ ଭଗବାନଙ୍କ ପାଦ ପଦ୍ମରେ ସମର୍ପଣ କରି କାନ୍ଦି କାନ୍ଦି ତଲ୍ଲୀନ ହୋଇଗଲେ । ଏଇ ଦିବ୍ୟାନୁଭବ ଭିତରେ ସମର୍ପିତ ଭକ୍ତ କବି କ୍ଷୀରୋଦ ଚନ୍ଦ୍ର ପୋଥାଳ ଶେଷ କରିଥିଲେ– କୋଠ ଭୋଗଖିଆ, ମୋ ଚକା ଆଖିଆ କବିତା ।

କୋଠଭୋଗ ଖିଆ ମୋ ଚକା ଆଖିଆ,
ଉଠ ହେ ପହଡ଼ ଭାଙ୍ଗି ।
ପଣ୍ଡା ପଡ଼ିଆରୀ କରନ୍ତି ଗୁହାରୀ,
ହେବାକୁ ଚନ୍ଦନ ଲାଗି ॥
ପତିତପାବନ ବାନା ଉଡ଼ାଇଛ,
ପତିତ ଉଦ୍ଧାର ପାଇଁ ।
ମୁଁ ଜଣେ ପତିତ କାନ୍ଦିକାନ୍ଦି ମରେ,
ମୋ ଡ଼ାକ କି ଶୁଭେ ନାହିଁ ॥
ଏଡ଼େ ବଡ଼ ପଣ ବହି ଅଛ ପ୍ରଭୁ,
କୁହ ତେବେ କାହା ଲାଗି
ଉଠ ହେ ପହଡ଼ ଭାଙ୍ଗି... ॥

(କ୍ଷୀରୋଦ ଚନ୍ଦ୍ର ପୋଥାଳ,– 'ବଳ–ପୋଥାଳ ଯୋଡ଼ି', ଭଜନ ସମ୍ରାଟ ଭିକାରୀ ବଳ, (ସଂ) ବିଜୟାନନ୍ଦ ସିଂହ ଓ ଡକ୍ଟର ସୁନାମଣି ରାଉତ, ୨୦୦୬, ପୃ–୭୩)

କବିବର ରାଧାନାଥ ଯେପରି ଅନେକ କାବ୍ୟ ନ ଲେଖି କେବଳ ଯଦି 'ଚିଲିକା', 'ଦରବାର', ଗଙ୍ଗାଧର ମେହେର 'ତପସ୍ୱିନୀ', ଫକୀର ମୋହନ ଯେପରି 'ରେବତୀ' କି 'ଛଅମାଣ ଆଠଗୁଣ୍ଠ', କାଳିନ୍ଦୀ ଚରଣ ଯେପରି 'ମାଟିର ମଣିଷ', ରାମକୃଷ୍ଣ ନନ୍ଦ 'ଆହେ ଦୟାମୟ ବିଶ୍ୱବିହାରୀ', ନନ୍ଦକିଶୋର ସାମଲ ଯେପରି 'ଆମଘର' ଲେଖି କାଳଜୟୀ ସ୍ରଷ୍ଟାର ମାନ୍ୟତା ପାଇଥାନ୍ତେ, ସେହିପରି କବି କ୍ଷୀରୋଦ ଚନ୍ଦ୍ର ପୋଥାଳ ଯଦି ଆଉ କିଛି ନ ଲେଖି ଥାଆନ୍ତେ ଏଇ କୋଠ ଭୋଗଖିଆ, ତାଙ୍କୁ କାଳଜୟୀ କବିର ମାନ୍ୟତା ଦେଇଥାଆନ୍ତା, ଏହା ନିଃସନ୍ଦେହ।

ନିଜେ ଜଳି ଅନ୍ୟକୁ ଆଲୋକିତ କରିବା ଦୀପର ଧର୍ମ। ବିଜୁଳି ଆଲୁଅର ଚମତ୍କାରିତା ତାଙ୍କୁ ପ୍ରତିହତ କରିପାରେ ନାହିଁ। ସୃଷ୍ଟି ସହିତ ତାର ସମ୍ପର୍କ ଅବିଚ୍ଛେଦ୍ୟ। ଏକ ଅଖ୍ୟାତ ପଲ୍ଲୀରେ, ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କୁ ଦାରିଦ୍ର୍ୟର ଉତ୍କଟତା ତାଙ୍କ ପ୍ରତିଭାର ବିକାଶରେ ବାଧା ସୃଷ୍ଟି କରିପାରି ନାହିଁ। ପ୍ରଥମେ ପଲ୍ଲୀ ଜୀବନର ଦୃଶ୍ୟ ନିଖୁଣ ଭାବରେ ତାଙ୍କ କବିତା ମାଧ୍ୟମରେ ରୂପାୟିତ ହୋଇଛି। ଶବ୍ଦ ବିନ୍ୟାସ, ଛନ୍ଦପତନ, ପ୍ରକାଶ ଭଙ୍ଗୀର ଶୈଳୀ ତଥା ଗୁଣାତ୍ମକ ମାନ ତାଙ୍କ କବିତାଗୁଡ଼ିକୁ ରସାଣିତ କରିଛି । ସମ୍ବାଦପତ୍ରର ଶିଶୁ ବିଭାଗରେ ପ୍ରକାଶିତ ହୋଇ ତାଙ୍କ କବିତାଗୁଡ଼ିକ ଶିଶୁପାଠକମାନଙ୍କ ଦ୍ୱାରା ଆଦୃତ ହୋଇଛି । ପରବର୍ତ୍ତୀ ସମୟରେ ଆକାଶବାଣୀ ଦ୍ୱାରା ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ସ୍ୱର୍ଗତ ପୋଥଳ ଏଥିରେ ଭକ୍ତିଗୀତ, ଦେଶ ବନ୍ଦନା , ଶିଶୁଗୀତ ପ୍ରଭୃତି ପରିବେଷଣ କରି ଲୋକପ୍ରିୟ ହୋଇ ପାରିଛନ୍ତି । ଜଣେ ସଫଳ ଶିଶୁ ସାହିତ୍ୟିକ ଭାବରେ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ତଥା ଅନ୍ୟାନ୍ୟ ସମ୍ଭ୍ରାନ୍ତ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି । ତାଙ୍କ ଲେଖନୀରୁ ଯାହା ବାହାରିଛି, ତାହା ଅମୃତ ହୋଇଯାଇଛି । ତାଙ୍କ ସୃଷ୍ଟି ମାଧ୍ୟମରେ ସେ ଅମୃତ ବାଣ୍ଟି ଚାଲିଛନ୍ତି ।

**ସହାୟକ ଗ୍ରନ୍ଥ**

୧. ପଲ୍ଲୀ ପ୍ରଦୀପ କ୍ଷୀରୋଦ ଚନ୍ଦ୍ର/ ସମ୍ପାଦନା– ଡ଼କ୍ଟର ଭୁବନାନନ୍ଦ ସାହୁ, ଡ଼କ୍ଟର ଏକାଦଶୀ ପ୍ରଧାନ/ ପ୍ରକାଶିକା– ଶ୍ରୀମତୀ ଅନ୍ନପୂର୍ଣ୍ଣା ପୋଥାଳ, ପତିତପାବନ ପ୍ରକାଶନୀ, ଗୋପପୁର, ନିଶ୍ଚିନ୍ତକୋଇଲି, କଟକ/ ପ୍ରଥମ ସଂସ୍କରଣ– ଜୁନ୍ ୩୦,୨୦୦୯ ।

୨. ଓଡ଼ିଆ ଶିଶୁ ସାହିତ୍ୟର ଦିଗଦିଗନ୍ତ/ ସଂକଳକ– ଡ଼କ୍ଟର ଶରତ କୁମାର ବିଶ୍ୱାଳ / ପ୍ରକାଶକ– ସ୍ୱର୍ଣ୍ଣପ୍ରଭା ପ୍ରିଣ୍ଟର୍ସ, ଡ଼ଗରପଡ଼ା, କଟକ / ପ୍ରଥମ ପ୍ରକାଶ ବିଜୟା ଦଶମୀ – ୨୦୧୦ ।

୩. ଓଡ଼ିଆ ଶିଶୁ ସାହିତ୍ୟ ସଂକଳନ/ ସଂକଳକ – ଶ୍ରୀ ରାମକୃଷ୍ଣ ନନ୍ଦ/ ପ୍ରକାଶକ– ଓଡ଼ିଶା ସାହିତ୍ୟ ଏକାଡ଼େମୀ ଭୁବନେଶ୍ୱର/ ପ୍ରଥମ ପ୍ରକାଶ ୧୯୮୨ ।

ନୂଆପଡା, କଟକ

❖ ❖ ❖

# ନୌବାଣିଜ୍ୟର ସ୍ମୃତି

ଶୈଳେଶ୍ୱର ସାହୁ

ଆଜି ଆମେ ଯେଉଁ ଓଡ଼ିଶା ରାଜ୍ୟ ଦେଖୁଚେ, ତା'ର ପ୍ରାଚୀନ ନାମ ଥିଲା ଉତ୍କଳ । ଉତ୍କଳର ପ୍ରାଚୀନ ନାମ ଥିଲା କଳିଙ୍ଗ । ପ୍ରାଚୀନ ଭାରତର ପୂର୍ବ ଉପକୂଳସ୍ଥ ନଦୀ ପରିବେଷ୍ଟିତ ଉର୍ବର ସମତଳ ଭୂମି ଏକଦା କଳିଙ୍ଗ ନାମରେ ନାମିତ ହୋଇଥିବା ଇତିହାସରୁ ଜଣାଯାଏ । ସଭ୍ୟତାର ପ୍ରାରମ୍ଭରୁ ଜଣାଯାଏ ଯେ ଲୋକମାନେ ନିଜର ଜୀବନ ଜୀବିକା ପାଇଁ ନଦୀକୂଳର ଉର୍ବର ସମତଳ ଭୂମିରେ ଚାଷ , ନଦୀରୁ ମାଛ ଧରିବା ଓ ପଶୁପାଳନ କରି ଜୀବିକା ନିର୍ବାହ କରୁଥିଲେ । ଏହି ଦୃଷ୍ଟାନ୍ତରୁ କଳିଙ୍ଗର ସଭ୍ୟତା ଏକ ଉଚ୍ଚମାନର ସଭ୍ୟତା ପରି ପରିଲକ୍ଷିତ ହୁଏ । ସେତେବେଳେ ଗମନାଗମନର ଏକ ମାତ୍ର ପଥ ଥିଲା ଜଳପଥ ଯଥା ନଦୀ ଓ ସମୁଦ୍ର ।

ଜଳ ପଥରେ ଗମନାଗମନର ପ୍ରେରଣା ଦିଏ ହଂସଟିଏ । ଏହି ହଂସକୁ ପରିକଳ୍ପନା କରି ଭାସମାନ ପଦାର୍ଥ ଦ୍ୱାରା ହଂସାକୃତ ବୋଇତର ସୃଷ୍ଟି ହୁଏ । ଏହି ବୋଇତଗୁଡ଼ିକ ଆହୁଲା ବା କାତ ସାହାଯ୍ୟରେ ସ୍ଥାନାନ୍ତରିତ କରିବାର ସକ୍ଷମ ହେଉଥିଲେ । କାଳକ୍ରମେ ତଳେଇ ବା ପାଲ ସାହାଯ୍ୟରେ ବାୟୁରୁ ଶକ୍ତି ଦ୍ୱାରା ଏକ ସ୍ଥାନରୁ ଅନ୍ୟ ଏକ ସ୍ଥାନ ପର୍ଯ୍ୟନ୍ତ ଲୋକମାନେ ଅତି ସହଜରେ ଗମନାଗମନ କରିବାକୁ ଲାଗିଲେ । ବିଶେଷତଃ ପୁରାତନ ଜ୍ୟୋତିର୍ବିଦ୍ୟା ଦ୍ୱାରା ଗ୍ରହ, ନକ୍ଷତ୍ରମାନଙ୍କର ଚଳନ ଓ ମୌସୁମୀ ବାୟୁର ସହାୟତାରେ ସୁଗଭୀର ସମୁଦ୍ର ପଥରେ ଦ୍ୱୀପାନ୍ତର ଦେଶଗୁଡ଼ିକୁ ଗମନାଗମନ କରି ବାଣିଜ୍ୟ ଓ ଉପନିବେଶ ସ୍ଥାପନ କରିପାରିଥିଲେ । ଏହା କେବଳ କଳିଙ୍ଗର ସାହସୀ ନାବିକ, ବ୍ରହ୍ମଣ, କୁଶଳୀ କାରିଗର, ବଣିକ ଓ ଅନ୍ୟମାନଙ୍କ ଦ୍ୱାରା ହିଁ ସମ୍ଭବପର ହୋଇପାରିଥିଲା ।

**କଳିଙ୍ଗାଃ ସାହାସିକାଃ ।**

କଳିଙ୍ଗର ଅଧିବାସୀମାନେ ବହୁତ ସାହସୀ ଥିଲେ । କଳିଙ୍ଗର ଉପକୂଳସ୍ଥ ସମୁଦ୍ର ଏକଦା କଳିଙ୍ଗ ସାଗର ନାମରେ ନାମିତ ହେଉଥିଲା । ଏହି ଜାତି ଦିନେ ସଂସ୍କୃତ ସାହିତ୍ୟରେ ପରିକଳ୍ପନା କରାଯାଇଥିବା ନବଦ୍ୱୀପମାନଙ୍କରେ ନିଜର କଳା, ସଂସ୍କୃତି, ସ୍ଥାପତ୍ୟ, ଐଶ୍ୱର୍ଯ୍ୟ, ବାଣିଜ୍ୟ ଓ ଉପନିବେଶ ସ୍ଥାପନ କରି ପ୍ରାଚୀନ ଭାରତର ସଭ୍ୟ ଜାତି ରୂପେ ପରିଗଣିତ ହେଉଥିଲେ । ସେଥିପାଇଁ ଦ୍ୱୀପାନ୍ତର ଦେଶଗୁଡ଼ିକୁ କଳିଙ୍ଗର ଅଧିବାସୀମାନଙ୍କୁ ବା ବଣିକମାନଙ୍କୁ ଦେବଦୂତ ବୋଲି ସମ୍ବୋଧନ କରୁଥିଲେ । ପ୍ରାଚୀନ କାଳରୁ ଦେଖାଯାଏ ଯେ ଯେଉଁ ଦେଶ ସମୁଦ୍ର– ବାଣିଜ୍ୟରେ ଯେତେ ଉନ୍ନତ, ସେହି ଦେଶ ସେତେ ସମୃଦ୍ଧ । ପ୍ରାଚୀନ ଭାରତର ବେଦ, ଶାସ୍ତ୍ର, ପୁରାଣ, ରାମାୟଣ, ମହାଭାରତ, ବୌଦ୍ଧଗ୍ରନ୍ଥ ଓ ଶିଳାଲିପିରୁ ଜଣାଯାଏ ଯେ କଳିଙ୍ଗ ଗଙ୍ଗାନଦୀଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସମାୟାନୁକ୍ରମେ ଏହାର ସୀମା ବଢ଼ିବା ଓ କମିବାର ପରିଲକ୍ଷିତ ହୁଏ । କଳିଙ୍ଗ କଳା, ସଂସ୍କୃତି, ସ୍ଥାପତ୍ୟ ଓ ଐଶ୍ୱର୍ଯ୍ୟ ଆଜି ପର୍ଯ୍ୟନ୍ତ ଦକ୍ଷିଣ ପୂର୍ବ ଦେଶଗୁଡ଼ିକରେ ଉଜ୍ଜୀବିତ ହୋଇ ରହିଛି । 'ବାଣିଜ୍ୟ ବସତେଃ ଲକ୍ଷ୍ମୀଃ' । ଲକ୍ଷ୍ମୀଙ୍କର ଜନ୍ମସ୍ଥାନ ସମୁଦ୍ର । ଲକ୍ଷ୍ମୀଙ୍କର ବାସସ୍ଥାନ ସମୁଦ୍ର । ସମୁଦ୍ର –ବାଣିଜ୍ୟ ଦ୍ୱାରା ଲକ୍ଷ୍ମୀ ପ୍ରାପ୍ତି ହୁଏ ।

ଉପରୋକ୍ତ ଉକ୍ତିକୁ ସ୍ମରଣ କରି ପ୍ରାଚୀନ ଭାରତର ଲୋକମାନେ ସମୁଦ୍ର–ବାଣିଜ୍ୟର ଉପାଦେୟତା ବିଷୟରେ ସମାଜକୁ ଶିକ୍ଷା ଦେଉଥିଲେ । ସମୋପରି କଳିଙ୍ଗର ଲୋକମାନେ ବି ସମୁଦ୍ର–ବାଣିଜ୍ୟର ଉପାଦେୟତାକୁ ଅନୁସରଣ କରିଥିବା ସ୍ୱାଭାବିକ ।

ଆଷାଢ଼ରୁ କାର୍ତ୍ତିକ ମାସ ଓ ମାର୍ଗଶିରରୁ ବୈଶାଖ ମାସ ପର୍ଯ୍ୟନ୍ତ ଜଳଯାତ୍ରାର ଅନୁକୂଳ ସମୟ ନିର୍ଦ୍ଧାରିତ ହେଉଥିଲା । ପୂର୍ବେ ବୋଇତଗୁଡ଼ିକ ପାଲ ସାହାଯ୍ୟରେ ବାୟୁଶକ୍ତି ଓ ସାମୁଦ୍ରିକ ସ୍ରୋତ ଦ୍ୱାରା ଚାଳିତ ହେଉଥିଲା । ଏହି ସମୟରେ ନଦୀଗୁଡ଼ିକ ଜଳପୂର୍ଣ୍ଣ ଥାଏ । ଆଷାଢ଼ରୁ କାର୍ତ୍ତିକମାସ ପର୍ଯ୍ୟନ୍ତ ଦକ୍ଷିଣ ପଶ୍ଚିମ ଦିଗରୁ ମୌସୁମୀ ବାୟୁ ପ୍ରବାହିତ ହୋଇଥାଏ ଏବଂ ସାମୁଦ୍ରିକ ସ୍ରୋତ ଦକ୍ଷିଣ ପଶ୍ଚିମ ଦିଗରୁ ଆରମ୍ଭ ହୋଇ ଦକ୍ଷିଣ ପୂର୍ବ ଦିଗକୁ ପ୍ରବାହିତ ହୋଇଥାଏ । ଠିକ୍ ଏହି ସମୟରେ ଉତ୍କଳୀୟ ବୋଇତଗୁଡ଼ିକ ଦକ୍ଷିଣ ପୂର୍ବ ଦିଗରେ ଥିବା ଦ୍ୱୀପାନ୍ତର ଦେଶଗୁଡ଼ିକୁ ଯଥା ବ୍ରହ୍ମଦେଶ, ଶ୍ୟାମାଦେଶ, ମଳକା, ଚମ୍ପାଦେଶ, ସୁମାତ୍ରା, ଜାଭା, ବାଲି, ବୋର୍ଣ୍ଣିଓ ଇତ୍ୟାଦିକୁ ବାଣିଜ୍ୟ ତରୀ ମେଲି ଦେଉଥିଲେ । ମାର୍ଗଶିରରୁ ବୈଶାଖ ପର୍ଯ୍ୟନ୍ତ ଉତ୍ତର-ପୂର୍ବ ଦିଗରୁ ମୌସୁମୀ ପ୍ରବାହିତ ହୁଏ ଏବଂ ଦକ୍ଷିଣ-ପୂର୍ବ ଦିଗରୁ ଦକ୍ଷିଣ ପଶ୍ଚିମ ଦିଗକୁ ସାମୁଦ୍ରିକ ସ୍ରୋତ ପ୍ରବାହିତ ହୋଇଥାଏ । ଠିକ୍ ଏହି ସମୟରେ ଉତ୍କଳୀୟ ବୋଇତଗୁଡିକ ଦ୍ୱୀପାନ୍ତର ଦେଶଗୁଡିକରୁ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଅତଏବ ଆଷାଢ଼ରୁ କାର୍ତ୍ତିକ ମାସ ମଧ୍ୟରେ ଦ୍ୱୀପାନ୍ତର ଦେଶଗୁଡ଼ିକୁ ବାଣିଜ୍ୟ ତରୀ ମେଲି ଦେଉଥିଲେ ଓ ମାର୍ଗଶିରରୁ ବୈଶାଖ ମାସ ମଧ୍ୟରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଥିଲେ ।

ପାଶ୍ଚାତ୍ୟ ଐତିହାସିକ, ଭୌଗଳିକ ଓ ପରିବ୍ରାଜକମାନେ କଳିଙ୍ଗକୁ ତିନୋଟି ଅଂଶରେ ଦର୍ଶାଇ ଥିବାର ଦେଖାଯାଏ । ସେଗୁଡିକ ହେଲା-

ପୂର୍ବ କଳିଙ୍ଗ-ଗଙ୍ଗାରିଦେଶ କଳିଙ୍ଗ-ବଙ୍ଗ
ଉତ୍ତର କଳିଙ୍ଗ-ଉଡ୍ର କଳିଙ୍ଗ-ଉତ୍କଳିଙ୍ଗ-ଉତ୍କଳ

ଦକ୍ଷିଣ କଳିଙ୍ଗ-କଳିଙ୍ଗ-ମାଳ କଳିଙ୍ଗ-ତିରୁ କଳିଙ୍ଗ-ତୈଲଙ୍ଗ ଏବଂ ପୂର୍ବ ଉପକୂଳସ୍ଥ ବନ୍ଦରଗୁଡିକର ନାମ ଦର୍ଶାଇଛନ୍ତି । ସେଗୁହିକ ମଧ୍ୟରେ ଦନ୍ତପୁର, ତାମ୍ରଲିପ୍ତ, ପାଲୁର, କଳିଙ୍ଗ ନଗର, ସିଂହପୁର, ଦୋସାରନିକ, ଚେଲିତାଲୋ, ନନିଗେନ୍, କୋଣଗର, କଟିକର୍ଦ୍ଦମ ଓ କୋଶମ୍ଭ ଇତ୍ୟାଦି ପ୍ରଧାନ ବନ୍ଦର ବା ପୋତାଶ୍ରୟ ।

ସମୟାନୁକ୍ରମେ ବିଭିନ୍ନ ରାଜବଂଶ ଦ୍ୱାରା କଳିଙ୍ଗର ଭୌଗଳିକ ସ୍ଥିତି ପରିବର୍ତ୍ତିତ ହୋଇ ଗଙ୍ଗାନଦୀଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ଶାସିତ ହୋଇଥିବାର ଦେଖାଯାଏ । ସମରୂପେ ଏହାର ରାଜଧାନୀ ବିଭିନ୍ନ ରାଜବଂଶ ଦ୍ୱାରା ସ୍ଥାନ ପରିବର୍ତ୍ତନ ହୋଇଥିଲା । ପରିଶେଷରେ ଅଥବା ୧୧ଶ ଶତାବ୍ଦୀରେ କଳିଙ୍ଗର ନାମ ଉତ୍କଳ ସାମ୍ରାଜ୍ୟ ନାମରେ ନାମିତ ହୋଇ ଏହାର ରାଜଧାନୀ ଅଭିନବ ବିଡାନାସୀ କଟକରେ ଅବସ୍ଥାପିତ ହୋଇଥିଲା । ଏହି ଉତ୍କଳ ସାମ୍ରାଜ୍ୟର ରାଜାମାନେ ବୀର ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି, କର୍ଣ୍ଣାଟ କଳବର୍ଗେଶ୍ୱର ଇତ୍ୟାଦି ନାମରେ ଭୂଷିତ ହେଉଥିଲେ । ୧୬୦୦ ଖ୍ରୀଷ୍ଟାବ୍ଦଠାରୁ ପାଶ୍ଚାତ୍ୟ ବଣିକମାନଙ୍କର ପ୍ରାଦୁର୍ଭାବ ଓ ପରେ ପରେ ପର୍ତ୍ତୁଗୀଜ୍, ଫରାସୀ, ଓଲନ୍ଦାଜ, ଦୀନାମାର ଓ ଇଂରେଜ ବଣିକମାନଙ୍କର ବାଣିଜ୍ୟ କୋଠି ଓ ଉପନିବେଶ ସ୍ଥାପନ, ମୋଗଲ ଓ ମରହଟ୍ଟାମାନଙ୍କ ଦ୍ୱାରା ପରାଧୀନଗତ ଏବଂ ବାରମ୍ବାର ଆକ୍ରମଣର ଶିକାର, ପ୍ରାକୃତିକ ବିପର୍ଯ୍ୟୟରୁ ନଦୀ ମୁହାଣ ପୋତି ହୋଇଯିବା କାରଣରୁ ନୌବାଣିଜ୍ୟ ଧୀରେ ଧୀରେ ଅସ୍ତମିତ ହୋଇଥିଲା । ଶେଷରେ ସମଗ୍ର ଭାରତବର୍ଷ ଇଂରେଜମାନଙ୍କର ପରାଧୀନଗତ ହୋଇ ନୌବାଣିଜ୍ୟର ଡୋରି ଇଂରେଜମାନଙ୍କ ହାତକୁ ଚାଲି ଯାଇଥିଲା ।

୧୮୦୦ ଖ୍ରୀଷ୍ଟାବ୍ଦର ମଧ୍ୟ ଭାଗରେ ବାରମ୍ବାର କଠିନ ପ୍ରାକୃତିକ ବିପର୍ଯ୍ୟୟ ଓ ଘୂର୍ଣ୍ଣିଝଡ଼ ଦ୍ୱାରା ଉତ୍କଳୀୟମାନଙ୍କ ଯେଉଁ କିଛି ଅଳ୍ପ ସଂଖ୍ୟକ ବୋଇତଗୁଡିକ ଥିଲା, ତାହା ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଗଲା । ପରାଧୀନଗତ ଓ ବିଭିନ୍ନ କରର ଶିକାର ହୋଇ ଉତ୍କଳୀୟମାନଙ୍କ ଆର୍ଥିକ ଅବସ୍ଥା ଧୀରେ ଧୀରେ ଅବନତି ହେବାକୁ ଲାଗିଲା ଏବଂ ନୌବାଣିଜ୍ୟ ପ୍ରତି ମଧ୍ୟ ଉତ୍ସାହ ରହିଲା ନାହିଁ । ୧୮୬୬ ଖ୍ରୀଷ୍ଟାବ୍ଦର ନ'ଅଙ୍କ ଦୁର୍ଭିକ୍ଷରେ ଉତ୍କଳୀୟମାନଙ୍କର ସର୍ବନାଶ ହୋଇଥିଲା । ଖାଦ୍ୟ ଅଭାବରୁ ନୌବାଣିଜ୍ୟ ତ ଦୂରର କଥା ବାଣିଜ୍ୟ ମଧ୍ୟ ଲୋକମାନଙ୍କର ମାନସ ପଟରୁ ଲିଭିଗଲା । ଏହି ଦିନଠାରୁ ଉତ୍କଳର ନୌବାଣିଜ୍ୟ ଇତିହାସ ହୋଇ ରହିଗଲା । ନୌବାଣିଜ୍ୟର ଶେଷ ଅଧ୍ୟାୟ ବାଲେଶ୍ୱରଠାରେ ସମାପ୍ତ ହୋଇଥିଲା ।

ଉତ୍କଳର ପ୍ରଚଳିତ ପ୍ରଥା ଅନୁସାରେ କାର୍ତ୍ତିକ ମାସ ଅମାବାସ୍ୟା ଦିନ ପିତୃପୁରୁଷମାନଙ୍କର ପୟାଶ୍ରାଦ୍ଧ ଓ ଦୀପାବଳି ଉତ୍ସବ ପାଳିତ ହୁଏ । ଶ୍ରାଦ୍ଧାନ୍ତେ ଗୃହିଣୀମାନେ ଶୁଭ ପ୍ରତ୍ୟୁଷରୁ ନିଜ ନିଜ ଗୃହ ଅଗଣାରେ ଥିବା ଚଉରା ନିକଟରେ ବୋଇତ ଚିତ୍ର କରି ସେଥିରେ ଗୃହର କିଛି ଦ୍ରବ୍ୟାଦି ରଖି ବନ୍ଦାପନା କରିଥାନ୍ତି ଓ ଦ୍ରବ୍ୟାଦିଗୁଡିକୁ ଗୃହକୁ ଆଣିଥାନ୍ତି । ଏହା ବ୍ୟତୀତ କାର୍ତ୍ତିକ ମାସରେ ଆକାଶ ଦୀପ, ଭାଦ୍ରବ ମାସରେ ଖୁଦୁରୁକୁଣୀ ଓଷା, ଚୈତ୍ର ମାସରେ କୈବର୍ତ୍ତମାନଙ୍କର ଚୈତ୍ର ପୂର୍ଣ୍ଣିମା, ପାଲା କଥା, ଲୋକ କଥା, ଲୋକ ଗୀତ, ଢ଼ଗଢ଼ମାଳୀ, ଭଞ୍ଜ ସାହିତ୍ୟ ଓ ଫକୀର ମୋହନ ସାହିତ୍ୟରେ ନୌବାଣିଜ୍ୟ ସମ୍ବନ୍ଧୀୟ ଅନେକ ତଥ୍ୟର ଆଭାସ ମିଳିଥାଏ ।

ଉତ୍କଳର ସାଧବ ଉତ୍କଳ ଜାତି ଦ୍ରବ୍ୟଗୁଡିକ ଯଥା ସୂକ୍ଷ୍ମ ବସ୍ତ୍ର, ପାଟ ବସ୍ତ୍ର, ବାନ୍ଧ କାର୍ଯ୍ୟ ହୋଇଥିବା ବସ୍ତ୍ର, ଲୁଣ, ଚାଉଳ, ମାଟି ହାଣ୍ଡି, କଂସା ଓ ପିତ୍ତଳ ବାସନ ଇତ୍ୟାଦିକୁ ନେଇ ତା'ର ବଦଳରେ ଦ୍ୱୀପାନ୍ତର ଦେଶଗୁଡିକରୁ ଲବଙ୍ଗ, ଗୁଆ, ଅଳଙ୍କାର ଇତ୍ୟାଦି ଆଣି ସ୍ୱଦେଶରେ ବାଲିଯାତ୍ରା ପରି ଯାତ୍ରାରେ ବିକ୍ରୀ କରୁଥିଲେ। ଏବେ ମଧ୍ୟ ନୌବାଣିଜ୍ୟର ସ୍ମୃତି ସ୍ୱରୂପ ଓଡ଼ିଶାରେ ନଦୀ ଓ ସମୁଦ୍ରରେ ଚାଲୁଥିବା ପଟେଇ, କୋଶଳୀ, ପଡ଼ଭ, ଜାଲିଆ ଆଦି ଡଙ୍ଗାଗୁଡିକ ଦେଖିବାକୁ ମିଳେ ଏବଂ ଉପକୂଳ ଅଞ୍ଚଳରେ ସାହୁ, ମଙ୍ଗରାଜ, ବୋଇତାଳ, ମହାନାୟକ, ମଲ୍ଲ ଓ ପଟ୍ଟନାୟକ ଆଦି ସଂଜ୍ଞାଧାରୀ ଲୋକମାନେ ବସବାସ କରୁଥିବା ଦେଖାଯାଏ। ଏହାବ୍ୟତୀତ ନଦୀ ବା ସମୁଦ୍ର ଉପକୂଳସ୍ଥ ସ୍ଥାନଗୁଡିକର ନାମ ଯଥା ବୋଇତ କୁନ୍ଦ, ବୋଇତ ଡ଼ିଆ, ବୋଇତ ଭଙ୍ଗା ତୁଠ, ବୋଇତ ଖଟି ଇତ୍ୟାଦି ନାମିତ ହୋଇଥିବାର ଦେଖାଯାଏ। ଆଜିର ଦିନରେ ଓଡ଼ିଶାର ତିନୋଟି ବନ୍ଦର ପାରାଦୀପ, ଗୋପାଳପୁର ଓ ଧାମରା ଆମ୍ଭମାନଙ୍କର ନୌବାଣିଜ୍ୟର ସ୍ମୃତିକୁ ଜୀବିତ କରି ରଖିଛି। କଟକର ଯୋବ୍ରା ନିକଟସ୍ଥ ନୌବାଣିଜ୍ୟ ସଂଗ୍ରହାଳୟରେ ଉତ୍କଳର ନୌବାଣିଜ୍ୟ ଦ୍ରବ୍ୟାଦିଗୁଡିକ ନୌବାଣିଜ୍ୟର ସ୍ମୃତିକୁ ସ୍ମରଣ କରାଇଥାଏ।

ଉତ୍କଳର ଚିରାଚରିତ ପ୍ରଥା ଅନୁସାରେ ପ୍ରତ୍ୟେକ ଉତ୍କଳୀୟ କାର୍ତ୍ତିକ ପୂର୍ଣ୍ଣିମାର ଶୁଭ ପ୍ରତ୍ୟୁଷରେ ନଦୀ, ପୁଷ୍କରିଣୀ ଓ ସମୁଦ୍ରମାନଙ୍କରେ ସ୍ନାନ କରି ସାରିବା ପରେ ଧର୍ମକୁ ଦ୍ୱାହି ଦେଇ କେତୋଟି ଶବ୍ଦ ଉଚ୍ଚାରଣ କରି କଦଳୀ ପଟୁଆ ବା ସୋଲ ନିର୍ମିତ ଖେଳନା ସଦୃଶ ଡଙ୍ଗାଟିରେ ଦ୍ୱୀପ ଜାଳି ତନ୍ମଧ୍ୟରେ ପାନ ଓ ଗୁଆ ରଖି– 'ଆ କା ମା ବୈ' କହି ଡ଼ଙ୍ଗାଟିକୁ ଭସାଇ ଦେଇ ପୂର୍ବପୁରୁଷଙ୍କ ନୌବାଣିଜ୍ୟର କୀର୍ତ୍ତି, ଐତିହ୍ୟ ଓ ସ୍ଥାପତ୍ୟକୁ ସ୍ମରଣ କରିଥାଏ । ଅନ୍ୟ ଅର୍ଥରେ ଉତ୍କଳୀୟ ସାଧବମାନଙ୍କର ଜଳଯାତ୍ରାର ସଫଳ କାମନା ପୂର୍ବକ ଧାର୍ମିକ ଚେତନାରେ 'ଆ କା ମା ବୈ' କହି ଆହ୍ୱାନ କରିଥାଏ, ଅର୍ଥାତ୍ ଆଷାଢ଼ ରୁ କାର୍ତ୍ତିକ ମାସ ମଧ୍ୟରେ ଯାଇ ମାର୍ଗଶିରରୁ ବୈଶାଖ ମାସ ମଧ୍ୟରେ ନିରାପଦରେ ଫେରିଆସ ।

ଏବେ ଏହି ଉତ୍କଳୀୟମାନଙ୍କର ପରିସ୍ଥିତି ଦେଖିଲେ କିଏ ଯେ ବିଶ୍ୱାସ କରିବ ଦିନେ ଏ ଜାତି ନିଜର ସାହସିକତା ଓ ସାଧୁତା ବଳରେ ଦ୍ୱୀପାନ୍ତର ଦେଶଗୁଡିକରେ ନିଜର ବାଣିଜ୍ୟ, କଳା, ସଂସ୍କୃତି, ଐତିହ୍ୟ, ସ୍ଥାପତ୍ୟ ଓ ଉପନିବେଶ ସ୍ଥାପନ କରି ପ୍ରତିଷ୍ଠିତ ହୋଇ ପାରିଥିଲେ। ପରିଶେଷରେ ଉତ୍କଳ ବା ଓଡ଼ିଶାର ଭାଗ୍ୟର ପରିବର୍ତ୍ତନ ପାଇଁ ଭଗବାନଙ୍କ ପାଖରେ ଏତିକି ପ୍ରାର୍ଥନା। ଉତ୍କଳୀୟମାନଙ୍କର ମନରେ ଜାତୀୟତା ଭାବ ଓ ପ୍ରାଣର ବ୍ୟାକୁଳତାକୁ ଉଜ୍ଜୀବିତ କରି ଏହାର ପୂର୍ବ ଗୌରବକୁ ଫେରାଇ ଦିଅନ୍ତୁ।

ଯାଜପୁର

❖ ❖ ❖

# ମାନବିକ ଅଧିକାର

**ନ୍ୟାୟମୂର୍ତ୍ତୀ ବୀର କିଶୋର ମିଶ୍ର**

ଅବର୍ଣ୍ଣନୀୟ ଏହାର ଗଭୀରତା ଓ ଗମ୍ଭୀରତା । ଯେତେ ଅନୁଶୀଳନ କଲେ ସେତେ ଅଧିକରୁ ଅଧିକ ମାନବିକତାର ଆତ୍ମତତ୍ତ୍ୱ ପ୍ରକଟିତ ହୁଏ । ମାନବିକ ଅଧିକାର ଏକ ସମ୍ବେଦନଶୀଳ ବିଷୟ । ଏହାର ସଂଜ୍ଞା ବ୍ୟାପକ, ବିସ୍ତୃତ, ବହୁମୁଖୀ ଏବଂ ପରିବର୍ତ୍ତନୀୟ । ସେଦିନ ବିଗତ ଶତାବ୍ଦୀପୁରୁଷ ମହାମାନବ ମହାତ୍ମା ଗାନ୍ଧୀଙ୍କ ଉଦାତ୍ତ କଣ୍ଠରୁ ଉଚ୍ଚାରିତ ହୋଇଥିଲା 'ଅହିଂସା ପରମ ଧର୍ମ' "Non violence is the greatest force at the disposal of mankind. It is mightier than the mightiest weapon of destruction devised by the ingenuity of man." ମାନବାଧିକାର ଶବ୍ଦର ସହଜ ସରଳ, ବୋଧଗମ୍ୟ ବ୍ୟାଖ୍ୟା କରିଛନ୍ତି ପ୍ରଖ୍ୟାତ ଦାର୍ଶନିକ ବସାର୍କେଟ । ସେ କୁହନ୍ତି ଅଧିକାର ହେଉଛି ଗୋଟିଏ ଦାବି ଯାହା ସମାଜ ଦ୍ୱାରା ସ୍ୱୀକୃତ ଓ ରାଷ୍ଟ୍ର ଦ୍ୱାରା ପ୍ରଦତ୍ତ ହୋଇଥାଏ ।

ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ, ପ୍ରାକ୍ ପଞ୍ଚଦଶ ଶତାବ୍ଦୀରେ ପୃଥିବୀର ବିଭିନ୍ନ ସ୍ଥାନରେ ରାଜତନ୍ତ୍ର ଏବଂ ଏକଛତ୍ରବାଦ ବ୍ୟବସ୍ଥା ପ୍ରଚଳିତ ଥିଲା ଏବଂ ମଣିଷ ପାଇଁ ସ୍ୱାଧୀନତା ଏକ ପ୍ରହେଳିକା ବ୍ୟତୀତ ଅନ୍ୟ କିଛି ନଥିଲା । ମାତ୍ର ପଞ୍ଚଦଶ ଶତାବ୍ଦୀରେ ଯେତେବେଳେ ନବ ଜାଗରଣ ଓ ପରେ ବୌଦ୍ଧିକ ଆନ୍ଦୋଳନ ସହିତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବିକାଶ ଘଟି ରାଷ୍ଟ୍ର–ରାଷ୍ଟ୍ର ମଧ୍ୟରେ ସାମାଜିକ ଓ ଅର୍ଥନୈତିକ ସମ୍ପର୍କ ସ୍ଥାପିତ ହେଲା, ସେତେବେଳେ ବିଭିନ୍ନ ପ୍ରଚଳିତ ରାଜତନ୍ତ୍ର ଏବଂ ଏକଛତ୍ରବାଦ ଶାସନକୁ ଲୋପ କରିବାର ଚେତନା ମଣିଷ ଭିତରେ ସୃଷ୍ଟି ହୋଇଥିଲା । ବିଶେଷତଃ ୧୭୭୬ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ଘୋଷଣାନାମା ଏବଂ ୧୭୮୯ ମସିହାରେ ଫ୍ରାନ୍ସରେ ରାଷ୍ଟ୍ରବିପ୍ଳବ ଘଟି ଜାତୀୟ ବିଧାନ ମଣ୍ଡଳ ଦ୍ୱାରା ମାନବ ଓ ନାଗରିକ ଘୋଷଣାନାମା ପ୍ରକାଶ ପାଇବା ପରେ, ବ୍ୟକ୍ତି ସ୍ୱାଧୀନତା, ବଞ୍ଚିବାର ଅଧିକାର ଏବଂ ଭ୍ରାତୃତ୍ୱର ଭାବକୁ ବିଶ୍ୱ ମାନବ ସମାଜ ଗୁରୁତ୍ୱ ପ୍ରଦାନ କଲା ।

ରାଜନୈତିକ ସ୍ତରରେ ଗଣତାନ୍ତ୍ରିକ ବ୍ୟବସ୍ଥା ସମାଜର ଆଦର୍ଶ ହେବା ପରେ ପୃଥିବୀର ବିଭିନ୍ନ ରାଷ୍ଟ୍ରରେ ଥିବା ଦାସତ୍ୱ ପ୍ରଥା, ଜାତି ପ୍ରଥା, ଗୋଲାମୀ ପ୍ରଥା ତଥା ବର୍ଣ୍ଣବିଦ୍ୱେଷ ନୀତି ବିରୋଧରେ ବିପ୍ଳବ ଘଟିଲା ଓ ଏହିସବୁ କୁପ୍ରଥାଗୁଡ଼ିକୁ ନିଷିଦ୍ଧ କରାଗଲା । ସଭ୍ୟତାର କ୍ରମବିକାଶ ଦ୍ୱାରା ଜାତୀୟ ସ୍ତରରୁ ଏହା ଆନ୍ତର୍ଜାତିକ ସ୍ତରକୁ ପ୍ରସାରିତ ହେବାକୁ ଲାଗିଲା । ମାନବିକ ଅଧିକାର ଉଲ୍ଲଙ୍ଘନ ବନ୍ଦ କରିବା ପାଇଁ ଆନ୍ତର୍ଜାତିକ ସ୍ତରରେ ୧୯୪୫ ମସିହାରେ ୫୧ଟି ରାଷ୍ଟ୍ରର ରାଷ୍ଟ୍ରନୀତିଜ୍ଞମାନେ ମିଳିତ ଜାତିସଂଘ ପ୍ରତିଷ୍ଠା କଲେ । ଜାତିସଂଘ ନିରାପତ୍ତା ପରିଷଦ ମାନବିକ ଅଧିକାର ସଂକ୍ରାନ୍ତୀୟ ଏକ ଆନ୍ତର୍ଜାତିକ ଘୋଷଣାନାମା ପାଇଁ ୧୯୪୬ ମସିହାରେ ଶ୍ରୀମତୀ ଏଲେନାର ରୁଜଭେଲଟଙ୍କ ସଭାପତିତ୍ୱରେ କିଛି ବୁଦ୍ଧିଜୀବୀମାନଙ୍କୁ ନେଇ ଏକ କମିଶନ ଗଠନ କରାଗଲା । ୧୯୪୮ ମସିହା ଡିସେମ୍ବର ୧୦ ତାରିଖରେ ସାଧାରଣ ପରିଷଦ ସାର୍ବଜନୀନ ମାନବିକ ଅଧିକାର ଘୋଷଣାନାମା ପ୍ରକାଶ କଲା । ଏହି ଘୋଷଣା ନାମାରେ ସମାଜରେ ବାସ କରୁଥିବା ପ୍ରତ୍ୟେକ ମଣିଷର ବଞ୍ଚିବାର ଅଧିକାର, ସ୍ୱତନ୍ତ୍ରତାର ଅଧିକାର, ସମାନତାର ଅଧିକାର, ଆତ୍ମମର୍ଯ୍ୟାଦାର ଅଧିକାର ଏବଂ ସ୍ୱାଧୀନତାର ଅଧିକାର ବିଷୟରେ ବିଶଦ ଭାବରେ ବ୍ୟାଖ୍ୟା କରାଯାଇଛି । ଏହି ଘୋଷଣାନାମାରେ ୩୦ ଗୋଟି ଧାରା ରହିଛି । ସୁବିଧା ଦୃଷ୍ଟିରୁ ୩୦ଗୋଟି ଧାରାରେ ଲିପିବଦ୍ଧ ହୋଇଥିବା ଅଧିକାରଗୁଡ଼ିକୁ ପାଞ୍ଚଟି ଶ୍ରେଣୀରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା– ନାଗରିକ ଅଧିକାର, ରାଜନୈତିକ ଅଧିକାର, ଅର୍ଥନୈତିକ ଅଧିକାର, ସାମାଜିକ ଅଧିକାର ଏବଂ ସାଂସ୍କୃତିକ ଅଧିକାର ।

ଭାରତ ଜାତିସଂଘର ସଦସ୍ୟ ରାଷ୍ଟ୍ର ଭାବରେ ମାନବିକ ଅଧିକାର ବିଶ୍ୱ ଘୋଷଣାନାମାରେ ସ୍ୱାକ୍ଷର କରିଥିବାରୁ ଏହି ଘୋଷଣାନାମାରେ ଥିବା ତିରିଶ ଗୋଟି ଧାରାକୁ ସମ୍ବିଧାନର ତୃତୀୟ ଅନୁଚ୍ଛେଦ ତଥା ଚତୁର୍ଥ ଅନୁଚ୍ଛେଦରେ ମୌଳିକ ଅଧିକାର (Fundamental Right) ଏବଂ ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତି (Directive Principles of State Policy) ଶିରୋନାମାରେ ଲିପିବଦ୍ଧ କରି ସମସ୍ତ ନାଗରିକଙ୍କୁ ନାଗରିକ, ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ଅଧିକାର ପ୍ରଦାନ କରିଛି।

ଡିସେମ୍ବର ୧୦, ୧୯୪୮ ମସିହା ପରଠାରୁ ଆଜିପର୍ଯ୍ୟନ୍ତ ମାନବିକ ଅଧିକାର ସଂଜ୍ଞାକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଏହାର ସୀମା ସରହଦ ବୃଦ୍ଧି ଘଟିଛି। ଆନ୍ତର୍ଜାତୀୟ ସ୍ତରରେ ମାନବିକ ଅଧିକାର ସୁରକ୍ଷା ପାଇଁ ପ୍ରଣୀତ ଆନ୍ତର୍ଜାତିକ ଦେୱାନୀ ଓ ରାଜନୈତିକ ସନନ୍ଦ ତଥା ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର ସନନ୍ଦ ଶିଶୁ ଅଧିକାର ସନନ୍ଦ, ମହିଳା ଅଧିକାର ସନନ୍ଦ ଏହାର ଦୃଷ୍ଟାନ୍ତ। ମାତ୍ର ଦୁଃଖର କଥା ହେଉଛି ସମାଜରେ ସବୁ ସମୟରେ ବ୍ୟକ୍ତିର ଅଧିକାର କ୍ଷୁଣ୍ଣ ହେଉଛି। ପ୍ରତି ମୁହୂର୍ତ୍ତରେ ମଣିଷ ହତ୍ୟା, ଲୁଣ୍ଠନ, ରାହାଜାନୀ, ଧର୍ଷଣ ଇତ୍ୟାଦିର ଶିକାର ହେଉଛି। ଏହାର ନିରାକରଣ ପାଇଁ ଭାରତବର୍ଷରେ କେନ୍ଦ୍ର ସ୍ତରରେ ଜାତୀୟ ମାନବ ଅଧିକାର ଆୟୋଗ ଓ ରାଜ୍ୟ ସ୍ତରରେ ରାଜ୍ୟ ମାନବ ଅଧିକାର ଆୟୋଗ ଗଠନ କରାଯାଇଛି। ଯଦି କେତେବେଳେ କେହି କୌଣସି ଜନସେବା ଅଧିକାରୀ (ପବ୍ଲିକ ସର୍ଭ୍ୟାଣ୍ଟ) ଦ୍ୱାରା ପୀଡ଼ିତ ହେଉଛି ଏବଂ ତାର ମାନବିକ ଅଧିକାର କ୍ଷୁଣ୍ଣ ହେଉଛି, ପୀଡ଼ିତ ନିଜେ କିମ୍ବା ନିଜ ଆତ୍ମୀୟଙ୍କ ଦ୍ୱାରା ପତ୍ର ମାଧ୍ୟମରେ ଜାତୀୟ କିମ୍ବା ରାଜ୍ୟର ମାନବ ଅଧିକାର ଆୟୋଗଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ। କୌଣସି ମାନବିକ ଅଧିକାର କର୍ମୀ କିମ୍ବା ଅନୁଷ୍ଠାନ ମଧ୍ୟ ଏ ସଂକ୍ରାନ୍ତରେ ଆୟୋଗଙ୍କ ନିକଟରେ ଅଭିଯୋଗ କରିପାରିବେ । ଏଥିପାଇଁ ଓକିଲ ଦେବା, କୋର୍ଟ ଫି କିମ୍ବା କୌଣସି ଖର୍ଚ୍ଚ କରିବାକୁ ପଡେ ନାହିଁ। ମାନବିକ ଅଧିକାର ଆୟୋଗ ଅଭିଯୋଗ ପାଇବା ପରେ ନିଜ ଅଧୀନରେ ଥିବା ଅନୁସନ୍ଧାନ ବିଭାଗ କିମ୍ବା କୌଣସି ଅନୁସନ୍ଧାନ ସଂସ୍ଥା ମାଧ୍ୟମରେ ଅନୁସନ୍ଧାନ କରି ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିପାରିବେ। ଜାତୀୟ ମାନବିକ ଅଧିକାର ଆଇନ୍ ୧୯୯୩ ଧାରା ୧୮ (କ) (I) ଅନୁୟାୟୀ ମାନବିକ ଅଧିକାର ଉଲ୍ଲଙ୍ଘନ ହୋଇଥିଲେ, ଆୟୋଗ ସରକାରଙ୍କୁ ଆର୍ଥିକ କ୍ଷତି ପୂରଣ ପାଇଁ ନିର୍ଦ୍ଦେଶ ଦେଇପାରିବେ। ଏ ସଂକ୍ରାନ୍ତରେ ଉଦାହରଣ ମାଧ୍ୟମରେ ଏତିକି କୁହାଯାଇପାରେ ଯେ ଜାତୀୟ ସ୍ତରରେ ଉଲ୍‌ଫାର ହିଂସାତ୍ମକ କାର୍ଯ୍ୟକ୍ରମକୁ ଦମନ କରିବା ପାଇଁ ସାମରିକ ତଥା ଅର୍ଦ୍ଧସାମରିକ ବାହିନୀକୁ ଆସାମରେ ମୁତୟନ କରାଯାଇଥିଲା। ଘଟଣାକ୍ରମରେ ଅର୍ଦ୍ଧ ସାମରିକ ବାହିନୀର ଯବାନମାନେ ମନୋରମା ନାମ୍ନୀ ଅସମୀୟା ଯୁବତୀକୁ ଗଣବଳାତ୍କାର କରି ତାର ଯୌନାଙ୍ଗରେ ଆଗ୍ନେୟାସ୍ତ୍ର ପ୍ରୟୋଗ କରି ନିରୀହା ଯୁବତୀକୁ ଉଲ୍‌ଫାର ଦୁର୍ଦ୍ଦାନ୍ତ କର୍ମୀଭାବେ ଚିତ୍ରଣ କରି ତାକୁ ମୃତ୍ୟୁମୁଖକୁ ଠେଲି ଦେଇଥିଲେ। ଜାତୀୟ ମାନବିକ ଅଧିକାର ଆୟୋଗ ଏହି ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ବିଚାରକୁ ନେଇ ଏଥିରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସମ୍ପୃକ୍ତ ଯବାନମାନଙ୍କ ବିରୋଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ମନୋରମାର ପରିବାରକୁ ଯଥେଷ୍ଟ ଅନୁକମ୍ପାମୂଳକ ରାଶି ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇ ଅଛନ୍ତି। ସେହିପରି ରାଜ୍ୟ ସ୍ତରରେ ଓଡ଼ିଶାର ଉପାନ୍ତ ଜିଲ୍ଲାମାନଙ୍କରେ ଚାଲୁ ରହିଥିବା ମାଓବାଦୀ ହିଂସାତ୍ମକ କାର୍ଯ୍ୟକ୍ରମକୁ ଦମନ କରିବା ପାଇଁ ସୀମା ସୁରକ୍ଷା ବାହିନୀ ତଥା ସ୍ପେଶାଲ ଅପରେସନ ଗ୍ରୁପର ଯବାନମାନଙ୍କୁ ମୁତୟନ କରାଯାଇଛି । ନିରୀହ ଆଦିବାସୀ ଯୁବକଯୁବତୀମାନଙ୍କ ବିରୋଧରେ ନିଆଯାଉଥିବା ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ବିଚାରକୁ ନେଇ ରାଜ୍ୟ ମାନବାଧିକାର ଆୟୋଗ ବିଶୃଙ୍ଖଳିତ ଯବାନମାନଙ୍କ ବିରୋଧରେ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସଂଗେ ସଂଗେ ନିରୀହ ଆଦିବାସୀ ଯୁବକଯୁବତୀମାନଙ୍କୁ ମାଓବାଦୀ ଭାବେ ଚିତ୍ରଣ କରି ନିର୍ଯାତନା ଦିଆଯାଉ ଥିବାରୁ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇ ଥଇଥାନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଅଛନ୍ତି।

ପରିଶେଷରେ ଏତିକି କୁହାଯାଇପାରିବ, ବ୍ୟକ୍ତିର ଅଧିକାର ଉଲ୍ଲଙ୍ଘନ କରିବା ଆଇନ ସମ୍ମତ ନୁହେଁ। ମଣିଷ ଭିତରେ ଶିକ୍ଷାର ବିକାଶ ତଥା ନିଜର ଅଧିକାର ସମ୍ବନ୍ଧରେ ସଚେତନତା ବୃଦ୍ଧି ଘଟିଲେ ମାନବିକ ଅଧିକାର ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ହୋଇ ନପାରିଲେ ମଧ୍ୟ ଅନେକାଂଶରେ ଏହାର ଉଲ୍ଲଙ୍ଘନ ହ୍ରାସ କରାଯାଇପାରିବ। ଏ ସଂକ୍ରାନ୍ତରେ ମାର୍ଟିନ୍ ଲୁଥର କିଙ୍ଗ୍ ଜୁନିୟର ଆମେରିକାରେ ପ୍ରଚଳିତ ଥିବା ବର୍ଣ୍ଣବୈଷମ୍ୟ ନୀତି ବିରୋଧରେ ୧୯୬୦ ମସିହାରେ ଘୋଷଣା କରିଥିଲେ– "Injustice anywhere is a threat to justice everywhere". ବିଶ୍ୱ ମାନବାଧିକାର ଦିବସ ପାଳନ ଅବସରରେ ଏକ ଅନୁଚିନ୍ତା।

କାର୍ଯ୍ୟକାରୀ ଅଧ୍ୟକ୍ଷ,
ଓଡ଼ିଶା ମାନବାଧିକାର ଆୟୋଗ, ଭୁବନେଶ୍ୱର

# ମଦମୃତ୍ୟୁ ନହେବ କିପରି

ଡାକ୍ତର ରାମଚନ୍ଦ୍ର ରାଉତ

### ବ୍ୟକ୍ତିଗତ ସ୍ତରରେ ସତର୍କତା

● ମଦ୍ୟପାନ କରୁଥିବା ବ୍ୟକ୍ତିବିଶେଷ ପ୍ରଥମତଃ ଜାଣି ରଖିବା ଉଚିତ ଯେ, ମଦ୍ୟପାନ ଶରୀର ପକ୍ଷେ ଅତ୍ୟନ୍ତ କ୍ଷତିକାରକ ଓ ପ୍ରଥମ ପଦକ୍ଷେପ ସ୍ୱରୂପ ଏଥିରୁ ନିବୃତ୍ତ ରହିବା ଦରକାର।

● ଅନେକ ଲୋକ କେବଳ ବାହାଦୁରୀ/ଲୋକଦେଖାଣିଆ ପାଇଁ ମଦ ପିଇଥାନ୍ତି। ମାତ୍ର ଏହାକୁ ଚିକିତ୍ସା ବିଜ୍ଞାନରେ ହୀନମନ୍ୟତା ବୋଲି କୁହାଯାଇଛି।

● ମଦ ତଥା ଅନ୍ୟାନ୍ୟ ନିଶା ଛାଡିବା ପାଇଁ ସରକାରୀ/ ବେସରକାରୀ ସ୍ତରରେ ଅନେକ ସଂସ୍ଥା କାମ କରୁଛନ୍ତି। ସେମାନେ ସଦାସର୍ବଦା ସେବା ଓ ସାହାଯ୍ୟ ପାଇଁ ଆଗଭର।। ତାଙ୍କର ସାହାଯ୍ୟ ନେବା ଉଚିତ।

● ମଦ୍ୟପାନକାରୀମାନେ ମଦ ଛାଡ଼ିବା ପାଇଁ DISULFIRAM ଓ C.C.C. (Cirated Calcium Carbimide) ନାମକ ଔଷଧ ଉପଲବ୍ଧ। ଡାକ୍ତରଙ୍କ ସହିତ ପରାମର୍ଶ ପରେ ଏହା ବ୍ୟବହାର କରାଯାଇପାରେ । ମାତ୍ର ମନେ ମନେ ଏସବୁର ପ୍ରୟୋଗ ଅନୁଚିତ।

● ମଦ ଛାଡିବା ପାଇଁ ଦୃଢ଼ ସଂକଳ୍ପ ଦରକାର ନାହିଁ। କେବଳ ନିଜର ଇଚ୍ଛାଶକ୍ତି ଥିବା ଦରକାର। ଆଧାତ୍ମିକ ମାର୍ଗ ଏ ବିଷୟରେ ଏକ ଉତ୍ତମ ପଦକ୍ଷେପ।

### ନିଜେ ମଦ ଖାଉଥିଲେ

● ଯଥା ସମ୍ଭବ କମ୍ ପରିମାଣରେ ମଦ ଗ୍ରହଣ କରିବା ଦରକାର।

● ଖୋଲା ମିଳୁଥିବା ମଦ ବ୍ୟବହାର କରିବା ଉଚିତ୍ ନୁହେଁ।

● ବିଦେଶୀ ମଦଠାରୁ ଆରମ୍ଭ କରି ଦେଶୀ ପର୍ଯ୍ୟନ୍ତ ସବୁ ମଦ ପାଉଚ୍ ଓ ବୋତଲରେ ମିଳୁଛି। ଚୋରା ମଦ ଅନେକ ମଦ ମୃତ୍ୟୁର କାରଣ ଅଟେ।

● କିଣିବା ସମୟରେ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରୁ କିଣିବା ଆବଶ୍ୟକ।

● ଏହାର ବିଲ୍ ମୋହର ସହିତ ନିହାତି ଆଣିବା ଦରକାର।

● ସିଲ୍ ଓ ସରକାରୀ ଲେବୁଲ୍ ପରୀକ୍ଷା ବାଞ୍ଛନୀୟ।

● ପ୍ରଥମେ ଏକାଥରକେ ସବୁଯାକ ମଦ ନ ପିଇ, ଅଳ୍ପ ପିଇବା ପରେ ୧୫ ରୁ ୩୦ ମିନିଟ୍ ଅପେକ୍ଷା କରି ତା'ପରେ ପିଇବା ଆବଶ୍ୟକ।

● ଯଦି ମଦ ପିଇବା ପରେ ହଠାତ୍ ଅସ୍ୱାଭାବିକ ଲାଗେ ଯଥା– ମୁଣ୍ଡ ବୁଲାଇବା, ଅନ୍ଧାର ଦେଖାଯିବା, ବାନ୍ତି ହେବା, ରକ୍ତ ପଡିବା ଇତ୍ୟାଦି, ତା'ହେଲେ ତୁରନ୍ତ ଡାକ୍ତରଖାନାରେ ଚିକିତ୍ସା କରିବା ଦରକାର।

● ମଦ୍ୟପାନ କରି ଗାଡ଼ି ଚଳାଇବା, ଯନ୍ତ୍ରପାତିରେ କାମ କରିବା କିମ୍ବା ଗଣ୍ଡଗୋଳରେ ମାତିବା ଅନୁଚିତ୍।

● ପରିଶେଷରେ ମଦ୍ୟପାନ ପାଇଁ କାହାକୁ ଉତ୍ସାହିତ କରିବା ଅନୁଚିତ୍।

### ସାମାଜିକ ସ୍ତରରେ ସତର୍କତା

● ସାମାଜିକ ସ୍ତରରେ ଏଥିପାଇଁ ପର୍ଯ୍ୟାପ୍ତ ସତର୍କତା ରହିଛି, ଯାହାଦ୍ୱାରା କି ଏହି ବ୍ୟାଧି ସମାଜରୁ ଦୂର କରିହେବ।

● କେତେକ ବିଦେଶରେ ମଦ୍ୟପାନ ଏକ ସାମାଜିକ ଆଦାନପ୍ରଦାନ (ଆରାମ ଚା/ସରବତ୍‌ପରି) ହେଲେ ମଧ୍ୟ ଆମ

ସଂସ୍କୃତିରେ ଏହା ସ୍ପୃହଣୀୟ ନୁହେଁ। ବିବାହ ମହୋତ୍ସବରେ ବରଯାତ୍ରୀମାନଙ୍କୁ ମଦ୍ୟପାନ ନ କରିବା ପାଇଁ ପ୍ରବର୍ତ୍ତାନ୍ତୁ ଓ ଦରକାର ପଡିଲେ ବିରୋଧ କରନ୍ତୁ।

● ଗ୍ରାମ/ସହର/ସାହି ଯାନିଯାତ୍ରାରେ ମଦ୍ୟପାନକୁ ସମ୍ପୂର୍ଣ୍ଣ ବିରୋଧ କରନ୍ତୁ।

● ମଦ୍ୟପାନ କରି ଅଫିସ୍/କାର୍ଯ୍ୟ କ୍ଷେତ୍ର ଆସିବା ଅନୁଚିତ୍ ଓ ଏଥିପାଇଁ ବିରୋଧ କରନ୍ତୁ।

● ଏପରି ଦେଖାଯାଉଛି, ଅନେକ ଦାୟିତ୍ୱସମ୍ପନ୍ନ ବ୍ୟକ୍ତି ମଧ୍ୟ ମଦ୍ୟପାନ କରି କର୍ମ କ୍ଷେତ୍ରରେ ଥାଆନ୍ତି। ତାଙ୍କୁ ସାମୂହିକ ଭାବେ ବିରୋଧ କରାଯିବା ଦରକାର।

● ସର୍ବୋପରି ପାରିବାରିକ, ସାମାଜିକ ଓ ନୈତିକ ଚାପ ପକାଇ ଜଣଙ୍କର ମଦ୍ୟପାନ ତ୍ୟାଗ କରାଇ ହେବ।

● ଏ କ୍ଷେତ୍ରରେ ଆଗେଇ ଆସୁଥିବା ସ୍ୱେଚ୍ଛାସେବୀ ସଂସ୍ଥା ଏବଂ ମହିଳା ସଂଗଠନମାନଙ୍କୁ ନୈତିକ ଓ ଆର୍ଥିକ ସାହାଯ୍ୟ ଆମର କର୍ତ୍ତବ୍ୟ।

### ସାମାଜିକ ସଂସ୍ଥାଙ୍କର ଦାୟିତ୍ୱ

● ସଂସ୍ଥାମାନେ ସର୍ବସାଧାରଣ ସ୍ଥାନରେ ମଦ ବିକ୍ରି, ମଦ୍ୟପାନ ଓ ଗଣ୍ଡଗୋଳକୁ ବିରୋଧ କରନ୍ତୁ।

● ମଦ୍ୟପର ପରିବାର ସହିତ ଆଲୋଚନାପୂର୍ବକ ତାହାର ଯଥାଯଥ ନିଶାମୁକ୍ତିର ପଥ ପ୍ରଦର୍ଶନ କରିବେ।

● ମଦ୍ୟପାନର ଅପକାରିତା ସମ୍ପର୍କରେ ଜନସଚେତନତା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସଚେତନତା ସୃଷ୍ଟି କରି ଅଧିବାସୀ ଅଞ୍ଚଳରେ ଏହାର ପ୍ରଭାବ ପକାଇବେ।

● ଚୋରା ଓ ବିଷାକ୍ତ ମଦର ପ୍ରସାର ବିରୋଧରେ ସରକାରୀ ଅଧିକାରୀମାନଙ୍କୁ ସାହାଯ୍ୟ କରିବେ। କୌଣସି ଅସାଧୁ କର୍ମଚାରୀ ଏହାକୁ ପ୍ରୋତ୍ସାହନ ଦେଉଥିଲେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବେ। ଏଥିରେ କୌଣସି ସୁଫଳ ନ ମିଳିଲେ ଜନ ଆନ୍ଦୋଳନ କରିବେ।

### ସରକାରୀ ସ୍ତରରେ ଦାୟିତ୍ୱ

● ଯଦିଓ ସରକାରୀ ସ୍ତରରେ ଏହାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଉଛି ତେବେ ମଧ୍ୟ ମଦ ମୃତ୍ୟୁ ପାଇଁ ସରକାରଙ୍କୁ ସମ୍ପୂର୍ଣ୍ଣ ରୂପେ ଦାୟୀ କରିହେବ ନାହିଁ। ଏଥିପାଇଁ ଜନସାଧାରଣଙ୍କ ସତର୍କତା ଅତ୍ୟନ୍ତ ଜରୁରୀ।

● ମଦ ବୋତଲ/ପ୍ୟାକେଟ୍‌କୁ ପୂର୍ଣ୍ଣ ରୂପେ ସିଲ୍ କରାଯାଇ ସରକାରୀ ଲେବୁଲ୍ ଓ ନମ୍ବର ଲଗାଇବା ଦରକାର।

● ମଦ ବୋତଲ ଉପରେ ବଡ଼ ବଡ଼ ନାଲି ଅକ୍ଷରରେ 'ମଦ ହେଉଛି ଅନେକ ରୋଗ ଓ ଦୁର୍ଦ୍ଦଶାର କାରଣ' ବୋଲି ବିପଦ ସଂକେତ ସହିତ ଲେଖାଯିବା ଦରକାର।

● ଧରାଯାଇଥିବା ଚୋରା ଓ ବିଷାକ୍ତ ମଦକୁ ସଙ୍ଗେ ସଙ୍ଗେ ନଷ୍ଟ କରାଯିବା ଆବଶ୍ୟକ।

● ସର୍ବସାଧାରଣ ସ୍ଥାନ, ଶିକ୍ଷାନୁଷ୍ଠାନ, ଦେବାଳୟ, ଡାକ୍ତରଖାନା, ରେଳ ଷ୍ଟେସନ ଓ ବସ୍ ଷ୍ଟାଣ୍ଡ ଇତ୍ୟାଦି ପାଖରେ ମଦ ଦୋକାନ ଖୋଲିବା ପାଇଁ ଅନୁମତି ନଦେବା ଉଚିତ୍।

● ଅବକାରୀ ବିଭାଗରେ ସାଧୁ, ସଚ୍ଚୋଟ, ନୀତି ଓ ନିଷ୍ଠାବାନ ବ୍ୟକ୍ତିଙ୍କୁ ଅବସ୍ଥାପନ କରିବା ଆବଶ୍ୟକ।

● ସର୍ବୋପରି ନିୟମିତ ଚୋରା ମଦ ବିରୋଧରେ ଧରପଗଡ଼ ଅଭିଯାନ ଚାଲୁ ରଖିବା ଦରକାର।

ଏ.ଡି.ଏମ୍.ଓ., ବୌଦ୍ଧ
ଗୋପାଳପୁର, ହରିହରଭେଟ, ବାଙ୍କୀ

❖ ❖ ❖

# ପଶ୍ଚିମ ଓଡ଼ିଶାର ଭାଇ ଜିଉନ୍ତିଆ ପର୍ବ

ପଣ୍ଡିତ ନାମଯଜ୍ଞ ମିଶ୍ର

ଭାଇ ଭଉଣୀର ପବିତ୍ର ସଂପର୍କର ତୁଳନା ନାହିଁ । ଏହି ପବିତ୍ର ସଂପର୍କର ଅନବଦ୍ୟ ପ୍ରତୀକ ପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ମଧ୍ୟସ୍ଥଳରେ ସମାସନରେ ସଂପୁଜିତା ମାତା ସୁଭଦ୍ରାଙ୍କର ସଂସ୍ଥିତି । ଏକ ପିତାମାତାଙ୍କଠାରୁ ଜାତ ଏକ ଭାଇ ଓ ଭଉଣୀ ଏକ ଆତ୍ମା, କେବଳ ଲିଙ୍ଗ ଭେଦ ବ୍ୟତିରେକେ କୌଣସି ପ୍ରଭେଦ ନାହିଁ । ସମାଜର ପରଂପରାନୁସାରେ ଭାଇସାଙ୍ଗରେ ହସିଖେଳି ବଢ଼ିଥିବା ଭଉଣୀଟି ପରଘରି ହୋଇଯାଏ ସତ କିନ୍ତୁ ସର୍ବଦା ଭାଇର ମଙ୍ଗଳ ମନାସି ଆତ୍ମିକ ଭାବରେ ନିୟତ ହୋଇ ରହିଥାଏ । ତାରି ମଙ୍ଗଳ ପାଇଁ ପୂଜା କରେ, ଓଷା, ବ୍ରତ କରେ ଓ ଭାଇ ମଧ୍ୟ ତାର ସାନ୍ନିଧ୍ୟ ପାଇଁ ଆତ୍ମିକ ଭାବରେ ଘାରି ହେଉଥାଏ । ଏହାର ମହତ୍ ସେତୁ ରୂପେ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ (କୋଶଳାଞ୍ଚଳ)ର ମହାନ୍ ପର୍ବ 'ଭାଇଜିଉନ୍ତିଆ' ପର୍ବର ସଂଯୋଜନା । ତେଣୁ ସେହି ଅଞ୍ଚଳର ଭାଷା କବିତାରେ କୁହାଯାଇଛି – ''ଭାଏ ବହେନର ସେନେହୋ ଭାବ ପବିତର ଗଙ୍ଗାର୍ ଧାର୍ । ଇକୁଲର୍ ସାଙ୍ଗେ ସେକୁଲକୁରସି ଭାଏଜିଉତିଆ ତିହାର ।'' ଭାଇଜିଉନ୍ତିଆ ପର୍ବ ପୂର୍ବରୁ ଭାଇ ଡାକି ଆଣିବ ଭଉଣୀକୁ । ଭଉଣୀ ଆସିବ ତାର ସ୍ୱାମୀ ସନ୍ତାନକୁ ନେଇ ବା ଏକାକୀ ଭାଇ ଘରକୁ । ପାଳିବ ଭାଏ ଜିଇଁତା ବା ଭାଇ ଜିଉଁନ୍ତିଆ ପର୍ବ । କରିବ ମାଆ ମହାଶକ୍ତି ଦୁର୍ଗାଙ୍କର ଆବାହନ ଓ ମଙ୍ଗଳ ମନାସିବ ଭାଇର । ଭାଇ ତାକୁ ସମ୍ମାନିତ କରିବ ନବବସ୍ତ୍ର ଅଳଙ୍କାର ଆଦି ଉପହାର ଦେଇ । ଦୁଇକୁଳର ପରିବାର ଏକତ୍ର କଟାଇବେ କିଛି ଦିନ ହସିଖେଳି ଖାଇପିଇ ଆମୋଦପ୍ରମୋଦରେ । ମଜବୁତ ହୋଇଉଠିବ 'ଏକ ପାଇଁ ଆନ', ଘନିଷ୍ଠ ପାରିବାରିକ ବନ୍ଧନ ।

ଭାଇଭଉଣୀର ସ୍ନେହ ବନ୍ଧନକୁ ଅତୁଟ ରଖିବାକୁ ଭାରତବର୍ଷରେ ପର୍ବର ଅଭାବ ନାହିଁ । ଭ୍ରାତୃ ଦ୍ୱିତୀୟା,ରାକ୍ଷୀ ପୂର୍ଣ୍ଣିମା ଆଦି ପର୍ବ ପ୍ରଚଳିତ ଅଛି ଯହିଁରେକି ଅନୁରୂପ ଭାବରେ ଭଉଣୀ ବ୍ରତ କରେ, ଭାଇକୁ ବନ୍ଦାଏ ଓ ରକ୍ଷାସୂତ୍ର ବନ୍ଧନ କରେ ମଙ୍ଗଳ କାମନା କରି । କିନ୍ତୁ ପ୍ରୋକ୍ତ ଭାଇ ଜିଉନ୍ତିଆ ପର୍ବ ପଶ୍ଚିମ ଓଡ଼ିଶା ବା ପ୍ରାଚୀନ ଦକ୍ଷିଣ କୋଶଳାଞ୍ଚଳରେ ହିଁ ପାଳିତ ହୋଇଥିବାରୁ ଏହାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଅଛି । ପ୍ରାକ୍ତନ କୋଶଳାଞ୍ଚଳ ଯୋଗିନୀତନ୍ତ୍ରର ଆଦିପୀଠ । ଏହାର ପ୍ରମାଣ ରାଣୀପୁର ଝରିଆଲ୍‌ଠାରେ ଥବା 'ଯୋଗିନୀତୀର୍ଥ ବା ସୋମତୀର୍ଥ' ବଜ୍ରଯାନ ତନ୍ତ୍ର ସାଧକ ସମ୍ବଲରାଜ ଇନ୍ଦ୍ରଭୂତି ଓ ସହଜଯାନ ତନ୍ତ୍ର' ପ୍ରବର୍ତ୍ତିକା ସୋନପୁର ରାଣୀ ଲକ୍ଷ୍ମୀଙ୍କରା ଥିଲେ ଭାଇଭଉଣୀ । ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟ ଅକାଳବୋଧନ କାଳ ଏ ଦଶହରା ମାସରେ ରାଜା ଇନ୍ଦ୍ରଭୂତି ନେଇ ଆସୁଥିଲେ ଭଗ୍ନୀ ଲକ୍ଷୀଙ୍କରାଙ୍କୁ ଶ୍ୱଶୁର ଗୃହରୁ । ଉଭୟେ ମିଶି ତନ୍ତ୍ର ଚର୍ଚ୍ଚା ତନ୍ତ୍ର ସାଧନାରେ ଏ କାଳ କଟାଉ ଥିଲେ । ଭଗ୍ନୀ ସିଦ୍ଧି ସୂତ୍ର ବାନ୍ଧି ଦେଉଥିଲେ ଭାଇ ହାତରେ ଓ ଭାଇ ସ୍ନେହାଶିଷ ଭରି ଦେଉଥିଲେ ଭଗ୍ନୀ ମସ୍ତକରେ । ନିଜ ଗୃହରେ ତନ୍ତ୍ର ସାଧନା ସଙ୍ଗେ କଟୁଥିଲା ସମୟ ଆନନ୍ଦ ଉଲ୍ଲାସରେ । ଭ୍ରାତୃ ଦ୍ୱିତୀୟା ବା ରାକ୍ଷୀ ପୂର୍ଣ୍ଣିମା ଭଳି ଏ ଭାଇଜିଉନ୍ତିଆ ବ୍ରତ ସ୍ୱଳ୍ପ ସମୟର ଉପବାସ ବା କାଷ୍ଟାର ନୁହେଁ, ଏହା ପ୍ରାୟ ଦେଢ଼ ଦୁଇ ଦିନର ଉପବାସ ସହ ଅତ୍ୟନ୍ତ ନିଷ୍ଠା ଓ କାଷ୍ଟାର ବ୍ରତ ଅଟେ । ଏଥିରେ କଷ୍ଟପ୍ରଦ ଯୋଗିନୀତନ୍ତ୍ରର ଛାୟା ଦିଶେ । ଭଉଣୀମାନେ ଏହି ଦିନ ଦିବାରାତ୍ର ସଂପୂର୍ଣ୍ଣ ନିରାହାରରେ ରହନ୍ତି । ଏପରିକି ପାଣିଟୋପେ ମଧ୍ୟ ପିଇବା ମନା, ଦିନଯାକ ଫୁଲ, ଫଳମୂଳ, ଦୁବ, ବେଲପତ୍ରାଦି ସଂଗ୍ରହ କରି ଭାଇମାନଙ୍କ ପାଇଁ ବା ପ୍ରତ୍ୟେକ ଭାଇ ନିମନ୍ତେ ସ୍ୱତନ୍ତ୍ର ପତ୍ରପୁଟିକାରେ ଅଭଙ୍ଗା ଚାଉଳ ୧୦୮ଟି ଓ ଦୁବ ୧୦୮ଟି ପୂରାଇ ତା'ଉପରେ ଜିଉନ୍ତିଆ (ବ୍ରତ ସୂତ୍ର) ଗୁଡାଇ ବାନ୍ଧନ୍ତି । ସଂଧ୍ୟାକାଳ ଆସିଲେ ନଦୀ ବା ଜଳାଶୟକୁ ଯାଇ ଆଞ୍ଜୁଳାରେ ବାଲିକାଢ଼ି ବେଦି ତିଆରିବ । ତାର ଚଉପାର୍ଶ୍ୱରେ

ଅପମାର୍ଗ କାଠି ଚାରିଖଣ୍ଡ ପୋତିଦେବ । ବେଦି ମଧ୍ୟରେ ଶ୍ରୀଯନ୍ତ୍ରଙ୍କରେ ଦୁର୍ଗାଙ୍କୁ ସ୍ମରଣ କରି ହଳଦି ଅରୁଆ ଚାଉଳ ମିଶାଇ ହୁଳହୁଳି ଦେଇ ବନ୍ଦାଇବ ଏବଂ କାକୁଡ଼ି ଚକିଗୁଡ଼ିକ ଥାପି ଫୁଲ ଚଢ଼ାଇ ବ୍ରତସିଦ୍ଧି କାମନା କରିବ । ତଦୁତ୍ତାରେ ନାଭି ପ୍ରଣାମ ଜଳରେ ବୁଡ଼ ପକାଇ କୂଳକୁ ଆସି ହାତ ଆଞ୍ଜୁଳାରେ ତିନି ଆଞ୍ଜୁଳା ପାଣି ଉକ୍ତ କାକୁଡ଼ି ଚକି ଅର୍ପିତ ବେଦି ଉପରେ ପ୍ରେକ୍ଷଣ କରି କାହା ସହିତ କଥାବାର୍ତ୍ତା ନକରି ଘରକୁ ଏକ ମୁହାଁ ହୋଇ ଫେରିଆସିବ । ରାତ୍ରିର ଦ୍ୱିତୀୟ ପ୍ରହର ବେଳେ କୋଠିଶାଳ (ଶ୍ରୀଯନ୍ତ୍ର ବେଦି ଅଥବା ଦୁର୍ଗା ପ୍ରତିମା କିମ୍ବା ଅଭିମନ୍ତ୍ରିତ ଚିତ୍ର) ପହଞ୍ଚି ଶ୍ରୀଦୁର୍ଗା ସୁମରି ଷୋଡ଼ଶ ଉପଚାରରେ ପୂଜା କରିବ । ଆଠ ବର୍ଣ୍ଣର ଫୁଲ ଆଠ ରକମର ଫଳମୂଳ ଚଢ଼ାଇବ । କ୍ଷୀର ସହିତ ନାନା ପ୍ରକାରର ମିଷ୍ଟାନ୍ନ ଭୋଗ ଲଗାଇବ । ମଧ୍ୟରାତ୍ର ବେଳକୁ ଶହେ ଆଠ ବେଲପତର ଚଢ଼ାଇ ପୂର୍ବରୁ ପ୍ରସ୍ତୁତ ଅକ୍ଷତ ଦୁର୍ବାକ୍ଷତ ଜିଉନ୍ତିଆ ବନ୍ଧା ପତ୍ରପୁଟିକା ମାନଦେବୀଙ୍କ ଶ୍ରୀପୟରେ ଚଢ଼ାଇ ଭାଇଙ୍କର ମଙ୍ଗଳ କାମନା କରିବ । ଏହି ପୁଟିକା ସହ କଦଳୀ, କାକୁଡ଼ି ବା ନାରିକେଳ ବନ୍ଧା ହୋଇଥାଏ । ଏହାପରେ ଦେବୀଙ୍କ ପାଖରେ କୁଷ୍ମାଣ୍ଡ ବଳି ଦେବାର ପ୍ରଥା ଅଛି । ବଳିପରେ ଦେବୀଙ୍କର ବାମପାର୍ଶ୍ୱ କଣରେ ତାଙ୍କ ଅନୁଗାମିନୀ ଯୋଗୀ ଚାମୁଣ୍ଡାଦିଙ୍କ ଉଦ୍ଦେଶ୍ୟରେ 'ଡେବିରି' (ବାମ) ପୂଜା କରାଯାଏ । କିଛି ଭୋଗ ଓ କିଛିବଳି ଅଂଶ ନେଇ ପୂଜିକା ବାମ ହାତରେ ସେଇ କୋଣରେ ଥୁଏ ଏବଂ ଧୂପ ଦୀପ ଅର୍ପଣ କରେ । ଏହି ପୂଜା ଡାହାଣ ହାତରେ କରାଯାଏ ନାହିଁ, ତେଣୁ 'ବାମାଚାର' ଛାୟା ସ୍ପଷ୍ଟ । ବାମପୂଜା ଶେଷ ପରେ ହାତ ଧୋଇ ଦେବୀ ଦୁର୍ଗାଙ୍କୁ ତୁଳସୀ ଦହନା, କଖାରୁଫୁଲ ଚଢ଼ାଇ ହଳଦୀ ଚାଉଳ ବନ୍ଦାଇବ ଏବଂ ଆଳତୀ ବନ୍ଦାପନା କରି ପ୍ରଣାମ କରି ଧୀରସ୍ଥିର ମନରେ ବ୍ରାହ୍ମଣ ମୁଖରୁ ବ୍ରତ କଥା ଶୁଣିବ । ଏହା ପରେ ବ୍ରତକଥା ପାଠକାରୀଙ୍କୁ ଦକ୍ଷିଣା ଓ ଭୋଗ ଦେଇ ଘରକୁ ଫେରିବ । ଅଖଣ୍ଡ ଦୀପ ଜାଳି ଉଜାଗର ରହି ପ୍ରଭାତରୁ ସ୍ନାନ ସାରି କୂଳକୁ ଆସି ଓଦା ବସ୍ତ୍ରରେ ଦଧି, ମଧୁ, ଶର୍କରାଦି ସାତପଣା ଗଣ୍ଡୁଷରେ ଘେନି ଗର୍ଭକୁ କ୍ଷେପିବ । ଘରକୁ ଆସି ନବବସ୍ତ୍ର ସହ ଦୁର୍ଗାଙ୍କ ପାଖରେ ପୂର୍ବରୁ ଚଢ଼ାଇଥିବା ବ୍ରତସୂତ୍ର ବା ଜିଉନ୍ତିଆଟିଏ ପିନ୍ଧି ପକାଇବ । ତା'ପରେ କଳସ ଥାପି ଜାଗର ଦୀପ ଜାଳି ଭାଇକୁ ପିଢ଼ାରେ ବସାଇ ବନ୍ଦାଇ ପୁଟିକାରେ ଥିବା ଅଭିମନ୍ତ୍ରିତ ଦୁବକେରା ଧରି ଆଧି ବ୍ୟାଧି ଅପମୃତ୍ୟୁ ଆଦି ପ୍ରଶମନ ପାଇଁ ଅଷ୍ଟାଙ୍ଗରେ ଶହେଥର ଝାଡିଦେଇ ଜିଉନ୍ତିଆ ପିନ୍ଧାଇ ଦେବ ଓ ତା' ହାତରେ ବସ୍ତ୍ର ନାରିକେଳ ଧରାଇ ଦେବ । ଏହାପରେ ତାକୁ ଦେବୀଙ୍କୁ ପ୍ରସାଦ ଖୁଆଇ ଆପେ ଖାଇବ । ବେଳେବେଳେ ଭାଇକୁ ଅପେକ୍ଷା କରି ଭଉଣୀ ଦିନ ଟଳିବା ପର୍ଯ୍ୟନ୍ତ ବି ସେହିପରି ଉପାସରେ ଥାଏ ।

ଏହି ବ୍ରତରେ ଦୁର୍ଗାଙ୍କ ପୂଜାରେ ଲାଗୁଥିବା ଫଳମୂଳ ମଧ୍ୟରେ ନାରିକେଳ, ଚମ୍ପାକଦଳୀ, ସୀତାଫଳ, କୁଷ୍ମାଣ୍ଡ ଫଳ, ଆଖୁ ଆଦି ପ୍ରଧାନ । ସେହିପରି ଫୁଲ ମଧ୍ୟରେ ପଦ୍ମ, ଚମ୍ପା, ମନ୍ଦାର, କଖାରୁ ଫୁଲ, ତୁଳସୀ, ଦହନା ଓ ବେଲ ପତ୍ର ଲାଗି ହୋଇଥାଏ । ଏ ମଧ୍ୟରେ କୁଷ୍ମାଣ୍ଡ ପୁଷ୍ପ ବା କଖାରୁ ଫୁଲ ସର୍ବୋତ୍କୃଷ୍ଟ ଅଟେ । ଉକ୍ତି ଅଛି ଯେ ରାମଚନ୍ଦ୍ର ଦେବୀଙ୍କ ଅକାଳବୋଧନ ପୂଜା କଲାବେଳେ ଲକ୍ଷେ ପଦ୍ମରୁ ଗୋଟିଏ ଊଣା ହେବାରୁ ନିଜର ଏକ ଚକ୍ଷୁ ତାଡ଼ି ଦେଇ ଚଢ଼ାଇବାକୁ ଗଲାବେଳେ ଦେବୀ ତାଙ୍କୁ ହାତଧରି ନିବର୍ତ୍ତାଇ ଥିଲେ ଓ କହିଲେ ଯେ ତାଙ୍କର (ରାମଙ୍କର) ବଡ଼ ଭଉଣୀ ଋଷୀଶୃଙ୍ଗ ପତ୍ନୀ ଶାନ୍ତା । ସେଦିନ ଭାଇଜିଉନ୍ତିଆ କରି କଖାରୁ ଫୁଲ ଚଢ଼ାଇଛନ୍ତି ଏବଂ ଏକ କଖାରୁ ଫୁଲ ଲକ୍ଷେ ପଦ୍ମଫୁଲଠାରୁ ମଧ୍ୟ ଦେବୀଙ୍କ ପାଇଁ ଅତିଶୟ ତୃପ୍ତିଦାୟକ ଅଟେ । ଏହାପରେ ଦେବୀ ପ୍ରସନ୍ନ ହୋଇ ରାବଣକୁ ଛାଡ଼ି ଶ୍ରୀରାମଙ୍କୁ ବିଜୟ ସିଦ୍ଧି ପ୍ରଦାନ କରିଥିଲେ । କାହାକାହା ମତରେ ଶ୍ରୀରାମଙ୍କର ଉତ୍ପାଟିତ ଚକ୍ଷୁଟି କୁଷ୍ମାଣ୍ଡ ପୁଷ୍ପରେ ପରିଣତ ହୋଇ ଯାଇଥିଲା ଓ ଦେବୀଙ୍କ କୃପାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ବିକଚ କମଳ ନୟନ ଅକ୍ଷୁର୍ଣ୍ଣ ରହି ଯାଇଥିଲା । ପୁରାଣରୁ ଜଣାଯାଏ ଯେ ଦ୍ରୁପଦରାଜ କୁମାର ଶ୍ରୀଖଣ୍ଡି ନପୁଂସକ ଥିଲେ । ରାଜକନ୍ୟା ଦ୍ରୌପଦୀ ଏହି ଦୁର୍ଗାଷ୍ଟମୀ ବା ଭାଇଜିଉନ୍ତିଆ ବ୍ରତ କରିବାରୁ ଦେବୀଙ୍କ କୃପାରୁ ଯକ୍ଷ ଶ୍ରୀଖଣ୍ଡିଙ୍କୁ ମେଷଅଣ୍ଡ ସଂଯୋଜିତ କରି ପୁଂସତ୍ୱ ପ୍ରଦାନ କରିଥିଲେ । 'ଭାଇଜିଉନ୍ତିଆ ବ୍ରତକଥା' ବା 'ଭାଇଜିଉନ୍ତିଆ ଓଷାକଥା' ବା ଦୁର୍ଗାଷ୍ଟମୀ ବ୍ରତ ଓ ଦୁର୍ଗାମାଳଶ୍ରୀ ଆଦିରୁ ଜଣାଯାଏ ଯେ ଚମ୍ପାବତୀ ନଗ୍ରର ରାଜା ବିକ୍ରମ ସେନଙ୍କର ଅରୁଣା ନାମରେ ଅତ୍ୟନ୍ତ ସୁନ୍ଦରୀ କନ୍ୟା ଥିଲା । ସେ ମନ୍ତ୍ରୀପୁତ୍ର ମଦନ ସୁନ୍ଦର ପ୍ରତି ପ୍ରଣୟାଶକ୍ତ ହୋଇ ତା ସହ ବିବାହ ଇଚ୍ଛା ପ୍ରକାଶ କଲେ । ରାଜା ବିକ୍ରମ ସେନ କିନ୍ତୁ ନିଜ ଅଧୀନସ୍ଥ ଏକ ମନ୍ତ୍ରୀର ପୁଅ ସହିତ ନିଜ କନ୍ୟାକୁ ବିବାହ ହେବାକୁ ନିଜପାଇଁ ଅପମାନ ମନେ କଲେ ଏବଂ କୌଶଳରେ ମନ୍ତ୍ରୀପୁତ୍ରକୁ ହତ୍ୟାକରି ସବୁଦିନ ପାଇଁ ପଥ କଣ୍ଟକିତ ଦୂର କରିବାକୁ ଚାହିଁଲେ । ସେ ମୃଗମାରି ଆଣିବାକୁ ମଦନ ସୁନ୍ଦରକୁ ଅରଣ୍ୟକୁ ପଠାଇ ଘାତକମାନଙ୍କୁ ତାଙ୍କୁ ହତ୍ୟାକରି ନିଶ୍ଚିହ୍ନ କରିଦେବା ପାଇଁ ପ୍ରେରଣ କଲେ । ମଦନ ସୁନ୍ଦରର ଭଉଣୀ ମାଳତୀ । ମାଳତୀର ବିବାହ ହୋଇଥିଲା କୋଶଳ ରାଜକୁମାରଙ୍କ ସହିତ । ମାଳତୀ ପ୍ରଥାନୁସାରେ ଦଶହରା ମାସରେ ପିତ୍ରାଳୟ ଚମ୍ପାନଗ୍ରକୁ ଆସିଥାଏ । କୋଶଳାଞ୍ଚଳର ରୀତି ଅନୁସାରେ ସେଠାରେ

ପାଳିଲା ଭାଇଜିଉନ୍ତିଆ ଓଷା । ଭାଇର ଶୁଭ ମନାସି ଦେବୀଙ୍କ ପୂଜା କଲାମାତ୍ରକେ ଏଣେ ଦେବୀଙ୍କ କୃପାରୁ ଅରଣ୍ୟରେ ଘାତକଗଣ ବ୍ୟାଘ୍ର ଦ୍ୱାରା ବିନାଶ ପ୍ରାପ୍ତ ହେଲେ ଏବଂ ମଦନ ସୁନ୍ଦର ଏକ ଜୀବନ୍ତ ମୃଗ ଘେନି ଅକ୍ଷତ ଶରୀରରେ ବାହୁଡ଼ି ଆସିଲେ । ରାଜା ବିକ୍ରମ ସେନ ଚକିତ ହେଲେ ସତ କିନ୍ତୁ ମଦନ ପ୍ରତି କୃତ୍ରିମ ଆଦର ଦେଖାଇ ରାଜଭବନରେ ଆତିଥ୍ୟ ଗ୍ରହଣ କରିବାକୁ ଅନୁରୋଧ କଲେ । ରାଜାଙ୍କ ଆଦେଶ କାଟିନପାରି ମଦନ ସୁନ୍ଦର ସେଇ ରାତିରେ ରାଜଭବନରେ ରହିବାରୁ ରାଜା ତାଙ୍କୁ ଖାଦ୍ୟରେ ବିଷ ଦେଇ ମାରି ମଝି ଦରିଆରେ ଭସାଇ ଦେଇ ନିଶ୍ଚିନ୍ତ ନିଦ୍ରାଗଲେ । ସ୍ୱପ୍ନରେ ଦେବୀ ଚାମଣ୍ଡା ଆସି ରାଜାଙ୍କୁ ଧମକାଇବାରୁ ସେ ଆସି ଦେଖିଲେ ମଦନ ସୁନ୍ଦର ତାର ଯଥା ସ୍ଥାନରେ ଶୋଇଛି । ବିଷ ଦ୍ୱାରା ତାର ଅନିଷ୍ଟ ହୋଇନାହିଁ । ବିଷଦ୍ୱାରା ମୃତ ମଦନ ସୁନ୍ଦରକୁ ସମୁଦ୍ରରେ ସେ ଯାହାକୁ ଭସାଇଥିଲେ ତାହା ମାୟା ମଦନ ସୁନ୍ଦର ଥିଲା । ଏହା ଭଉଣୀ ମାଳତୀର ଭାଇଜିଉନ୍ତିଆ ଓଷାର ଫଳ । ଏଣେ ରାଜକନ୍ୟା ନିଜର ଅଭିଷ୍ଟ ସିଦ୍ଧି ପାଇଁ ଦୁର୍ଗାଷ୍ଟମୀ ବ୍ରତ ପୂଜା କଲାବେଳେ ଦେବୀଙ୍କ ମନ୍ଦାର ଫୁଲ ତା କାନିରେ ଖସି ପଡିଲା । କାମନା ସିଦ୍ଧି ହେଲା । ତା ଆରଦିନ ହିଁ ରାଜା ବିକ୍ରମ ସେନ ଅରୁଣା ଓ ମଦନ ସୁନ୍ଦରର ବିବାହ ପାଇଁ ମନ୍ତ୍ରୀ ଘରକୁ ନିମନ୍ତ୍ରଣ ପଠାଇଲେ । ଭାଇ ହାତରେ ଜିଉନ୍ତିଆ ବାନ୍ଧି ମାଳତୀ ମଦନ ସୁନ୍ଦରକୁ ବର ବେଶରେ ବିଦାୟ ଦେଇ ଆନନ୍ଦ ମନରେ ରହିଲା । ଓଷା ଫଳରେ ସକଳ ଦୂରିତ ଦୂର ହୋଇଯାଇଥିଲା । ଏଭଳି ଅନେକ ଉପାଖ୍ୟାନ ଅଛି । ଶାକ୍ତ ମତରେ ଦୁଃସହ ଦୁର୍ଗତିଗ୍ରସ୍ତ ଦାନବ ମହଷାସୁର ଦ୍ୱାରା ସଂତପ୍ତ ଦେବଗଣ ଯୋଗମାୟା ଆଦିଶକ୍ତିଙ୍କୁ ଆର୍ତ୍ତ ଆହ୍ୱାନ କରିବାରୁ ମହାଶକ୍ତି ବିବିଧ ରୂପ ଧରି ଦୃଶ୍ୟ ହେଲେ । ଯଥା ‘ପ୍ରଥମେ ଶୈଳ ପୁତ୍ରୀଂଚ, ଦ୍ୱିତୀୟେ ବ୍ରହ୍ମ ଚାରିଣୀ, ତୃତୀୟେ ଚନ୍ଦ୍ର ଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ । ପଞ୍ଚମେ ସ୍କନ୍ଧେ ମାତେତି ଷଷ୍ଟେ କାତ୍ୟାୟିନୀ ତଥା ସପ୍ତମେ କାଳରାତ୍ରିଂ ଚମହଗୌରି ଇତି ଷଟକମ୍ ।’....‘‘ନବମେ ମାତୃ ରୂପେଣ ଅମ୍ବା ନାମ ପ୍ରକୀର୍ତ୍ତିତା ଦଶମେ ସିଦ୍ଧିଦାତ୍ରୀଂ ଚ ବିଜୟା ନାମେ ପୂଜିତା’’।

ଜଗଜ୍ଜନନୀ ଆଦିଶକ୍ତି ସର୍ବପ୍ରଥମେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡୀ, ସ୍କନ୍ଧମାତା, କାତ୍ୟାୟନୀ, କାଳରାତ୍ରୀ ଓ ମହାଗୌରୀ ରୂପଧାରଣ କରିବା ପରେ ଦେବଗଣଙ୍କର ସମର୍ପିତ ପ୍ରାଣ ଆବାହନ ଦେଖି ଅଷ୍ଟମୀ ଗତେ ନବମୀ ଆଗମର ସନ୍ଧି କ୍ଷଣରେ ମାତା ବା ଅମ୍ବା ରୂପରେ ଅବତୀର୍ଣ୍ଣ ହୋଇ ମାତା ଯେପରି ସନ୍ତାନକୁ ସକଳ ଆପଦ ବିପଦରୁ ଘୋଡ଼ାଇ ରଖେ ଦୁଷ୍ଟ ମହିଷାସୁରାଦି ରାକ୍ଷସଙ୍କର ନିର୍ଯାତନାରୁ ହେବ କୁଳକୁ ରକ୍ଷା କରିଥିଲେ ଏବଂ ପରେ ଦଶମୀ ଦିନ ଦଶଭୂଜା ଦୁର୍ଗା ରୂପରେ ମହିଷାସୁରକୁ ବିନାଶ କରି ବିଜୟଶ୍ରୀ ଆଣି ଦେଇଥିଲେ । ମାଆଙ୍କର ‘ଅମ୍ବା’ ରୂପ ଅଷ୍ଟଭୁଜା ଦୁର୍ଗା ଦଶହରା ଦୁର୍ଗା ଦଶଭୁଜା କେବଳ ଅଧିକ ଭୁଜଦ୍ୱୟର ପାର୍ଥକ୍ୟ ବିନା ଉଭୟରୂପ ସେଇ ଏକା ଦୁର୍ଗାଙ୍କର । ଦୁର୍ଗାଙ୍କର ପ୍ରଥମ ସ୍ୱରୂପ ଏଇ ଅଷ୍ଟଭୁଜା ଅମ୍ବା ସ୍ୱରୂପ ପ୍ରଥମ ହେତୁ ଏବଂ ପରମ ବାତ୍ସଲ୍ୟମୟୀ ହେତୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ । ତନ୍ତ୍ର ଶାସ୍ତ୍ରରେ ଅଷ୍ଟଭୁଜା ଦୁର୍ଗାଙ୍କ ହିଁ ସର୍ବାର୍ଥ ସିଦ୍ଧି ଦାୟିନୀ ବୋଲି କୁହାଯାଇଅଛି । ଏହି ଦୁର୍ଗା ରୂପରେ ଅଷ୍ଟମୀ ଗତେ ନବମୀର ସନ୍ଧିକ୍ଷଣରେ ଏହାଙ୍କ ଆର୍ବିଭାବ ହେତୁ ଏହି ଦିନ ‘ସନ୍ଧିପୂଜା’ କରାଯାଇ ‘ଦୁର୍ଗାଜୟନ୍ତୀ’ ପାଳନ କରାଯାଏ । ପୂଜାରେ ଦୁର୍ଗାଷ୍ଟମୀବ୍ରତ ବା ଭାଇଜିଉନ୍ତିଆ ଓଷା କରି ଭଉଣୀମାନେ ଭାଇକୁ ସକଳ ଆଧିବ୍ୟାଧି ଆପଦବିପଦରୁ ଉଦ୍ଧାର କରନ୍ତି । ‘ଜିଉନ୍ତିଆ’ ବା ଜିଇଁତା ଅର୍ଥ ଯେ ଜୀବନ ପ୍ରଦାନ କରେ । ଦୁର୍ଗାଙ୍କ ଆଶିଷ ଅଭିମନ୍ତ୍ରିତ ଏ ଜିଉନ୍ତିଆ ଧାରଣ କଲେ ସକଳ ପ୍ରକାରର ଅପବାଧା ଓ ଅପମୃତ୍ୟୁ ଦୂରକରି ମାଆ ନବ ଜୀବନ ଦାନ କରି ଥାଆନ୍ତି । ସକଳ ପ୍ରକାରର ଭବ ସଂକଟ ଓ ଦୁର୍ଗତି ଦୂର ପାଇଁ ମାଆ ଦୁର୍ଗାଙ୍କ ବ୍ୟତୀତ ଆଉ କିଏ ଅଛି । ଅନ୍ୟର ଶରଣ ନଯାଇ ଅନନ୍ୟ ଭାବରେ ତାଙ୍କୁ ଡାକିଲେ ସେ ନିଶ୍ଚୟ ଶୁଣନ୍ତି ଓ ଦୁର୍ଗତିରୁ ଉଦ୍ଧାର କରନ୍ତି । ତେଣୁ କୁହାଯାଇଅଛି–

‘‘ଦୁର୍ଗେଷୁ ନିତ୍ୟଂ ଭବ ସଂକଟେଷୁ ଦୁରନ୍ତ ଚିନ୍ତ୍ୟହି ନିଗୀର୍ଯ୍ୟ ମାଣାଃ ଶରଣ୍ୟହିନାଃ ଶରଣଗତାର୍ତ୍ତି ବାରିଣୀଃ ତ୍ୱଂ ପରିପାହି ଦୁର୍ଗେଃ ।’’

ଏ ଭାବରେ ଭାବିତା ହୋଇ ଭଗ୍ନୀଗଣ ଭାଇଜିଉନ୍ତିଆ ଓଷା ପାଳି ଭାଇମାନଙ୍କର ଅଶେଷ ମଙ୍ଗଳ ସାଧନ କରିଥାନ୍ତି ।


ବରପାଲିପଡ଼ା

❖ ❖ ❖

# ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା

**ବରଦା ପ୍ରସନ୍ନ ଦାସ**

ଯେଉଁ ରାଜ୍ୟ ବା ଦେଶର ଲୋକ ଯେତେ ସୁସ୍ଥ ସେ ରାଜ୍ୟ ଓ ଦେଶ ସେତେ ସମୃଦ୍ଧ । ଜଣେ ସୁସ୍ଥ ଲୋକ ନିକଟରେ କାର୍ଯ୍ୟ ଦକ୍ଷତା ରହିବା ସହିତ ଅର୍ଥନୀତିର ଅଭିବୃଦ୍ଧି କ୍ଷେତ୍ରରେ ତାହା ସହାୟକ ହୋଇଥାଏ । କିନ୍ତୁ ଜଣେ ଅସୁସ୍ଥ ହୋଇପଡିଲେ ତାଙ୍କର କାର୍ଯ୍ୟଦକ୍ଷତା ହ୍ରାସ ପାଇବା ସହିତ ଚିକିତ୍ସା ବାବଦରେ ହେଉଥିବା ଖର୍ଚ୍ଚର ପ୍ରଭାବ ତାଙ୍କ ପରିବାର, ରାଜ୍ୟ ଏବଂ ସମୁଦାୟ ରାଷ୍ଟ୍ର ଉପରେ ପଡିଥାଏ ।



ସ୍ୱାସ୍ଥ୍ୟ ଚିକିତ୍ସାର ପ୍ରଥମ ଭିତ୍ତିଭୂମି ପକାଇଥିଲେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ । ଇଂରେଜ ଓ ଗଡଜାତ ରାଜାମାନେ ସେତେବେଳେ ମିଳିତ ଭାବେ ରାଜ୍ୟ ଶାସନ କରୁଥିଲେ । ଆଜିକାଲି ପରି ସେସମୟରେ ଭଲ ଡାକ୍ତରଖାନା ନଥିଲା । ବସନ୍ତ ରୋଗ ଓ ହଇଜା ପରି ମହାମାରୀ ରୋଗରୁ ରକ୍ଷା ପାଇବା ପାଇଁ ଉପାୟ ନଥିଲା । ଏସବୁ ରୋଗରେ ମଣିଷ ପୋକ ମାଛି ପରି ମରୁଥିଲେ । ମହାରାଜା ରାମଚନ୍ଦ୍ରଙ୍କ ପିତା, ମାତା, ସ୍ତ୍ରୀ ଓ ଝିଅ ଗୋଟିଏ ପରେ ଗୋଟିଏ ଏହି ମହାମାରୀ ରୋଗରେ ମୃତ୍ୟୁବରଣ କରିଥିଲେ । ସେଥିପାଇଁ ମହାରାଜା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୟୂରଭଞ୍ଜ ଗଡଜାତ ରାଜ୍ୟରେ ବସନ୍ତ ରୋଗର ପ୍ରକୋପକୁ କମାଇବା ପାଇଁ ଟିକା ଦେବା ବ୍ୟବସ୍ଥା ପ୍ରଚଳନ କରିଥିଲେ । ସେତେବେଳେ କଟକ ଓଡ଼ିଶାର ରାଜଧାନୀ ଥିଲା । ସେ ମଧ୍ୟ କଟକରେ ମେଡିକାଲ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାନ ଦେଇଥିଲେ । ତାଙ୍କ ନାମରେ ହିଁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ ହୋଇଛି । କ୍ରମେ ସମ୍ବଲପୁର, ବୁର୍ଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ହୋଇ ଅନେକେ ଡାକ୍ତରୀ ଶିକ୍ଷା ସମାପ୍ତ ପରେ ରୋଗୀ ସେବାରେ ନିଜକୁ ନିୟୋଜିତ କରିଛନ୍ତି ।

ବର୍ତ୍ତମାନର ସରକାର ରାଜ୍ୟବାସୀଙ୍କୁ ଉନ୍ନତ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ । ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ସହିତ ଉନ୍ନତମାନର ଯନ୍ତ୍ରପାତି ଓ ଆବଶ୍ୟକତା ଅନୁଯାୟୀ ଔଷଧ ଆଦି ପାଇଁ ଆର୍ଥିକ ବ୍ୟବସ୍ଥା କରି ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଖାଲିଥିବା ଡାକ୍ତର ପଦବୀ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି । ସ୍ୱାସ୍ଥ୍ୟସେବା ଭଳି ଜନସାଧାରଣଙ୍କର ଏକ ମୌଳିକ ଆବଶ୍ୟକତା ପୂରଣ ଦିଗରେ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ସେଥିପାଇଁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ

ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଜନସାଧାରଣଙ୍କ ସହଯୋଗ କାମନା କରାଯାଉଛି । ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରୁ ଅନେକ ସଫଳତା ମିଳିଛି ଏବଂ ଏହାଦ୍ୱାରା ଯକ୍ଷ୍ମା, କୁଷ୍ଠ, ପୋଲିଓ, ମ୍ୟାଲେରିଆ, ଫାଇଲେରିଆ ଆଦି ରୋଗକୁ ନିୟନ୍ତ୍ରଣ କରାଯାଇପାରିଛି । ଏସବୁ ସହିତ କର୍କଟ, ଏଡ୍ସ ଆଦି ରୋଗର ଭୟାବହତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇ ଏସବୁ ରୋଗକୁ ଦୂରେଇ ରଖିବାକୁ ଉଦ୍ୟମ କରାଯାଉଛି । ଲୋକଙ୍କ ଦ୍ୱାରଦେଶରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରଚେଷ୍ଟା କରାଯାଉଛି । ନୂଆକରି ନିଯୁକ୍ତି ପାଉଥିବା ଡାକ୍ତରଙ୍କୁ ପ୍ରଥମେ ଗ୍ରାମାଞ୍ଚଳ ଏବଂ ବିଶେଷ କରି ଦୁର୍ଗମ ଅଞ୍ଚଳରେ କାର୍ଯ୍ୟ କରିବାକୁ ବାଧ୍ୟତାମୂଳକ କରାଯାଉଛି । ଏଲୋପ୍ୟାଥିକ୍ ଡାକ୍ତରଙ୍କ ସଂଖ୍ୟା କମ୍ ଥିବାରୁ ଚିକିତ୍ସା ବ୍ୟବସ୍ଥାରେ ଆୟୁର୍ବେଦ, ହୋମିଓପ୍ୟାଥିକ୍ ଏବଂ ୟୁନାନିକୁ ମଧ୍ୟ ସାମିଲ କରାଯାଇଛି । ଏବେ ୪୩୬୨ଟି ମଞ୍ଜୁରପ୍ରାପ୍ତ ଡାକ୍ତରୀ ପଦବୀର ୩୧୩୬ ଜଣ ଡାକ୍ତର ବିଭିନ୍ନ ସ୍ଥାନରେ ନିଯୁକ୍ତ ହୋଇ ରୋଗୀ ସେବା କରୁଛନ୍ତି । ଓଡ଼ିଶାରେ ମା' ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହିତ ଜାତିସଂଘ ଓ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ସାମିଲ ହୋଇଛନ୍ତି । ଜନନୀ ସୁରକ୍ଷା ଯୋଜନା ସହିତ ଜନନୀ ଓ ଶିଶୁ ସୁରକ୍ଷା ଯୋଜନା କାର୍ଯ୍ୟକାରୀ ହେଉଛି । ଗର୍ଭବତୀ ମହିଳାଙ୍କୁ ସନ୍ତାନ ପ୍ରସବ ପାଇଁ ହସ୍ପିଟାଲକୁ ଆଣିବା ସକାଶେ ଜନନୀ ସୁରକ୍ଷା ଏକ୍ସପ୍ରେସ୍ ପ୍ରଚଳନ କରାଯାଇଛି । ଯାହା ମାଗଣାରେ ସେବା ଉପଲବ୍ଧ କରାଉଛି । ତା ସହିତ ଡାକ୍ତରଖାନାରେ ପ୍ରସବକୁ ପ୍ରୋତ୍ସାହିତ କରିବା ସକାଶେ ସରକାରଙ୍କ ପକ୍ଷରୁ ପ୍ରସୂତି ମହିଳାଙ୍କୁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି । ଦରିଦ୍ର ଲୋକ ଯେପରି ଆବଶ୍ୟକ ସ୍ୱାସ୍ଥ୍ୟସେବା ପାଇ ପାରିବେ ସେଥିପାଇଁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଯ୍ୟକାରୀ କରାଯାଉଛି । ଜରୁରୀ ଆମ୍ବୁଲାନ୍ସ ସେବା ସହ କମ୍ ଦାମ୍‌ରେ ଜନଔଷଧି ବିକ୍ରୟ କେନ୍ଦ୍ର ଖୋଲାଯାଇ ଚିକିତ୍ସା କ୍ଷେତ୍ରରେ ନୂଆ ପ୍ରୟାସ ଆରମ୍ଭ ହୋଇଛି ।

ରାଜ୍ୟରେ ସମ୍ପ୍ରତି ୧୨୨୨ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୩୭୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୭୯ଟି ଅନ୍ୟାନ୍ୟ ଡାକ୍ତରଖାନା, ୫୭ଟି ସବ୍‌ଡିଭିଜନସ୍ତରୀୟ ଡାକ୍ତରଖାନା ରହିଛି । ୩ଟି ସରକାରୀ ମେଡିକାଲ କଲେଜ ସହିତ ରାଜ୍ୟରେ କିମ୍ସ, ହାଇଟେକ୍, ସମ୍– ହସ୍ପିଟାଲ ଓ ଗାନ୍ଧୀ ଡେଣ୍ଟାଲ କଲେଜ ପରି ବେସରକାରୀ ଡାକ୍ତରଖାନା ଓ ମହାବିଦ୍ୟାଳୟମାନ ରହିଛି । ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ ମଧ୍ୟ ସ୍ଥାପନ କରାଯାଇଛି । ରାଜ୍ୟରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ମହାନଦୀ କୋଲଫିଲ୍ଡସ୍, ଏନ୍‌ଟିପିସି ଏବଂ କର୍ମଚାରୀ ବୀମା ନିଗମ ପକ୍ଷରୁ ମେଡିକାଲ କଲେଜ ଖୋଲିବାକୁ ଯୋଜନା କରାଯାଉଛି । ଏହାବ୍ୟତୀତ ଘଟଗାଁ ତାରିଣୀ ମନ୍ଦିର ଟ୍ରଷ୍ଟ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ମେଡିକାଲ କଲେଜ ଖୋଲିବା ପ୍ରସ୍ତାବ ମଧ୍ୟ ରହିଛି । ସରକାରୀ, ଘରୋଇ ସହଭାଗିତାରେ ପ୍ରାୟ ୧୪ଟି ମେଡିକାଲ କଲେଜ ଓ ଡାକ୍ତରଖାନା ଖୋଲାଯିବା ଯୋଜନା ରହିଛି । ଏତେସବୁ ସରକାରୀ ଓ ଘରୋଇ ମେଡିକାଲ କଲେଜ ସମ୍ଭାବନାକୁ ଲକ୍ଷ୍ୟ କରିବା ପରେ ସରକାର ରାଜ୍ୟରେ ଏକ ମେଡିକାଲ ବିଶ୍ୱବିଦ୍ୟାଳୟ ସ୍ଥାପନ ସମ୍ପର୍କରେ ଚିନ୍ତା କରୁଛନ୍ତି । ଏବେ ରାଜ୍ୟରେ ବିଶେଷ କରି ଭୁବନେଶ୍ୱର, କଟକ ଓ ଏହାର ଆଖପାଖ ଅଞ୍ଚଳରେ ବହୁ କର୍ପୋରେଟ ହସ୍ପିଟାଲ ସ୍ଥାପନ ହୋଇ ବିଭିନ୍ନ ବିଭାଗରେ ସ୍ୱତନ୍ତ୍ର ଚିକିତ୍ସା ଯୋଗାଇ ଦିଆଯାଉଛି ।

ମାନବ ସେବା ହିଁ ମାଧବ ସେବା ଦୃଷ୍ଟିରୁ ଗାଁ କଲ୍ୟାଣ ସମିତି, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ଚିକିତ୍ସା କେନ୍ଦ୍ର କଟକ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁ ରୋଗ ପ୍ରତିଷ୍ଠାନ ଆଦି ସକ୍ରିୟ ଭାବେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି । ଓଡ଼ିଶାରେ ମୋଟ ୬୧୯ଟି ଆୟୁର୍ବେଦ, ୯ଟି ୟୁନାନି ଓ ୫୬୦ଟି ହୋମିଓପ୍ୟାଥିକ୍ ଆୟୁଷ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି ।

ଓଡ଼ିଶାରେ ସରକାରୀ ସ୍ତରରେ ପୁରୀରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ଗଞ୍ଜାମର ବ୍ରହ୍ମପୁରସ୍ଥିତ ଅଙ୍କୁଶପୁରରେ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ କଲେଜ ରହିଛି ଏବଂ ବଲାଙ୍ଗୀରରେ ସରକାରୀ ଆୟୁର୍ବେଦ କଲେଜ ରହିଛି । ଏହି କଲେଜଗୁଡିକରେ ପାଞ୍ଚବର୍ଷ ଅବଧିର ବିଏଏମ୍‌ଏସ୍ ପାଠ୍ୟକ୍ରମରେ ଶିକ୍ଷା ଦିଆଯାଉଛି । ଏଥିସହ ବେସରକାରୀ ସ୍ତରରେ ମୟୂରଭଞ୍ଜର ବାରିପଦାଠାରେ ମୟୂରଭଞ୍ଜ ଆୟୁର୍ବେଦ ମହାବିଦ୍ୟାଳୟ, ବରଗଡ ପାଇକମାଳର ଶ୍ରୀନୃସିଂହନାଥ ଆୟୁର୍ବେଦ କଲେଜ ଆଣ୍ଡ ରିସର୍ଚ୍ଚ ସେଣ୍ଟର ଏବଂ ଭୁବନେଶ୍ୱରରେ ଇନ୍ଦିରାଗାନ୍ଧୀ ମେମୋରିଆଲ ଆୟୁର୍ବେଦ କଲେଜ ଆଣ୍ଡ ହସ୍ପିଟାଲ ରହିଛି । ଏଠାରେ ପ୍ରତ୍ୟେକରେ ୩୦ଟି ଲେଖାଏଁ ସିଟ୍ ରହିଥିବା ବେଳେ ସାଢେ ପାଞ୍ଚ ବର୍ଷ ଅବଧିର ବିଏଏମ୍‌ଏସ୍ ପାଠ୍ୟକ୍ରମ ଶିକ୍ଷା ଦିଆଯାଉଛି ।

ସେହିପରି ହୋମିଓପ୍ୟାଥିକ୍ ମେଡିକାଲ କଲେଜ ଆଣ୍ଡ ହୋମିଓପ୍ୟାଥିକ୍ ଆଣ୍ଡ ରିସର୍ଚ୍ଚ, ରାଉରକେଲାଠାରେ ଉତ୍କଳମଣି ହୋମିଓପ୍ୟାଥିକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ବ୍ରହ୍ମପୁରରେ ବିଜୁ ପଟ୍ଟନାୟକ ହୋମିଓପ୍ୟାଥିକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ରହିଛି । ସେହିପରି ଘରୋଇ ସ୍ତରରେ ମୟୂରଭଞ୍ଜ ହୋମିଓପ୍ୟାଥିକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଏବଂ କଟକରେ କଟକ ହୋମିଓପ୍ୟାଥିକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ରହିଛି । ଏଥିରେ ୨୫ଟି ଏବଂ ୩୦ଟି ଲେଖାଏଁ ସିଟ୍ ରହିଛି ।

ଭୁବନେଶ୍ୱର ରାଜଧାନୀ ହେବା ପରେ ଏଠାରେ ଚିକିତ୍ସା ସେବା ଯୋଗାଇବା ସକାଶେ ୧୯୫୮ ଜାନୁଆରୀ ୨୭ ତାରିଖରେ କ୍ୟାପିଟାଲ ହସ୍ପିଟାଲ ଉଦ୍‌ଘାଟିତ ହୋଇଥିଲା । ସେତେବେଳେ ଏହା ମାତ୍ର ୧୪ ହଜାର ଲୋକଙ୍କ ପାଇଁ ଆରମ୍ଭ ହୋଇଥିବା ବେଳେ ଏବେ ରାଜଧାନୀର ଲୋକସଂଖ୍ୟା ପ୍ରାୟ ୧୦ ଲକ୍ଷରୁ ଅଧିକ ହୋଇଛି । ଇତିମଧ୍ୟରେ ଡାକ୍ତରଖାନାର କଳେବର ବୃଦ୍ଧି ପାଇବା ସହିତ ସିଡିଏମ୍‌ଓ ପଦକୁ ଉନ୍ନୀତ କରାଯାଇ ନିର୍ଦ୍ଦେଶକ ପାହ୍ୟାର ଜଣେ ଡାକ୍ତରଙ୍କୁ ମୁଖ୍ୟ ଭାବେ ଅବସ୍ଥାପିତ କରାଯାଇଅଛି । ପ୍ରତି ଜିଲ୍ଲାରେ ମାଗଣାରେ ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଇଛି । ଏହାର ଫୋନ୍ ନମ୍ବର ରଖାଯାଇଛି ୧୦୮ ।

ରାଜ୍ୟର ଦରିଦ୍ର ଓ ଅବହେଳିତ ଅଥବା ଅନାଥ ଲୋକଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବା ଓ ସେ କ୍ଷେତ୍ରରେ ହେଉଥିବା ଖର୍ଚ୍ଚ ଭରଣା କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଓଡ଼ିଶା ଷ୍ଟେଟ୍ ଟ୍ରିଟ୍‌ମେଣ୍ଟ ଫଣ୍ଡ (ଓଏସ୍‌ଟିଏଫ୍) ପ୍ରଚଳନ କରାଯାଇଛି । ଏହି ଯୋଜନାର ସୁବିଧା ପାଇବାକୁ ହେଲେ ଜଣେ ବ୍ୟକ୍ତି ବିପିଏଲ୍ କାର୍ଡଧାରୀ ହୋଇଥିବେ କିମ୍ବା ଗ୍ରାମାଞ୍ଚଳର ହୋଇଥିଲେ ତାଙ୍କର ବାର୍ଷିକ ଆୟ ୪୦ ହଜାର ଟଙ୍କା ଏବଂ ସହରାଞ୍ଚଳ କ୍ଷେତ୍ରରେ ବାର୍ଷିକ ଆୟ ୬୦ ହଜାର ଟଙ୍କାରୁ ଅଧିକ ହୋଇ ନଥିବ କିମ୍ବା ପଞ୍ଜିକୃତ ମେଣ୍ଟାଲ ଆସାଇଲମ୍, ଡେଷ୍ଟିଚ୍ୟୁଟ୍ ହୋମ୍ ଏବଂ ଅର୍ଫାନେଜ୍‌ରୁ ପଠାଯାଉଥିବା ରୋଗୀ ଅଥବା ଅଜ୍ଞାତ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଏହି ପାଣ୍ଠିରୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । ଏହି ଯୋଜନାରେ ଜଣେ ରୋଗୀଙ୍କୁ ସର୍ବାଧିକ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ମିଳିପାରିବ । ତେବେ ଜିଲ୍ଲାସ୍ତରର ସଦର ମହକୁମା ଡାକ୍ତରଖାନାରେ ସର୍ବାଧିକ ୫୦ ହଜାର ଟଙ୍କାର ସୁବିଧା ମିଳିବ । ୩୦ ହଜାର ଟଙ୍କାରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ଆବଶ୍ୟକ ହେଲେ ତାହା ଜିଲ୍ଲାପାଳଙ୍କ ଅନୁମୋଦନ ଲାଭ କରିବାକୁ ହେବ । ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲ ଏବଂ ରାଉରକେଲାଠାରେ ଥିବା ଆର୍‌ଜିଏଚ୍‌ରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ସରକାରୀ ମେଡିକାଲ କଲେଜରେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପାଇଁ ଆର୍‌ଡିସିଙ୍କ ଅନୁମୋଦନ ଆବଶ୍ୟକ । ୨ଲକ୍ଷରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ପାଇଁ ସରକାର ଅନୁମୋଦନ କରିବା ଆବଶ୍ୟକ । ୩ଲକ୍ଷ ଟଙ୍କାରୁ ଅଧିକ ଆବଶ୍ୟକ ପଡିଲେ ତାହା ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ହାସଲ କରିବାକୁ ପଡିବ । ହସ୍ପିଟାଲରେ ଭର୍ତ୍ତି ହୋଇଥିବା ରୋଗୀଙ୍କୁ ଏଥିପାଇଁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବାକୁ ହେବ ।

ଓଡ଼ିଶାରେ କର୍କଟ, ହୃଦ୍‌ରୋଗ ଅସ୍ତ୍ରୋପଚାର ଏବଂ ବୃକ୍କ ପ୍ରତିରୋପଣ ଭଳି ବ୍ୟୟବହୁଳ ଚିକିତ୍ସା ପାଇଁ ସହାୟତା ଆବଶ୍ୟକ କରୁଥିବା ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଗଠନ କରାଯାଇଛି । ଏହି ଟ୍ରଷ୍ଟିବୋର୍ଡ ୧୯୯୯ ନଭେମ୍ବର ୧୬ ତାରିଖରୁ କାର୍ଯ୍ୟ କରୁଛି । ରିଲିଫ୍ ପାଣ୍ଠିରୁ ଅର୍ଥକୁ ଉପଯୋଗ କରିବା କାର୍ଯ୍ୟ ତଦାରଖ କରିବାକୁ ଏକ ସରକାରୀ କମିଟି ଗଠନ କରାଯାଇଛି । ଏଥିରେ ମୁଖ୍ୟ ଶାସନ ସଚିବ ମୁଖ୍ୟ ରହିଥିବା ବେଳେ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ସଦସ୍ୟ ଭାବେ ରହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ପାଇବା ସକାଶେ ଜଣେ ବ୍ୟକ୍ତି ଓଡ଼ିଶାର ବାସିନ୍ଦା ହୋଇଥିବେ । ଏଥିପାଇଁ ବାର୍ଷିକ ଆୟର ପ୍ରମାଣପତ୍ର ଅଥବା ବିପିଏଲ୍ କାର୍ଡକୁ ବିଚାର ପାଇଁ ଗ୍ରହଣ କରାଯାଇପାରିବ । ତେବେ ବିପିଏଲ୍ କାର୍ଡ ଯାଞ୍ଚ କରାଯିବା ପରେ ରିଲିଫ୍ ପାଣ୍ଠିରୁ ସହାୟତା ଦେବା ସମ୍ପର୍କରେ ବିଚାର କରାଯିବ । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇବା ସକାଶେ ନିର୍ଦ୍ଧାରିତ ଆବେଦନପତ୍ରକୁ ପୂରଣ କରି ତହସିଲଦାର/ସବ୍‌କଲେକ୍ଟର ଠାରୁ ଅଣାଯାଇଥିବା ବାର୍ଷିକ ଆୟର ପ୍ରମାଣପତ୍ର ଏବଂ ସେହି ଚିକିତ୍ସା ସୁବିଧା ଉପଲବ୍ଧ ଥିବା ସରକାରୀ ହସ୍ପିଟାଲ୍ ନିକଟରୁ ଡାକ୍ତରୀ ଖର୍ଚ୍ଚର ଅଟକଳ କାଗଜପତ୍ର ସେଥି ସହିତ ସଂଯୁକ୍ତ କରିବାକୁ ହେବ । ତାହା ନିଜ ଜିଲ୍ଲାର ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିବାକୁ ପଡିବ । ଏ କ୍ଷେତ୍ରରେ ଘରୋଇ ହସ୍ପିଟାଲ/ନର୍ସିଂହୋମ୍ ପକ୍ଷରୁ କରାଯାଇଥିବା ଅଟକଳକୁ ବିଚାରକୁ ନିଆଯିବ ନାହିଁ ।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଯେଉଁସବୁ ଅସୁସ୍ଥତାର ଚିକିତ୍ସା ନିମନ୍ତେ ସହାୟତା ଉପଲବ୍ଧ ହେଉଛି ସେଥିମଧ୍ୟରେ କର୍କଟ,

ହୃଦ୍‌ରୋଗ ସର୍ଜରୀ, କିଡ଼ନି ପ୍ରତିରୋପଣ, ବ୍ରେନଟ୍ୟୁମର, ମଲ୍‌ଟି ଅର୍ଗାନ୍ ଫେଲ୍ୟୋର୍, ଯକୃତଜନିତ ରୋଗ, ମସ୍ତିଷ୍କ ପ୍ରବାହ (ବ୍ରେନ ହାମ୍‌ରେଜ), ବ୍ରେନ୍ ପାରାଲିସିସ୍ ୩୦% ଏବଂ ତା'ଠାରୁ ଅଧିକ ପୋଡାଜଳା ଘଟଣା, ସିକଲ ସେଲ ଆନେମିଆ ଆଦି ଅନ୍ତର୍ଭୁକ୍ତ ।

ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି ୨୦୧୧ ଡିସେମ୍ବରରେ ଗଠନ ହେବା ଦିନଠାରୁ ୨୦୧୩ ଜୁନ୍ ୨୭ ତାରିଖ ସୁଦ୍ଧା ୧୩୩୧୪ ଜଣ ଦରିଦ୍ର ଲୋକଙ୍କୁ ୨୩,୦୩,୮୯,୪୯୧ ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି । ସେମାନଙ୍କ ମଧ୍ୟରୁ ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରେ ତାଲିକାଭୁକ୍ତ ବିଭିନ୍ନ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହୋଇଥିବା ୧୩୯୧ ଜଣ ରୋଗୀଙ୍କୁ ୫୪୮୯୯୩୪୦ ଟଙ୍କା ଯୋଗାଇ ଦିଆଯାଇଛି । ହସ୍ପିଟାଲରେ ଭର୍ତ୍ତି ହୋଇଥିବା ରୋଗୀଙ୍କୁ ଏଥିପାଇଁ ନିର୍ଦ୍ଧାରିତ ଫର୍ମରେ ଆବେଦନ ଖର୍ଚ୍ଚର ୫୦% ଚେକ୍ ଆକାରରେ ପ୍ରଦାନ କରାଯିବ । ଅବଶିଷ୍ଟ ଅର୍ଥ ଚିକିତ୍ସା ସମୟରେ ଭାଉଚର ଦାଖଲ କରାଯିବା ପରେ ଚେକ୍ ଆକାରରେ ମିଳିବ । ରୋଗୀଙ୍କୁ ସେ କରିଥିବା ପ୍ରକୃତ ଖର୍ଚ୍ଚ ଅଥବା ବିଭିନ୍ନ ରୋଗ ପାଇଁ ନିର୍ଦ୍ଧାରିତ ଖର୍ଚ୍ଚ ବାବଦ ଅର୍ଥ କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟ ଯୋଜନା (ସିଜିଏଚ୍‌ଏସ୍) ଅଧୀନରେ ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି ।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ନିର୍ଦ୍ଦେଶାବଳୀର ସରଳୀକରଣ–

ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିର ସହାୟତା ଗରିବ ଓ ନିରାଶ୍ରୟଙ୍କ ପାଖରେ ଶୀଘ୍ର ପହଞ୍ଚାଇବା ଲକ୍ଷ୍ୟ ନେଇ ଏହାର ନିର୍ଦ୍ଦେଶାବଳୀର ସରଳୀକରଣ କରାଯାଇଛି । ଏହି ନୂତନ ନିର୍ଦ୍ଦେଶାବଳୀରେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଗରିବ ତଥା ନିରାଶ୍ରୟଙ୍କ ଚିକିତ୍ସା ପାଇଁ ୧୦,୦୦୦ ଟଙ୍କା ଓ ୩୦୦୦ଟଙ୍କା ପର୍ଯ୍ୟନ୍ତ ତୁରନ୍ତ ମଞ୍ଜୁରୀ କ୍ଷମତା ଦିଆଯାଇଛି । ଆବଶ୍ୟକସ୍ଥଳେ ଜିଲ୍ଲାପାଳମାନେ ଅଧିକ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୁପାରିଶ କରିବାର ବ୍ୟବସ୍ଥା କରାଯାଇଛି । ଡାକ୍ତରଖାନାରେ ମିଳୁଥିବା ଔଷଧ ବ୍ୟତୀତ ଅନ୍ୟ ଔଷଧ କିଣିବା ପାଇଁ ମଧ୍ୟ ସହାୟତା ମିଳିପାରିବ । ଗରିବ, ଭିନ୍ନକ୍ଷମ, ଅନାଥ ଓ ବିଧବାଙ୍କ ଥଇଥାନ ପାଇଁ ଜିଲ୍ଲାପାଳମାନଙ୍କୁ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କ୍ଷମତା ନ୍ୟସ୍ତ କରାଯାଇଛି ।

ଏତଦ୍‌ବ୍ୟତୀତ ତା ୬।୮।୧୩ ଦିନ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ୬ଟି ଘରୋଇ ହସ୍ପିଟାଲର ବୁଝାମଣା ଚୁକ୍ତି ସ୍ୱାକ୍ଷରିତ ହୋଇଛି । ସେଗୁଡିକ ହେଲା– କେୟାର ହସ୍ପିଟାଲ, ଆପୋଲୋ ହସ୍ପିଟାଲ, ସେଭେନ ହିଲସ୍‌ହସ୍ପିଟାଲ୍, (ବିଶାଖାପାଟଣାମ୍), ଏସ୍କଟ ହାର୍ଟ ସେଣ୍ଟର, ନାରାୟଣ ହୃଦୟାଳୟ ହସ୍ପିଟାଲ ଏବଂ ରାମକୃଷ୍ଣ କେୟାର ହସ୍ପିଟାଲ୍ (ରାଏପୁର) । ଯାହାଦ୍ୱାରା ଓଡ଼ିଶାର ରୋଗୀମାନେ ରାଜ୍ୟ ଚିକିତ୍ସା ପାଣ୍ଠିରୁ ସହାୟତା ଓ ଚିକିତ୍ସା ପାଇବାରେ ସକ୍ଷମ ହୋଇପାରିବେ ।

କ୍ୱାର୍ଟର–ଭିଏ, ୨୧/୨,
ୟୁନିଟ୍–୨, ଭୁବନେଶ୍ୱର

❖ ❖ ❖

# କଳିଙ୍ଗ ନୌବାଣିଜ୍ୟର ଇତିହାସକୁ ପୁନର୍ଜୀବିତ କରିବା ପାଇଁ ବିଜୁବାବୁଙ୍କ ଉଦ୍ୟମ

ଡକ୍ଟର ଶରତ କୁମାର ବିଶ୍ୱାଳ

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଜଣେ ପ୍ରବାଦ ପୁରୁଷ ଥିଲେ । ତାଙ୍କର ତ୍ୟାଗ, ଅସୀମ ସାହସ ଓ ବୀରତ୍ୱ ଓଡ଼ିଶାକୁ କେବଳ ଦେଶ ଭିତରେ ନୁହେଁ, ଦେଶ ବାହାରେ ମଧ୍ୟ ସୁନାମ ଆଣି ଦେଇଥିଲା । ଓଡ଼ିଶା ଇତିହାସରେ ପ୍ରାତଃ ସ୍ମରଣୀୟ ଖାରବେଳ, ଯଯାତିକେଶରୀ, ଚୋଳଗଙ୍ଗ ଦେବ, କପିଳେନ୍ଦ୍ର ଦେବ ଓ ମଧୁବାବୁଙ୍କ ପରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନାମ ସ୍ୱତଃ ମନକୁ ଆସେ । ତାଙ୍କର ମୁଖ୍ୟମନ୍ତ୍ରିତ୍ୱ (୧୯୯୦–୧୯୯୫) ସମୟରେ ସମୃଦ୍ଧଶାଳୀ ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ସ୍ମୃତି ଚାରଣ ନିମନ୍ତେ ଓଡ଼ିଶା ସରକାର ୧୯୯୨ ମସିହା ନଭେମ୍ବର ୧୦ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନ ପାରାଦ୍ୱୀପ ବନ୍ଦରରୁ ଇଣ୍ଡୋନେସିଆର ବାଲିଦ୍ୱୀପ ଅଭିମୁଖେ ଏକ ଐତିହାସିକ ନୌଯାତ୍ରା ଆୟୋଜନ କରିଥିଲେ । ଭାରତୀୟ ନୌବାହିନୀର ଜାହାଜ ଆଇ.ଏନ.ଏସ–'ସମୁଦ୍ର–୪' କାର୍ତ୍ତିକ ପୂର୍ଣ୍ଣିମା ଦିନ ସକାଳରୁ ବାଲିଦ୍ୱୀପ ଅଭିମୁଖେ ସାତଜଣ ନୌ–ଅଭିଯାତ୍ରୀଙ୍କୁ ଧରି ଯାତ୍ରା ଆରମ୍ଭ କରିଥିଲା । ଏଥିରେ ଜଣେ ଓଡ଼ିଶାର ଝିଅ ସ୍ଥାନ ପାଇ ଥିଲେ । ଓଡ଼ିଶାର ପାରାଦ୍ୱୀପ ବନ୍ଦରରୁ ଏହି ଐତିହାସିକ ବାଲିଦ୍ୱୀପ ଯାତ୍ରା ଆରମ୍ଭ ହୋଇଥିଲା । ପାରାଦ୍ୱୀପ ବନ୍ଦରରେ ଏକ ଭବ୍ୟ ବାଲିଯାତ୍ରା ଉତ୍ସବ ଆୟୋଜିତ ହୋଇଥିଲା । ଓଡ଼ିଆ ଝିଅମାନେ ସାଧବବୋହୂ ବେଶରେ ବୋଇତକୁ ବନ୍ଦାପନା କରି ମେଲାଣି ଦେଇଥିଲେ । ଏହି ଉତ୍ସବରେ ବହୁ ମନ୍ତ୍ରୀ, ଉଚ୍ଚପଦସ୍ଥ ଅଫିସର ଓ ହଜାର ହଜାର ଲୋକ ଯୋଗ ଦେଇଥିଲେ । ହରିବୋଲ, ହୁଳହୁଳି ଓ ଶଙ୍ଖନାଦରେ ବନ୍ଦର ସ୍ଥଳୀ କମ୍ପି ଉଠିଥିଲା । ୧୯୯୩ ମସିହା ଜାନୁୟାରୀ ମାସ ୩୧ ତାରିଖ ପୂର୍ବରୁ ଏହି ନୌ–ଅଭିଯାତ୍ରୀମାନେ ଇଣ୍ଡୋନେସିଆର ବାଲିଦ୍ୱୀପରେ ପହଞ୍ଚି ଥିଲେ । ଓଡ଼ିଶାର ପ୍ରାଚୀନ ବନ୍ଦର ଗୋପାଳପୁର ବାଟେ ଭାଇଜାଗ, ମାନ୍ଦ୍ରାଜ, କାମ୍ପବେଲ, ବେ ଅଫ ନିକୋବର, ଥାଇଲାଣ୍ଡ, ବେଦାଙ୍ଗ ଏବଂ ଇଣ୍ଡୋନେସିଆର ଜାକର୍ତ୍ତା ଓ ସୁରବାୟା ଆଦି ବନ୍ଦର ଦେଇ ଏହି ଜାହାଜ ଯାତ୍ରା କରି ବାଲିଦ୍ୱୀପରେ ପହଞ୍ଚିଥିଲା । ଏହି ଅଢେଇ ମାସର ପାଲଟଣା ବୋଇତରେ ସମୁଦ୍ରଯାତ୍ରା ଅତ୍ୟନ୍ତ ଦୁଃସାହସିକ ଥିଲା । ସେଠାରେ ଜାହାଜ ପହଞ୍ଚିଲା ପରେ ଜାନୁୟାରୀ ମାସ ୩୧ ତାରିଖ ଦିନ ନୌ–ଅଭିଯାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦେବା ଲାଗି ଏକ ଉତ୍ସବ ଅନୁଷ୍ଠିତ ହେବା ସହ 'ଓଡ଼ିଶା ଉତ୍ସବ ଓ ପ୍ରଦର୍ଶନୀ' ଜାନୁୟାରୀ ମାସ ୨୫ ତାରିଖରୁ ଉଦ୍‌ଘାଟିତ ହୋଇଥିଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ଓଡ଼ିଆ ଜାତିକୁ ତାଙ୍କ ପୂର୍ବ ପୁରୁଷମାନଙ୍କର ଦୁଃସାହସିକ ନୌବାଣିଜ୍ୟ ଯାତ୍ରାର ସ୍ମୃତିକୁ ସ୍ମରଣ କରାଇ ଅସୀମ ସାହସୀ ହେବା ନିମନ୍ତେ ଏପରି ଏକ ଐତିହାସିକ ନୌଯାତ୍ରା ଅନୁଷ୍ଠିତ କରାଯାଇଥିଲା । ସେ ସଦାବେଳେ ଓଡ଼ିଶାର ଲୋକମାନଙ୍କୁ ତାଙ୍କର ପୂର୍ବସୂରିମାନଙ୍କର ସାହସ ଓ ବୀରତ୍ୱ ବିଷୟରେ ସ୍ମରଣ କରାଇ ଦେଉଥିଲେ । ଓଡ଼ିଶାର ସ୍ୱାଭିମାନ ଉପରେ ବିଜୁବାବୁ ସଦାବେଳେ ଗୁରୁତ୍ୱ ଦେଉଥିଲେ । ତେଣୁ ବାଲିଦ୍ୱୀପରେ ୧୯୯୩ ମସିହା ଜାନୁୟାରୀ ମାସ ୨୫ ତାରିଖରୁ ୩୧ତାରିଖ ପର୍ଯ୍ୟନ୍ତ ଯେଉଁ 'ଓଡ଼ିଶା ଉତ୍ସବ ଓ ପ୍ରଦର୍ଶନୀ' ଅନୁଷ୍ଠିତ ହୋଇଥିଲା, ସେଥିରେ ବିଜୁବାବୁଙ୍କ ଇଚ୍ଛାନୁସାରେ ଓଡ଼ିଶାର ପର୍ଯ୍ୟଟନ, ହସ୍ତଶିଳ୍ପ, କଳା, ଇତିହାସ ଓ ସଂସ୍କୃତିକୁ ପ୍ରଦର୍ଶିତ କରାଯାଉଥିଲା । ସାଂସ୍କୃତିକ ଉତ୍ସବରେ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା । ଓଡ଼ିଶାର ୭୮ଜଣ ଆୟୋଜନକାରୀ ଓ କଳାକାର ବହୁ ଆଗରୁ ବାଲିଦ୍ୱୀପ ଅଭିମୁଖେ ଯାତ୍ରା କରିଥିଲେ । ଓଡ଼ିଶାର ଗୌରବୋଜ୍ଜ୍ୱଳ ଇତିହାସକୁ ଦେଶ ଭିତରେ ଓ ଦେଶ ବାହାରେ ଲୋକେ ଜାଣନ୍ତୁ ବିଜୁବାବୁଙ୍କର ଏହା ଇଚ୍ଛାଥିଲା । ଇଣ୍ଡୋନେସିଆର ରାଜଧାନୀ ଜାକାର୍ତ୍ତାରେ ମଧ୍ୟ ଗୋଟିଏ ଦିନ ପ୍ରଦର୍ଶନୀ ହୋଇଥିଲା । ଏହି ଉତ୍ସବମାନଙ୍କରେ ଇଣ୍ଡୋନେସିଆର କଳାକାରମାନେ ରାମାୟଣ ଉପରେ ନୃତ୍ୟ ଗୀତ

ପରିବେଷଣ କରିଥିଲେ । ଏହି ଐତିହାସିକ ନୌଯାତ୍ରା ଓଡ଼ିଆ ଜାତିକୁ ପ୍ରେରଣା ଦେବା ସହ ତାଙ୍କର ପୂର୍ବ ପୁରୁଷମାନଙ୍କର କୀର୍ତ୍ତିକୁ ଉଦ୍‌ଜୀବିତ କରିଥିଲା ।

ଖ୍ରୀ.ପୂ.୬ଷ୍ଠ ଶତାବ୍ଦୀରେ ଭାରତର ପୂର୍ବ ଉପଖଣ୍ଡରେ ବାଙ୍ଗୋପସାଗର କୂଳରେ ଏକ ଜନପଦ ଅଭ୍ୟୁଦୟ ହୋଇଥିଲା । ତାହାହିଁ ହେଉଛି କଳିଙ୍ଗ । କାଳକ୍ରମେ ଏହାର ପରିସୀମା ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ଉପତ୍ୟକା ଓ ପୂର୍ବରେ ବଙ୍ଗୋପସାଗରଠାରୁ ପଶ୍ଚିମରେ ଅବିଭକ୍ତ ମଧ୍ୟପ୍ରଦେଶର ଅମରକଣ୍ଟକ ପର୍ବତମାଳା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ରାଜା ବଳିଙ୍କର ୫ ପୁତ୍ରଙ୍କ ମଧ୍ୟରୁ କଳିଙ୍ଗଙ୍କ ନାମ ଅନୁସାରେ ପ୍ରାଚୀନ କଳିଙ୍ଗର ନାମକରଣ ହୋଇଥିବାର ପୁରାଣରୁ ଜଣାଯାଏ । ଆଉ କେତେକଙ୍କ ମତାନୁସାରେ ପ୍ରାଚୀନ କଳିଙ୍ଗର ଅଧିବାସୀଙ୍କ ନାମାନୁସାରେ ଏ ରାଜ୍ୟର ନାମକରଣ ହୋଇଛି । କୃଷି କଳିଙ୍ଗର ଅଧିବାସୀମାନଙ୍କର ପ୍ରଧାନ ବୃତ୍ତି ଥିବାରୁ ସେମାନଙ୍କୁ 'କାଳିଞ୍ଜି' ବୋଲି କୁହାଯାଉଥିଲା । ଏହି କାଳିଞ୍ଜି ଶବ୍ଦରୁ କଳିଙ୍ଗର ନାମକରଣ ହୋଇଥିବାର ଅନୁମାନ କରାଯାଏ । ପ୍ରାଚୀନ କଳିଙ୍ଗର ଅଧିବାସୀମାନେ ଦିନେ କଳା, ଭାସ୍କର୍ଯ୍ୟ, ବୀରତ୍ୱ ଓ ନୌବାଣିଜ୍ୟରେ ସାରା ଭାରତବର୍ଷର ଅଗ୍ରଭାଗରେ ଥିଲେ । ସୁଦୂର ଦରିଆପାରୀ ଦେଶମାନଙ୍କରେ କଳିଙ୍ଗର ସାଧବପୁଅମାନେ ବୋଇତ ନେଇ ବେପାର ବଣିଜ କରି କଳିଙ୍ଗବାସୀଙ୍କୁ ଏକ ବୀର ଓ ଯଶସ୍ୱୀ ଜାତି ଭାବେ ସାରା ବିଶ୍ୱରେ ପରିଚିତ କରାଇଥିଲେ । ଏହି ରାଜ୍ୟର ସୁଦୀର୍ଘ ସମୁଦ୍ର ଉପକୂଳ ଥିବାରୁ ପ୍ରାଚୀନ କଳିଙ୍ଗର ଅଧିବାସୀମାନେ ନୌବାଣିଜ୍ୟରେ ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ନୌବାଣିଜ୍ୟ ଜରିଆରେ କଳିଙ୍ଗ ପୁଅ ସମଗ୍ର ସମୁଦ୍ର ଉପରେ ତା'ର ଆଧିପତ୍ୟ ଜାହିର କରିଥିଲା ଓ ସମୁଦ୍ର ଆରପାଖରେ ବାଣିଜ୍ୟ କରି ବସତି ସ୍ଥାପନ କରିଥିଲା । ସେଥିପାଇଁ ବୋଧେ କାଳି ଦାସ ତାଙ୍କ 'ରଘୁବଂଶ' କାବ୍ୟରେ କଳିଙ୍ଗ ରାଜାଙ୍କୁ 'ମହୋଦଧିପତି' ରୂପେ ବର୍ଣ୍ଣନା କରିଛନ୍ତି । ପ୍ରାଚୀନ ବୌଦ୍ଧ ଶାସ୍ତ୍ରମାନଙ୍କରେ ବର୍ତ୍ତମାନର ବଙ୍ଗୋପ ସାଗରକୁ 'କଳିଙ୍ଗସାଗର' ନାମରେ ବର୍ଣ୍ଣନା କରାଯାଇଥିବାର ଦେଖିବାକୁ ମିଳେ ।

ଗ୍ରୀକ୍ ପର୍ଯ୍ୟଟକ ଟେଲୋମି ପ୍ରଥମ ଶତାବ୍ଦୀରେ କଳିଙ୍ଗର କେତେଗୁଡ଼ିଏ ସମୃଦ୍ଧଶାଳୀ ନଗର, ବନ୍ଦର ଓ ନଦୀ ବିଷୟରେ ତାଙ୍କ ଭୌଗୋଳିକ ବିବରଣୀରେ ବର୍ଣ୍ଣନା କରିଛନ୍ତି । ତାଙ୍କ ବର୍ଣ୍ଣିତ ନନୀଗେନ–ପୁରୀ, କୋଣଗର–କୋଣାର୍କ, ପଲରୁ–ଜଳଶ୍ୱେର, ଅଦମସ–ସୁବର୍ଣ୍ଣରେଖା, କଳନ୍ଦମ–କଟକ, ପଲୁରା–ଗଞ୍ଜାମର ଏକ ନଗର, କୋଶମ୍ବ–ବାଲେଶ୍ୱର, ଦୋସରମ–ବୈତରଣୀ ପ୍ରଭୃତି ବଡ଼ ବଡ଼ ନଦୀ ଓ ବନ୍ଦର ନଗରମାନ ପ୍ରଥମ ଶତାବ୍ଦୀର ବହୁ ପୂର୍ବରୁ ବାଣିଜ୍ୟ କେନ୍ଦ୍ର ଭାବରେ ଗଢି ଉଠିଥିଲା । ସେସମୟରେ ପୁରୀ, କୋଣାର୍କ, ତାମ୍ରଲିପ୍ତ, ଚିଲିକା, ଧାମରା, ସୁବର୍ଣ୍ଣରେଖା, ବାଲେଶ୍ୱର ଓ ସାରଗୋ ପ୍ରଭୃତି ପ୍ରଧାନ ପ୍ରଧାନ ବନ୍ଦର ଦେଇ ସାଧବପୁଅମାନେ ନୌବାଣିଜ୍ୟ କରୁଥିଲେ । ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂ ଚିତ୍ରୋତ୍ପଳା ନଦୀ ଯାହାକି କୋଣାର୍କ ଉପକଣ୍ଠରେ ସେତେବେଳେ ପ୍ରବାହିତ ହେଉଥିଲା, ସେହି ଅନୁସାରେ ଚ୍ରେଲିତାଲୋ ବା 'ଚିତପ୍ଳା' ନାମରେ କୋଣାର୍କକୁ ଅଭିହିତ କରିଛନ୍ତି । ଏ ବନ୍ଦର ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ଥିଲା । ସାଧବପୁଅମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ସ୍ନାନକରି ବୋଇତରେ ଗଙ୍ଗାମାତାଙ୍କୁ ନିଜ ରାଜ୍ୟରେ ଉତ୍ପନ୍ନ ହେଉଥିବା ପାନ ଓ ବାହାର ଦେଶରୁ ପାନ ବିନିମୟରେ ଆଣୁଥିବା ଗୁଆ ସମର୍ପଣ କରି ଚୀନ୍, ଶ୍ୟାମ, ବ୍ରହ୍ମଦେଶ, କାମ୍ବୋଡ଼ିଆ ଓ ସୁବର୍ଣ୍ଣଦ୍ୱୀପ–ଆଧୁନିକ ଇଣ୍ଡୋନେସିଆ ଅନ୍ତର୍ଗତ ଜାଭା, ସୁମାତ୍ରା, ବର୍ଣ୍ଣିଓ ଓ ବାଲିଦ୍ୱୀପ ଅଭିମୁଖେ ବାଣିଜ୍ୟ କରିବା ଉଦ୍ଦେଶ୍ୟରେ ଜଳଯାତ୍ରା କରୁଥିଲେ । ଏତଦ୍‌ବ୍ୟତୀତ ମାଳୟ, ସିଂହଳ, ସିଙ୍ଗାପୁର ଏପରିକି ସୁଦୂର ରୋମ୍ ଦେଶକୁ ବୋଇତରେ ଯାଇ କଳିଙ୍ଗ ପୁଅମାନେ ବାଣିଜ୍ୟ ବ୍ୟବସାୟ କରୁଥିଲେ । ବହ୍ମଦେଶର ପେଗୁ ଅଞ୍ଚଳରେ କଳିଙ୍ଗବାସୀମାନେ ଉପନିବେଶ ସ୍ଥାପନ କରିଥିବାର ମେଘାସ୍ଥିନିସ୍‌ଙ୍କ ବିବରଣୀରୁ ଜଣାପଡେ । ମାର୍ଗଶିର ମାସରେ ଉତ୍ତର ପୂର୍ବ ଦିଗରୁ ପ୍ରବାହିତ ହେଉଥିବା ମୌସୁମୀ ବାୟୁ ସାଧବ ପୁଅମାନଙ୍କର ବୋଇତ ଯାତ୍ରା ପାଇଁ ଅନୁକୂଳ ହେଉଥିବାରୁ ପ୍ରାୟ ସେମାନେ କାର୍ତ୍ତିକ ପୂର୍ଣ୍ଣିମା ପରି ଶୁଭ ଓ ପବିତ୍ର ଦିନରେ ଜଳଯାତ୍ରା ଆରମ୍ଭ କରୁଥିଲେ ବୋଲି ଅନୁମାନ କରାଯାଏ । କାରଣ ସେତେବେଳେ ପାଲଟଣା ବୋଇତ ନେଇ ଦକ୍ଷିଣ ପୂର୍ବ ଓ ଦକ୍ଷିଣ ପଶ୍ଚିମ ଦିଗକୁ ସାଧବପୁଅମାନେ ନୌବାଣିଜ୍ୟ କରିବାକୁ ଯାଉଥିଲେ । ତେଣୁ କାର୍ତ୍ତିକ ପୂର୍ଣ୍ଣିମା ହିଁ ଜଳଯାତ୍ରା ପାଇଁ ପ୍ରକୃଷ୍ଟ ସମୟ ଭାବେ ଧାର୍ଯ୍ୟ ହୋଇଥିବାର ଅନୁମାନ କରାଯାଏ । ଏହିଦିନ ପ୍ରତ୍ୟୁଷରୁ ସାଧବ ବୋହୂମାନେ ସ୍ନାନ ସାରି ବନ୍ଦାପନା ଥାଳି ହାତରେ ଧରି ବୋଇତ ବନ୍ଦାଣ କରୁଥିଲେ ଓ ନିଜନିଜର ସ୍ୱାମୀମାନେ ସର୍ବକୁଶଳରେ ବାଣିଜ୍ୟ ସାରି ଫେରି ଆସିବା ପାଇଁ ଗଙ୍ଗାମାତାଙ୍କୁ ପ୍ରାର୍ଥନା କରି ସାଧବପୁଅଙ୍କର ଶୁଭ ମନାସୀ ବିଦାୟ ଦେଉଥିଲେ । ବନ୍ଦରମାନଙ୍କରେ ଅନ୍ୟାନ୍ୟ ଜ୍ଞାତିକୁଟୁମ୍ବ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ରହି ସାଧବ ପୁଅମାନଙ୍କୁ ବିଦାୟ ଦେଉଥିଲେ । ସମଗ୍ର ବନ୍ଦର ନଗରୀ ଉତ୍ସବ ମୁଖରିତ ହୋଇ ଉଠୁଥିଲା । କଳିଙ୍ଗରେ

ଉତ୍ପାଦନ ହେଉଥିବା ମସଲା, ପାନ, ହୀରା, ମୂଲ୍ୟବାନ ପଥର, ହାତୀଦାନ୍ତ ଓ ହାତୀଦାନ୍ତରେ ନିର୍ମିତ ସୂକ୍ଷ୍ମ କାରୁକାର୍ଯ୍ୟ, ସୂକ୍ଷ୍ମ ଓ ସୁନ୍ଦର ବସ୍ତ୍ର, ପାଟଲୁଗା ଇତ୍ୟାଦି ବିଦେଶକୁ ବୋଇତରେ ବୋଝେଇ କରି ରପ୍ତାନୀ କରିବା ନିମନ୍ତେ ସାଧବ ପୁଅମାନେ ନେଉଥିଲେ । ସିଂହଳକୁ ହାତୀ ମଧ୍ୟ ରପ୍ତାନୀ ହେଉଥିଲା । ବିଦେଶରେ ବାଣିଜ୍ୟ ସାରି ସାଧବ ପୁଅ ଫେରି ଆସୁଥିଲା ବୋଇତରେ ଅଜସ୍ର ଧନସମ୍ଭାର ଧରି କଳିଙ୍ଗକୁ । ବିଦେଶରୁ ମୁକ୍ତା, ସୁନା, ରୂପା, ରେଶମବସ୍ତ୍ର, ଗୁଆ, ମୂଲ୍ୟବାନ ରତ୍ନ, କଳା ମେଘାପାଟ, ମେଘଡ଼ମ୍ବରୁ ଶାଢୀ ଇତ୍ୟାଦି ଆମଦାନୀ କରି କଳିଙ୍ଗକୁ ଆଣୁଥିଲେ ।

ଆଜି ବି ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟର ସ୍ମାରକୀ ବହନ କରି ଓଡ଼ିଶାର ପୁରପଲ୍ଲୀରେ ଅନେକଗୁଡ଼ିଏ ପର୍ବପାଳନ କରାଯାଉଛି । ତନ୍ମଧ୍ୟରୁ କାର୍ତ୍ତିକ ପୂର୍ଣ୍ଣିମାରେ ବାଲିଯାତ୍ରା ଓ ବୋଇତ ବନ୍ଦାଣ, ଚୈତ୍ର ପୁନେଇଁରେ ଘୋଡାନାଚ, ଭାଦ୍ରବ ମାସରେ ଖୁଦୁରୁକୁଣୀ ଓଷା, ଦୀପାବଳିରେ ବୋଇତ ଝୋଟି ଇତ୍ୟାଦି ଚିରାଚରିତ ପ୍ରଥାନୁସାରେ ପାଳିତ ହେଉଛି । ପ୍ରାଚୀନ ବୋଇତ ଯାତ୍ରାର ସ୍ମୃତିକୁ ପାଳନ କରିବା ନିମନ୍ତେ ଏବେ ବି ଓଡ଼ିଶାର ଲୋକମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ନଈ, ନାଳ, ପୋଖରୀ ଓ ସମୁଦ୍ରରେ ସ୍ନାନ କରି ଶୋଲ ଓ କଦଳୀ ବାସୁଙ୍ଗାରେ ନିର୍ମିତ ରଙ୍ଗ ବେରଙ୍ଗର ଡଙ୍ଗାମାନ ଭସାଇଥାନ୍ତି । ଛୋଟ ଛୋଟ ଡଙ୍ଗାଗୁଡ଼ିକରେ ପାନ ଗୁଆ ରଖି ଘୃତବତୀ କିମ୍ବା ମହମବତୀ ଜଳାଇ ଭସାଇଲା ବେଳେ ଗାଇଥାନ୍ତି –'ଆ, କା, ମା, ଭୈ , ଗୁଆପାନ ଦେଇ, ଗୁଆପାନ ଯାକ ତୋର, ଧର୍ମଯାକ ମୋର' । ପ୍ରତ୍ୟେକ ଗ୍ରାମ ଓ ସହର ନଦୀ ତୁଠ ଓ ଘାଟ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରତ୍ୟୁଷରୁ ଏକ ଯାତ୍ରା ବା ମେଳା ଭଳି ପ୍ରତୀୟମାନ ହୁଏ । ସୁଜଜ୍ଜିତ ବୋଇତରେ ଜଳୁଥିବା ଦୀପବତୀର ଆଲୋକ ଜଳରେ ପ୍ରତିଫଳିତ ହୋଇ ଏକ ମନୋରମ ଦୃଶ୍ୟ ସୃଷ୍ଟି କରିଥାଏ । କଟକ ଗଡ଼ଗଡ଼ିଆ ଘାଟଠାରେ କାର୍ତ୍ତିକ ପୂର୍ଣ୍ଣିମାଠାରୁ ସାତଦିନ ଧରି ଚାଲୁଥିବା ବାଲିଯାତ୍ରା ମହାସମାରୋହରେ ପାଳିତ ହୁଏ । ଏହି ଯାତ୍ରା ବାଲିଯାତ୍ରା ନାମରେ ସାରା ଓଡ଼ିଶାର ପୁରପଲ୍ଲୀରେ ବିଖ୍ୟାତ ଲାଭ କରିଛି । ପ୍ରତିବର୍ଷ ହଜାର ହଜାର ଲୋକ ଓଡ଼ିଶାର ବିଭିନ୍ନ ଜାଗାରୁ ଏ ଯାତ୍ରା ଦେଖିବା ପାଇଁ ଆସିଥାନ୍ତି । ଏତଦ୍ ବ୍ୟତୀତ ପାରାଦ୍ୱୀପ ବନ୍ଦରରେ ମଧ୍ୟ କାର୍ତ୍ତିକ ପୂର୍ଣ୍ଣିମା ଦିନ ପ୍ରାଚୀନ ବୋଇତ ଯାତ୍ରାର ସ୍ମୃତି ବହନ କରି ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୁଏ । ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ସ୍ମୃତି ପ୍ରତ୍ୟେକ ଓଡ଼ିଆକୁ ଗୌରବାନ୍ୱିତ କରେ । ନୀଳ ଦରିଆର ବୁକୁ ଚିରି ଓଡ଼ିଶାର ସାଧବ ପୁଅମାନେ ନୌବାଣିଜ୍ୟ କରିବାକୁ ବିଦେଶ ଯାଉଥିଲେ । ବିଦେଶରୁ ହୀରା, ନୀଳା, ସୁନା, ରୂପା, ମୋତି, ମାଣିକ ପ୍ରଭୃତି ଧନରତ୍ନ ବୋହିଆଣି ଓଡ଼ିଶାକୁ ଧନଧାନ୍ୟରେ ପରିପୂର୍ଣ୍ଣ କରି ଏକ ଉନ୍ନତ ରାଜ୍ୟରେ ପରିଣତ କରିପାରିଥିଲେ । ୧୯୯୨ ମସିହା ନଭେମ୍ବର ମାସ ୧୦ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନ ପାରାଦ୍ୱୀପରୁ–ବାଲିଦ୍ୱୀପ ପର୍ଯ୍ୟନ୍ତ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଐତିହାସିକ ନୌଯାତ୍ରା ଅନୁଷ୍ଠିତ କରାଇ ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ଗୌରବୋଜ୍ଜ୍ୱଳ ଇତିହାସର ସ୍ମୃତିକୁ ପୁନର୍ଜୀବିତ କରାଇଥିଲେ । ଏହା ଓଡ଼ିଶାର ଯୁବପିଢିମାନଙ୍କ ପାଇଁ ନିଶ୍ଚିତ ଭାବରେ ଏକ ପ୍ରେରଣାର ଉତ୍ସ ଥିଲା, ଏଥିରେ ସନ୍ଦେହ ନାହିଁ ।

୭/ମ–୫୧, ବୀଣାନିଳୟ,
ଶୈଳଶ୍ରୀ ବିହାର, ଭୁବନେଶ୍ୱର–୨୧

❖ ❖ ❖

# ଆନ୍ତର୍ଜାତିକ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର ବିଜେତା ଏଲେନ ଜନସନ୍ ସିର୍ଲିଫ୍

ଡକ୍ଟର ପୁରୁଷୋତ୍ତମ ବିଶ୍ୱାଳ

ଆନ୍ତର୍ଜାତିକ ସ୍ତରରେ ଆଫ୍ରିକାର ଲୌହମାନବୀ ଭାବେ ପରିଚିତ ଏଲେନ୍ ଜନସନ ସିର୍ଲିଫ୍ ସମଗ୍ର ବିଶ୍ୱରେ ଜଣେ ନ୍ୟାୟ, ଶାନ୍ତି ଓ ଗଣତନ୍ତ୍ରବାଦୀ ଜନନେତ୍ରୀଭାବେ ସୁପରିଚିତ । ୨୦୦୫ ମସିହା ନଭେମ୍ବର ମାସରେ ସେ ଲାଇବେରିଆର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ । ଏଲେନ୍ ହେଉଛନ୍ତି ବିଶ୍ୱର ପ୍ରଥମ ନିର୍ବାଚିତ କୃଷ୍ଣକାୟ ମହିଳା ରାଷ୍ଟ୍ରପତି । ଜଣେ ମହିଳା ଭାବେ ଆଫ୍ରିକା ମହାଦେଶରେ ରାଷ୍ଟ୍ରମୁଖ୍ୟ ଭାବେ ନିର୍ବାଚିତ ହେବାରେ ସେ ମଧ୍ୟ ପ୍ରଥମ । ଏଲେନ୍ ହେଉଛନ୍ତି ଲାଇବେରିଆ ଚତୁର୍ବିଂଶତମ ରାଷ୍ଟ୍ରପତି । ୨୦୧୧ ମସିହାରେ ତାଙ୍କୁ ମର୍ଯ୍ୟାଦାଜନକ ନୋବେଲ୍ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା । ୨୦୧୨ ମସିହାର ଆନ୍ତର୍ଜାତିକ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର ଏଲେନଙ୍କୁ ପ୍ରଦାନ କରାଯାଇଛି ।



ପଶ୍ଚିମ ଆଫ୍ରିକାର ଆଟ୍‌ଲାଣ୍ଟିକ ମହାସାଗର ଉପକୂଳରେ ଅବସ୍ଥିତ ଲାଇବେରିଆ ଦେଶ । ଆମେରିକାରୁ ମୁକ୍ତିଲାଭ କରିଥିବା ଦାସମାନଙ୍କୁ ନେଇ ପଶ୍ଚିମ ଆଫ୍ରିକାରେ ସେମାନଙ୍କ ବସତି ସ୍ଥାପନ ନିମନ୍ତେ ୧୮୨୨ ମସିହାରେ ଏହି ଦେଶ ସ୍ଥାପିତ ହୋଇଥିଲା । ଲାଇବେରିଆରେ ୟୁରୋପୀୟମାନଙ୍କ ଉପନିବେଶ ପ୍ରତିଷ୍ଠା ହୋଇପାରି ନଥିଲା । ଅନ୍ୟ ପକ୍ଷରେ ୧୮୨୦ ମସିହାରୁ ମୁକ୍ତିଲାଭ କରିଥିବା ଆମେରିକୀୟ ଦାସମାନେ ଏଠାରେ ବସତି ସ୍ଥାପନ କରିଥିଲେ । ୧୮୨୨ ମସିହାରେ 'ଆମେରିକାନ କଲୋନାଇଜେସନ ସୋସାଇଟି' ନାମକ ଏକ ଘରୋଇ ପ୍ରତିଷ୍ଠାନ ଆଦିବାସୀ ମୁଖିଆମାନଙ୍କଠାରୁ ଜମି ଖରିଦ କରି ଦାସମାନଙ୍କର ବସତି ସ୍ଥାପନ କରିବା ନିମନ୍ତେ ସେଠାରେ ବ୍ୟବସ୍ଥା କରିଥିଲେ ।

ସେହି ଘରୋଇ ସଂସ୍ଥାର ଲକ୍ଷ୍ୟ ଥିଲା ପୂର୍ବତନ ଦାସମାନେ ଆଫ୍ରିକାରେ ରହିଲେ ସେମାନେ ଅଧିକ ପରିମାଣରେ ସ୍ୱାଧୀନତା ଓ ସମାନତା ପାଇ ପାରିବେ । ସେଥିପାଇଁ ଜାହାଜରୁ ମୁକ୍ତ ହେଉଥିବା ଦାସମାନଙ୍କୁ ସେମାନଙ୍କର ନିଜ ଦେଶକୁ ନ ପଠାଇ ଏହିଠାରେ ଛାଡି ଦିଆଯାଉଥିଲା । ଲାଇବେରିଆ ୧୮୪୭ ମସିହା ଜୁଲାଇ ମାସ ୨୬ ତାରିଖ ଦିନ ସ୍ୱାଧୀନତା ଲାଭ କଲା । ଏହା ଏକ କୃଷି ପ୍ରଧାନ ଦେଶ । ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୯୦ ପ୍ରତିଶତ ଲୋକ ସେମାନଙ୍କ ଜୀବନଧାରଣ ପାଇଁ କୃଷି ଉପରେ ନିର୍ଭରଶୀଳ । ଦେଶର ପ୍ରାୟ ୪୪ ପ୍ରତିଶତ ଲୋକ ନିରକ୍ଷର । ମନ୍ରୋଭିଆ ହେଉଛି ଲାଇବେରିଆ ଦେଶର ରାଜଧାନୀ । ଦେଶର ଲୋକମାନେ ଇଂରାଜୀ ଓ ସ୍ଥାନୀୟ ଆଦିବାସୀ ଭାଷା ବ୍ୟବହାର କରନ୍ତି ।

୧୯୩୮ ମସିହା ଅକ୍ଟୋବର ମାସ ୨୯ ତାରିଖ ଦିନ ଏଲେନ୍ ଜନସନ୍ ସିର୍ଲିଫ୍ ମନ୍ରୋଭିଆ ସହରରେ ଜନ୍ମଗ୍ରହଣ କରିଥିଲେ । ଏଲେନଙ୍କ ପିତା ଥିଲେ ପଶ୍ଚିମ ଲାଇବେରିଆରେ ବାସ କରୁଥିବା ଗୋଲା ଆଦିବାସୀ ସମ୍ପ୍ରଦାୟର । ତାଙ୍କ ନାମ ଥିଲା ଜାମେଲ କାର୍ଣ୍ଣି ଜନସନ୍ । ଚରମ ଦାରିଦ୍ର୍ୟ ମଧ୍ୟରେ ଜାମେଲଙ୍କ ଜୀବନ ଅତିବାହିତ ହୋଇଥିଲା । ଏଲେନଙ୍କ ମାଆଙ୍କ ବାପା ଥିଲେ ଜଣେ ଜର୍ମାନର ବ୍ୟକ୍ତି । ମାଆଙ୍କ ମାଆ ଅର୍ଥାତ୍ ଏଲେନଙ୍କ ଆଇ ଥିଲେ ପ୍ରାଚୀନ କ୍ରୁ ସମ୍ପ୍ରଦାୟର । ଏହି ସମ୍ପ୍ରଦାୟର

ଲୋକମାନେ ଲାଇବେରିଆ ଆଭ୍ୟନ୍ତରୀଣ ଅଞ୍ଚଳରେ ବାସ କରୁଥିଲେ । ସେହି ଦୃଷ୍ଟିରୁ ବିଚାର କଲେ ଏଲେନ ହେଉଛନ୍ତି ଏକତ୍ର ଗୋଲା, କ୍ରୁ ଓ ଜର୍ମାନୀ ବଂଶ ପରମ୍ପରାର ସନ୍ତାନ । ତାଙ୍କ ପିତାଙ୍କ ଭଳି ଏଲେନଙ୍କ ମାଆ ମଧ୍ୟ ଏକ ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିଲେ ।

ଏଲେନ ୧୯୪୮ ମସିହାରେ ମନ୍ରୋଭିଆସ୍ଥିତ ପଶ୍ଚିମ ଆଫ୍ରିକା ମହାବିଦ୍ୟାଳୟରେ ନାମ ଲେଖାଇଲେ । ସେତେବେଳକୁ ତାଙ୍କ ବୟସ ହୋଇଥିଲା ୧୦ ବର୍ଷ । ସେଠାରେ ସେ ୧୯୫୫ ମସିହା ପର୍ଯ୍ୟନ୍ତ ସାତବର୍ଷ ଧରି ଅର୍ଥନୀତି ଓ ଆକାଉଣ୍ଟିଙ୍ଗ୍ ଅଧ୍ୟୟନ କରିଥିଲେ । ୧୯୫୬ ମସିହାରେ ଜେମସ୍ ସିର୍ଲିଫ୍‌ଙ୍କୁ ଏଲେନ ବିବାହ କରିଥିଲେ । ବିବାହ ପରେ ୧୯୬୧ ମସିହାରେ ସ୍ୱାମୀ ଜେମସ୍‌ଙ୍କ ସହିତ ଏଲେନ ଯୁକ୍ତରାଷ୍ଟ୍ର ଆମେରିକା ଯାତ୍ରା କରିଥିଲେ । ଆମେରିକାରେ ଅବସ୍ଥାନ ସମୟରେ ଏଲେନ ତାଙ୍କର ଅଧ୍ୟୟନ ଚାଲୁ ରଖିଲେ ।

ୱିସକନସିନ୍ ରାଜ୍ୟର ରାଜଧାନୀ ମାଡିସନ୍‌ଠାରେ ଅବସ୍ଥିତ ମାଡିସନ୍ ବିଜିନେସ୍ କଲେଜରୁ ସେ ଆକାଉଣ୍ଟିଙ୍ଗ୍‌ରେ ଡିଗ୍ରୀ ହାସଲ କରିଥିଲେ । କଲୋରାଡୋ ରାଜ୍ୟର ବୋଲଡରଠାରେ ଅବସ୍ଥିତ କଲୋରାଡୋ ବୋଲଡ଼ର ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରତିଷ୍ଠାନରେ ସେ ଅଧ୍ୟୟନ କଲେ । ୧୯୬୯ରୁ ୧୯୭୧ ମସିହା ପର୍ଯ୍ୟନ୍ତ ଦୁଇ ବର୍ଷ ଧରି ହାଭାର୍ଡସ୍ଥିତ ଜନ.ଏଫ୍. କେନେଡି ସରକାରୀ ବିଦ୍ୟାଳୟରୁ ସାଧାରଣ ପ୍ରଶାସନ ବିଦ୍ୟାରେ ସେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ ।

ହାଭାର୍ଡରେ ଅଧ୍ୟୟନ ସମାପ୍ତ କରି ଏଲେନ୍ ନିଜ ମାତୃଭୂମି ଲାଇବେରିଆକୁ ଫେରି ଆସିଲେ । ଲାଇବେରିଆ ଦେଶର ବିଂଶତମ ରାଷ୍ଟ୍ରପତି ୱିଲିୟମ୍ ରିଚାର୍ଡ ଟୋଲ୍‌ବର୍ଟଙ୍କ ମନ୍ତ୍ରିମଣ୍ଡଳରେ ସେ ସରକାରୀ ଅର୍ଥ ମନ୍ତ୍ରୀଭାବେ ଯୋଗ ଦେଇଥିଲେ । ୧୯୭୨ରୁ ୧୯୭୩ ମସିହା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ଥିଲେ । ସରକାରୀ ବ୍ୟୟବରାଦ ସମ୍ପର୍କରେ ରାଷ୍ଟ୍ରପତିଙ୍କ ସହ ତାଙ୍କର ମତାନୈକ୍ୟ ହେବାରୁ ସେ ସେହି ପଦବୀରୁ ଇସ୍ତଫା ଦେଇଥିଲେ । ପରେ ୧୯୭୯ରୁ ଏପ୍ରିଲ୍ ୧୯୮୦ ମସିହା ପର୍ଯ୍ୟନ୍ତ ସେ ଟୋଲବର୍ଟ ପ୍ରଶାସନରେ ଅର୍ଥ ମନ୍ତ୍ରୀ ଦାୟିତ୍ୱରେ ରହିଥିଲେ ।

୧୯୮୯ ମସିହା ଡିସେମ୍ବର ମାସରେ ଲାଇବେରିଆରେ ଗୃହ ଯୁଦ୍ଧ ଦେଖାଦେଇଥିଲା । ଏହା ହିଂସାତ୍ମକ ରୂପ ଧାରଣ କରିଥିଲା । ଦେଶର ପ୍ରାୟ ଅର୍ଦ୍ଧେକ ଲୋକ ମରଣାର୍ଥୀ ଭାବେ ବଞ୍ଚି ରହିଲେ । ପ୍ରାୟ ଦେଢଲକ୍ଷ ଲୋକ ଏହି ଗୃହ ଯୁଦ୍ଧରେ ମୃତ୍ୟୁବରଣ କରିଥିବାର ଜଣାଯାଏ । ୧୯୮୦ ମସିହା ଏପ୍ରିଲ୍ ମାସ ୧୨ ତାରିଖ ଦିନ ଲାଇବେରିଆ ସାମରିକ ବାହିନୀ ବଳପ୍ରୟୋଗ ପୂର୍ବକ କ୍ଷମତା ହାସଲ କଲେ । ଉକ୍ତ କ୍ଷମତା ପରିବର୍ତ୍ତନ ପର୍ଯ୍ୟନ୍ତ ଏଲେନ୍ ଅର୍ଥ ମନ୍ତ୍ରୀଭାବେ କାର୍ଯ୍ୟ କରିଥିଲେ ।

ସାମୁଏଲ୍ ଡୋଙ୍କ ନେତୃତ୍ୱରେ ଲାଇବେରିଆ ସାମରିକ ବାହିନୀ ରାଷ୍ଟ୍ରପତି ପ୍ରାସାଦ ମଧ୍ୟକୁ ପ୍ରବେଶ କରି ରାଷ୍ଟ୍ରପତି ଟୋଲବର୍ଟଙ୍କୁ ନୃଶଂସ ଭାବେ ହତ୍ୟା କଲେ । ଏପ୍ରିଲ ମାସ ଶେଷ ସୁଦ୍ଧା ଟୋଲବର୍ଟଙ୍କ ମନ୍ତ୍ରିମଣ୍ଡଳର ଅଧିକାଂଶ ମନ୍ତ୍ରୀଙ୍କର ବିଚାର ହୋଇ ସେମାନଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା । ଏପ୍ରିଲ୍ ମାସ ୨୨ତାରିଖ ଦିନ ମନ୍ରୋଭିଆର ବେଳାଭୂମିରେ ସମସ୍ତଙ୍କ ସମ୍ମୁଖରେ ସେମାନଙ୍କୁ ମାରି ଦିଆଗଲା । ମାତ୍ର ଚାରିଜଣ ମନ୍ତ୍ରୀ ବିଦ୍ରୋହ ଓ କ୍ଷମତା ପରିବର୍ତ୍ତନର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନରୁ ବଞ୍ଚି ଯାଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଅର୍ଥ ମନ୍ତ୍ରୀ ଓ ଲାଇବେରିଆ ଭାବି ରାଷ୍ଟ୍ରପତି ଏଲେ୍ନ ଜନସନ୍ ସିର୍ଲିଫ୍ ।

ହିଂସାତ୍ମକ କ୍ଷମତା ପରିବର୍ତ୍ତନ ପରେ ଲାଇବେରିଆ ପରିତ୍ୟାଗ କଲେ ଏଲେନ । ସାମରିକ ଶାସକଙ୍କୁ ପ୍ରକାଶ୍ୟରେ ସମାଲୋଚନା କରିବା ଫଳରେ ତାଙ୍କୁ ଦେଶ ତ୍ୟାଗ କରିବାକୁ ପଡିଥିଲା । ସେ ପ୍ରଥମେ ଯୁକ୍ତରାଷ୍ଟ୍ର ଆମେରିକାର ରାଜଧାନୀ ୱାଶିଂଟନ ଡିସିକୁ ଯାଇଥିଲେ । ସେଠାରେ ସେ କିଛିଦିନ ପାଇଁ ବିଶ୍ୱବ୍ୟାଙ୍କରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ । ୧୯୮୧ ମସିହାରେ ୪୩ ବର୍ଷ ବୟସରେ ଏଲେନ୍ କେନିୟାର ରାଜଧାନୀ ନାଇରୋବିଠାରେ ପଦାର୍ପଣ କରିଥିଲେ । ସେଠାରେ ସେ ସିଟି ବ୍ୟାଙ୍କର ଆଫ୍ରିକୀୟ ଆଞ୍ଚଳିକ କାର୍ଯ୍ୟାଳୟରେ ଉପସଭାପତିଭାବେ ଯୋଗଦେଲେ । ଲାଇବେରିଆରେ ୧୯୮୫ ମସିହାରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଉକ୍ତ ନିର୍ବାଚନରେ ଭାଗ ନେବା ନିମନ୍ତେ ଏଲେନଙ୍କୁ ସେହିବର୍ଷ ସିଟି ବ୍ୟାଙ୍କରୁ ଇସ୍ତଫା ଦେବାକୁ ପଡିଲା ।

ସାମରିକ ବିଦ୍ରୋହ ପରେ ନୂଆ ସରକାରରେ ଏଲେନ ଲାଇବେରିଆ ବିକାଶ ଓ ପୁଞ୍ଜିନିବେଶ ବ୍ୟାଙ୍କରେ ସଭାପତି ଭାବେ ଯୋଗ ଦେଇଥିଲେ । ଏହି ବ୍ୟାଙ୍କ ୧୯୬୧ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ସେ ୧୯୯୨ ମସିହାରେ ଜାତିସଂଘ ବିକାଶ କାର୍ଯ୍ୟକ୍ରମର ଆଫ୍ରିକୀୟ ଆଞ୍ଚଳିକ ବ୍ୟୁରୋର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ । ସେଠାରେ ସେ ସହାୟକ ମହାସଚିବ ପାହ୍ୟାରେ ନିଯୁକ୍ତି ପାଇଥିଲେ । ୧୯୯୭ ମସିହାରେ ଲାଇବେରିଆରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ ଭାଗ ନେବା ପାଇଁ ସେ ଜାତିସଂଘ ନିଯୁକ୍ତିରୁ ଇସ୍ତଫା ଦେଇଥିଲେ ।

ସହକାରୀ ଅର୍ଥ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ସମୟରେ ଏଲେନ ଲାଇବେରିଆ ଚାମ୍ବର ଅଫ୍ କମର୍ସର ଏକ ଅଧିବେଶନରେ ଭାଷଣ ଦେବା ପାଇଁ ନିମନ୍ତ୍ରିତ ହୋଇଥିଲେ । ଭାଷଣ ପ୍ରସଙ୍ଗରେ ଏଲେନ ଯୁକ୍ତି କରିଥିଲେ ଯେ ଦେଶରେ କାର୍ଯ୍ୟରତ କର୍ପୋରେସନଗୁଡ଼ିକ ସେମାନଙ୍କ ଅର୍ଜିତ ଲାଭକୁ ବିଦେଶକୁ ପଠାଇ ଦେଇ ଲାଇବେରିଆ ଲାଭ କରିବା ପରିବର୍ତ୍ତେ କ୍ଷତି ସାଧନ କରୁଛନ୍ତି । ସେତେବେଳେ ଏଲେନଙ୍କର ଏହି ବିସ୍ଫୋରକ ବକ୍ତବ୍ୟ ସାରା ଦେଶର ଦୃଷ୍ଟି ଆକର୍ଷଣ କରିଥିଲା ।

ପୂର୍ବରୁ ସିଟି ବ୍ୟାଙ୍କରେ କାର୍ଯ୍ୟରତ ଥିବା ସମୟରେ ଏଲେନ୍ ୧୯୮୫ ମସିହାରେ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗନେବା ପାଇଁ ଲାଇବେରିଆକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ସେହିବର୍ଷ ଅଗଷ୍ଟ ମାସରେ ଏଲେନଙ୍କୁ ଗୃହବନ୍ଦୀଭାବେ ରଖାଯାଇଥିଲା । ଏଲେନ ଚାହୁଁଥିଲେ ଦେଶରେ ଗଣତନ୍ତ୍ରର ପୁନଃପ୍ରତିଷ୍ଠା ହେଉ । ସେ ସାମରିକ ଶାସନର ତୀବ୍ର ବିରୋଧ କରୁଥିଲେ ।

ଦିନେ ସେ ତାଙ୍କ ଭାଷଣରେ ଏକଛତ୍ରବାଦୀ ସାମରିକ ଶାସକ ମାଷ୍ଟର ସର୍ଜେଣ୍ଟ ସାମୁଏଲ୍ ଡୋଙ୍କ ଶାସନର ଦୃଢ ସମାଲୋଚନା କରିଥିଲେ । ରାଷ୍ଟ୍ରଦ୍ରୋହ ଅଭିଯୋଗରେ ଏଲେନଙ୍କୁ ୧୦ ବର୍ଷର କାରାଦଣ୍ଡ ଆଦେଶ ମିଳିଥିଲା । ଅନ୍ତର୍ଜାତୀୟ ସ୍ତରରେ ଗଣତନ୍ତ୍ରବାଦୀ ନେତ୍ରୀ ଏଲେନଙ୍କର ମୁକ୍ତିପାଇଁ ଆହ୍ୱାନ ଦିଆଯାଇଥିଲା । ସାମରିକ ଶାସକ ଡୋ ସେପ୍ଟେମ୍ବର ମାସରେ ଏଲେନଙ୍କୁ କ୍ଷମା ପ୍ରଦାନ କରିବାରୁ ସେ ଜେଲ୍ ଦଣ୍ଡରୁ ମୁକୁଳି ଥିଲେ ।

୧୯୯୭ ମସିହାରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ଏଲେନ୍ ପ୍ରତିଦ୍ୱନ୍ଦିତା କରିଥିଲେ । ସାମରିକ ଶାସକ ସାମୁଏଲ ଡୋଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ପ୍ରାୟ ୮ ବର୍ଷ ପୂର୍ବେ ଲାଇବେରିଆ ମାଟିରେ ଗୃହଯୁଦ୍ଧ ଘଟାଇ ଲକ୍ଷାଧିକ ଜନସାଧାରଣରେ ମୃତ୍ୟୁ ପାଇଁ ଦାୟୀ ହୋଇଥିବା ଚାର୍ଲସ ଟେଲର୍ ନିର୍ବାଚନରେ ବିଜୟ ଲାଭ କଲେ । ଏଲେନ୍ ନିର୍ବାଚନରେ ବହୁ ପଛରେ ପଡ଼ିଯାଇଥିଲେ । ରାଷ୍ଟ୍ରପତି ନିର୍ବାଚନରେ ୭୫ ପ୍ରତିଶତ ଭୋଟ ପାଇ ଟେଲର ରାଷ୍ଟ୍ରପତି ଭାବେ କ୍ଷମତାକୁ ଆସିଲେ । ପୂର୍ବ ସଂଘଟିତ ରକ୍ତପାତ ଓ ହିଂସା ନିମନ୍ତେ କ୍ଷମା ପ୍ରାର୍ଥନା କରି ସେ ଲାଇବେରିଆବାସୀଙ୍କୁ ଏକ ନୂତନ ଦେଶ ଗଠନର ପ୍ରତିଶ୍ରୁତି ପ୍ରଦାନ କଲେ ।

୨୦୦୫ ମସିହାରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ଭାଗ ନେଇ ଏଲେନ୍ ଲାଇବେରିଆ ଦେଶର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ । ତା'ପରେ ୨୦୦୬ ମସିହା ଜାନୁଆରୀ ମାସ ୧୬ ତାରିଖ ଦିନ ସେ ଲାଇବେରିଆ ରାଷ୍ଟ୍ରପତିଭାବେ ଶପଥ ଗ୍ରହଣ କରିଥିଲେ । ୨୦୧୧ ମସିହା ରାଷ୍ଟ୍ରପତି ନିର୍ବାଚନରେ ସେ ପୁଣି ଥରେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ । ଦ୍ୱିତୀୟ ଥର ପାଇଁ ୨୦୧୨ ମସିହା ଜାନୁଆରୀ ମାସ ୧୬ ତାରିଖ ଦିନ ସେ ରାଷ୍ଟ୍ରପତି ଭାବେ କାର୍ଯ୍ୟରେ ଯୋଗଦାନ କଲେ । ଅବହେଳିତ ଲାଇବେରିଆ ଦରିଦ୍ର ଜନସାଧାରଣଙ୍କ ଭାଗ୍ୟ ପରିବର୍ତ୍ତନ ପାଇଁ କିଛି ପଦକ୍ଷେପ ଗ୍ରହଣ କରିବା ଥିଲା ସିର୍ଲିଫ୍ ପ୍ରଶାସନର ମୁଖ୍ୟ ଉଦ୍ଦେଶ୍ୟ । ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଭଳି ଲାଇବେରିଆ ନିର୍ବାଚିତ ରାଷ୍ଟ୍ରପତି ଉଭୟ ରାଷ୍ଟ୍ର ଓ ପ୍ରଶାସନର ମୁଖ୍ୟ ।

ରାଷ୍ଟ୍ରପତି ସିର୍ଲିଫ୍ ୨୦୦୭ ମସିହା ଜୁଲାଇ ମାସ ୨୬ ତାରିଖ ଦିନ ଲାଇବେରିଆ ୧୬୦ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରିଥିଲେ । ଏହାର କିଛିଦିନ ପରେ ଦେଶରେ ସମସ୍ତ ଶିଶୁମାନଙ୍କ ପାଇଁ ଶିକ୍ଷା ମାଗଣା ଓ ବାଧ୍ୟତାମୂଳକ ହେବ ବୋଲି ଘୋଷଣା କରି ସେ ଆଦେଶନାମା ଜାରି କରିଥିଲେ । ଶିକ୍ଷା ବ୍ୟବସ୍ଥାରେ ବିକାଶ ସାଧିତ ହେଲେ ଅନୁନ୍ନତ ଲାଇବେରିଆ ଉନ୍ନତି ସାଧନ ହୋଇପାରିବ ବୋଲି ଏଲେନ ବିଶ୍ୱାସ କରୁଥିଲେ । ଜନସାଧାରଣଙ୍କୁ ଉତ୍ତମ ପ୍ରଶାସନ ଯୋଗାଇବା ଓ ସେମାନଙ୍କ ଭାଗ୍ୟରେ ପରିବର୍ତ୍ତନ ଆଣିବା ନିମନ୍ତେ ସେ ସର୍ବଦା ଚେଷ୍ଟିତ ଥିଲେ ।

ରାଜନୀତି ଓ ସମାଜସେବା କ୍ଷେତ୍ରରେ କାର୍ଯ୍ୟ କରି ଏଲେନ ସଫଳତା ଅର୍ଜନ କରିପାରିଥିଲେ ମଧ ତାଙ୍କ ବୈବାହିକ ଜୀବନ ସଫଳ ହୋଇ ପାରି ନଥିଲା । ସେ ତାଙ୍କ ସ୍ୱାମୀ ଜେମସ୍‌ଙ୍କୁ ଛାଡପତ୍ର ଦେଇଥିଲେ ବୋଲି କୁହାଯାଏ । ଏଲେନ ଚାରିଗୋଟି ସନ୍ତାନର ଜନନୀ । ତାଙ୍କର ୮ ଜଣ ନାତିନାତୁଣୀ ଅଛନ୍ତି । ଲାଇବେରିଆରେ ମାନବିକ ଅଧିକାର, ଗଣତନ୍ତ୍ର ଓ ଶାନ୍ତି ପ୍ରତିଷ୍ଠା ପାଇଁ ଏଲେନ୍ ଜୀବନବ୍ୟାପୀ ସାଧନା କରି ଆସିଛନ୍ତି । ମହିଳାମାନଙ୍କୁ ତାଙ୍କର ଅଧିକାର ପ୍ରଦାନ କରିବା ଓ ଲିଙ୍ଗଗତ ସମାନତା ପ୍ରତିଷ୍ଠା କରିବା ଦିଗରେ ସେ ସର୍ବଦା ସଂଗ୍ରାମ କରି ଆସିଛନ୍ତି । ତାଙ୍କୁ ୨୦୧୧ ମସିହାରେ ନୋବେଲ ଶାନ୍ତି ପୁରସ୍କାର ମିଳିଥିଲା । ଆଧୁନିକ ଆଫ୍ରିକାର ଏଲେନ ହେଉଛନ୍ତି ପ୍ରଥମ ମହିଳା ରାଷ୍ଟ୍ରପତି ।

ସେ ବିଭିନ୍ନ ଦେଶର ବିଶ୍ୱବିଦ୍ୟାଳୟମାନଙ୍କରୁ ଅନେକ ସମ୍ମାନସୂଚକ ଡିଗ୍ରୀ ଓ ସମ୍ମାନ ଲାଭ କରିଛନ୍ତି । ବିଶ୍ୱର ପ୍ରଥମ

୧୦ ଜଣ ନେତ୍ରୀଙ୍କ ମଧ୍ୟରେ 'ନ୍ୟୁଜ ଉଇକ୍' ପତ୍ରିକା ଏଲେନଙ୍କୁ ମନୋନୀତ କରିଥିଲା । 'ଇକୋନୋମିଷ୍ଟ' ପତ୍ରିକା ତାଙ୍କୁ ଲାଇବେରିଆର ସର୍ବୋତ୍ତମ ରାଷ୍ଟ୍ରପତି ଭାବେ ବର୍ଣ୍ଣନା କରିଥିଲା ।

ସେହିବର୍ଷ ଏଲେନଙ୍କ ସହିତ ଆଉ ଦୁଇ ଜଣ ମହିଳା ମଧ୍ୟ ନୋବେଲ ଶାନ୍ତି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ସେମାନେ ହେଉଛନ୍ତି ଲାଇବେରିଆ ଦେଶର ଜଣେ ଶାନ୍ତିବାଦୀ ନେତ୍ରୀ ଲେମା ଗୋବଓ୍ୱି ଏବଂ ୟେମେନ ଦେଶର ସାମ୍ବାଦିକ, ରାଜନୀତିଜ୍ଞ, ମାନବିକ ଅଧିକାର କର୍ମୀ ତାଓ୍ୱାକୁଲ କର୍ମାନ । କର୍ମାନ ମହାମାନବ ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇଥିବାର ଜଣାଯାଏ । ୟେମେନ ଦେଶର ଘରେ ଘରେ ସେ ଲୌହ ମହିଳା ଓ ବିପ୍ଳବର ଜନନୀ ଭାବେ ସୁପରିଚିତା ।

୨୦୧୧ ମସିହା ଡିସେମ୍ବର ମାସ ୧୦ ତାରିଖ ଦିନ ଏଲେନ ନରଓ୍ୱେର ରାଜଧାନୀ ଅସଲୋଠାରେ ଉପସ୍ଥିତ ରହି ନୋବେଲ ଶାନ୍ତି ପୁରସ୍କାର ଗ୍ରହଣ କରିଥିଲେ । ସେହିଦିନ ଅସଲୋ ସିଟି ହଲ୍‌ରେ ସେ ତାଙ୍କର ନୋବେଲ ଅଭିଭାଷଣ ପ୍ରଦାନ କରିଥିଲେ । ଅହିଂସା ଆନ୍ଦୋଳନ ମାଧ୍ୟମରେ ମହିଳାମାନଙ୍କୁ ସୁରକ୍ଷା ଓ ଅଧିକାର ପ୍ରଦାନ କରି ଶାନ୍ତି ପ୍ରତିଷ୍ଠାରେ ସେମାନଙ୍କ ଅବଦାନ ସୁନିଶ୍ଚିତ କରିବା ନିମନ୍ତେ ଏଲେନ ସିର୍ଲିଫ୍‌ଙ୍କର ଅହିଂସା ଆନ୍ଦୋଳନ ନିମନ୍ତେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ବୋଲି ନୋବେଲ କମିଟି ପକ୍ଷରୁ କୁହାଯାଇଥିଲା ।

ଲାଇବେରିଆ ରାଷ୍ଟ୍ରପତି ଏଲେନ ଜନସନ୍ ସିର୍ଲିଫ୍‌ଙ୍କୁ ଶାନ୍ତି, ନିରସ୍ତ୍ରୀକରଣ ଓ ବିକାଶ ନିମନ୍ତେ ୨୦୧୨ ମସିହାର ଆନ୍ତର୍ଜାତିକ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର ଭାରତ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି । ୨୦୧୩ ମସିହା ସେପ୍ଟେମ୍ବର ମାସ ୧୨ ତାରିଖ ଗୁରୁବାର ଦିନ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀଯୁକ୍ତ ପ୍ରଣବ ମୁଖାର୍ଜୀ ରାଷ୍ଟ୍ରପତି ଭବନଠାରେ ଏଲେନଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଆନ୍ତର୍ଜାତିକ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର ୧୯୮୬ ମସିହାଠାରୁ ପ୍ରଦାନ କରାଯାଉଛି । ଏହି ପୁରସ୍କାରରେ ବିଜେତାଙ୍କୁ ୨୫ ଲକ୍ଷ ଭାରତୀୟ ମୁଦ୍ରା ସହିତ ମାନପତ୍ର ପ୍ରଦାନ କରାଯାଇ ଥାଏ । ରାଷ୍ଟ୍ରପତି ସିର୍ଲିଫ୍ ହେଉଛନ୍ତି ଏହି ମର୍ଯ୍ୟାଦାଜନକ ପୁରସ୍କାର ଲାଭ କରିବାରେ ୨୬ତମ ବ୍ୟକ୍ତି ।

ରାଷ୍ଟ୍ରପତି ଏଲେନ ଜନସନ୍ ସିର୍ଲିଫ୍ ୨୦୧୩ ମସିହା ସେପ୍ଟେମ୍ବର ମାସ ୯ ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଚାରିଦିନ ଭାରତ ଗସ୍ତରେ ଆସିଥିଲେ । ୭୪ ବର୍ଷୀୟା ସିର୍ଲିଫ୍‌ଙ୍କୁ ପୁରସ୍କାର ପ୍ରଦାନ କରି ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀଯୁକ୍ତ ପ୍ରଣବ ମୁଖାର୍ଜୀ କହିଥିଲେ ଯେ, ଭାରତ ଓ ଲାଇବେରିଆ ମଧ୍ୟରେ ବନ୍ଧୁତା ଓ ସହଯୋଗ କ୍ଷେତ୍ରରେ ଦୀର୍ଘଦିନର ସୁସମ୍ପର୍କ ରହି ଆସିଛି । ଲାଇବେରିଆ ଜନସାଧାରଣଙ୍କୁ ଆର୍ଥିକ ଅଭିବୃଦ୍ଧି, ଗଣତାନ୍ତ୍ରିକ ସୁଶାସନ ଓ ସ୍ଥିରତା ପ୍ରଦାନ କରିବାରେ ସିର୍ଲିଫ୍‌ଙ୍କର ନିରବଚ୍ଛିନ୍ନ ପ୍ରଚେଷ୍ଟାକୁ ଭାରତ ଦୃଢ ସମର୍ଥନ କରୁଛି । ସିର୍ଲିଫ୍ ନିଜର କୃତି ଓ ସାଧନା ପାଇଁ ସମଗ୍ର ବିଶ୍ୱର ମହିଳାମାନଙ୍କର ପ୍ରେରଣାର ଉତ୍ସ ବୋଲି ଭାରତର ରାଷ୍ଟ୍ରପତି ମତବ୍ୟକ୍ତ କରିଥିଲେ ।

ଭାରତ ସହିତ ସୁସମ୍ପର୍କ ପ୍ରତିଷ୍ଠାରେ ଏଲେନ୍ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି । ଏଲେନଙ୍କର ଐତିହାସିକ ଭାରତ ଗସ୍ତକୁ ଭାରତବାସୀ ସବୁଦିନ ପାଇଁ ମନେ ରଖିବେ । ଲାଇବେରିଆ ଦେଶକୁ ଆର୍ଥିକ ସଙ୍କଟରୁ ମୁକୁଳାଇ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ ରାଷ୍ଟ୍ରପତି ଏଲେନ ଜନସନ୍ ସିର୍ଲିଫ୍ ସମ୍ପ୍ରତି କାର୍ଯ୍ୟରତ ।

ଶାନ୍ତିବଜାର, ପୋ: ଧର୍ମଶାଳା
ଜି– ଯାଜପୁର–୭୫୫୦୦୮

❖ ❖ ❖

# ନୈତିକତା ଓ ଗଣମାଧ୍ୟମ

**ରବୀନ୍ଦ୍ର ନାଥ ସେନାପତି**

ଆଜିର ଜଗତୀକରଣ ଯୁଗରେ ସମଗ୍ର ଭାରତବର୍ଷ ଏକ ସଙ୍କଟମୟ ପରିସ୍ଥିତି ମଧ୍ୟଦେଇ ଗତି କରୁଥିବା ବେଳେ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ଭୂମିକା ଯେ କେତେ ଗୁରୁତ୍ୱପୂର୍ଣ୍ଣ, ତାହା ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ତଥା ବୁଦ୍ଧିଜୀବୀମାନେ ସ୍ୱୀକାର କରିବେ । ଆଜି ରାଜନୈତିକ ଦଳ, ବ୍ୟକ୍ତିଠାରୁ ପ୍ରଶାସନିକ, ବ୍ୟବସାୟିକ ଓ କର୍ପୋରେଟ୍ ସଂସ୍ଥା ମଧ୍ୟରେ ଦୁର୍ନୀତି ବା ସ୍କାମ୍ ଯେଉଁଭଳି ଆକାର ଧାରଣ କରିଛି, ତାହା ଆଜି ଚିନ୍ତାଜନକ ବିଷୟ ହୋଇଛି । ଏହିଭଳି ପରିସ୍ଥିତିରେ ଗଣମାଧ୍ୟମ ହିଁ ସମସ୍ତ ଦୁର୍ନୀତିର ପର୍ଦ୍ଦାଫାଶ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ମୂଲ୍ୟବୋଧଠାରୁ ଆଜି ପ୍ରତ୍ୟେକେ ଦୂରେଇ ଯାଉଥିବା ଏକ ଚିନ୍ତାଜନକ ବିଷୟ ହୋଇଛି । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣତାନ୍ତ୍ରିକ ଚେତନା ସୃଷ୍ଟି କରିବାରେ ମୂଲ୍ୟବୋଧ ଭିତ୍ତିକ ସମ୍ବାଦପତ୍ର ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟକରେ । ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟକଳାପ ସହିତ ଏହା ସାଧାରଣ ଜନତାକୁ ପରିଚିତ କରାଇଥାଏ । ଏଥିପାଇଁ ଖବରକାଗଜର ସ୍ୱାଧୀନତା ଏକାନ୍ତ ଜରୁରୀ । ଏହି ସ୍ୱାଧୀନତା ବଳରେ ହିଁ ଗଣମାଧ୍ୟମ ନିଜର ନୈତିକ କର୍ତ୍ତବ୍ୟ ପାଳନ କରିବାରେ ସକ୍ଷମ ହୋଇଥାଏ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମ୍ବାଦିକମାନଙ୍କର ଦାୟିତ୍ୱ ଯଥେଷ୍ଟ ଥିବା ବେଳେ ସେମାନଙ୍କୁ ସ୍ୱାଧୀନ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ନଦେବା ଘୋର ପରିତାପର ବିଷୟ ।

ଗଣମାଧ୍ୟମ ହେଉଛି ସମାଜର ମୁକୁର । ପ୍ରାଚୀନ ସାମାଜିକ ଜୀବନଧାରାରେ ଯେଉଁ ଗଣମାଧ୍ୟମ ଥିଲା, ତାହା ମୁଖ୍ୟତଃ ପାରମ୍ପରିକ ପ୍ରଥା ଓ ନିୟମରେ ପର୍ଯ୍ୟବସିତ ଥିଲା । ଓଡ଼ିଶାରେ ପ୍ରଥମ ହାତଲେଖା ପତ୍ରିକା 'କୁଜିବର ପତ୍ର'ପ୍ରକାଶିତ ହେବା ପରେ ୧୮୬୬ ମସିହାରେ ପ୍ରଥମ ସମ୍ବାଦପତ୍ର ଭାବେ 'ଉତ୍କଳ ଦୀପିକା'କୁ ଗ୍ରହଣ କରାଯାଏ । ୧୮୬୮ରେ ଫକୀର ମୋହନ ସେନାପତିଙ୍କ ଦ୍ୱାରା ବାଲେଶ୍ୱର ସମ୍ବାଦବାହିକା, ୧୮୭୯ରେ ଉତ୍କଳ ହିତୈଷିଣୀ, ୧୮୮୯ରେ ସମ୍ବଲପୁର ହିତୈଷିଣୀ ଆଦି ସମ୍ବାଦପତ୍ରଗୁଡ଼ିକ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାକୁ ଇଂରେଜ ସରକାରଙ୍କ ନିକଟରେ ବଳିଷ୍ଠ ଭାବେ ଉପସ୍ଥାପନ କରି ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇ ପାରିଥିଲେ । ବିଜ୍ଞାନର ବିକାଶ ଫଳରେ ଆଜି ଖବରକାଗଜରେ ରଂଗୀନ ପୃଷ୍ଠା ମଣ୍ଡନ କରିବା ତଥା ସଦ୍ୟ ଖବର ପ୍ରକାଶନ ଏବଂ ବୈଦ୍ୟୁତିକ ଗଣମାଧ୍ୟମ ଆଜି ଜନପ୍ରିୟ ହୋଇପାରିଛି । ସାରା ପୃଥିବୀରେ ଘଟୁଥିବା ଘଟଣାକୁ ତତ୍‌କ୍ଷଣାତ୍ ସିଧା ପ୍ରସାରଣ କେବଳ ବୈଦ୍ୟୁତିକ ଗଣମାଧ୍ୟମ ହିଁ ସମ୍ଭବ କରିପାରିଛି ।

ଭାରତୀୟ ସମ୍ବିଧାନରେ ଗଣମାଧ୍ୟମର ସ୍ୱାଧୀନତା ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଇ ଏହାକୁ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ବୋଲି ମାନ୍ୟତା ଦିଆଯାଇଛି । ଏ ପ୍ରସଙ୍ଗରେ ସମ୍ବିଧାନର ପ୍ରଣେତା ଡଃ ବି.ଆର୍. ଆମ୍ବେଦକରଙ୍କ ମତରେ 'The Press is merely another way of standing an individual or citizen, the press has no special rights which are not to be given to or which are not to be exercised by the citizen in his individual capacity. the editor of a press or the manager are all citizens and therefore when they choose and represent any news paper, they are merely exercising their right or expression and in any judgement no special mention is necessary of the press at all"

ବର୍ତ୍ତମାନ ପରିସ୍ଥିତିରେ ଗଣମାଧ୍ୟମର ସ୍ୱାଧୀନତା ସରକାରଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି । ୧୯୪୮ ମସିହାରେ ପ୍ରଣିତ press laws ଫଳରେ ଇଂରେଜ ସରକାର ପ୍ରେସ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲେ । ପ୍ରସାର ଭାରତୀ ଆଇନ୍ ସତ୍ତ୍ୱେ ଗଣମାଧ୍ୟମ ଉପରେ ସରକାରଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିୟନ୍ତ୍ରଣ ରହୁଛି । ୬୫ବର୍ଷର ସ୍ୱାଧୀନତା ପରେ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମ ରାଜନୈତିକ ନେତା ଓ କର୍ପୋରେଟ୍ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ବେଳେ ସେମାନେ ବ୍ୟବସାୟିକ ସଂସ୍ଥାମାନଙ୍କଠାରୁ କୋଟି କୋଟି ଟଙ୍କାର ବିଜ୍ଞାପନ ନେଇ ସେମାନଙ୍କୁ ସୁହାଉଥିବା ଖବରକୁ ପ୍ରକାଶନ/ପ୍ରସାରଣ କରିବାରେ ଅଗ୍ରାଧିକାର ଦେଉଛନ୍ତି ।

ପ୍ରଥମ ସାମ୍ବାଦିକଭାବେ ନାରଦ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରରୁ ଖବର ସଂଗ୍ରହ କରି ଜଣାଉଥିଲେ । ସେହିଭଳି ମହାଭାରତର ସଞ୍ଜୟ ସାମ୍ବାଦିକ ଭାବେ ମହାଭାରତ ଯୁଦ୍ଧର ସମସ୍ତ ଘଟଣାର ଧାରାବିବରଣୀ ଆକାରରେ ଧୃତରାଷ୍ଟ୍ରଙ୍କୁ ଶୁଣାଉଥିଲେ । ମାତ୍ର ସମୟର ବିବର୍ତ୍ତନ ପରେ ଆଜି ସାମ୍ବାଦିକତାରେ ସାମାଜିକ ମୂଲ୍ୟବୋଧ ପ୍ରତି ନିଷ୍ଠାପର ଭାବେ କାର୍ଯ୍ୟ କଲେ ଜନସାଧାରଣଙ୍କ ଦ୍ୱାରା ପ୍ରଶଂସିତ ହେବେ ଅନ୍ୟଥା ଜଣେ ବ୍ଲାକ୍‌ମେଲର୍ ଭାବେ ସେ ସମାଜରେ ନିନ୍ଦିତ ହେବେ । ତେଣୁ ସମାଜର ପରିବର୍ତ୍ତନକୁ ଦୃଷ୍ଟିରେ ରଖି ନୀତିବାନ ସାମ୍ବାଦିକମାନେ ସଠିକ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରିବା ଉଚିତ । ସାମ୍ବାଦିକମାନେ କୌଣସି ରାଜନୈତିକ ଦଳ କିମ୍ବା ଗୋଷ୍ଠୀର ମୁଖପାତ୍ର ହୋଇ ସମ୍ବାଦ ପରିବେଷଣ କରିବା ଉଚିତ ନୁହେଁ । ସାଧାରଣ ଜନତାର ସେବକ ମନୋଭାବ ନେଇ ନ୍ୟାୟ ଓ ସଠିକ୍ ଖବର ପରିବେଷଣ କରିବା ଉଚିତ । କାହାରି ଚାପ ଓ ଅର୍ଥରେ ବଶୀଭୂତ ନହୋଇ ସମାଜର ବୃହତ୍ତର ସ୍ୱାର୍ଥ ପ୍ରତି ଦୃଷ୍ଟି ଦେବା ଉଚିତ । କେତେକ ସାମ୍ବାଦିକ ସୁହାଇଲା ଭଳି ଖବର ପ୍ରକାଶ କରିଥାନ୍ତି । ଫଳରେ ପ୍ରକୃତ ଦୁର୍ନୀତିର ପର୍ଦ୍ଦାଫାଶ ହୋଇପାରି ନଥାଏ । ନିଜର ଆଦର୍ଶ, ସମ୍ମାନ ଓ ନୈତିକତାକୁ ଜଳାଞ୍ଜଳି ଦେବା ପାଇଁ ଏହି ଧରଣର ସାମ୍ବାଦିକମାନେ ପଛାନ୍ତି ନାହିଁ । ବର୍ତ୍ତମାନ କେତେକ ସାମ୍ବାଦିକ ନିଜର ମନ୍ଦ ଉଦ୍ଦେଶ୍ୟକୁ ଚରିତାର୍ଥ କରାଇଥାନ୍ତି । ଏହା ସୁସ୍ଥ ଓ ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତା ପ୍ରତି ଚରମ କୁଠାରାଘାତ କରୁଛି । ଖବରକାଗଜ ମାଲିକମାନେ କେତେକ ଅଶିକ୍ଷିତ/ଅର୍ଦ୍ଧଶିକ୍ଷିତ, ସାମ୍ବାଦିକତାରେ ସାମାନ୍ୟ ଜ୍ଞାନ ନଥିବା ବ୍ୟକ୍ତିମାନଙ୍କୁ ୨୦ରୁ ୩୦ ଖଣ୍ଡ କାଗଜର ଏଜେଣ୍ଟ/ସାମ୍ବାଦିକ ଭାବେ ନିଯୁକ୍ତି ଦେଇ ଛତୁ ଫୁଟିଲା ଭଳି ସାମ୍ବାଦିକ ସୃଷ୍ଟି କରି ସାମ୍ବାଦିକତା ବୃତ୍ତିକୁ କଳଙ୍କିତ କରାଉଛନ୍ତି । ବର୍ତ୍ତମାନ ଆଞ୍ଚଳିକ ଭାବେ କାଗଜ ପ୍ରକାଶନ କରାଇ ବିନା ପାରିଶ୍ରମିକରେ ସାମ୍ବାଦିକମାନଙ୍କ ପାଖରୁ ନିରପେକ୍ଷ, ମୂଲ୍ୟବୋଧ ସାମ୍ବାଦିକତା ଆଶା କରିବା ଉଚିତ ନୁହେଁ । କେତେକ ଖବରକାଗଜରେ କାମଳ ସାମ୍ବାଦିକତା ଯୋଗୁଁ ଅସଲ ତଥ୍ୟ ଲୁଚିଯାଏ ଓ ମିଥ୍ୟା ଖବରକୁ ଚାଞ୍ଚଲ୍ୟକର ଭାବେ ଉପସ୍ଥାପନା କରାଯାଇଥାଏ । ଏବେ ମାଲିକମାନଙ୍କ ନିର୍ଦ୍ଦେଶରେ (ଅର୍ଥପ୍ରାପ୍ତ ଖବର) ପ୍ରକାଶ କରାଯାଉଛି । କେତେକ ସମ୍ବାଦପତ୍ରର ମାଲିକ ସାମ୍ବାଦିକମାନଙ୍କୁ ନିଯୁକ୍ତି ଦେବା ବେଳେ ଏକ ଚୁକ୍ତି କରାଇ ସାମ୍ବାଦିକତା ତାଙ୍କର ମୁଖ୍ୟ ବୃତ୍ତି ନୁହେଁ, ସମ୍ବାଦ ପ୍ରେରଣ କରିବା ହେଉଛି ତାଙ୍କର ସୌଖୀନ କାର୍ଯ୍ୟ ବୋଲି ଲେଖାଇ ନେଉଛନ୍ତି ।

ପ୍ରକାଶକ, ସମ୍ପାଦକଠାରୁ ସାମ୍ବାଦିକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ସାମ୍ବାଦିକମାନେ ଗ୍ରାଉଣ୍ଡ ଜିରୋରୁ ଯେକୌଣସି ଖବର ରିପୋର୍ଟିଂ କଲାବେଳେ ମୂଲ୍ୟବୋଧ ଓ ନୈତିକତାରୁ ଓହରି ଯାଇ ଖବର ପଠାଇବା ଉଚିତ ନୁହେଁ । ଖବରର ଗୁରୁତ୍ୱ, ସତ୍ୟାସତ୍ୟ ନିର୍ଣ୍ଣୟ ଜରୁରୀ ହୋଇଥିବା ବେଳେ ସାମ୍ବାଦିକମାନେ ସଠିକ, ନିରପେକ୍ଷ ଖବର ପରିବେଷଣ କଲେ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ପ୍ରତି ଆସ୍ଥା ଓ ବିଶ୍ୱାସ ରହିପାରିବ ଏଥିରେ ସନ୍ଦେହ ନାହିଁ । ଏଥିପ୍ରତି ସମସ୍ତ ସାମ୍ବାଦିକ ଧ୍ୟାନ ଦେଲେ ଗଣମାଧ୍ୟମ ଜନାଦୃତ ହୋଇପାରିବ ।

ବରିଷ୍ଠ ସାମ୍ବାଦିକ
ନୂଆବଜାର, ଜଳେଶ୍ୱର, ବାଲେଶ୍ୱର

❖ ❖ ❖

# ଝାରସୁଗୁଡା ଜିଲ୍ଲାର ପ୍ରମୁଖ ଦର୍ଶନୀୟ ସ୍ଥାନ

ଦାଶରଥି ପାତ୍ର

ଆମ ଓଡ଼ିଶାରେ ୩୩୧ଟି ପର୍ଯ୍ୟଟନ ସ୍ଥଳୀକୁ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଚିହ୍ନଟ କରିଛନ୍ତି । ସେଥି ମଧ୍ୟରୁ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାର ପାଞ୍ଚଟି ଦର୍ଶନୀୟ ସ୍ଥାନ ଯଥାକ୍ରମେ ବିକ୍ରମ୍‌ଖୋଲ୍, ଝାରସୁଗୁଡା, ଗୁଜା ପାହାଡ, କୋଇଲି ଘୁଗର ଓ ପିକଲ ଘୁଗର ଅନ୍ୟତମ । ଝାରସୁଗୁଡା ଜିଲ୍ଲାର ଉତ୍ତରାଞ୍ଚଳ ରାଜସ୍ୱ ମଣ୍ଡଳର ଅଧୀନରେ ରହିଛି । ଏହି ଜିଲ୍ଲାରେ ରହିଥିବା ପ୍ରାକୃତିକ ଶୋଭା ସମ୍ଭାର ଓ ଅନୁପମ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ବହୁ ପର୍ଯ୍ୟଟକଙ୍କର ସମାଗମ ହୋଇଥାଏ । ଅରଣ୍ୟ ପର୍ବତ ପରିପୂର୍ଣ୍ଣ ଏହି ଅଞ୍ଚଳରେ ବସବାସ କରିଥିବା ଆଦିମ ଆଦିବାସୀ ଓ ଗଢି ଉଠିଥିବା ଶିଳ୍ପନଗରୀରେ ବସବାସ କରି ଆସିଥିବା ଜନସାଧାରଣଙ୍କ ଐତିହ୍ୟରେ ଆକୃଷ୍ଟ ହୋଇ ଜିଲ୍ଲା ପ୍ରଶାସନ ତରଫରୁ ଝାରସୁଗୁଡା ସହରରେ ପ୍ରସିଦ୍ଧ ଲୋକ ମହୋତ୍ସବ 'ଝାରସୁଗୁଡା ଉତ୍ସବ' ଅନୁଷ୍ଠିତ ହୋଇ ଆସୁଅଛି । ଏହି ଜିଲ୍ଲାରେ ଉଭୟ ପୁରାତନ ସଭ୍ୟତା ଓ ଆଧୁନିକ ସଭ୍ୟତାର କୀର୍ତ୍ତିରାଜି ରହିଛି । ପୁନଶ୍ଚ ଶିଳ୍ପନଗରୀ ଝାରସୁଗୁଡା ନିକଟବର୍ତ୍ତୀ ଅଞ୍ଚଳରେ ରହିଛି ରିଲିୟାନ୍ସ, ବେଦାନ୍ତ, ଭୂଷଣ ଓ ଟାଟା ଭଳି କମ୍ପାନୀର କଳକାରଖାନା । ତେଣୁ ଏହି ଜିଲ୍ଲାର ବିଭିନ୍ନ ଦର୍ଶନୀୟ ସ୍ଥାନ ଓ କଳକାରଖାନାକୁ ଆସୁଥିବା ପର୍ଯ୍ୟଟକଙ୍କର ସୁଖ ସୁବିଧା ଓ ପରିଭ୍ରମଣର କେନ୍ଦ୍ରସ୍ଥଳୀ ଝାରସୁଗୁଡାରେ ଆତିଥ୍ୟ ପ୍ରଦାନ କରିବା ପାଇଁ ରହିଛି ଅନେକ ହୋଟେଲ୍‌ର ସୁବିଧା । ଏଣୁ ପାଠକମାନଙ୍କର ଅବଗତି ନିମନ୍ତେ ରହିଥିବା ପର୍ଯ୍ୟଟନସ୍ଥଳୀ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ଉଚିତ ମନେକରି ମୁଁ ସମ୍ୟକ ସୂଚନା ଦେବା ପାଇଁ ଯାଉଛି ।

**ବିକ୍ରମ୍ ଖୋଲ:** ଏହି ଦର୍ଶନୀୟ ସ୍ଥାନଟି ଝାରସୁଗୁଡା ସହରଠାରୁ ୩୫କି.ମି. ଦୂରରେ ଅବସ୍ଥିତ । ୧୫୦୦ ଖ୍ରୀଷ୍ଟପୂର୍ବର ଛବି ଆକୃତିର ଶିଳାଲେଖ ପାଇଁ ବିକ୍ରମ୍ ଖୋଲକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦିଆଯାଇଛି । ଏହି ଶିଳାଲେଖ ନଷ୍ଟ ହେବାକୁ ବସିଥିବାରୁ ଏହାର ଅବିକଳ ଶିଳାଲେଖକୁ ପର୍ଯ୍ୟଟକମାନେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଦେଖିପାରିବେ । ଏହି ପ୍ରାକୃତିକ ଶିଳାଲେଖ ୧୧୫ଫୁଟ୍ ଲମ୍ବ ଓ ୨୭ ଫୁଟ୍ ୬ଇଞ୍ଚ ଉଚ୍ଚତା ବିଶିଷ୍ଟ । ଏହି ଶିଳାଲେଖକୁ ଐତିହାସିକମାନେ ହରପ୍ପା ସଭ୍ୟତା ଥିବା ସମୟର ବୋଲି ବିଶ୍ୱାସ କରନ୍ତି ।

**ଝାରସୁଗୁଡା:** ଝାରସୁଗୁଡା ସହରର ଆରାଧ୍ୟ ଦେବତା ଝାଡେଶ୍ୱରଙ୍କ ନାମରେ ନାମିତ । ଏହି ମନ୍ଦିରଟି ରାଜସ୍ଥାନୀ ଷ୍ଟାଇଲ୍‌ରେ ତିଆରି ହୋଇଛି । ଅନ୍ୟ ମନ୍ଦିରଟିର ନାମ ପାହାଡେଶ୍ୱର, ଯାହାକି ଗୋଟିଏ ଛୋଟ ପାହାଡ ଉପରେ ଅବସ୍ଥିତ । ଝାରସୁଗୁଡାକୁ ଜିଲ୍ଲାର ସଦର ମହକୁମା ତଥା ବିଭିନ୍ନ ଦର୍ଶନୀୟ ସ୍ଥାନକୁ ପରିଭ୍ରମଣ କରିବାକୁ ଯିବାର ସୁବିଧା ଥିବାରୁ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦିଆଯାଇଛି । ଏହି ସହରଟି ରାଜ୍ୟର ରାଜଧାନୀ ଭୁବନେଶ୍ୱର ସହରଠାରୁ ୩୬୫ କି.ମି. ଦୂରରେ ଅବସ୍ଥିତ ।

**ଗୁଜାପାହାଡ:** ଗୁଜାପାହାଡ ପର୍ଯ୍ୟଟନସ୍ଥଳୀଟି ଜିଲ୍ଲାର ସହର ମହକୁମାଠାରୁ ୬୦କି.ମି. ଦୂରରେ ଅବସ୍ଥିତ । ଏହି ପର୍ଯ୍ୟଟନସ୍ଥଳୀଟି ତିଲିଆ ଗ୍ରାମପଞ୍ଚାୟତରେ ଅବସ୍ଥିତ ଏବଂ ହୀରାକୁଦ ଜଳଭଣ୍ଡାରର ଏକ ଛୋଟ ଦ୍ୱୀପଭଳି ଅନୁମାନ କରି ଅନେକ ପର୍ଯ୍ୟଟକ ମହିମା ଧର୍ମାବଲମ୍ବୀଙ୍କ ଶୂନ୍ୟ ମନ୍ଦିରର ଦର୍ଶନ କରିବାକୁ ଆସିଥାନ୍ତି । ବିଶେଷ କରି ହୀରାକୁଦ ଜଳଭଣ୍ଡାରର ଦୃଶ୍ୟ ଉପଭୋଗ କରିବା ପାଇଁ ଅନେକ ଦେଶୀୟ ପର୍ଯ୍ୟଟକ ଗୁଜାପାହାଡକୁ ଆସିଥାଆନ୍ତି ।

**କୋଇଲି ଘୁଗର:** ଏହି ପର୍ଯ୍ୟଟନସ୍ଥଳୀଟି ଝାରସୁଗୁଡା ସହରଠାରୁ ୪୫ କି.ମି. ଦୂରରେ ଅବସ୍ଥିତ । ଏହି ସ୍ଥଳୀଟି ବିଶେଷକରି ଏକ ରମଣୀୟସ୍ଥଳୀ, ଝରଣା, ସବୁଜ ବନାନୀ ସହ ଗୁମ୍ଫା ପାଇଁ ପ୍ରସିଦ୍ଧି ଲାଭ କରିଛି । ଏହି ସ୍ଥଳୀରେ ଥିବା ଶୈବପୀଠ ମହେଶ୍ୱର ବାବାଙ୍କ ଶୈବପୀଠ ରୂପେ ପ୍ରସିଦ୍ଧି ଲାଭ କରିଛି । ପାହାଡର ପାଦ ଦେଶରେ ଏକ ମନୋରମ ଜଳାଶୟ ରହିଛି । ଲୋକମାନଙ୍କର ବିଶ୍ୱାସ ରହିଛି ଭଗବାନ ମହେଶ୍ୱର ବାବା ଏହି ଜଳଭଣ୍ଡାରରେ ସ୍ନାନ କରିଥାନ୍ତି । ଏଣୁ ଏହି ସ୍ଥଳୀଟି ବଣଭୋଜି ଓ ପର୍ବତାରୋହଣ ପାଇଁ ଏକ ଆଦର୍ଶ ପର୍ଯ୍ୟଟନ ସ୍ଥଳୀ କହିଲେ ଅତ୍ୟୁକ୍ତି ହେବନାହିଁ ।

**ପିକଲ ଘୁଗର:** ଏହି ପର୍ଯ୍ୟଟନସ୍ଥଳୀଟି ଝାରସୁଗୁଡା ସହରଠାରୁ ୪୫କି.ମି. ଦୂରରେ ଅବସ୍ଥିତ । ଏକ ଘଞ୍ଚ ଜଙ୍ଗଲ ପରିବେଷ୍ଟନୀ ଓ ଦୁଇଟି ପାହାଡ ମଧ୍ୟରେ ଥିବା ଏକ ମନୋରମ ଝରଣା ପାଇଁ ଏହା ପ୍ରସିଦ୍ଧିଲାଭ କରିଛି । ଲଖନପୁରଠାର ୫କି.ମି ଦୂରରେ ଥିବାରୁ ବଣଭୋଜି ସମୟରେ ବହୁ ଦେଶୀୟ ପର୍ଯ୍ୟଟକଙ୍କର ସମାଗମ ପିକଲ ଘୁଗରରେ ହିଁ ହୋଇଥାଏ ।

ଏତଦ୍‌ଭିନ୍ନ ଏହି ଜିଲ୍ଲାରେ ରହିଛି ଉଲାପଗଡ, 'ଦେଶେରହିଲ୍' ଭଳି ପର୍ଯ୍ୟଟନ ବିଭାଗ ଦ୍ୱାରା ଅଣ ଘୋଷିତ ଦର୍ଶନୀୟସ୍ଥାନ । ଜିଲ୍ଲାସ୍ତରରେ ଗଠିତ ପର୍ଯ୍ୟଟନ ଉନ୍ନୟନ ପରିଷଦରେ ପ୍ରସ୍ତାବ ଗୃହୀତ କରାଇ ପ୍ରଚଳିତ ନିୟମାବଳୀ ଅନୁସାରେ ଜିଲ୍ଲାପାଳଙ୍କଠାରୁ ବିଧିବଦ୍ଧ ପ୍ରସ୍ତାବ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକଙ୍କ ପାଖକୁ ପଠାଇଲେ ସରକାର ସେହି ସ୍ଥାନଗୁଡିକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବେ ।

ପର୍ଯ୍ୟଟନ ବିଭାଗ ତରଫରୁ ପ୍ରକାଶ ପାଇଥିବା ପରିସଂଖ୍ୟାନ ବୁଲେଟିନ୍ ୨୦୧୨ ଅନୁସାରେ ଏହି ଜିଲ୍ଲାକୁ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କର ଏକ ସାରଣୀ ନିମ୍ନରେ ଦିଆଗଲା ।

| ବର୍ଷ ୨୦୧୦ | | | | ବର୍ଷ ୨୦୧୧ | | |
|---|---|---|---|---|---|---|
| ପର୍ଯ୍ୟଟନ ସ୍ଥଳୀ | ଦେଶୀୟ ପର୍ଯ୍ୟଟକ | ବିଦେଶୀ ପର୍ଯ୍ୟଟକ | ସର୍ବମୋଟ | ଦେଶୀୟ ପର୍ଯ୍ୟଟକ | ବିଦେଶୀ ପର୍ଯ୍ୟଟକ | ସର୍ବମୋଟ |
| ବିକ୍ରମ୍‌ଖୋଲ୍ | ୨୭୭୯ | ୦୮ | ୨୭୮୭ | ୨୮୨୩ | ୦୬ | ୨୮୨୯ |
| ଝାରସୁଗୁଡା | ୧,୧୪,୦୦୪ | ୫୪୮ | ୧,୧୪,୫୫୨ | ୧,୨୬,୩୯୬ | ୫୯୪ | ୧,୨୬,୯୯୦ |
| ଗୁଜାପାହାଡ | ୧୭,୧୩୬ | ୦୭ | ୧୭,୧୪୩ | ୧୭,୬୫୦ | ୧୦ | ୧୭,୬୬୦ |
| କୋଇଲି ଘୁଗର | ୪୭,୦୩୨ | ୧୮ | ୪୭,୦୫୦ | ୪୮,୪୪୨ | ୨୦ | ୪୮,୪୬୨ |
| ପିକଲ ଘୁଗର | ୯,୯୦୯ | – | ୯,୯୦୯ | ୧୦,୨୦୬ | – | ୧୦,୨୦୬ |

| ବର୍ଷ ୨୦୧୨ | | | |
|---|---|---|---|
| ପର୍ଯ୍ୟଟନ ସ୍ଥଳୀ | ଦେଶୀୟ ପର୍ଯ୍ୟଟକ | ବିଦେଶୀ ପର୍ଯ୍ୟଟକ | ସର୍ବମୋଟ |
| ବିକ୍ରମ୍‌ଖୋଲ୍ | ୨୯୦୭ | ୦୫ | ୨୯୧୨ |
| ଝାରସୁଗୁଡା | ୧,୩୮,୩୦୧ | ୫୩୦ | ୧,୩୮,୮୩୧ |
| ଗୁଜାପାହାଡ | ୧୮,୦୦୩ | ୧୪ | ୧୮,୦୧୭ |
| କୋଇଲିଘୁଗର | ୪୯,୪୧୧ | ୩୨ | ୪୯,୪୪୩ |
| ପିକଲଘୁଗର | ୧୦,୪୧୦ | – | ୧୦,୪୧୦ |

**ରହିବା ପାଇଁ ହୋଟେଲର ସୁବିଧା:** ପର୍ଯ୍ୟଟକମାନଙ୍କ ପାଇଁ ଏହି ଜିଲ୍ଲାର ମହକୁମାରେ ଉଭୟ ଉଚ୍ଚବର୍ଗ, ମଧ୍ୟମବର୍ଗ ଓ ସ୍ୱଳ୍ପ ଆୟକାରୀଙ୍କ ପାଇଁ ରହିଥିବା ହୋଟେଲ ସମ୍ବନ୍ଧରେ ଆବଶ୍ୟକ ସୂଚନା ଦିଆଯାଉଛି । ହୋଟେଲ ଦି କ୍ରାଉନ୍, ହୋଟେଲ ଅର୍‌ଚାର୍ଡ, ହୋଟେଲ ପାଲ ହାଇଟ୍‌ସ, ହୋଟେଲ୍ ଉତ୍କଳ କଣ୍ଟିନେଣ୍ଟାଲ୍, ହୋଟେଲ୍ ସିଟି ପାଲେସ୍, ହୋଟେଲ ଆର୍‌ୟାନ୍, ହୋଟେଲ୍ ଅନନ୍ତ ବଳିଆ, ହୋଟେଲ ଶ୍ରୀଶଙ୍କର, ହୋଟେଲ ଯୋଗେନ୍ଦ୍ର, ହୋଟେଲ୍ ମେଘଦୂତ, ହୋଟେଲ ବିଷ୍ଣୁ ପାଲେସ, ହୋଟେଲ ଦେବଯାନୀ,

ହୋଟେଲ ପୁଷ୍ପକ, ହୋଟେଲ୍ ପାୟଲ୍, ହୋଟେଲ ନିୟୁ କୋଣାର୍କ, ହୋଟେଲ ଅଭିନନ୍ଦନ, ହୋଟେଲ ଅମ୍ବର, ହୋଟେଲ ନଟରାଜ, କଳ୍ପନା ଲଜ୍, ହୋଟେଲ ଉପହାର, ହୋଟେଲ ରାଜଦୂତ, ପାଣ୍ଡେଲିଜ୍, ହୋଟେଲ ପାର୍କ ଏ.ସି., ହୋଟେଲ ମିଡ୍‌ଟାଉନ୍ ଇତ୍ୟାଦି ।

**ଗମନାଗମନର ସୁବିଧା:** ସଡକ ପଥରେ ବସ୍ ସେବା ଝାରସୁଗଡାରୁ ରାଜଧାନୀ ଭୁବନେଶ୍ୱର, ବ୍ରହ୍ମପୁର, କୋରାପୁଟ, କଟକ, ବାଲେଶ୍ୱର, ବାରିପଦା, କେଉଁଝର, ରାଉରକେଲା, ସମ୍ବଲପୁର ଓ ବଲାଙ୍ଗୀରକୁ ରହିଛି ।

**ରେଳପଥ:** ଝାରସୁଗୁଡା ସହିତ ସୁପରଫାଷ୍ଟ, ଏକ୍ସପ୍ରେସ୍, ଇଣ୍ଟରସିଟି ଟ୍ରେନ୍‌ର ସୁବିଧା, ରାଜଧାନୀ ଭୁବନେଶ୍ୱର, ପୁରୀ, କୋରାପୁଟ, ନୂଆଦିଲ୍ଲୀ, କୋଲକୋତା, ଚେନ୍ନାଇ, ମୁମ୍ବାଇ, ପାଟନା ଓ ଅହମଦାବାଦ ପର୍ଯ୍ୟନ୍ତ ରହିଛି ।

**ଆକାଶପଥ:** ଝାରସୁଗୁଡା ଓଡ଼ିଶାର ଦ୍ୱିତୀୟ ବିମାନ ବନ୍ଦର । ଝାରସୁଗୁଡା ସହିତ ଭୁବନେଶ୍ୱର, ରାୟପୁର, ରାଉରକେଲା ଓ ଟାଟା ପର୍ଯ୍ୟନ୍ତ ବିମାନ ସେବା ରହିଛି । ଝାରସୁଗୁଡା ସହରଠାରୁ ୮କି.ମି. ଦୂର ଦୁର୍ଲଗାଠାରେ ବିମାନ ଅବତରଣ କେନ୍ଦ୍ର ରହିଛି ।

ତେବେ ଆସନ୍ତୁ, ଥରେ ଝାରସୁଗୁଡା ଜିଲ୍ଲାର ବିଭିନ୍ନ ଦର୍ଶନୀୟ ସ୍ଥାନଗୁଡିକୁ ସପରିବାର ପରିଦର୍ଶନରେ ଯାଇ ଏହାର ପ୍ରାକୃତିକ ଶୋଭା ସମ୍ଭାରକୁ ଉପଭୋଗ କରିବା ।

ପର୍ଯ୍ୟଟନ ନିର୍ଦ୍ଦେଶାଳୟ,
ଲୁଇସ୍ ରୋଡ୍,
ଭୁବନେଶ୍ୱର–୭୫୧୦୧୪

# ଧରାକୁ ନମଣ ସରା

ଯାଜ୍ଞସେନୀ ପଣ୍ଡା

ଆସ ମୋର ସାଙ୍ଗ ଭାଇ ଭଉଣୀ
କଥାଟିକୁ ହେଜ ପାରିବ ଜାଣି
ଥିଲା ବସୁନ୍ଧରା ଶ୍ୟାମଳ ଭୂଇଁ
ରାବୁଥିଲେ ପକ୍ଷୀ ଉଚ୍ଛାଟ ହୋଇ
ପାହାଡ ପର୍ବତୁଁ ଶୀତଳ ଜଳ
ବହି ଆସୁଥିଲା ହୋଇ ହେମାଳ
ପକ୍ଷୀଏ ପତଙ୍ଗ ଜାତି ଜାତିର
ଉଡି ବୁଲୁଥିଲେ ଡାଳକୁ ଡାଳ
ଫୁଲଫଳେ ଭରା ପ୍ରକୃତି ଶୋଭା
ବସୁମାତା ଥିଲେ କି ମନ ଲୋଭା
ସତେବା ମଣିଷ ଶପଥ କରି
ଧରଣୀ ମାଆକୁ ଦେଲେ ବିଦାରି
ରହିଲାନି ଦେହେ ଶ୍ୟାମଳ ବସ୍ତ୍ର
ଅସ୍ତ୍ରକୁ ଲଗାଇ କଲେ ବିବସ୍ତ୍ର
ଚିରି ଅନ୍ତପୁଟା ତାହାରି ଗର୍ଭୁ
ଓଟାରି ଆଣିଲେ ତା' ଶକ୍ତି ସବୁ
ଉନ୍ନତିର ନାମେ ହୋଇ ଉନ୍ମତ୍ତ
ଧରଣୀକୁ କଲେ କ୍ଷତ ବିକ୍ଷତ
କେତେବା ସହିବ ଆମ ଦୌରାତ୍ମ୍ୟ
ସାଧୁଛି ଦଇବ କରି ବିପ୍ରାତ
ଆସ ସାଙ୍ଗ ଭାଇ ଭଉଣୀ ଗଣ
ହୋଇବା ସଜାଗ କରିବା ପଣ
ଗଛ ଲଗାଇ ତା' ରଖିବା ମାନ
ନଚେତ ଅକାଳେ ଯିବ ଜୀବନ ।

କ୍ୱାର୍ଟର ନଂ– ୱାନ୍ ଆର୍–୨୨
ରୋଡ୍ ନଂ–୮, ୟୁନିଟ୍–୯
ଭୁବନେଶ୍ୱର

# ମନୋରମ ସପ୍ତଶଯ୍ୟା

**ପ୍ରମୋଦ କୁମାର ନାୟକ**

ପୁଣ୍ୟଭୂମି ଓଡ଼ିଶାର କେନ୍ଦ୍ରାଞ୍ଚଳରେ ଅବସ୍ଥିତ ଜିଲ୍ଲା ଢେଙ୍କାନାଳ । ସ୍ତର ସ୍ତର ପାର୍ବତ୍ୟ ଉପତ୍ୟକାରେ ସମଗ୍ର ଢେଙ୍କାନାଳ ପର୍ଯ୍ୟବସିତ। ଢେଙ୍କାନାଳର ସମସ୍ତ ପର୍ବତରେ ଦେବଦେବୀ ଅଧିଷ୍ଠିତ ଓ ପୂଜିତ । ଏହି ଦୃଷ୍ଟିରୁ ଢେଙ୍କାନାଳ ଏକ ପ୍ରାକୃତିକ ଆଧାତ୍ମିକ ପର୍ଯ୍ୟଟନ କ୍ଷେତ୍ର । ଢେଙ୍କାନାଳ ପର୍ଯ୍ୟଟନ ମାନଚିତ୍ରରେ ସ୍ୱର୍ଣ୍ଣ ତ୍ରିଭୂଜ ରୂପେ ଶୈବଧାମ କପିଳାସ, ମହିମାଧାମ ଯୋରନ୍ଦା ଓ ରାମଧାମ ସପ୍ତଶଯ୍ୟା ପରିଚିହ୍ନିତ । ଆଲେଖ୍ୟ ପ୍ରବନ୍ଧରେ ମନୋରମ ରାମଧାମ ସପ୍ତଶଯ୍ୟାର ଇତିବୃତ୍ତ ତଥା ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା ନିମିତ୍ତ ଏକ କ୍ଷୀଣ ପ୍ରୟାସ ମାତ୍ର ।



ଢେଙ୍କାନାଳ ଜିଲ୍ଲା ସଦର ମହକୁମାଠାରୁ ଦକ୍ଷିଣ ଦିଗରେ ୧୦କି.ମି ବ୍ୟବଧାନରେ ଦଣ୍ଡାୟମାନ ସପ୍ତଶଯ୍ୟା ପର୍ବତମାଳା । ଏହା ସାତଗୋଟି ପର୍ବତର ସମାହାର ହୋଇଥିବାରୁ ସପ୍ତଶଯ୍ୟା ନାମରେ ନାମିତ । ସପ୍ତଶଯ୍ୟା ପର୍ବତର ଉଚ୍ଚତା ୧୯୨୧ ଫୁଟ୍ । ପର୍ବତଟି ନିକାଞ୍ଚନ ବନରାଜି, ଚିରସ୍ରୋତା ଝରଣାର କୁଳୁକୁଳୁ ନିନାଦ, ପଶୁପକ୍ଷୀଙ୍କ କଳରବରେ ମୁଖରିତ ହୋଇ ଯୋଗୀଜନ ମନ ହରଣ କରିନେଇଥାଏ । ଯୁଗେ ଯୁଗେ ଏଠାରେ ମୁନିଋଷି ବୃନ୍ଦ ଆଶ୍ରମ ନିର୍ମାଣ କରି ଯୋଗସାଧନା କରିଆସୁଛନ୍ତି । ଅଧୁନା ଏଠାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ସମେତ ଋଷି ଆଶ୍ରମମାନ ରହିଅଛି ।

କିମ୍ବଦନ୍ତୀ କହେ, ଅତୀତରେ ଅର୍ଥାତ୍ ବୈଦିକ ଯୁଗରେ ସପ୍ତର୍ଷିଙ୍କର ଆଶ୍ରମ ରହିଥିଲା । ତ୍ରେତୟା ଯୁଗରେ ପିତୃସତ୍ୟ ପାଳି ପ୍ରଭୁ ଶ୍ରୀରାମ, ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ବନବାସ କାଳରେ ସପ୍ତଶଯ୍ୟାରେ ସାତଦିନ କାଳାତିପାତ କରିଥିଲେ । ପୁନଶ୍ଚ ଦ୍ୱାପର ଯୁଗରେ ପଞ୍ଚପାଣ୍ଡବ ଅଜ୍ଞାତ ବାସ କାଳରେ ସପ୍ତଶଯ୍ୟାଠାରେ କିଛି କାଳ ଅତିବାହିତ କରିଥିଲେ । ଏହି ପର୍ବତରେ ଶଯ୍ୟା ସଦୃଶ କେତୋଟି ପଥର ରହିଅଛି । ତେଣୁ ସ୍ଥାନୀୟ ଅଧିବାସୀ ମୁଖରେ ଏହା ପଞ୍ଚପାଣ୍ଡବମାନଙ୍କ ଶଯ୍ୟା ବୋଲି କଥିତ ।

ଢେଙ୍କାନାଳର ଜମିଜମା ବନ୍ଦୋବସ୍ତ, ମହାରାଜା ଭଗୀରଥ ମହୀନ୍ଦ୍ର ବାହାଦୂର ସୂଚାରୁ ରୂପେ ସମ୍ପାଦନ ନିମିତ୍ତ ଡେପୁଟି କଲେକ୍ଟର ନୃସିଂହ ଚରଣ ଦାସଙ୍କୁ ନିଯୁକ୍ତି କରିଥିଲେ । ୧୮୪୬ ଖ୍ରୀଷ୍ଟାବ୍ଦରେ ଭୂ-ବନ୍ଦୋବସ୍ତ କାର୍ଯ୍ୟ ଶେଷ ହୋଇଥିଲା । ଇତ୍ୟବସରେ, ମହାରାଜା ସପ୍ତଶଯ୍ୟା ଅଞ୍ଚଳଟିକୁ କୌଣସି ପ୍ରଜା ନାମରେ

ବନ୍ଦୋବସ୍ତ ନକରି ସ୍ୱୀୟ ଦଖଲରେ ରଖିଥିଲେ ମହତ୍ ଉଦ୍ଦେଶ୍ୟରେ । ମହତ୍ ଉଦ୍ଦେଶ୍ୟରେ କରାଯାଇଥିବା କାମ ମହତ୍ କାର୍ଯ୍ୟରେ ଲାଗେ । ବିଧି ନିର୍ଦ୍ଦେଶ କ୍ରମେ, ମହାରାଜା ଭଗୀରଥ ମହୀନ୍ଦ୍ର ବାହାଦୂରଙ୍କ ଉଦ୍ଦେଶ୍ୟକୁ ଚରିତାର୍ଥ କଲେ ତଦୀୟ ପ୍ରପୌତ୍ର ରାଜା ସାହେବ ଶଙ୍କର ପ୍ରତାପ ମହୀନ୍ଦ୍ର ବାହାଦୂର । ସେ ୧୯୫୬ ମସିହାରେ ସପ୍ତଶଯ୍ୟା ନିକଟସ୍ଥ ସ୍ଥାନୀୟ ବିଶିଷ୍ଟ ଅଧିବାସୀମାନଙ୍କୁ ନେଇ ସପ୍ତଶଯ୍ୟାଠାରେ ରାମଧାମ ନିର୍ମାଣ ନିମିତ୍ତ କମିଟି ଗଠନ କରିଥିଲେ । ସର୍ବସମ୍ମତି କ୍ରମେ ସେହିବର୍ଷ ଅପ୍ରେଲ ମାସ ୧୮ ତାରିଖରେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ଠାକୁରାଣୀଙ୍କ ବିଗ୍ରହ ପ୍ରତିଷ୍ଠା କରାଗଲା ଏକ ଅସ୍ଥାୟୀ ଗୃହରେ । ଏହି ବିଗ୍ରହ ତ୍ରୟଙ୍କ ସ୍ଥପତି ଥିଲେ ସିମିନଇ ଗ୍ରାମର କୁମର ମହାରଣା । ମହାରାଜା ପ୍ରତିଷ୍ଠିତ ଦେବ ବିଗ୍ରହମାନଙ୍କ ସେବା ନିମିତ୍ତ ଯୋଗ୍ୟ ସେବକ ନିଯୁକ୍ତି କରି ସ୍ଥାୟୀ ମନ୍ଦିର ନିର୍ମାଣ କାମନାରେ ବ୍ରତୀ ହେଲେ । ତଦନୁଯାୟୀ ମହାରାଜା, କଲିକତାର ଶିଳ୍ପୀଶାସ୍ତ୍ର ବିଶାରଦମାନଙ୍କ ମାଧ୍ୟମରେ ମନ୍ଦିର ନକ୍ସା ପ୍ରସ୍ତୁତ କଲେ ।



ପୁନଶ୍ଚ, ସନ ୧୯୫୮ ମସିହାରେ ରାଣୀ ରତ୍ନପ୍ରଭାଙ୍କ ସଭାପତିତ୍ୱରେ ମନ୍ଦିର ନିର୍ମାଣ ନିମିତ୍ତ ଏକ ନୂତନ କମିଟି ଗଠନ କରାଯାଇଥିଲା । ପୂର୍ବୋକ୍ତ ନକ୍ସା ମୁତାବକ ରାଣୀଙ୍କ ଆଦେଶକ୍ରମେ ଶ୍ରୀ କୃଷ୍ଣଚନ୍ଦ୍ର ହରିଚନ୍ଦନ ଓ ହରେକୃଷ୍ଣ ପଟ୍ଟନାୟକଙ୍କ ପ୍ରତିନିଧିତ୍ୱରେ ମନ୍ଦିର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହେଲା । ଘୋଳପୁର ନିବାସୀ ରାଘବ ମହାରଣାଙ୍କୁ ମନ୍ଦିର କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ଯଥା ସମୟରେ ଶ୍ରୀରାମ ମନ୍ଦିର ନିର୍ମାଣ କାର୍ଯ୍ୟ ସମାପିତ ହେଲା ସପ୍ତଶଯ୍ୟା ପର୍ବତର ପଶ୍ଚିମ ସୀମାନ୍ତର ସୁଉଚ୍ଚ ବେଦୀକା ଉପରେ । ଇତିମଧ୍ୟରେ ମହାରାଜାଙ୍କର ଦେହାନ୍ତ ହୋଇଯାଇଥିବାରୁ ମନ୍ଦିର ନିର୍ମାଣ ନିମିତ୍ତ ସମସ୍ତ ଖର୍ଚ୍ଚ ଅକୁଣ୍ଠ ଚିତ୍ତରେ ବହନ କରିଥିଲେ ରାଜମାତା ରତ୍ନପ୍ରଭା ଦେବୀ, ରାଜାଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ, ମହୀନ୍ଦ୍ର ବାହାଦୂର, ରାଣୀ ଶ୍ରୀମତୀ ସାବିତ୍ରୀ ଦେବୀ ଓ ରାଜକୁମାର ମାତୃପ୍ରସାଦ । ଏଥିରୁ ରାଜ ପରିବାରର ଠାକୁରମାନଙ୍କ ପ୍ରତି ଥିବା ଅହେତୁକ ଶ୍ରଦ୍ଧା ଓ ଭକ୍ତିମତାର ପରିଚୟ ମିଳିଥାଏ ।

ଶ୍ରୀରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ, ରାଜମାତା ରତ୍ନପ୍ରଭାଙ୍କ ଆଦେଶାନୁସାରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ରାଜ୍ୟାଭିଷେକ କାଳୀନ ଦୃଶ୍ୟାବଳୀକୁ ଭିତ୍ତିକରି ନୂତନ ଦେବବିଗ୍ରହ ଅଣାଯାଇଥିଲା । ଏହି ଦେବବିଗ୍ରହ ସମୂହ ଆଣିଥିଲେ ବୃନ୍ଦାବନଧାମସ୍ଥ ଶ୍ରୀରାଧାରମଣ ମଠାଧୀଶ ମହାରାଜା ବିଶ୍ୱମ୍ଭର ଗୋସ୍ୱାମୀ । ସେ ମହାଶୟ, ସୁଦୂର ରାଜସ୍ଥାନର ଜୟପୁରରୁ ଶଙ୍ଖ ମଲମଲ ବିଗ୍ରହ ଆଣିଥିଲେ । ମନ୍ଦିର ନିର୍ମାଣ ଅନ୍ତେ, ଏକ ଶୁଭ ମୁହୂର୍ତ୍ତରେ ତଥା ମହା ସମାରୋହରେ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ରାଜେନ୍ଦ୍ର ନାରାୟଣଙ୍କ ଅଧ୍ୟକ୍ଷତାରେ ମନ୍ଦିର ଓ ଦେବବିଗ୍ରହ ପ୍ରତିଷ୍ଠା କରାଗଲା ୧୯୭୧ ମସିହା ମେ ମାସ ୭ ତାରିଖଠାରୁ ୧୧ ତାରିଖ ମଧ୍ୟରେ । ଏହି ମନ୍ଦିର ପ୍ରତିଷ୍ଠା ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଧୁସନ୍ଥ ଯୋଗଦାନ କରିଥିଲେ । ସେମାନଙ୍କ ମଧ୍ୟରେ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ସୁରେନ୍ଦ୍ର ମିଶ୍ର, ଭା.ପ୍ର.ସେ ଏବଂ ଡକ୍ଟର ଦାଶରଥି ମିଶ୍ର । ପୁରୋଧା କରିଥିଲେ ପଣ୍ଡିତ ପଦ୍ମନାଭ ମିଶ୍ର ଓ ପଣ୍ଡିତ ହରିଶ୍ୱର ମିଶ୍ର । ମନ୍ଦିରରେ ଅଧିଷ୍ଠିତ ହେଲେ ଶଙ୍ଖ ମଲମଲ ପ୍ରସ୍ତର ନିର୍ମିତ ଦେବ ବିଗ୍ରହ

ଶ୍ରୀରାମ ଓ ସୀତା ଠାକୁରାଣୀ । ପାର୍ଶ୍ୱରେ ସାନୁଜ ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନ ଛତ୍ର ଚାମର ସେବାରତ । ପାଦଦେଶରେ ଯୋଡ ହସ୍ତରେ ଭକ୍ତରାଜ ହନୁମାନ । ସଂକ୍ଷେପରେ କହିଲେ, ପୁରାଣ ବର୍ଣ୍ଣିତ ରାମ ରାଜ୍ୟାଭିଷେକ ଦୃଶ୍ୟପଟ୍ଟ ସିଂହାସନରେ ଅଧିଷ୍ଠିତ ଓ ପୂଜିତ ହେବାରୁ ଦର୍ଶକ ପ୍ରାଣରେ ସ୍ୱତଃ ରାମାୟଣ କଥାମୃତ ଆଖି ଆଗରେ ପ୍ରତିଫଳିତ ହୋଇ ମନରେ ଶ୍ରଦ୍ଧା ଓ ଭକ୍ତି ଜାଗ୍ରତ ହୋଇଉଠେ । ଅଧିକନ୍ତୁ, ମନ୍ଦିର ସମ୍ମୁଖରେ ସପ୍ତର୍ଷି ପରିବେଷ୍ଟିତ ଯଜ୍ଞବେଦିକା ମନକୁ ଶତଗୁଣରେ ବିଭୁପ୍ରେମରେ ନିମଜ୍ଜିତ କରାଏ ।

ତତ୍ ସହିତ ରାଜାଶଙ୍କର ପ୍ରତାପ ମହୀନ୍ଦ୍ର ବାହାଦୂରଙ୍କ ଦ୍ୱାରା ପ୍ରଥମେ ପ୍ରତିଷ୍ଠିତ ହୋଇଥିବା ପ୍ରସ୍ତର ନିର୍ମିତ ଦେବ ବିଗ୍ରହ ମଧ୍ୟ ମନ୍ଦିରସ୍ଥ ସିଂହାସନରେ ଅଧିଷ୍ଠିତ ହେଲେ । ଭବ୍ୟ ମନ୍ଦିରର ଦକ୍ଷିଣ ପଶ୍ଚିମ କୋଣରେ ନିର୍ମିତ ହୋଇଛି ପୂଜକମାନଙ୍କ ବିଶ୍ରାମଗୃହ ତଥା ରୋଷଶାଳା । ତାହାର ପଶ୍ଚିମକୁ ପାନ୍ଥଶାଳା ଏବଂ ଭୋଗଦୋକାନ ମାନ ରହିଅଛି । ମନ୍ଦିରସ୍ଥ ଦେବଦେବୀଙ୍କ ନିତ୍ୟ ସେବା ପୂଜା ନିମିତ୍ତ ରାଜମାତା ରତ୍ନପ୍ରଭାଦେବୀ ଗୋବିନ୍ଦପୁର ପଞ୍ଚାୟତର ଆଛନ୍ଦ ଗ୍ରାମରେ ୧୦୯ ଏକର ଜମି ମୁକ୍ତ ହସ୍ତରେ ଦାନ କରିଥିଲେ । ଅଧୁନା ଏହି ଜମିରେ ବିଶାଳ କାଜୁ ବଗିଚା ସୃଷ୍ଟି କରାଯାଇ କାଜୁ ବିକ୍ରି ଲବ୍ଧ ଧନରେ ମନ୍ଦିରର ପରିଚାଳନା ହେଉଅଛି । ପୁନଶ୍ଚ ମନ୍ଦିରର ସୁପରିଚାଳନା ନିମିତ୍ତ ଟ୍ରଷ୍ଟିବୋର୍ଡ ଗଠନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଢେଙ୍କାନାଳ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ ସୁଧାଂଶୁ ଭୂଷଣ ମିଶ୍ର ଓ ଦେବୋତ୍ତର ଅଫିସର ଶ୍ରୀଯୁକ୍ତ ବସନ୍ତ କୁମାର ମିଶ୍ରଙ୍କ ମିଳିତ ଉଦ୍ୟମରେ ମନ୍ଦିର ପରିଚାଳନା ଦାୟିତ୍ୱ ଦେବୋତ୍ତର ବିଭାଗକୁ ଦେବା ନିମିତ୍ତ ଚେଷ୍ଟା କରିଥିଲେ । ପରିଣାମରେ ଦେବୋତ୍ତର କମିଶନର ରାଜମାତାଙ୍କୁ ମନ୍ଦିର ହସ୍ତାନ୍ତର ନିମିତ୍ତ ତା ୨୫.୭.୧୯୭୫ରେ ଆଦେଶ ଦେଇଥିଲେ । ତଦନୁଯାୟୀ ରାଜମାତା ତା ୧୭.୮.୧୯୭୫ରେ ଦୋବୋତ୍ତର ଅଫିସର ରାଧାନାଥ ରାଜଗୁରୁଙ୍କୁ ମନ୍ଦିର ଦାୟିତ୍ୱ ଅର୍ପଣ କରିଥିଲେ । ସେହିଦିନଠାରୁ ଶ୍ରୀରାମ ମନ୍ଦିରର ପରିଚାଳନା ଦେବୋତ୍ତର ବିଭାଗ ତୁଲାଇ ଆସୁଛନ୍ତି । ମନ୍ଦିରକୁ ଦେବୋତ୍ତର ବିଭାଗକୁ ଅର୍ପଣ କଲେ ସୁଦ୍ଧା ପୁରୁଷାନୁକ୍ରମେ ରାଜପରିବାରର ରାମଧାମ ପ୍ରତି ଅଛି ଅଚଳା ଭକ୍ତି । ପ୍ରତ୍ୟେକ ବର୍ଷ ରାମ ନବମୀ ଅବସରରେ ଶ୍ରୀରାମ ଜନ୍ମୋତ୍ସବର ସମସ୍ତ ଦାୟିତ୍ୱ ଅକୁଣ୍ଠ ଚିତ୍ତରେ ରାଜପରିବାର ତୁଲାଇ ଆସୁଛନ୍ତି ।

ରାମଧାମ ସପ୍ତଶଯ୍ୟାରେ ପାଳିତ ହେଉଥିବା ପର୍ବପର୍ବାଣି ମଧ୍ୟରେ ଶ୍ରୀରାମ ନବମୀ ମହାଆଡମ୍ବର ସହକାରେ ପାଳିତ ହୋଇଥାଏ । ୧୯୭୩ ମସିହାଠାରୁ ଶ୍ରୀରାମ ନବମୀର ତିନିଦିନ ପୂର୍ବରୁ ବିଶ୍ୱ ମଙ୍ଗଳ କାମନାରେ ଏକ ଯଜ୍ଞାରମ୍ଭ କରାଯାଉଅଛି । ଏହି ଯଜ୍ଞ ଶ୍ରୀରାମ ନବମୀ ଦିନ ପୂର୍ଣ୍ଣାହୂତ ଦିଆଯାଏ । ଇତ୍ୟବସରେ, ତ୍ରିଦିବସୀୟ ଯଜ୍ଞ ଦର୍ଶନାର୍ଥେ ସ୍ଥାନୀୟ ଅଧିବାସୀ ତଥା ଦୂରଦୂରାନ୍ତରୁ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କର ସମାବେଶ ତଥା ବିପଣିମାଳାରେ ସପ୍ତଶଯ୍ୟା ଲୋକାରଣ୍ୟ ହୋଇଯାଏ । ଅଧିକନ୍ତୁ, ଭକ୍ତମାନଙ୍କ ପାଇଁ ସଂକୀର୍ତ୍ତନ, ପାଲା, ଭାଗବତ ପଠନ, ରାମଲୀଳାଦି ଅଭିନୟ ସହିତ ସାଧୁସନ୍ଥ ଓ ବିଦ୍ୱାନମାନଙ୍କ ଦ୍ୱାରା ଶ୍ରୀରାମ କଥାମୃତ ପ୍ରବଚନ ପରିବେଷଣ ହୋଇ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୁଏ । ସତେ ଯେପରି ପ୍ରଭୂରଘୁରାଣ ମୁନିରଷିମେଳରେ ଅତୀତ ବନବାସ କାଳୀନ ସ୍ମୃତିକୁ ଉଜ୍ଜୀବିତ କରିବା ନିମିତ୍ତ ସପ୍ତଶଯ୍ୟାଠାରେ ଲୀଳା ସଂରଚନା କରିଛନ୍ତି ।

ରାମଧାମ ସପ୍ତଶଯ୍ୟାର ଦେବ ମନଲୋଭା ନୈସର୍ଗିକ ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନାତୀତ । ସପ୍ତ ନଭଶ୍ଚୁମ୍ବୀ ପର୍ବତ ସମୂହରେ ଶାଳ, ପିଆଶାଳ, ଶିଶୁ, ବାନ୍ଧଣ, ଗମ୍ଭାରୀ, କେନ୍ଦୁ, ମହୁଲ, ଅଗନ, କଙ୍ଗଡା, ବିଲ୍ୱ, ପଣସ, ବାଉଁଶ ଆଦି ବୃକ୍ଷ ସହିତ ନାନାଦି ଔଷଧୀୟ ଗୁଳ୍ମ ଓ ଲତା ରହିଅଛି । ତତ୍‌ସହିତ ଋତୁ ଅନୁସାରେ ପ୍ରସ୍ଫୁଟିତ ହୁଏ ସୁନାରୀ, କରଞ୍ଜ, ପଳାଶ, ଶାଳ୍ମଳୀ, ଧାତୁକି, ଅଶୋକ ଆଦି ବୃକ୍ଷରେ ନାନା ବର୍ଣ୍ଣର ପୁଷ୍ପ । ପରିଣାମରେ ସ୍ୱଚ୍ଛ ଦିବାଲୋକରେ ମଧ୍ୟ ସୂର୍ଯ୍ୟ ରଶ୍ମି ଭୂପତିତ ହୋଇନପାରି ପ୍ରଭାତକାଳୀନ ଭ୍ରମ ଜାତ ହୁଏ । ଅନ୍ୟପକ୍ଷରେ କହିଲେ, ଦିବସେ ଅନ୍ଧାର ତଥା ଅବସନ୍ତରେ ବସନ୍ତକାଳୀନ ପର୍ଯ୍ୟଟକଙ୍କୁ ଅଭିଭୂତ କରିଥାଏ । ଇଦୃଶ ନିଘଞ୍ଚ ପାର୍ବତ୍ୟ ବନରାଜିରେ ନିର୍ଭୟରେ ବିଚରଣ କରନ୍ତି ବ୍ୟାଘ୍ର, ଭଲ୍ଲୁକ, ହସ୍ତୀ, ମୃଗ, ଖୁଡିଙ୍ଗ, ହନୁମାଙ୍କଡ ଆଦି ପଶୁ ଓ ମୟୂର, କପୋତ, ଶୁକ, ଶାରୀ, ପିକ, ଡାହୁକ, ଭଦଭଦଳିଆ ଆଦି ପକ୍ଷୀ ସମୂହ । କେବଳ ପଶୁ, ପକ୍ଷୀ ଅଛନ୍ତି ତା ନୁହେଁ, ଏଠାରେ ନେପାଳି, ନେଉଳ, ଗୁଣ୍ଡୁଚି ଆଦି ଅନେକ ପ୍ରଜାତିର ମୂଷା ଓ ସରୀସୃପ ରହିଥିବାର ଜଣାଯାଏ । ବହୁ ବିଷଧର ସର୍ପ ଥିଲେ ହେଁ, ପ୍ରାୟତଃ ସର୍ପଭୟ ସପ୍ତଶଯ୍ୟାରେ ନାହିଁ । ଇଦୃଶ ନିଘଞ୍ଚ ପାର୍ବତ୍ୟ ବନଭୂମି ଭେଦକରି ଚିର ପ୍ରବାହିତ ଚିରସ୍ରୋତା ସ୍ରୋତସ୍ୱିନୀ । ସ୍ରୋତସ୍ୱିନୀର ଉଭୟ ପାର୍ଶ୍ୱ ଘଞ୍ଚ ବୃକ୍ଷଲତାରେ ଆଚ୍ଛନ୍ନ ଥିବା ଦୃଷ୍ଟେ, କେତେକ ସ୍ଥାନରେ କେବଳ ପାଣିର କଳରବ ଶୁଣାଯାଏ । ମହନୀୟତା ହେଲା, ନାନାଦି ଔଷଧୀୟ ବୃକ୍ଷ, ଲତା, ଗୁଳ୍ମ ଚେର ଦେଇ ସ୍ରୋତସ୍ୱିନୀଟି ପ୍ରବାହିତ ଦୃଷ୍ଟେ ଏହାର ପାଣିରେ ଅନେକ ଔଷଧୀୟ ଗୁଣ ଥିବାରୁ ଏହା ଆୟୁଷ୍ୟ । ଜଣାଯାଏ ରାଜର୍ଷି ସୁରପ୍ରତାପ ଏହି ନିର୍ଝରିଣୀର ଗୁଣ

ଜାଣି ପ୍ରତ୍ୟହ ଏହାର ଜଳପାନ କରୁଥିଲେ । ସପ୍ତଶଯ୍ୟାର ମୁଖ୍ୟ ଆକର୍ଷଣ ହେଉଛି ଚିରସ୍ରୋତା ସ୍ରୋତସ୍ୱିନୀ । ଏହି ସ୍ରୋତସ୍ୱିନୀଟି ମନୋରମ ରାମଧାମ ମନ୍ଦିରର ପୂର୍ବପାର୍ଶ୍ୱରେ ଉତ୍ତର ଦିଗରୁ ଦକ୍ଷିଣକୁ ପ୍ରବାହିତ । ଝରଣାର ବାମପାର୍ଶ୍ୱରେ ବହୁ ମୁନିଋଷି ସିଦ୍ଧସାଧକମାନଙ୍କ ଆଶ୍ରମ ରହିଅଛି । ରାମଧାମ ବାମପାର୍ଶ୍ୱ ପ୍ରାୟ ଅର୍ଦ୍ଧ କି.ମି ଉତ୍ତରରେ ରହିଛି ସ୍ରୋତସ୍ୱିନୀର ଉଦ୍‌ଗମ ସ୍ଥଳ । ସ୍ରୋତସ୍ୱିନୀର ପ୍ରବାହ ପଥରେ ତଥା ଉଦ୍‌ଗମ ସ୍ଥଳର କିୟତ୍ ନିମ୍ନ ଦେଶରେ ନିର୍ଝରିଣୀ ସଂଲଗ୍ନ ଏକ ପ୍ରସ୍ତର ଖଣ୍ଡରେ କମନୀୟ ନାରୀ ବିଗ୍ରହ ଅଙ୍କିତ । ଏହି ବିଗ୍ରହକୁ ଗଙ୍ଗାମାତା ନାମରେ ଅଭିହିତ କରାଯାଇଛି । ପୁନଶ୍ଚ ତା' ତଳକୁ ରହିଛି ଏକ ଶିବ ଲିଙ୍ଗ ଖୋଲା ଆକାଶରେ । ତତ୍ ପରେ ପରେ ସିଦ୍ଧ ସାଧକମାନଙ୍କ ଆଶ୍ରମ ମାନ ରହିଅଛି । ମହନୀୟତା ହେଲା, ସ୍ରୋତସ୍ୱିନୀର କୁଳୁକୁଳୁ ସ୍ୱନ, ପକ୍ଷୀମାନଙ୍କର କୂଜନ, ହିଂସ୍ରାଦି ପଶୁଙ୍କର ବିକଟାଳ ଶବ୍ଦ, ସପ୍ତଶଯ୍ୟା ପର୍ବତମାଳାରୁ ସଦା ପ୍ରବହମାନ ସୁଶୀତଳ ପବନ ସହିତ ଆଶ୍ରମମାନଙ୍କର ହୋମଧୂମ ଦର୍ଶକ ପ୍ରାଣକୁ ସ୍ୱତଃ ଆଧ୍ୟାତ୍ମିକ ଭାବ ରାଜ୍ୟରେ ବିଚରଣ କରିଥାଏ । ମନରେ ଭରିଦିଏ ଶାନ୍ତିର ମନ୍ଦାକିନୀ ଧାରା । ଏତଦ୍‌ଭିନ୍ନ, ସ୍ରୋତସ୍ୱିନୀର ସମତଳ ଭୂମିରେ ପ୍ରବେଶ ତଥା ଶେଷ ସୀମାନ୍ତରେ ରହିଛି ରାଜ୍ୟ ବନ ବିଭାଗର ସଂରକ୍ଷଣ ଜଙ୍ଗଲ । ଏଠାରେ ବହୁଳ ପରିମାଣରେ ଶାଗୁଆନ ବୃକ୍ଷ ସହିତ ଶାଳ, ପିଆଶାଳ, କେନ୍ଦୁ, ମହୁଲ ଆଦି ବୃକ୍ଷ ପରିଶୋଭିତ । ଏହି ସଂରକ୍ଷିତ ଜଙ୍ଗଲର ମଧ୍ୟ ଦେଇ ରାମଧାମ ପର୍ଯ୍ୟନ୍ତ ସୁରମ୍ୟ ରାଜପଥ ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁ ଭକ୍ତମାନଙ୍କ ଯାତ୍ରାପଥକୁ ସୁଗମ କରିଅଛି ।

ସଂରକ୍ଷିତ ଜଙ୍ଗଲର ପାଦଦେଶରେ ବଡଗିଲାଠାରେ 'ଉତ୍କଳ ସତ୍ୟ ସମାଜ' ଆନୁକୂଲ୍ୟରେ ୧୯୮୧ ମସିହାରେ କଳ୍କି ନାରାୟଣଙ୍କ ମନ୍ଦିର ନିର୍ମିତ ଓ ପୂଜିତ, ଯାହାକି ସ୍ୱତନ୍ତ୍ର ଆଲୋଚନା ପ୍ରତୀକ୍ଷା କରିଥାଏ । ରାମଧାମ ସପ୍ତଶଯ୍ୟାର ଆଧ୍ୟାତ୍ମିକ ପରିବେଶ ଅନ୍ୟତ୍ର ବିରଳ । ତାଦୃଶ ପର୍ଯ୍ୟଟନ କ୍ଷେତ୍ର ତତୋଧିକ । ଏହି ଦୃରୋଦୃଷ୍ଟିରୁ, ବର୍ଷସାରା ସପ୍ତଶଯ୍ୟା ପରିଦର୍ଶନାର୍ଥେ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥାଏ । ବିଶେଷତଃ, ନବବର୍ଷ ଆରମ୍ଭ ସମୟରେ ଭାରତର କୋଣ ଅନୁକୋଣରୁ ବହୁ ଲୋକ ବଣଭୋଜି କରିବା ନିମିତ୍ତ ଏଠାକୁ ଆସିଥାନ୍ତି । ଏହି ସମୟରେ ରାମଧାମ ଲୋକାରଣ୍ୟ ହୋଇଉଠେ । ଏପରିକି ଜିଲ୍ଲା ପ୍ରଶାସନ ମଧ୍ୟ ଏହି ସମୟରେ ଯାନ ବାହାନ ନିୟନ୍ତ୍ରଣ ତଥା ଲୋକଙ୍କ ସୁରକ୍ଷା ନିମିତ୍ତ ତତ୍ପର ରହିଥାନ୍ତି । ବାସ୍ତବରେ ରାମଧାମ ସପ୍ତଶଯ୍ୟା ଓଡ଼ିଶାର ଭୂସ୍ୱର୍ଗ କହିଲେ ଅତ୍ୟୁକ୍ତି ହେବନାହିଁ ।

ସ୍ୱତନ୍ତ୍ର ଭୂ– ଅର୍ଜନ କାର୍ଯ୍ୟାଳୟ
ରେଙ୍ଗାଲି ଦକ୍ଷିଣ କେନାଲ, ସିଷ୍ଟମ
ଜି–ଢେଙ୍କାନାଳ

**ସହାୟକ ଗ୍ରନ୍ଥସୂଚୀ**

ସପ୍ତଶଯ୍ୟା– ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର
ସପ୍ତଶଯ୍ୟା– ପଣ୍ଡିତ ଗୌରହରି ପଣ୍ଡା

❖ ❖ ❖

# ଶ୍ରୀଭୁବନେଶ୍ୱରଙ୍କ ଇତିବୃତ୍ତ

ଜାନକୀ ବଲ୍ଲଭ ପଟ୍ଟନାୟକ

ଭୁବନେଶ୍ୱର, ଯାହାର ପ୍ରାଚୀନ ନାମ ଏକାମ୍ରକ୍ଷେତ୍ର । ଏହା ମଧ୍ୟ ଶ୍ରୀଜଗନ୍ନାଥଙ୍କର ଅନ୍ୟ ଏକ ପ୍ରିୟ ସ୍ଥଳୀ । ଭାରତବର୍ଷର ସମସ୍ତ ତଥା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କର ରାଜା ଶ୍ରୀଲିଙ୍ଗରାଜ ତାଙ୍କ ଅପର ନାମ କୋଟି ଲିଙ୍ଗେଶ୍ୱର ଶ୍ରୀଭୁବନେଶ୍ୱର ଦେବ । ତଦନୁସାରେ ସ୍ଥାନଟିର ନାମ ହୋଇଛି ଭୁବନେଶ୍ୱର । 'ସର୍ଣ୍ଣାଦ୍ରି ମହୋଦୟ', 'ଏକାମ୍ର ଚନ୍ଦ୍ରିକା' ସ୍କନ୍ଦ ପୁରାଣାଦିରେ ମହାତୀର୍ଥ ଭୁବନେଶ୍ୱରର ମହିମା ବର୍ଣ୍ଣନା କରାଯାଇ ଏ ସ୍ଥାନକୁ 'ଭୁବନେଶ୍ୱର', ଏକାମ୍ରକ୍ଷେତ୍ର ବା କାନନ 'ହେମାଚଳ', ସ୍ୱର୍ଣ୍ଣାଦି କ୍ଷେତ୍ର ପ୍ରଭୃତି ନାମରେ ଅଭିହିତ କରାଯାଇଛି । ଏଠାରେ ଶିବଲିଙ୍ଗ ଓ ଅଷ୍ଟତୀର୍ଥ ରହିଛି । କାଶୀ ଅପେକ୍ଷା ବୈଷ୍ଣବରାଜ ଶିବଙ୍କର ଏହି କ୍ଷେତ୍ର ଅଧିକ ପ୍ରିୟ । ସାକ୍ଷାତ୍ ଗଙ୍ଗା ସ୍ୱରୂପୀ ଗନ୍ଧବତୀ ନଦୀ ତୀରରେ ଏହି କ୍ଷେତ୍ର ବିରାଜମାନ । ପ୍ରାଚୀନ କାଳରୁ ଏଠାରେ ସ୍ନାନ, ଜପ, ହୋମ, ତର୍ପଣ, ଅଭିଷେକ, ପୂଜା, ସ୍ତବ, ନିର୍ମାଲ୍ୟ ସେବନ, ପୁରାଣ ଶ୍ରବଣ, ଭକ୍ତସଂଗ ଓ ନବଧାଭକ୍ତି ଆଦି ଯାଜନ କରାଯାଇଥାଏ । ସ୍ୱର୍ଣ୍ଣାଦ୍ରି ମହୋଦୟରେ ଅଛି ସାକ୍ଷାତ୍ ପୁରୁଷୋତ୍ତମ ବିଷ୍ଣୁ ଶ୍ରୀଅନନ୍ତ ବାସୁଦେବ ହିଁ ଏହି କ୍ଷେତ୍ର ରକ୍ଷକ ବା କ୍ଷେତ୍ରପାଳ । ଯେଉଁମାନଙ୍କର ଶ୍ରୀଅନନ୍ତ ବାସୁଦେବଙ୍କଠାରେ ବିଶୁଦ୍ଧ ଭକ୍ତି ବିଦ୍ୟମାନ ସେମାନେ ତତ୍ ପ୍ରିୟ ଶ୍ରୀଭୁବନେଶ୍ୱରଙ୍କର ପ୍ରକୃତ କୃପା ଲାଭ କରନ୍ତି । ଏଠାରେ ଥିବା ସନାତନ ବ୍ରହ୍ମଲିଙ୍ଗଙ୍କ ଶୋଭା ଅତ୍ୟନ୍ତ ଅପୂର୍ବ । ସାକ୍ଷାତ୍ ବେଦାନ୍ତ ବର୍ଣ୍ଣିତ ପୂର୍ଣ୍ଣବ୍ରହ୍ମ ।

ପୂର୍ଣ୍ଣବ୍ରହ୍ମ ସ୍ୱରୂପୋୟଂ ନଲିଙ୍ଗମ୍ ଭୁବନେଶ୍ୱରଃ
ଯଦ୍ ବ୍ରହ୍ମେତି ଚବେଦାନ୍ତେ ଗାୟନ୍ତି ପରମର୍ଷୟଃ ।

ବାରାଣସୀ ଅପେକ୍ଷା ଏକାମ୍ର କ୍ଷେତ୍ରର ଶ୍ରେଷ୍ଠତା ଶ୍ରବଣାନନ୍ତର ଶିବାଜ୍ଞାରେ ଆଗ ଭଗବତୀ ଏହି କ୍ଷେତ୍ରକୁ ଆଗମନ କରି ଅନୁଭବ କଲେ ଯେ ଏହା କୈଳାସଠାରୁ ମଧ୍ୟ ମନୋରମ । ପୁନଶ୍ଚ ଏକଦା ସହସ୍ର ଗାଭୀ ନିର୍ଗତ ହୋଇ ସେଠାରେ ଥିବା ମହାଲିଙ୍ଗୋ ପରି ଅଜସ୍ର କ୍ଷୀରଧାରା ବର୍ଷଣ ପୂର୍ବକ ପ୍ରସ୍ଥାନ କରିବା ଦେଖି ଗୋପାଳିନୀ ବେଶରେ ଭଗବତୀ ଅନୁସରଣ କରନ୍ତି ଏବଂ ପଞ୍ଚଦଶ ବର୍ଷ ପରେ ସେଠାରେ ବାସ କରୁଥିବା 'କୃତ୍ତି' ଓ 'ବାସ' ନାମକ ଅସୁର ଦ୍ୱୟ ଭଗବତୀ ଗୋପାଳିନୀଙ୍କ ଅପୂର୍ବ ସୌନ୍ଦର୍ଯ୍ୟ ଦର୍ଶନ କରି ଦୁଷ୍ଟ ଅଭିସଂଧି ବ୍ୟକ୍ତ କରିବାରୁ ସେ ଶ୍ରୀମହାଦେବଙ୍କୁ ସ୍ମରଣ କରନ୍ତି । ତଦନନ୍ତେ ମହାଦେବ ସେଠାରେ ଗୋପାଳ ବେଶରେ ଆବିର୍ଭୁତ ହେଲେ, ସତୀ ତାଙ୍କର ପାଦପଦ୍ମ ବନ୍ଦନା କରନ୍ତି । ଦ୍ରୁମିଳ ନାମକ ରାଜା ବହୁ ଯଜ୍ଞାନୁଷ୍ଠାନ କରି ଦେବତାମାନଙ୍କ ପ୍ରସନ୍ନତାରେ ଏହି 'କୃତି' ଓ 'ବାସ' ପୁତ୍ରଦ୍ୱୟଙ୍କୁ ଲାଭ କରିଥିଲେ ଯିଏକି କୌଣସି ଶସ୍ତ୍ର ଦ୍ୱାରା ମରିବେ ନାହିଁ । ଏଣୁ ଶିବଙ୍କ ଆଜ୍ଞାରେ ପାର୍ବତୀ ସେ ଦୁଇ ଜଣଙ୍କୁ ବଞ୍ଚନା ପୂର୍ବକ ତାଙ୍କ ମନସ୍କାମନା ପୂର୍ଣ୍ଣ ଆଶାରେ କହିଲେ ଯେ ଯିଏ ମୋତେ ସ୍କନ୍ଦରେ ବହନ କରିବ ମୁଁ ତା'ର ପତ୍ନୀ ହେବି । ଦୁଇଭାଇଙ୍କ ମଧ୍ୟରେ କଳି ଲାଗିଲା । ଶେଷରେ ଦୁଇଭାଇଙ୍କ ସ୍କନ୍ଦରେ ପଦ ସ୍ଥାପନ କରି ଭଗବତୀ ବିଶ୍ୱମ୍ଭରୀ ରୂପ ଧାରଣ କରିବାରୁ ଗୁରୁଭାର ସହ୍ୟ ନକରି ପାରି ଦୁଇ ଅସୁର ବିନଷ୍ଟ ହୁଅନ୍ତି । ସେହି ଦିନଠୁଁ ସତୀ ଓ ସତୀନାଥ ଶମ୍ଭୁ କାଶୀର ସୁବର୍ଣ୍ଣ ମନ୍ଦିର ପରିତ୍ୟାଗ କରି ଏକାମ୍ର କାନନରେ ବାସ କଲେ ।

ଅସୁର ବଧ ପରେ ଦେବୀ ତୃଷାର୍ତ୍ତା ହେବାରୁ ମହାଦେବ ତ୍ରିଶୂଳାଗ୍ରରେ ଏକ ବାମ୍ପି ଖନନ କଲେ ଏବଂ ନିତ୍ୟ ପାନୀୟ ଜଳାଶୟ କରିବା ଉଦ୍ଦେଶ୍ୟରେ ବିନ୍ଦୁ ହ୍ରଦ ପ୍ରତିଷ୍ଠା କଲେ । ଶିବାଜ୍ଞାରେ ବିଶ୍ୱର ସମସ୍ତ ତୀର୍ଥର ବିନ୍ଦୁ ବିନ୍ଦୁ ଜଳ ଗଳିତ, ଆନୀତ ହେବାରୁ ଏହି ଜଳାଶୟ ଦୁଇଟି ଯଥାକ୍ରମେ 'ଶଙ୍କର ବାମ୍ପି' ଓ

ବିନ୍ଦୁସରୋବର ନାମରେ ପ୍ରସିଦ୍ଧ ହେଲା । ଶିବଜୀଙ୍କ ପ୍ରାର୍ଥନାନୁସାରେ ବିନ୍ଦୁସାଗର ପୂର୍ବତଟରେ ଭଗବାନ ଅନନ୍ତବାସୁଦେବ ରୂପରେ କ୍ଷେତ୍ର ପାଳନ ନିମନ୍ତେ ଅବସ୍ଥାନ କଲେ । ବିନ୍ଦୁସାଗରରେ ସ୍ନାନ କରି ଶ୍ରୀପୁରୁଷୋତ୍ତମ ଓ ଶ୍ରୀଭୁବନେଶ୍ୱରଙ୍କୁ ଦର୍ଶନ କଲେ ସର୍ବତୀର୍ଥର ଫଳମିଳେ, ବୈକୁଣ୍ଠ ପ୍ରାପ୍ତିହୁଏ । ଶ୍ରୀ ଅନନ୍ତବାସୁଦେବଙ୍କ ଶିଳାଲିପିରେ ସେହି ମନ୍ଦିର ପ୍ରତିଷ୍ଠାର ବିଶଦ ବିବରଣୀ ଉଲ୍ଲେଖ ହୋଇଛି । ସ୍କନ୍ଦ ପୁରାଣାନୁସାରେ ଶିବଭକ୍ତ କାଶୀରାଜା ଶ୍ରୀକୃଷ୍ଣଙ୍କୁ ଜିଣିବା ପାଇଁ ଶିବଙ୍କୁ ପ୍ରାର୍ଥନା କରିବାରୁ ଶିବ ପ୍ରସନ୍ନ ହୋଇ କାଶୀରାଜାଙ୍କ ସପକ୍ଷରେ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ପାଶୁପତ ଅସ୍ତ୍ର ପ୍ରେରଣ କରନ୍ତି । ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଅସ୍ତ୍ରଦ୍ୱାରା ପାଶୁପତ ଅସ୍ତ୍ର ପରାଭୂତ ହେବାରୁ ଏବଂ ବାରାଣସୀ ଧ୍ୱଂସ ହେବା ଦେଖି ଶିବ କ୍ରୋଧାନ୍ୱିତ ହୋଇ କୃଷ୍ଣଙ୍କ ସହ ଯୁଦ୍ଧ କରି ପରାସ୍ତ ହୁଅନ୍ତି । ଶେଷରେ ଶ୍ରୀକୃଷ୍ଣଙ୍କଠାରେ ଶରଣାପନ୍ନ ହୋଇ ପ୍ରାର୍ଥନା କରିବାରୁ ନିଜ ପ୍ରିୟ ପୁରୁଷୋତ୍ତମ କ୍ଷେତ୍ରର ଉତ୍ତର ଦିଗରେ ଏହି ଏକାମ୍ରକାନନରେ ଶିବଜୀଙ୍କୁ ସ୍ଥାନ ଦେଲେ ଓ ନିଜେ ବିଷ୍ଣୁ ହିଁ ଉକ୍ତ କ୍ଷେତ୍ରରେ କ୍ଷେତ୍ରପାଳ ହୋଇ ରହିଲେ ।

ଲିଙ୍ଗ ନିର୍ମାଲ୍ୟ ଅନ୍ୟତ୍ର ଅଭକ୍ଷ ହେଲେ ମଧ୍ୟ ଶ୍ରୀଭୁବନେଶ୍ୱର (ଲିଙ୍ଗରାଜ) ସାମାନ୍ୟ ଲିଙ୍ଗ ହୋଇ ନଥିବାରୁ ଏହାଙ୍କର ନିର୍ମାଲ୍ୟରେ ସ୍ପର୍ଶ ଦୋଷ ନାହିଁ । ଜାତି ଭେଦନାହିଁ, ପାଇବା ମାତ୍ରେ ସମ୍ମାନ କରିବାକୁ ହେବ ।

ପରଂବ୍ରହ୍ମ ସ୍ୱରୂପୋୟଂ ନଲିଙ୍ଗମ୍ ଭୁବନେଶ୍ୱରଃ
ନୈବେଦ୍ୟମ୍ ଭୁବନେଶସ୍ୟ ମହାମଖସମଂ ଫଳମ୍ ॥
ବ୍ରହ୍ମନ୍ନସି ନିର୍ବିକାରେ ଲିଙ୍ଗେ ତ୍ରିଭୁବନେଶ୍ୱରେ
ତନୈବେଦ୍ୟଂ ତଥା ଗ୍ରାହ୍ୟଂ ନାତ୍ର କାର୍ଯ୍ୟାବିଚାରଣା ।

(ଏକାମ୍ର ଚନ୍ଦ୍ରିକା–୩ୟ ଅଧ୍ୟାୟ)

ବ୍ରହ୍ମାଣ୍ଡ ପୁରାଣରେ ଅଛି ମଣିଷ କ'ଣ, ଦେବତାମାନେ ମଧ୍ୟ ନର ଦେହ ଧରି ଭିକ୍ଷୁ ରୂପରେ ଭୁବନେଶ୍ୱରଙ୍କ ପ୍ରସାଦ ଆକାଂକ୍ଷା କରନ୍ତି । ଏହାକୁ ଅବମାନନା କଲେ ନର୍କଗାମୀ ହେବାକୁ ପଡେ । ବୈଷ୍ଣବମାନେ ଏହି ଶ୍ରୀଲିଙ୍ଗରାଜଙ୍କ ପ୍ରସାଦ ପାଇବେ ଏଥିରେ ସନ୍ଦେହ ନାହିଁ । ବୈକୁଣ୍ଠ ଲିଙ୍ଗରାଜାନ୍ନ ଭକ୍ଷଣରେ ବ୍ରହ୍ମେନ୍ଦ୍ରାଦିଙ୍କ ଅପ୍ରାପ୍ୟ ଶ୍ରୀବିଷ୍ଣୁଙ୍କ ଅନାମପଦ ପ୍ରାପ୍ତି ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ପରି ଶ୍ରୀଭୁବନେଶ୍ୱରଙ୍କର ଚତୁର୍ଦ୍ଦଶ ଯାତ୍ରା ଓ ଦ୍ୱାଦଶ ଉପଯାତ୍ରା ଅନୁଷ୍ଠିତ ହୁଏ । ଏହି କ୍ଷେତ୍ରରେ ଥିବା କୋଟିଏ ଶିବଲିଙ୍ଗଙ୍କ ନାମ କ୍ଷୁଦ୍ର ପ୍ରବନ୍ଧରେ ଉଲ୍ଲେଖ କରିହେବ ନାହିଁ । ଚୈତ୍ର ଶୁକ୍ଳାଷ୍ଟମୀ ବା ଅଶୋକାଷ୍ଟମୀରେ ଶ୍ରୀଭୁବନେଶ୍ୱରଙ୍କ ରଥଯାତ୍ରା ଅନୁଷ୍ଠିତ ହୁଏ । ଶ୍ରୀଭୁବନେଶ୍ୱର ଦେବ ନିଜ ପ୍ରିୟ ଶ୍ରୀକୃଷ୍ଣଙ୍କୁ ସମ୍ମାନ ନଦେଇ କିଛି କରନ୍ତି ନାହିଁ । ଏଣୁ ରଥରେ, ଚନ୍ଦନରେ ସର୍ବାଗ୍ରେ ତାଙ୍କର ନିତ୍ୟପ୍ରଭୁ ମଦନ ମୋହନଙ୍କୁ ସଙ୍ଗରେ ନିଅନ୍ତି । ଶ୍ରୀମଦନ ମୋହନ ତାଙ୍କର ପ୍ରତିନିଧି । ଶୁଦ୍ଧ ଭକ୍ତମାନେ ଶ୍ରୀଭୁବନେଶ୍ୱରଙ୍କୁ ସାକ୍ଷାତ୍ ଗୋପେଶ୍ୱର ଭାବେ ଏହି ମନ୍ତ୍ରରେ ପ୍ରଣାମ କରନ୍ତି:

ବୃନ୍ଦାବନା ବନିପତେ ଜୟ ସୋମ ସୋମ
ମୌଳିସନନ୍ଦନ ସନାତନ ନାରଦେଢ୍ୟ
ଗୋପେଶ୍ୱର ବ୍ରଜବିଳାସି ଯୁଗ୍ମାଂଘ୍ରି ପଦ୍ମେ
ପ୍ରୀତିଂ ପ୍ରଦଛ ନିତରାଂ ନିରୁପାଧିକାଂମେ ।

ମହାଭାରତ ବନ ପର୍ବରେ ବର୍ଣ୍ଣିତ ସ୍ୱୟଂଭୁ ବନହିଁ ଏକାମ୍ର କ୍ଷେତ୍ର ଯାହାକି ବୌଦ୍ଧ ଯୁଗର ବହୁ ପୂର୍ବବର୍ତ୍ତୀ । କଳିପାବନାବତାରୀ ଶ୍ରୀରାଧାକୃଷ୍ଣ ମିଳିତ ତନୁ ପ୍ରେମ ପୁରୁଷୋତ୍ତମ ଶ୍ରୀଚୈତନ୍ୟ ମହାପ୍ରଭୁ ସନ୍ନ୍ୟାସ ଗ୍ରହଣାନ୍ତେ ନୀଳାଚଳ ଆସିବା ପଥରେ ଶ୍ରୀଭୁବନେଶ୍ୱର ଲିଙ୍ଗରାଜଙ୍କୁ ଦର୍ଶନ କରି ପୂଜା ଓ କୀର୍ତ୍ତନ କରିଥିଲେ । ତାହା ଶ୍ରୀଳ ବୃନ୍ଦାବନଦାସ କୃତ ଶ୍ରୀଚୈତନ୍ୟ ଭାଗବତରେ ବର୍ଣ୍ଣନ କରାଯାଇଛି ।

'ଶିବରାମଗୋବିନ୍ଦ ବଳିୟା ଗୌରରାୟ
ହାତେ ତାଲି ଦିୟାନୃତ୍ୟ କରେ ନସଦାୟ ।
ଆପନେ ଭୁବନେଶ୍ୱର ଗିୟା ଗୌରଚନ୍ଦ୍ର ।
ଶିବ ପୂଜା କରିଲେନି ଲଇଭକ୍ତବୃନ୍ଦ ।
ଶିକ୍ଷାଗୁରୁ ଈଶ୍ୱରରେ ଶିକ୍ଷାଯେ ନମାନେ ।
ନିଜ ଦୋଷେ ଦୁଃଖ ପ୍ରାୟ ସେଇ ସର୍ବଜନେ ।'

କପିଳ ସଂହିତାରେ ଅଛି କାଶୀରେ ଦୃଷ୍ଟ ଓ ନାସ୍ତିକମାନଙ୍କ ପ୍ରାବଲ୍ୟ ହେତୁ ଏକାନ୍ତ କୃଷ୍ଣ ଭଜନ ଇଚ୍ଛାରେ ଶ୍ରୀବାସୁଦେବଙ୍କୁ ପ୍ରାର୍ଥନା କରି ଶିବଜୀ ଏହି ଏକାମ୍ର ବନକୁ ପ୍ରାପ୍ତ ହୋଇଥିଲେ । କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ର ଓ ବୃନ୍ଦାବନ ପରିକ୍ରମା ପରି ପଞ୍ଚକ୍ରୋଶୀ ଭୁବନେଶ୍ୱର ପରିକ୍ରମା ମଧ୍ୟ ହୁଏ ।

ବୁଢୀବଗିଚା, ସାମନ୍ତରାପୁର
ପୋ/ଜି– ଖୋର୍ଦ୍ଧା

# ଓଡ଼ିଶାରେ ଆୟୁର୍ବେଦ ପରମ୍ପରା ଓ ଏହାର ପୃଷ୍ଠଭୂମି

ଡାକ୍ତର ଦୀନବନ୍ଧୁ ମହାରଣା

ଉତ୍କୃଷ୍ଟ କଳାର ଦେଶ ଉତ୍କଳ । ଏହାର ଐତିହ୍ୟ ଓ ପରମ୍ପରା ଅତି ମହାନ୍ । ବିଶାଳ ଭାରତ ଗଣରାଜ୍ୟ ରୂପୀ ହ୍ରଦରେ ଉତ୍କଳ କମଳ, ଯାହାର କୋଟି କୋଟି ଲାବଣ୍ୟନିଧି । ଅଭୁଲା ସୁମନ ସାଂସ୍କୃତିକ ପରମ୍ପରା, ସାମରିକ ଶକ୍ତି, ନୌବାଣିଜ୍ୟ ଓ କଳାସ୍ଥାପତ୍ୟ, ନିଜସ୍ୱ କ୍ଷେତ୍ରରେ ଏକ ସ୍ୱକୀୟତା ବଜାୟ ରଖିଆସିଛି । ଭାରତୀୟ ଚିକିତ୍ସା ବିଜ୍ଞାନ 'ଆୟୁର୍ବେଦ' ରୂପକ ଚିରସ୍ରୋତସ୍ୱିନୀ ଅମୃତ ପ୍ରବାହରୁ ଏହା ଦୂରେଇ ଯିବ ବା କିପରି ! ଆୟୁର୍ବେଦ ଚିକିତ୍ସା ଭଳି ଏକ ପ୍ରାଚୀନ, ସମୃଦ୍ଧ ଓ ସ୍ୱୟଂ ସମ୍ପୂର୍ଣ୍ଣ ଜୀବନବାଦୀ ଶାସ୍ତ୍ରରେ ଦକ୍ଷତା ଅର୍ଜନ କରି ଅଗଣିତ ବ୍ୟାଧି ଜର୍ଜରିତ ମନୁଷ୍ୟଗଣଙ୍କୁ ଏକ ରୋଗମୁକ୍ତ ସୁସ୍ଥ ଜୀବନର ସ୍ୱାଦ ଆସ୍ୱାଦନ କରିବାରେ ଓଡ଼ିଶାର ବୈଦ୍ୟ ଓ ପ୍ରାଚୀନ କବିରାଜ ତଥା ଚିକିତ୍ସକମାନଙ୍କର ଅବଦାନକୁ ଅସ୍ୱୀକାର କରିହେବ ନାହିଁ ।

ଓଡ଼ିଶାର ଆୟୁର୍ବେଦ ସମ୍ପର୍କୀତ ଇତିହାସକୁ ଅନୁଧ୍ୟାନ କଲେ ଅନେକ ଅନାଲୋଚିତ ତଥ୍ୟ ପ୍ରକାଶ ପାଇଥାଏ । ଓଡ଼ିଶାରେ ଆୟୁର୍ବେଦର ସମୃଦ୍ଧ ଇତିହାସ ଅର୍ଥାତ୍ ଉତ୍କଳୀୟ ଆୟୁର୍ବେଦ ପରମ୍ପରା ସମ୍ପର୍କିତ ପ୍ରସଙ୍ଗ ବିଷୟରେ ଶୂଦ୍ରମୁନି ସାରଳା ଦାସଙ୍କ ରଚିତ ମହାଭାରତ, ଶେତାବଂଶୀୟ ବୈଦ୍ୟଙ୍କ ଇତିବୃତ୍ତି ଭଞ୍ଜ ସାହିତ୍ୟ ମାଦଳା ପାଞ୍ଜି ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିରୁ ଅନେକାଂଶରେ ଜାଣିବାକୁ ମିଳିଥାଏ । ଓଡ଼ିଶାର ଶ୍ରୀମନ୍ଦିରରେ ଏବେ ବି ପୂଜା ପାଉଥିବା ମାଦଳାପାଞ୍ଜିର ବର୍ଣ୍ଣନା ଅନୁଯାୟୀ ଓଡ଼ିଶାର ଗଜପତି ମହାରାଜା ଓ ଗଡ଼ଜାତ ଅଞ୍ଚଳର ଶାସକ ଏବଂ ତାଙ୍କର ସମ୍ପର୍କୀୟମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବୁଝି ଔଷଧ ଦେବା ନିମନ୍ତେ ରାଜବୈଦ୍ୟମାନ ନିଯୁକ୍ତ କରିଥିଲେ ।

ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀଠାରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଓଡ଼ିଶାରେ ଲିଖିତ କୌଣସି ଆୟୁର୍ବେଦ ଗ୍ରନ୍ଥର ସନ୍ଧାନ ଏ ପର୍ଯ୍ୟନ୍ତ ମିଳିନାହିଁ । ଶୁଦ୍ରମୁନି ସାରଳା ଦାସଙ୍କ ରଚିତ ଓଡ଼ିଆ ମହାଭାରତରେ ଆୟୁର୍ବେଦ ସମ୍ବନ୍ଧୀୟ କେତେକ ବର୍ଣ୍ଣନା ଥିବାର ଦେଖିବାକୁ ମିଳେ । ଶୂଦ୍ରମୁନି ସାରଳା ଦାସ ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳ (ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀ)ର ପ୍ରଥମାର୍ଦ୍ଧରେ ଆବିର୍ଭୂତ ହୋଇଥିଲେ ବୋଲି ତାଙ୍କ ରଚିତ ମହାଭାରତ ଗ୍ରନ୍ଥରୁ ଜଣାଯାଏ । ସାରଳାଙ୍କ ରଚିତ ମହାଭାରତର ଆଦିପର୍ବର ପ୍ରଥମ ଅଧ୍ୟାୟରେ ଏହି ଗ୍ରନ୍ଥର ରଚନା ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ଶେଷଭାଗ ବୋଲି ଜଣାପଡ଼େ ।

ସାରଳା ଦାସ ତାଙ୍କ ରଚିତ ମହାଭାରତରେ ସମସାମୟିକ ଓଡ଼ିଶାରେ ପ୍ରଚଳିତ ଥିବା ଚାଲିଚଳଣି, ଖାଦ୍ୟପାନୀୟ, ସ୍ୱାସ୍ଥ୍ୟ ଅନୁକୂଳ ଆଚାର–ବ୍ୟବହାର, ଶିକ୍ଷା–ସଭ୍ୟତା ଏବଂ ଚିକିତ୍ସାର ସ୍ୱଷ୍ଟ ଚିତ୍ର ପ୍ରଦାନ କରିଛନ୍ତି । କପିଳେନ୍ଦ୍ର ଦେବଙ୍କର ଶାସନ କାଳ ଯୁଦ୍ଧ ଓ ଜୟଯାତ୍ରାର ରଙ୍ଗମଞ୍ଚ ଥିଲା । ଯୁଦ୍ଧକ୍ଷେତ୍ରରେ କ୍ଷତବିକ୍ଷତ ଆହତମାନଙ୍କର ଚିକିତ୍ସାକୁ ଅଗ୍ରାଧିକାର ଦିଆଯାଉଥିଲା ବୋଲି ସେହି ଗ୍ରନ୍ଥରୁ ଜଣାପଡ଼େ । ଯୁଦ୍ଧ କ୍ଷେତ୍ରରେ କ୍ଷତ–ବିକ୍ଷତମାନଙ୍କର ଚିକିତ୍ସା, ଶତ୍ରୁ ରାଷ୍ଟ୍ର ଦ୍ୱାରା ବାୟୁ ଜଳକୁ ବିଷାକ୍ତ କରିବା ବିଷୟ ତଥା ସେସବୁର ପ୍ରତିକାର ବା ନିବାରଣ ଉପାୟ ବିଷୟରେ ଯେଉଁସବୁ ତଥ୍ୟ ବା ଉପାୟମାନ ଉଲ୍ଲେଖ ଅଛି ସେ ସମସ୍ତ ବିଧି ସମ୍ପୂର୍ଣ୍ଣ ଭାବରେ ଆୟୁର୍ବେଦ ସମ୍ମତ ଏବଂ ମହର୍ଷି ଶୁଶ୍ରୁତ ପ୍ରଣୀତ ବିଧି ବୋଲି ଜଣାଯାଇଥାଏ । ଏହାବ୍ୟତୀତ, ସାରଳା ଦାସ ସ୍ୱରଚିତ ଓଡ଼ିଆ ମହାଭାରତ ଗ୍ରନ୍ଥରେ ଶଲ୍ୟ ଚିକିତ୍ସା ସମ୍ପର୍କରେ ଅନ୍ୟ ବହୁ ତଥ୍ୟ ଉପସ୍ଥାପିତ କରିଥିଲେ । ମାତ୍ର ବୌଦ୍ଧ ଧର୍ମର ପ୍ରଭାବ ହେତୁ ସମାଜରେ ଯୁଦ୍ଧ ବିଗ୍ରହର ଅବସାନ ଏବଂ ରସ ଚିକିତ୍ସା ମାଧ୍ୟମରେ ଶଲ୍ୟସାଧ୍ୟ ରୋଗର ଚିକିତ୍ସା ସୁଗମ ହେବା ଯୋଗୁଁ ଶଲ୍ୟଶାସ୍ତ୍ର ଉପକ୍ଷେିତ ହୋଇଥିଲା । ମାତ୍ର ହିନ୍ଦୁଧର୍ମର ପୁନରୁତ୍ଥାନ ଯୁଗରେ ଶଲ୍ୟ ଚିକିତ୍ସାର ଆବଶ୍ୟକତା ବିଶେଷ ଅନୁଭୂତ

ହୋଇଥିଲା । ମାତ୍ର ରସ ଚିକିତ୍ସାର ପ୍ରଭାବ ହେତୁ ସାଧାରଣ ଚିକିତ୍ସକଗଣ ଶଲ୍ୟ ଚିକିତ୍ସାକୁ ଏକ ବୃତ୍ତି ଭାବରେ ଗ୍ରହଣ କରିପାରିନଥିଲେ । ଏଣୁ ଏହି ସମୟରୁ ଶଲ୍ୟ ଚିକିତ୍ସା (ସର୍ଜରୀ) ସାମରିକ ଶିକ୍ଷାର ଅଙ୍ଗୀଭୂତ ହୋଇଥିଲା । ମାତ୍ର ଏହି ଶିକ୍ଷା କିପରି ଦିଆଯାଉଥିଲା, ତାହାର ପ୍ରତ୍ୟକ୍ଷ ବିବରଣୀ ମିଳୁନାହିଁ । ଏଣୁ ଏହି ସମୟ ମଧ୍ୟରେ ରଚିତ ପୁରାଣମାନଙ୍କର ବର୍ଣ୍ଣନା ଓ ଲୋକ ବାହାରରୁ କିଞ୍ଚିତ ସୂଚନା ମିଳେ । ଏହାବ୍ୟତୀତ ସାରଳା ଦାସଙ୍କ ରଚିତ ମହାଭାରତ ଗ୍ରନ୍ଥରେ ବିଭିନ୍ନ ସ୍ଥାନରେ ଅନେକ ପ୍ରକାରର ବନୌଷଧି ସମ୍ପର୍କରେ ଉଲ୍ଲେଖ ରହିଛି ଏବଂ ସେଗୁଡ଼ିକର ପ୍ରଚଳିତ ନାମ ତଥା ଗ୍ରାମୀଣ ଜୀବନରେ ଚାହିଦା ସମ୍ପର୍କରେ ମଧ୍ୟ ସମ୍ୟକ୍ ଭାବରେ ଦୃଷ୍ଟିମାନ କରାଯାଇଛି ।

ଉତ୍କଳୀୟ ଆୟୁର୍ବେଦ ପରମ୍ପରା ପ୍ରସଙ୍ଗ ଯେତେବେଳେ ଆଲୋଚିତ ହୁଏ । ସେତେବେଳେ ଶେଣ ବଂଶୀୟ ବୈଦ୍ୟ ପରମ୍ପରାକୁ ମଧ୍ୟ ବିଚାରକୁ ନିଆଯାଇଥାଏ । ଓଡ଼ିଶାର ସୂର୍ଯ୍ୟବଂଶୀ ରାଜାମାନଙ୍କର ରାଜତ୍ୱ କାଳରେ ଶେଣ ବଂଶୀୟ ବୈଦ୍ୟଗଣ ବିଶେଷ ରାଜକୀୟ ମାନ୍ୟତା ଓ ପୃଷ୍ଠପୋଷକତା ଲାଭ କରିଥିଲେ ବୋଲି ଜଣାଯାଏ ।

ଶେଣବଂଶୀୟ ବୈଦ୍ୟଗଣ ପୁରୁଷାନୁକ୍ରମେ ଚିକିତ୍ସକ ଥିବାର ପ୍ରମାଣ କବିରାଜ ବିଶ୍ୱନାଥଙ୍କର 'ପଥ୍ୟାପଥ୍ୟ ବିନିଶ୍ଚୟ' ଗ୍ରନ୍ଥରୁ ସୂଚୀତ ହୁଏ । ଉକ୍ତ ଗ୍ରନ୍ଥରେ ବର୍ଣ୍ଣିତ ତଥ୍ୟାନୁସାରେ ବିଶ୍ୱନାଥଙ୍କ ବଂଶବୃତ ସୂଚିତ ହୁଏ । ସେଥିରେ ଉମାପତି ଶେଣ, ତପନ ଶେଣ, ନରସିଂହ ଶେଣ ଓ ବିଶ୍ୱନାଥ ଶେଣ ଆଦି କବିରାଜ ବଂଶକ୍ରମ ସମ୍ବନ୍ଧୀୟ ସୂଚନା ରହିଛି । ସୂର୍ଯ୍ୟବଂଶୀ ରାଜା ପ୍ରତାପରୁଦ୍ରଙ୍କ ରାଜତ୍ୱ କାଳରେ ତପନ ଶେଣ ଜଣେ କବି ଓ ବୈଦ୍ୟ ଭାବରେ ପ୍ରସିଦ୍ଧିଲାଭ କରିଥିଲେ । ପ୍ରତାପ ରୁଦ୍ର ଦେବ ସୂର୍ଯ୍ୟବଂଶର ଶ୍ରେଷ୍ଠ ସମ୍ରାଟ ଥିଲେ ଓ ଖ୍ରୀ:ପୂ: ୧୫୦୪ରୁ ୧୫୩୨ ପର୍ଯ୍ୟନ୍ତ ତାଙ୍କର ରାଜତ୍ୱ କାଳ ଥିଲା । ଶେଣ ବଂଶୀୟ ଅନ୍ୟ ଉତ୍ତରାଧିକାରୀ ପ୍ରସିଦ୍ଧ କବିରାଜ ଥିଲେ ତପନ ଶେଣଙ୍କ ପୁତ୍ର ନରସିଂହ ଶେଣ ଏବଂ ତାଙ୍କ ସମୟ ଷୋଡ଼ଶ ଶତାବ୍ଦୀ ବୋଲି ମନେ କରାଯାଏ । ନରସିଂହ ଶେଣ 'ପରିମଳା' କାବ୍ୟର କବି ଭାବରେ ପ୍ରସିଦ୍ଧିଲାଭ କରିଛନ୍ତି । ଏହି ଶେଣ ବଂଶର ଅନ୍ୟ ଜଣେ ପ୍ରସିଦ୍ଧ କବିରାଜ ଥିଲେ ହରିହର ଶେଣ । ମାଧବକର କୃତ 'ପର୍ଯ୍ୟାୟ ମୁକ୍ତାବଳୀ' ଗ୍ରନ୍ଥର ସରଳ ସଂସ୍କରଣ ସେ ରଚନା କରିଥିଲେ । ନରସିଂହ ଶେଣଙ୍କ ପରେ ବିଶ୍ୱନାଥ ଶେଣ ଶେଣ ବଂଶୀୟ ଆୟୁର୍ବେଦ ଚିକିତ୍ସା ପରମ୍ପରାକୁ ଅଧିକ ସମୁଜ୍ଜ୍ୱଳ କରିବାକୁ ସକ୍ଷମ ହୋଇଥିଲେ । କବିରାଜ ବିଶ୍ୱନାଥ ଶେଣ 'ଚିକିତ୍ସାର୍ଣ୍ଣବ', 'ପଥ୍ୟାପଥ୍ୟ ବିନିଶ୍ଚୟ' ଓ 'ଆରୋଗ୍ୟ ମଞ୍ଜରୀ' ଭଳି ମହାର୍ଘ ଆୟୁର୍ବେଦ ଗ୍ରନ୍ଥ ରଚନା କରି ଆୟୁର୍ବେଦ ଜଗତରେ ଅମ୍ଳାନ କୀର୍ତ୍ତି ସ୍ଥାପନ କରିଯାଇଛନ୍ତି ।

ସୁତରାଂ ଶେଣ ବଂଶୀୟ ବୈଦ୍ୟମାନେ ଯେ ଆୟୁର୍ବେଦ ଚିକିତ୍ସା ସମ୍ପର୍କିତ ସାହିତ୍ୟ ରଚନା କରି ଓଡ଼ିଶାର ଆୟୁର୍ବେଦ ଇତିହାସରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସ୍ଥାପନ କରିଯାଇଛନ୍ତି, ଏହି ସତ୍ୟକୁ ଅସ୍ୱୀକାର କରାଯାଇପାରେ ନାହିଁ ।

ସେହିପରି ଓଡ଼ିଶାରେ ଆୟୁର୍ବେଦର ସମୁଜ୍ଜ୍ୱଳ ପରମ୍ପରା ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଅଧିକ ତ୍ୱରାନ୍ୱିତ ହୋଇଥିଲା । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଶାର ଆୟୁର୍ବେଦ ଆକାଶରେ କେତେଜଣ ପ୍ରଖ୍ୟାତ ବୈଦ୍ୟ ଜ୍ୟୋତିଷ୍କଙ୍କର ଆବିର୍ଭାବ ହୋଇଥିଲା । ସେହି ବୈଦ୍ୟଗଣଙ୍କ ମଧ୍ୟରୁ ପୁରୀର ବୈଦ୍ୟରତ୍ନ ମାଗୁଣି ବ୍ରହ୍ମା (ଖ୍ରୀ:ଅ: ୧୮୫୭), ଚତୁର୍ଭୁଜ ରାୟଗୁରୁ (୧୮୬୬), ବୈଦ୍ୟରାଜ ଗୋପୀନାଥ ପାତ୍ର (୧୮୮୧), ବୈଦ୍ୟରତ୍ନ ପୂର୍ଣ୍ଣଚନ୍ଦ୍ର ରଥ (୧୮୮୯), ବୈଦ୍ୟ ବାଚସ୍ପତି ବିଦ୍ୟାଭୂଷଣ ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ (୧୮୯୫), କାମାକ୍ଷୀ ପ୍ରସାଦ ଶର୍ମା (୧୮୯୭) ଏବଂ କବିରାଜ ଆନନ୍ଦ ମହାପାତ୍ର ଶର୍ମା (୧୮୯୯) ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ଅଟେ ।

ଏହି ପ୍ରାତଃସ୍ମରଣୀୟ ବୈଦ୍ୟ ଓ କବିରାଜମାନଙ୍କର ପ୍ରଚେଷ୍ଟା ଫଳରେ ଉତ୍କଳୀୟ ଆୟୁର୍ବେଦ ପରମ୍ପରା ଆଜି ସମୁଜ୍ଜ୍ୱଳ ହୋଇପାରିଛି ଏବଂ ଏହାର ପୃଷ୍ଠଭୂମି ସୁଦୃଢ଼ ହୋଇପାରିଛି । ସୁତରାଂ ଅତୀତରେ ଉତ୍କଳୀୟ ଆୟୁର୍ବେଦ ପରମ୍ପରାର ମହନୀୟତାକୁ ବଜାୟ ରଖିବା ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ ।

ଓଡ଼ିଶା ଆୟୁର୍ବେଦ ସେବାସଦନ
ରୁମ୍ ନଂ–୧୧୧, ମ୍ୟୁନିସିପାଲିଟି ମାର୍କେଟ
ଓ.ଏମ୍.ପି. ଛକ, କଟକ–୩

❖ ❖ ❖

# ବାୟୁ ପ୍ରଦୂଷଣ ଓ ଯାନବାହାନ

**ଶ୍ରୀକାନ୍ତ କୁମାର ପାଣିଗ୍ରାହୀ**

ବିଶ୍ୱରେ ଏବେ ମୋଟର ଯାନର ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି । କ୍ରମାଗତ ବିପୁଳ ଜନସଂଖ୍ୟା ବୃଦ୍ଧି, ସହରାଞ୍ଚଳର ପ୍ରସାର ଏବଂ ଦ୍ରୁତ ଶିଳ୍ପାୟନ ଏହାର କାରଣ । ସାଧାରଣତଃ ଶିଳ୍ପୋନ୍ନତ ଦେଶମାନଙ୍କରେ ଏହାର ବ୍ୟବହାର ଅଧିକ । ଉଦାହରଣ ସ୍ୱରୂପ, ପାଶ୍ଚାତ୍ୟ ରାଷ୍ଟ୍ରସମୂହ, ୟୁରୋପ ଏବଂ ପ୍ରାଚ୍ୟ ଭୂଖଣ୍ଡରେ ଜାପାନ ମୋଟର ଯାନର ବ୍ୟବହାର ନିମିତ୍ତ ପ୍ରସିଦ୍ଧ । ଏଥିରୁ ଘଟୁଥିବା ବାଷ୍ପୀୟ ନିର୍ଗମନ ହେତୁ ପୃଥିବୀର ଅଧିକାଂଶ ମହାନଗରୀ ଏବଂ ବିଶେଷ କରି ବେଜିଙ୍ଗ୍, ବ୍ୟାଙ୍ଗକକ୍, ସାଣ୍ଟିଆଗୋ, ହଂକଙ୍ଗ୍, ସିଙ୍ଗାପୁର, ଦିଲ୍ଲୀ, ମେକ୍ସିକୋ, ସିଓଲ୍, ମାନିଲା ଇତ୍ୟାଦିର ବାୟୁ ଅତିମାତ୍ରାରେ ପ୍ରଦୂଷଣଯୁକ୍ତ । ଭାରତବର୍ଷରେ ଦିଲ୍ଲୀ ବ୍ୟତୀତ ମୁମ୍ବାଇ, କୋଲକାତା, ଚେନ୍ନାଇ, ବାଙ୍ଗାଲୋର, ହାଇଦ୍ରାବାଦ, ପୁନେ, ଅହମଦାବାଦ ଇତ୍ୟାଦି ନଗରଗୁଡ଼ିକ ମଧ୍ୟ ପ୍ରଦୂଷଣଦ୍ୱାରା ଆକ୍ରାନ୍ତ । ଏହି ପ୍ରଦୂଷଣର ବିଷ ପ୍ରକ୍ରିୟାରୁ ରକ୍ଷା ପାଇବା ନିମନ୍ତେ ବର୍ତ୍ତମାନ ବିଶ୍ୱରେ ଅନେକ ରାଷ୍ଟ୍ରରେ ନାନାପ୍ରକାର ଗବେଷଣା କରାଯାଇ ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ଅହରହ ଉଦ୍ୟମ ଚାଲିଛି ।

ଭାରତ ଭଳି ତୃତୀୟ ବିଶ୍ୱର ଦେଶମାନଙ୍କରେ ଯାନବାହନ ସଂଖ୍ୟା ଅପେକ୍ଷାକୃତ କମ୍ । କିନ୍ତୁ ତନ୍ମଧ୍ୟରୁ ଅଧିକାଂଶ ଠିକ୍ ଅବସ୍ଥାରେ ନଥାଏ । ତେଣୁ ତହିଁରୁ ନିର୍ଗତ ଧୂମ ଅଧିକ ପ୍ରଦୂଷଣକାରୀ । ପରିଣାମରେ କୋଲକାତା ଭଳି ନଗରୀମାନଙ୍କରେ ଏହା ହିଁ ୫୦ ଶତାଂଶ ବାୟୁ ପ୍ରଦୂଷଣ ଲାଗି ଦାୟୀ ।

ବ୍ୟବହୃତ ଇଞ୍ଜିନ୍‌ର ପ୍ରକାରଭେଦ ବିଚାରକୁ ନେଇ ଯାନବାହନଗୁଡ଼ିକୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଏ । ତହିଁରୁ ଗୋଟିଏ ହେଲା କାର, ବସ୍, ଆଦି ଚାରିଷ୍ଟ୍ରୋକ୍ ଇଞ୍ଜିନ୍ ବିଶିଷ୍ଟ



ଯାନବାହନ ଏବଂ ଅନ୍ୟଟି ହେଉଛି ସ୍କୁଟର୍, ମୋଟରସାଇକେଲ ଭଳି ଦୁଇଷ୍ଟ୍ରୋକ୍ ଇଞ୍ଜିନ୍ ବିଶିଷ୍ଟ ଯାନବାହନ । ପ୍ରଥମ ଶ୍ରେଣୀର ଯାନର ମୁଖ୍ୟତଃ ତିନୋଟି ଉତ୍ସରୁ ପ୍ରଦୂଷଣକାରୀ ବାଷ୍ପ ନିର୍ଗତ ହୁଏ । ସେଗୁଡ଼ିକ ହେଲା, ଇନ୍ଧନ ପେଟିକା ଓ ଯୋଗାଣ ବ୍ୟବସ୍ଥା, କ୍ରାଂକ୍ ପେଟିକା ଏବଂ ପୁଚ୍ଛନଳୀ । ତେବେ ତନ୍ମଧ୍ୟରେ ପୁଚ୍ଛନଳୀ ହିଁ ଏହାର ପ୍ରଧାନ ଉତ୍ସ । ଅନ୍ୟପକ୍ଷରେ ଦୁଇଷ୍ଟ୍ରୋକ୍ ଇଞ୍ଜିନଯୁକ୍ତ ଯାନରୁ ପ୍ରାୟ ସମସ୍ତ ବାଷ୍ପ ନିର୍ଗତ ହୋଇଥାଏ ପୁଚ୍ଛନଳୀ ଦେଇ । କାର୍ ବା ବସ୍‌ରୁ ନିର୍ଗତ ସମୁଦାୟ ହାଇଡ୍ରୋକାର୍ବନ୍‌ସର ପ୍ରାୟ ୧୮ ଶତାଂଶ ଇନ୍ଧନ୍ ପେଟିକା ଓ ଯୋଗାଣ ବ୍ୟବସ୍ଥା ଦେଇ ନିର୍ଗତ ହେଲାବେଳେ ୨୦ ଶତାଂଶ କ୍ରାଂକ୍ ପେଟିକା ଏବଂ ଅବଶିଷ୍ଟ ୫୨ ଶତାଂଶ ହାଇଡ୍ରୋକାର୍ବନ୍ ତଥା ସମସ୍ତ କାର୍ବୋନ୍ ମନୋକ୍ସାଇଡ୍ ଯବକ୍ଷାରଜାନର ଅକ୍ସାଇଡ୍ ସମୂହ ପୁଚ୍ଛନଳୀ ଦେଇ ନିର୍ଗତ ହୁଏ । ଅତଏବ, ଏହା ହାଇଡ୍ରୋକାର୍ବନ୍‌ଭିତ୍ତିକ ଇନ୍ଧନ

ସାରଣୀ 1 - ଇଞ୍ଜିନ୍ ଚାଲୁଥିବାବେଳେ ବିଭିନ୍ନ ଅବସ୍ଥାରେ ଯାନବାହନର ପୁଚ୍ଛଧୂମରେ ଭିନ୍ନ ଭିନ୍ନ ବାଷ୍ପର ଅନୁପାତ (ନିୟୁତ ଭାଗ ପ୍ରତି)

| ବାଷ୍ପ ବା ଉପାଦାନ | ଯାନ ସ୍ଥିର ଥିଲାବେଳେ | ବେଗ ବୃଦ୍ଧି ସମୟରେ | ଦ୍ରୁତବେଗରେ ଚାଲୁଥିବାବେଳେ | ବେଗ ହ୍ରାସ କଲା ସମୟରେ |
|---|---|---|---|---|
| ପେଟ୍ରୋଲ ଇଞ୍ଜିନ୍ | | | | |
| କାର୍ବନ ମନୋକ୍ସାଇଡ୍ | ୬୯,୦୪୦ | ୨୯,୦୦୦ | ୨୭,୦୦୦ | ୩୯,୦୦୦ |
| ହାଇଡ୍ରୋକାର୍ବନ୍ସ | ୫,୩୦୦ | ୧,୬୦୦ | ୧,୦୦୦ | ୧୦,୦୦୦ |
| ଯବକ୍ଷାରଯାନର ଅକ୍ସାଇଡ଼ ସମୂହ | ୩୦ | ୧,୦୬୦ | ୬୫୦ | ୨୦ |
| ଆଲ୍‌ଡିହାଇଡ୍‌ସ | ୩୦ | ୨୦ | ୧୦ | ୨୯୦ |
| ଡିଜେଲ ଇଞ୍ଜିନ୍ | | | | |
| କାର୍ବନ ମନୋକ୍ସାଇଡ୍ | ସାମାନ୍ୟ | ୧,୦୦୦ | ସାମାନ୍ୟ | ସାମାନ୍ୟ |
| ହାଇଡ୍ରୋକାର୍ବନ୍ସ | ୪୦୦ | ୨୦୦ | ୧୦୦ | ୩୦୦ |
| ଯବକ୍ଷାରଯାନର ଅକ୍ସାଇଡ୍ ସମୂହ | ୬୦ | ୩୫୦ | ୨୪୦ | ୩୦ |
| ଆଲ୍‌ଡିହାଇଡ୍‌ସ | ୧୦ | ୨୦ | ୧୦ | ୩୦ |

ବ୍ୟବହାର କରୁଥିବା ସବୁପ୍ରକାର ଯାନବାହନର ସର୍ବାଧିକ ବାୟୁ ପ୍ରଦୂଷଣକାରୀ ଅଙ୍ଗ ।

ଉଭୟ ପେଟ୍ରୋଲ ଓ ଡିଜେଲ୍ ଇଞ୍ଜିନ୍‌ର ପୁଚ୍ଛଧୂମରେ ଏକ ପ୍ରକାର ବାଷ୍ପମାନ ଥାଏ । କିନ୍ତୁ ତହିଁରେ ଏହି ଉପାଦାନଗୁଡ଼ିକର ଅନୁପାତ ବିଭିନ୍ନ (ସାରଣୀ – ୧ ଦ୍ରଷ୍ଟବ୍ୟ) । ପୁନଶ୍ଚ, ଗାଡ଼ିର ତିଆରି, ତାହା ଚଳାଇବା ପଦ୍ଧତି ଓ ଇଞ୍ଜିନ୍‌ର ଅବସ୍ଥା ଉପରେ ନିର୍ଭର କରି ମଧ୍ୟ ଏଥିରେ କେତେକ ପରିବର୍ତ୍ତନ ଆସେ ।

ସାରଣୀ–୧ରୁ ଏହା ସୁସ୍ପଷ୍ଟ ଯେ ପେଟ୍ରୋଲ ଇଞ୍ଜିନ୍ ଅଧିକ ପ୍ରଦୂଷଣକାରୀ । ପୁନଶ୍ଚ ଗାଡ଼ି ସ୍ଥିର ଥିଲାବେଳେ ଏବଂ ବେଗ ହ୍ରାସ କଲା ସମୟରେ ତହିଁରେ ସୂଚିତ ୪ଟି ଯାକ ବାୟୁ ପ୍ରଦୂଷଣକାରୀ ଉପାଦାନରୁ ତିନୋଟିର ମାତ୍ରା ବୃଦ୍ଧି ଘଟେ । ଅତଏବ ଇଞ୍ଜିନ୍ ଚାଲୁରଖି ଗାଡ଼ିକୁ ସ୍ଥିର ରଖିଲେ ତାହା ବାୟୁକୁ ଅଧିକ ଦୂଷିତ କରେ । ସେହିପରି ଇଞ୍ଜିନ୍ ଠିକ୍ ଅବସ୍ଥାରେ ନଥିଲେ ମଧ୍ୟ ତହିଁରୁ ଏହିସବୁ ବାଷ୍ପ ଅଧିକ ପରିମାଣର ନିର୍ଗତ ହୁଏ । ଆମ ଦେଶରେ ଅଧିକାଂଶ ସହରରେ ଚାଲୁଥିବା ବହୁ ଯାନବାହନର ଇଞ୍ଜିନ୍ ଠିକ୍ ଅବସ୍ଥାରେ ନଥାଏ । ଏଥିରୁ ଅଧିକ ଧୂମ ଓ ଶବ୍ଦ ବାହାରେ । ପୁନଶ୍ଚ ଓ ସର୍ବସାଧାରଣଙ୍କ ପାଇଁ ବ୍ୟବହୃତ ଏପରି ଯାନବାହନଗୁଡ଼ିକୁ ବସଷ୍ଟାଣ୍ଡ ବା ରାସ୍ତାକଡ଼ରେ ଇଞ୍ଜିନ୍ ଚାଲୁ କରି ଦୀର୍ଘ ସମୟ ଧରି ଠିଆକରି ରଖିବାର ଦେଖାଯାଏ । ଆମ ରାଜଧାନୀ ଭୁବନେଶ୍ୱରରେ ଚାଲୁଥିବା ଅଧିକାଂଶ ଟାଉନବସ ଅବସ୍ଥା ଏହିପରି । ପରିବେଶ ପ୍ରଦୂଷଣ ଦୃଷ୍ଟିରୁ ଏହା ଅତି ମାରାତ୍ମକ ।

ଆମ ଦେଶରେ ଅଧିକାଂଶ ସହରରେ ଚାଲୁଥିବା ବହୁ ଯାନବାହନର ଇଞ୍ଜିନ୍ ଠିକ୍ ଅବସ୍ଥାରେ ନଥାଏ । ଏଥିରୁ ଅଧିକ ଧୂମ ଓ ଶବ୍ଦ ବାହାରେ । ପୁନଶ୍ଚ ଓ ସର୍ବସାଧାରଣଙ୍କ ପାଇଁ ବ୍ୟବହୃତ ଏପରି ଯାନବାହନଗୁଡ଼ିକୁ ବସଷ୍ଟାଣ୍ଡ ବା ରାସ୍ତାକଡ଼ରେ ଇଞ୍ଜିନ୍ ଚାଲୁ କରି ଦୀର୍ଘ ସମୟ ଧରି ଠିଆକରି ରଖିବାର ଦେଖାଯାଏ । ଆମ ରାଜଧାନୀ ଭୁବନେଶ୍ୱରରେ ଚାଲୁଥିବା ଅଧିକାଂଶ ଟାଉନବସ ଅବସ୍ଥା ଏହିପରି । ପରିବେଶ ପ୍ରଦୂଷଣ ଦୃଷ୍ଟିରୁ ଏହା ଅତି ମାରାତ୍ମକ ।

ସ୍କୁଟର, ମୋଟର ସାଇକେଲ ଆଦି ଯାନରେ ଦୁଇଷ୍ଟ୍ରୋକ୍ ବିଶିଷ୍ଟ ପେଟ୍ରୋଲ ଇଞ୍ଜିନ୍ ବ୍ୟବହୃତ ହୁଏ । ଚାରିଷ୍ଟ୍ରୋକ୍ ଇଞ୍ଜିନ୍ ବିଶିଷ୍ଟ ଯାନଠାରୁ ଏହା ଅଧିକ ପ୍ରଦୂଷଣକାରୀ । କାରଣ ଏଥିରେ ଦହନ ହେଉଥିବା ବାୟୁ–ଇନ୍ଧନର ମିଶ୍ରଣରେ ଇନ୍ଧନର ଅନୁପାତ ତୁଳନାତ୍ମକ ଭାବେ ଅଧିକ । ଚାରିଷ୍ଟ୍ରୋକ୍ ଇଞ୍ଜିନ୍‌ଯୁକ୍ତ କାର, ବସ ଆଦି ଯାନରେ ଏହା ୧୪.୭:୧ ହେବା ସ୍ଥଳେ ଏଥିରେ ତାହା ୧୨:୧ ଅଟେ । ଅତଏବ ତାହାର ପୁଚ୍ଛଧୂମରେ ୧୦ରୁ ୩୦ ଗୁଣ ହାଇଡ୍ରୋକାର୍ବନ ଏବଂ ଯଥେଷ୍ଟ ଅଧିକ କାର୍ବନ ମନୋକ୍ସାଇଡ୍ ଥାଏ । ଅବଶ୍ୟ ଏଥିରେ ଯବକ୍ଷାରଜାନ୍ ଅକ୍ସାଇଡ଼ଗୁଡ଼ିକର ଅନୁପାତ କମ୍ ।

ମୋଟର ଯାନରୁ ନିର୍ଗତ ସମସ୍ତ ବାଷ୍ପୀୟ ବିଷାକ୍ତ ପଦାର୍ଥମାନଙ୍କର ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଏଗୁଡ଼ିକ ମାରାତ୍ମକ କୁପ୍ରଭାବମାନ ରହିଛି । ଅରଣ୍ୟସଂପଦ, କୃଷିଠାରୁ ଆରମ୍ଭ କରି ନଦୀ, ହ୍ରଦ, ଝରଣା ଇତ୍ୟାଦିର ଜଳଜ ଜୀବନ ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଥାଏ ।

ଏହି ଧୂଆଁର ଅନ୍ୟତମ ମୁଖ୍ୟ ପ୍ରଦୂଷଣକାରୀ ଉପାଦାନ କାର୍ବନ ମନୋକ୍ସାଇଡ୍, ଇନ୍ଧନର ଅସଂପୂର୍ଣ୍ଣ ଦହନ ହେତୁ ସୃଷ୍ଟି ହୋଇଥାଏ । ପେଟ୍ରୋଲ ଓ ଡିଜେଲ ଆଦି ହାଇଡ୍ରୋକାର୍ବନ ଭିତ୍ତିକ ଇନ୍ଧନ ଅଙ୍ଗାର ଏବଂ ଉଦ୍‌ଜାନ ପରମାଣୁ ନେଇ ଗଠିତ ରାସାୟନିକ ପଦାର୍ଥ । ଏହା ସଂପୂର୍ଣ୍ଣ ଦହନ ହେଲେ ବାୟୁର ଅମ୍ଳଜାନ ସହିତ ମିଳିତ ହୋଇ ତାହା ଯଥାକ୍ରମେ ଅଙ୍ଗାରକାମ୍ଳ ବାଷ୍ପ ଏବଂ ଜଳ ସୃଷ୍ଟି କରନ୍ତି । କିନ୍ତୁ ଦହନ ଅସଂପୂର୍ଣ୍ଣ ହେଲେ ଅଙ୍ଗାରକାମ୍ଳ ବାଷ୍ପ ପରିବର୍ତ୍ତେ କାର୍ବନ ମନୋକ୍ସାଇଡ୍ ଜାତ ହୁଏ । ଏହି କାରଣରୁ ଯାନ ସ୍ଥିର ଥିଲେ ଏହାର ଧୂଆଁରେ ଏ ବାଷ୍ପର ମାତ୍ରା ବୃଦ୍ଧି ଘଟେ । କାର୍ବନ ମନୋକ୍ସାଇଡ୍ ରକ୍ତର ହେମୋଗ୍ଲୋବିନ୍ ସହିତ ସହଜରେ ରାସାୟନିକ ବନ୍ଧନରେ ବାନ୍ଧି ହୋଇପଡ଼େ । ଫଳରେ ତାହାର ଅମ୍ଳଜାନ ବହନକାରୀ ଗୁଣ ନଷ୍ଟ ହୋଇଥାଏ । କାର୍ବନ ମନୋକ୍ସାଇଡ୍‌ର ରକ୍ତରେ ମିଶିବା ଗୁଣ ଅମ୍ଳଜାନଠାରୁ ଅନେକଗୁଣ ଅଧିକ ।

ସେହିପରି ନାଇଟ୍ରୋଜେନ ଅକ୍ସାଇଡ଼ ସେବନଦ୍ୱାରା ବିବିଧ ଶ୍ୱାସଜନିତ ବ୍ୟାଧିର ସମ୍ଭାବନା ବୃଦ୍ଧିପାଏ । ଏଥିଯୋଗୁଁ ସହରାଞ୍ଚଳରେ ବସବାସ କରୁଥିବା ଲୋକେ ଉପରୋକ୍ତ ରୋଗଦ୍ୱାରା ଅଧିକ ମାତ୍ରାରେ ଆକ୍ରାନ୍ତ ହୋଇଥାନ୍ତି । ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ଏହି ବିଷାକ୍ତ ବାଷ୍ପ ଉଦ୍ଭିଦ ଜଗତକୁ ମଧ୍ୟ ପ୍ରଭାବିତ କରେ ।

ଇନ୍ଧନରେ ଥିବା ହାଇଡ୍ରୋକାର୍ବନ ପୁଚ୍ଛଧୂମରେ ବାଷ୍ପ ଆକାରରେ ତଥା କ୍ଷୁଦ୍ରାଦପି କ୍ଷୁଦ୍ର କଣିକା ଆକାରରେ ନିର୍ଗତ ହୋଇ ବାୟୁରେ ମିଶି ଆମ ଫୁସ୍‌ଫୁସ୍ ମଧ୍ୟକୁ ପ୍ରବେଶ କରିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ । ପୁନଶ୍ଚ, ବାଷ୍ପୀଭୂତ ହାଇଡ୍ରୋକାର୍ବନର କିଛି ଅଂଶ ସୂର୍ଯ୍ୟାଲୋକ ଉପସ୍ଥିତିରେ ବାୟୁର ଅମ୍ଳଜାନ ସହିତ ମିଶି ଆଲଡ଼ିହାଇଡ୍‌ରେ ପରିଣତ ହୋଇଯାଏ । ଏହା ଆଖି ଓ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଏ । ଇଞ୍ଜିନର ଉତ୍ତାପ ହେତୁ ବାୟୁରେ ଥିବା ଯବକ୍ଷାରଜାନ ଓ ଅମ୍ଳଜାନ ମିଳିତ ହୋଇ ବିବିଧ ଅକ୍ସାଇଡ୍‌ସ ମଧ୍ୟ ସୃଷ୍ଟି କରନ୍ତି । ଏହି ଅମ୍ଳଗୁଣଧାରୀ ବାଷ୍ପଗୁଡ଼ିକ ଉଭୟ ଉଦ୍ଭିଦ ଏବଂ ମନୁଷ୍ୟ ସମେତ ଅନ୍ୟ ଜୀବମାନଙ୍କର ସ୍ୱାସ୍ଥ୍ୟହାନି ଘଟାଏ । ଯବକ୍ଷାରଜାନର ଅକ୍ସାଇଡ଼ଗୁଡ଼ିକ ଯାନବାହନରୁ ନିର୍ଗତ ହାଇଡ୍ରୋକାର୍ବନର ଧୂମରେ ସୂର୍ଯ୍ୟ କିରଣର ଉପସ୍ଥିତିରେ ମିଶି ପେରେକ୍ସି ଏସିଟୋ ନାଇଟ୍ରାଇଲ ନାମକ ବିପଜ୍ଜନକ ପଦାର୍ଥ ଉତ୍ପନ୍ନ କରେ । ଏଥିରୁ ସ୍ମଗ ସୃଷ୍ଟି ହୁଏ, ଯାହାକି ଶ୍ୱାସକ୍ରିୟାଜନିତ ବିବିଧ ବ୍ୟାଧିର କାରଣ । ଏହାବ୍ୟତୀତ ଯବକ୍ଷାରଜାନର ଅକ୍ସାଇଡ୍‌ମାନେ ଅମ୍ଳବୃଷ୍ଟିକୁ ତ୍ୱରାନ୍ୱିତ କରିବା ସଂଗେସଂଗେ ରବର ଓ କାର୍ପାସ ନିର୍ମିତ ବସ୍ତୁକୁ ମଧ୍ୟ କ୍ଷତି ପହଞ୍ଚାଏ । ପୁନଶ୍ଚ ଏହି ବାଷ୍ପଗୁଡ଼ିକ ସୂର୍ଯ୍ୟାଲୋକର ଉପସ୍ଥିତିରେ ଫ୍ରିରାଡ଼ିକାଲସ ଶ୍ରେଣୀର ନାନାଦି ସକ୍ରିୟ ପଦାର୍ଥ ସୃଷ୍ଟି କରନ୍ତି ଯାହାକି ଉଭୟ ପ୍ରାଣୀ ଓ ଉଦ୍ଭିଦଜଗତ ଲାଗି ହାନିକାରକ ।

ଯାନବାହନରୁ ନିର୍ଗତ ଧୂଆଁର ଅନ୍ୟତମ ଉପାଦାନ ସଲଫର୍ ଡାଇଅକ୍ସାଇଡ୍ ($SO2$) ଅମ୍ଳଗୁଣ ବିଶିଷ୍ଟ ଏବଂ ଏହା ଅମ୍ଳବୃଷ୍ଟିର ପ୍ରଧାନ କାରଣ । ଆମ ଶ୍ୱାସକ୍ରିୟା ବ୍ୟବସ୍ଥାକୁ ମଧ୍ୟ ଏହା କ୍ଷତିଗ୍ରସ୍ତ କରେ । ଅନ୍ୟ ପକ୍ଷରେ ଯାନବାହନର ପୁଚ୍ଛଧୂମରୁ ନିର୍ଗତ ଅଙ୍ଗାରକଣିକା ବିଷାକ୍ତ ନହେଲେ ବି ତାହା ଶ୍ୱାସକ୍ରିୟା ବ୍ୟବସ୍ଥାରେ ପ୍ରବେଶ କରି ତାହାକୁ ହାନି ପହଞ୍ଚାଇ ଥାଏ ।

ନିକଟରେ ମୁମ୍ବାଇଠାରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ସେଠାରେ ଯାନବାହନରୁ ପ୍ରତ୍ୟହ ୪୦,୦୦୦ ଟନ କାର୍ବନ ମନୋକ୍ସାଇଡ୍, ୫୮ ଟନ୍ ଯବକ୍ଷାରଜାନର ଅକ୍ସାଇଡ୍ ସମୂହ ୩୩୮ ଟନ ହାଇଡ୍ରୋକାର୍ବନ ଏବଂ ୮୨ ଟନ୍ ସଲ୍‌ଫର ଡାଇଅକ୍ସାଇଡ଼ ନିର୍ଗତ ହୁଏ । ଆମ ଦେଶର ଅନ୍ୟାନ୍ୟ ମହାନଗରୀର ଅବସ୍ଥା ପ୍ରାୟ ଏଭଳି ଏବଂ ଧୀରେ ଧୀରେ ଏଗୁଡ଼ିକର ମାତ୍ରା ବୃଦ୍ଧି ପାଇଲାଣି । ଅତଏବ ଏହି ଧାରା ଅବ୍ୟାହତ ରହିଲେ ସହର, ନଗରମାନଙ୍କରେ ବାୟୁ ପ୍ରଦୂଷଣ କ୍ରମାଗତ ଭାବେ ବଢ଼ି ଚାଲିବ ଏବଂ ଏହାର ଅଧିବାସୀମାନଙ୍କ ପାଇଁ ତାହା ଗଭୀର ଉଦ୍‌ବେଗର କାରଣ ହେବ ।

ପରିବେଶ ନିର୍ଦ୍ଦେଶକ
ଯୋଜନା ଆୟୋଗ, ନୂଆଦିଲ୍ଲୀ

❖ ❖ ❖

# ଓଡ଼ିଶାରେ ହାତୀ ଓ ମଣିଷ : ସମସ୍ୟା ଓ ସମାଧାନ

ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି
ଡକ୍ଟର ସଂଜୟ ନାରାୟଣ ଓତା

### ବିଶାଳକାୟ ପ୍ରାଣୀ ହାତୀ


ଆମ ଧରାପୃଷ୍ଠରେ ଡାଇନୋସୋରର ବିଲୋପନ ପରେ ହାତୀ ଧରାପୃଷ୍ଠର ସର୍ବବୃହତ୍ ସ୍ଥଳଚର ବଳଶାଳୀ ସ୍ତନ୍ୟପାୟୀ ଜୀବ । ଯୁଗ ଯୁଗ ଧରି ମଣିଷ ସେମାନଙ୍କୁ ନିଜ କାର୍ଯ୍ୟରେ ନିୟୋଜିତ କରି ଆସିଅଛି । ଆମର ବିଭିନ୍ନ ସାମାଜିକ ପରମ୍ପରାରେ ଏ ପ୍ରାଣୀ ଅତି ଗଭୀର ଭାବରେ ଜଡ଼ିତ । ଆମ ଦେଶରେ ହିନ୍ଦୁମାନେ ଘରେ ଘରେ ଓ ଶିକ୍ଷା ଅନୁଷ୍ଠାନମାନଙ୍କରେ ହାତୀ ମୁଣ୍ଡ ଥିବା ଠାକୁର ଗଜାନନଙ୍କୁ ପୂଜା କରନ୍ତି ଯେ ସେ ଜ୍ଞାନଦାତା, ଶକ୍ତିର ପ୍ରତୀକ ଓ ବିଘ୍ନ ବିନାଶକ । ଆହୁରି ମଧ୍ୟ ମହାଲକ୍ଷ୍ମୀଙ୍କ ବାହାନ ରୂପେ ହାତୀ ଶୋଭା ପାଇଥାଏ । ହିନ୍ଦୁ ସମାଜରେ ମନ୍ଦିର, ଘରକାନ୍ଥ, ଶାଢ଼ୀ, ଚାନ୍ଦୁଆ, ଅଳଙ୍କାର ଓ ବିଭିନ୍ନ ପଦାର୍ଥରେ ନିର୍ମିତ ହାତୀର କାରୁକାର୍ଯ୍ୟମାନ ଦେଖିବାକୁ ମିଳେ । ଆମର ପ୍ରାଚୀନ ସଭ୍ୟତାରେ ରାଜାରାଜୁଡ଼ାମାନେ ବିଭିନ୍ନ ସ୍ଥାନକୁ ଭ୍ରମଣ ସମୟରେ, ଯୁଦ୍ଧ ଓ ଶିକାର ସମୟରେ ହାତୀର ବ୍ୟବହାର କରୁଥିଲେ । ବିଶ୍ୱ ପ୍ରସିଦ୍ଧ ପୁରୀର ରଥଯାତ୍ରା ସମୟରେ ହାତୀମାନେ ବେଶ୍ ସହାୟତା ପ୍ରଦାନ କରୁଥିଲେ । ପୁରୀ ମନ୍ଦିରର ଚାରି ଦୁଆରକୁ ଗୋଟିଏ ଗୋଟିଏ ପ୍ରକାର ବିଶାଳକାୟ ପ୍ରାଣୀର ମୂର୍ତ୍ତି ଜଗି ରହିଛନ୍ତି । ସେ ମଧ୍ୟରୁ ଗୋଟିଏ ଦ୍ୱାରଦେଶରେ ହାତୀ ବିରାଜମାନ । ଦର୍ଶକମାନଙ୍କ ବିଭିନ୍ନ ମନୋମୁଗ୍ଧକର ଖେଳ ଦେଖାଇବା ପାଇଁ ସର୍କସମାନଙ୍କରେ ହାତୀମାନଙ୍କୁ ଉପଯୋଗ କରାଯାଇଥାଏ । ଚିଡ଼ିଆଖାନାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଆନ୍ତି ହାତୀ । ହାତୀମାନଙ୍କ ସଂରକ୍ଷଣ ପାଇଁ ୧୯୯୨ ମସିହାରୁ 'ହସ୍ତୀ ଯୋଜନା'ର ଶୁଭାରମ୍ଭ ହୋଇଛି । ଏସୀୟ ହାତୀର ସଂରକ୍ଷଣ ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ କେତେକ ପଦକ୍ଷେପ ନିଆଯାଇଛି । ଏହାସତ୍ତ୍ୱେ ୧୯୭୯ ମସିହାରେ ଓଡ଼ିଶା ଜଙ୍ଗଲରେ ୨,୦୪୪ଟି ହାତୀ ଥିବାବେଳେ ୨୦୦୨ରେ ହାତୀମାନଙ୍କ ସଂଖ୍ୟା ୧,୮୪୧କୁ ହ୍ରାସ ପାଇଛି । ଆଜିକାଲି ହାତୀଙ୍କ ବିଷୟରେ ପ୍ରତିଦିନ କିଛି ନା କିଛି ଖବର ଶୁଣିବାକୁ ମିଳୁଛି । ହାତୀ କେଉଁଠି ଚାଷ ଜମିରେ ପଶି ଫସଲ ନଷ୍ଟ କଲେଣିତ, କେଉଁଠି ଘରଦ୍ୱାର ଭାଙ୍ଗିଲେଣି । କେଉଁଠି ମନୁଷ୍ୟଙ୍କୁ ମାରିଲେଣିତ ଆଉ କେଉଁଠି ମନୁଷ୍ୟ ହାତରେ ଶିକାର ହେଲେଣି । ହାତୀଙ୍କର ଏପରି କାର୍ଯ୍ୟକଳାପ ଓଡ଼ିଶାରେ କିଛି ନୂଆ କଥା ନୁହେଁ । ତେବେ ହାତୀମାନେ ଅନେକ ସମୟରେ କାହିଁକି ଜଙ୍ଗଲରୁ ବାହାରି ଆସି ଚାଷ ଜମି ଓ ଜନବସତି ଆଡ଼କୁ ମୁହାଁଉଛନ୍ତି, ସେ ସମ୍ବନ୍ଧରେ ତର୍ଜମା କରିବା ଓ ଆବଶ୍ୟକୀୟ ପଦକ୍ଷେପ ନେବାର ଆବଶ୍ୟକତା ସମେତ ସତର୍କତା ତଥା ସାବଧାନତା ଅବଲମ୍ବନ କରିବା ସମୟ ଆସିଯାଇଛି ।



### ହାତୀ ଓ ସେମାନଙ୍କର ଜୀବନଯାପନ ପ୍ରଣାଳୀ

ଅଧୁନା ପୃଥିବୀ ପୃଷ୍ଠରେ ଦୁଇଟି ପ୍ରଜାତିର ହାତୀ ଦେଖାଯାଉଛନ୍ତି । ସେଥିମଧ୍ୟରୁ ଗୋଟିଏ ଘଞ୍ଚ ଜଙ୍ଗଲ ଭରା ଆଫ୍ରିକା ମହାଦେଶରେ ଦେଖାଯାଉଥିବାବେଳେ ଅନ୍ୟଟି ଏସିଆ

ମହାଦେଶରେ ଦେଖାଯାଇଥାଆନ୍ତି । ଆଫ୍ରିକା ମହାଦେଶରେ ଦେଖାଯାଉଥିବା ଅଣ୍ଡିରା ହାତୀ ସ୍ଥଳଭାଗର ଜୀବନ୍ତ ପ୍ରାଣୀମାନଙ୍କ ମଧ୍ୟରେ ସବୁଠାରୁ ବଡ଼ । ଠିଆ ହେଲେ ତା'ର ଉଚ୍ଚତା ପ୍ରାୟ ୪ ମିଟର ଓ ଓଜନ ପାଖାପାଖି ୬,୦୦୦ କି.ଗ୍ରା. । ଏସିଆ ମହାଦେଶର ଅଣ୍ଡିରା ହାତୀର ଉଚ୍ଚତା ପ୍ରାୟ ୩.୨ ମିଟର ଓ ଓଜନ ପ୍ରାୟ ୫,୪୦୦ କି.ଗ୍ରା. ଏବଂ ମାଈ ହାତୀର ଓଜନ ୪୦୦୦ କି.ଗ୍ରା. ଓ କାନ୍ଧ ଯାଏଁ ଉଚ୍ଚତା ୨.୫ ମିଟର । ଗୋଟିଏ ଗୋଟିଏ ଗୋଠରେ ଚାରି–ପାଞ୍ଚଟି ହାତୀ ଦେଖିବାକୁ ମିଳନ୍ତି । ଏମାନେ ସମସ୍ତେ ଗୋଟିଏ ପରିବାରର ପ୍ରାୟ ସମସ୍ତେ ମାଈ । ବେଳେ ବେଳେ ଅଣ୍ଡିରା ହାତୀ ଛୁଆ ଦେଖିବାକୁ ମିଳନ୍ତି । ତା'ର ବୟସ ପାଞ୍ଚ, ଛ' ବର୍ଷ ହୋଇଗଲେ ଅନେକ ସମୟରେ ସେ ଗୋଠରୁ ଅଲଗା ହୋଇ ବିଚରଣ କରିଥାଏ । ଅଣ୍ଡିରା ହାତୀଟିଏ ୨୫ ବର୍ଷ ବୟସ ବେଳକୁ ପୂରା ବଢ଼ି ସାରିଥାଏ । ମାଈ ହାତୀକୁ ୧୫ ବର୍ଷ ବୟସ ବେଳକୁ ଛୁଆ ଜନ୍ମ କରିବାର କ୍ଷମତା ଆସିଯାଇଥାଏ । ଏହି ବୟସରେ ପହଞ୍ଚିଲା ବେଳକୁ ଅଣ୍ଡିରା ଓ ମାଈ ହାତୀ ସାଥୀ ଖୋଜିବାକୁ ଆରମ୍ଭ କରନ୍ତି । ଅଣ୍ଡିରା ଦନ୍ତାହାତୀମାନେ ପ୍ରାୟତଃ ନିଃସଙ୍ଗ ଜୀବନଯାପନ କରନ୍ତି । ହାତୀର ଗର୍ଭଧାରଣା ସମୟ ପ୍ରାୟ ବାଇଶି ମାସ । ଏକ ସଦ୍ୟଜାତ ଛୁଆର ଓଜନ ପ୍ରାୟ ୯୦ କିଲୋଗ୍ରାମ । ଜନ୍ମ ହେବା ପରେ ଛୁଆଟି ମା'ଠାରୁ କ୍ଷୀର ଖାଏ ପ୍ରାୟ ଦଶ ଲିଟର । ଛୁଆଟି ଛ' ମାସର ହେଲା ବେଳକୁ ଦରକାର କରେ ପ୍ରାୟ କୋଡ଼ିଏ ଲିଟର କୋଲେଷ୍ଟରଲ ଯୁକ୍ତ ମା' କ୍ଷୀର । ହାତୀର ଶରୀର ଗଠନ ଏବଂ ଅସ୍ଥିଖଞ୍ଜା ଏପରି ଯେ, ହାତୀ ଗୋଟିଏ ସ୍ଥାନରେ ନିଶ୍ଚଳ ଅବସ୍ଥାରେ ଠିଆ ହୋଇ ରହିପାରେ ନାହିଁ । ମାତ୍ର ଆଗକୁ ଓ ପଛକୁ ଚାଲିପାରେ ଏବଂ ପାଣିରେ ପହଁରିପାରେ । ହାତୀମାନେ ଘଣ୍ଟା ଘଣ୍ଟା ଧରି ପାଣିରେ ରହିବାକୁ ଭଲ ପାଆନ୍ତି । ସେମାନେ ଶୁଣ୍ଢରେ ଥରକୁ ଥର ପାଣି ଭର୍ତ୍ତି କରନ୍ତି ଓ ଏହାକୁ ଦେହସାରା ପକାନ୍ତି । ଭାରତୀୟ ହାତୀର ଜୀବନ କାଳ ପ୍ରାୟ ୬୦–୭୦ ବର୍ଷ । ୫୦ ବର୍ଷ ବୟସ ହେଲାବେଳକୁ ହାତୀର ପେଷଣ ଦାନ୍ତଗୁଡ଼ିକ ଖସିପଡ଼େ । ଖାଦ୍ୟ ନପାଇପାରିବା ବା ହଜମ କରିନପାରିବା ଯୋଗୁଁ ସାଧାରଣତଃ ହାତୀର ପ୍ରାକୃତିକ ମୃତ୍ୟୁ ହୋଇଥାଏ । କିନ୍ତୁ, ହାତୀର ଅଧିକାଂଶ ଅସ୍ୱାଭାବିକ ମୃତ୍ୟୁ ପାଇଁ ମନୁଷ୍ୟ ହିଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଦାୟୀ ।




ଓଡ଼ିଶା ର ବିଭିନ୍ନ ସ୍ଥାନ ମାନଙ୍କ ରେ ହାତୀ ମାନଙ୍କ ର ଉପସ୍ଥିତି ।

### ସ୍ଥଳ ପରିବେଶରେ ହାତୀ

ସ୍ଥଳଚର ପ୍ରାଣୀମାନଙ୍କ ମଧ୍ୟରେ ହାତୀ ବୃହତ୍ତମ ହୋଇଥିବାରୁ ଏହା ବେଶୀ ପରିମାଣର ପୁଷ୍ଟିକର ଖାଦ୍ୟ ଦରକାର କରେ । ଗୋଟିଏ ପ୍ରାପ୍ତ ବୟସ୍କ ହାତୀ ଦିନକୁ ୧୨୫–୧୫୦ କିଲୋଗ୍ରାମ ଖାଦ୍ୟ ଓ ପିଇବା ପାଇଁ ପ୍ରାୟ ୧୫୦ ଲିଟର ପାଣି ଆବଶ୍ୟକ କରେ । ହାତୀ ଯେତିକି ଖାଏ ତା'ଠାରୁ ଅଧିକ ଖାଦ୍ୟ ନଷ୍ଟ କରେ । ଯାହା ଖାଏ, ତା'ର ଶତକଡ଼ା ପଚାଶଭାଗ କେବଳ ହଜମ କରେ । ଅବଶିଷ୍ଟ କଠିନ ତନ୍ତୁ ହିସାବରେ ମଳରେ ବାହାରିଯାଏ । ଖାଦ୍ୟର ଅନ୍ୱେଷଣ ଏବଂ ଆହରଣରେ ହାତୀ ଦିନକୁ ପ୍ରାୟ ଷୋହଳ ଘଣ୍ଟା ସମୟ ବିତାଇଥାଏ । ଓଡ଼ିଶାର ବଣ ଜଙ୍ଗଲରେ ହାତୀର ଖାଦ୍ୟୋପଯୋଗୀ ପ୍ରାୟ ଚାଳିଶ ଗୋଟି ବୃକ୍ଷ, ଲତା ଓ ଘାସ ଉପଲବ୍ଧ । ତେଣୁ ଘଞ୍ଚ ଜଙ୍ଗଲ ଅଞ୍ଚଳ ହିଁ ହାତୀ ପାଇଁ ଅନୁକୂଳ ପରିବେଶ । ହାତୀ ଖାଇବା ପରେ ମଳତ୍ୟାଗ କରିବାଦ୍ୱାରା ଆମ୍ବ, ପିଜୁଳି, ବେଲ, ମହୁଲ, ଲାଜକୁଳି ଆଦି ଉଦ୍ଭିଦର ବୀଜ ବିକ୍ଷେପରେ ହାତୀ ବିଶେଷ ସାହାଯ୍ୟ କରିଥାଏ । ହାତୀର ଗୋବର ଅନେକ ପ୍ରକାରର କୀଟ ଖାଦ୍ୟ ରୂପେ ତଥା ପ୍ରଜନନ ନିମିତ୍ତ ବ୍ୟବହାର କରିଥାଆନ୍ତି ।

### ଓଡ଼ିଶାରେ ହାତୀ

ଏସୀୟ ହାତୀ ସଂରକ୍ଷଣ କେନ୍ଦ୍ରର ଡଃ ଆର୍. ସୁକୁମାରଙ୍କ ସୂଚନା ଅନୁସାରେ ଭାରତରେ ଜଙ୍ଗଲୀ ଏସୀୟ ହାତୀ ସଂଖ୍ୟା ୧୭,୩୧୦ରୁ ୨୨,୧୧୫ ଭିତରେ ହେବ । ୧୯୭୯ ମସିହାରେ ଓଡ଼ିଶାର ଜଙ୍ଗଲରେ ୨,୦୪୪ଟି ହାତୀ ଥିଲାବେଳେ ଗତ ୧୯୯୯ ଗଣନାରେ ସେମାନଙ୍କ ସଂଖ୍ୟା ୧,୯୨୭ ଏବଂ ୨୦୦୨ରେ ଏମାନଙ୍କ ସଂଖ୍ୟା ୧,୮୪୧କୁ କମି ଆସିଛି । ଓଡ଼ିଶାର ଜଙ୍ଗଲ ମଧ୍ୟରେ ଶିମିଳିପାଳରେ ସର୍ବାଧିକ ପ୍ରାୟ ୫୧୨ଟି ହାତୀ ଥିବାର ଜଣାଯାଏ । ଓଡ଼ିଶାର କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା,

କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଢେଙ୍କାନାଳ, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା, ଗଜପତି ଜିଲ୍ଲାରେ ଏସୀୟ ହାତୀ ମୁଖ୍ୟତଃ ଦେଖାଯା'ନ୍ତି । ଓଡ଼ିଶାର ବିଭିନ୍ନ ବନଖଣ୍ଡରେ ସର୍ବମୋଟ ୧୮୪୧ଟି ହାତୀ ଅଛନ୍ତି (ସାରଣୀ–୧) । ସେଥିମଧ୍ୟରୁ ଅନୁଗୋଳ ବନମଣ୍ଡଳରେ ସର୍ବାଧିକ ୫୬୫ଟି ଓ ଶିମିଳିପାଳ ଅଭୟାରଣ୍ୟରେ ୫୧୨ଟି ହାତୀ ଅଛନ୍ତି । ରାଜ୍ୟରେ ହୋଇଥିବା ଅନେକ ଗବେଷଣା ଓ ସଂରକ୍ଷଣ ପ୍ରକଳ୍ପ ପରି ରାଜ୍ୟ ସରକାର ୧୯୯୧–୯୨ରେ ହାତୀ ପ୍ରକଳ୍ପ ଆରମ୍ଭ କରିଛନ୍ତି ।

### ହାତୀ ଓ ମଣିଷ ମଧ୍ୟରେ ସଂଘର୍ଷର କାରଣ ମାନ

୧. ଗ୍ରୀଷ୍ମଋତୁକୁ ବାଦ ଦେଲେ ବର୍ଷର ଅନ୍ୟ ସମୟରେ ହାତୀମାନେ ଜଙ୍ଗଲରୁ ସେମାନଙ୍କର ଖାଦ୍ୟ ପାଇଯାଆନ୍ତି । ହାତୀଙ୍କର ଖାଦ୍ୟ ଗୋମହିଷାଦି ଗୃହପାଳିତ ପଶୁମାନଙ୍କର ମଧ୍ୟ ଖାଦ୍ୟ । ଓଡ଼ିଶାରେ ଗାଈ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦି ଗୃହପାଳିତ ପଶୁଙ୍କ ସଂଖ୍ୟା ପ୍ରାୟ ଅଢ଼େଇ କୋଟି । ଏମାନଙ୍କ ମଧ୍ୟରୁ ଶତକଡ଼ା ତିନି ଚତୁର୍ଥାଂଶ ଜଙ୍ଗଲରେ ଚରନ୍ତି । ଗାଁଗଣ୍ଡାରେ ଥିବା ଗୋଚର ଜମିରୁ ଘାସ ପତ୍ର ମିଳୁ ନାହିଁ । ଗାଈଗୋରୁ ଓ ଅନ୍ୟାନ୍ୟ ତୃଣଭୋଜୀ ପ୍ରାଣୀ ଖାଦ୍ୟ ପାଇଁ ଜଙ୍ଗଲ ଉପରେ ହିଁ ନିର୍ଭର କରନ୍ତି । ତେଣୁ ଜଙ୍ଗଲରେ ହାତୀମାନଙ୍କର ଅନେକ ସମୟରେ ଖାଦ୍ୟାଭାବ ଦେଖାଦିଏ । ଏହି ପରିସ୍ଥିତିରେ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ବାହାରି ଆସି ଚାଷ ଜମି ଓ ଗାଁଗଣ୍ଡା ଆଡ଼କୁ ମୁହାଁଉଛନ୍ତି ।

**ସାରଣୀ–୧**

ଓଡ଼ିଶାର ବିଭିନ୍ନ ବନଖଣ୍ଡ ଓ ଅଭୟାରଣ୍ୟରେ ହାତୀଙ୍କ ସଂଖ୍ୟା

(ଗଣନା କାଳ : ୨୦୦୨)

| କ୍ର.ସଂ. | ବନମଣ୍ଡଳ/ ଅଭୟାରଣ୍ୟ | ଅଣ୍ଡିରା ହାତୀ | ମାଈ ହାତୀ | ଛୁଆ ଅନିଶ୍ଚିତ ଲିଙ୍ଗ | ମୋଟ ସଂଖ୍ୟା |
|---|---|---|---|---|---|
| ୧. | ଅନୁଗୋଳ ବନମଣ୍ଡଳ | ୧୧୦ | ୨୫୬ | ୧୯୯ | ୫୬୫ |
| ୨. | ବ୍ରହ୍ମପୁର ବନମଣ୍ଡଳ | ୨୪ | ୫୨ | ୪୪ | ୧୨୦ |
| ୩. | କୋରାପୁଟ ବନମଣ୍ଡଳ | ୧୯ | ୩୪ | ୮ | ୬୧ |
| ୪. | ସମ୍ବଲପୁର ବନମଣ୍ଡଳ | ୧୦୭ | ୨୮୩ | ୧୩୨ | ୫୧୨ |
| ୫. | ଚନ୍ଦକା ଅଭୟାରଣ୍ୟ | ୧୩ | ୩୦ | ୧୯ | ୬୨ |
| ୬. | ଶିମିଳିପାଳ ଅଭୟାରଣ୍ୟ | ୯୭ | ୨୮୩ | ୧୩୨ | ୫୧୨ |
| | **ସର୍ବମୋଟ** (ଓଡ଼ିଶା ରାଜ୍ୟ) | ୩୭୦ | ୯୪୦ | ୫୩୧ | ୧୮୪୧ |

୨. ଲୋକମାନେ ଗଛର ଡାଳ, ବାଉଁଶ, କାଠ, ଗୃହପାଳିତ ତୃଣଭୋଜୀ ପ୍ରାଣୀଙ୍କ ଖାଦ୍ୟ ଏବଂ ଅନ୍ୟାନ୍ୟ ବନ୍ୟଜାତ ଦ୍ରବ୍ୟ ପାଇଁ ପ୍ରତିଦିନ ଅନେକ ସଂଖ୍ୟାରେ ଜଙ୍ଗଲ ମଧ୍ୟକୁ ପ୍ରବେଶ କରୁଛନ୍ତି । ଏପରିକି ଘଞ୍ଚ ଜଙ୍ଗଲ ମଧ୍ୟରେ ଏଭଳି ସ୍ଥାନ ନାହିଁ ଯେଉଁଠି ମନୁଷ୍ୟର ପାଦ ନପଡ଼ୁଛି । ମନୁଷ୍ୟମାନଙ୍କର ଅନୁପ୍ରବେଶରେ ହାତୀ ଓ ଜଙ୍ଗଲର ଅନ୍ୟାନ୍ୟ ଜୀବଜନ୍ତୁ ଅତିଷ୍ଠ । ବେଲ, କେନ୍ଦୁ, ଆମ୍ବ, ଆମ୍ବଡ଼ା ପ୍ରଭୃତି ନାନାପ୍ରକାର ଫଳ, ଧାତୁକୀ, ମହୁଲ ପ୍ରଭୃତି ଫୁଲ ଓ ଆମଠୀ, ଶିଆଳୀ ଓ କାଞ୍ଜିକାଞ୍ଜିଆ ପ୍ରଭୃତି ପତ୍ର ହାତୀଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ । ଲୋକମାନେ ଏହିସବୁ ଫଳ, ଫୁଲ ଓ ପତ୍ରକୁ ଜଙ୍ଗଲରୁ ସଂଗ୍ରହ କରି ନିଜ ବ୍ୟବହାରରେ ଲଗାଉଛନ୍ତି । ଜଙ୍ଗଲରେ ହାତୀଙ୍କର ଖାଦ୍ୟାଭାବର ଏହା ଅନ୍ୟ ଏକ କାରଣ ।

୩. ମଣିଷମାନଙ୍କ କାର୍ଯ୍ୟକଳାପ ତଥା ଜଙ୍ଗଲ କ୍ଷୟ ଯୋଗୁଁ ହାତୀମାନଙ୍କର ବାସସ୍ଥାନ ସଙ୍କୁଚିତ ହୋଇ ଚାଲିଛି । ଯେଉଁଠି କିଛି ଜଙ୍ଗଲ ଅଛି ତା'ର ଗୁଣାତ୍ମକ ମାନ କମୁଛି । ଜଙ୍ଗଲ ଜଙ୍ଗଲ ମଧ୍ୟରେ ବୃକ୍ଷଲତାରେ ଆଚ୍ଛାଦିତ ପଥ ସବୁଥିଲା । ହାତୀମାନେ ଗୋଟିଏ ଜଙ୍ଗଲରୁ ଅନ୍ୟ ଏକ ଜଙ୍ଗଲକୁ ସ୍ୱଚ୍ଛନ୍ଦରେ ଯିବା ଆସିବା କରିପାରୁଥିଲେ । ଏପରିକି ଫୁଲବାଣୀ ଜଙ୍ଗଲର ହାତୀ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଜଙ୍ଗଲ ପର୍ଯ୍ୟନ୍ତ ଚାଲି ଚାଲି ଯାଇ ପାରୁଥିଲେ । ସେ ସବୁ ପଥ ଆଉ ନାହିଁ । ହାତୀଙ୍କ ପାଇଁ କରାଯାଇଥିବା ପଥ ସବୁ ଜନବସତି ଓ ଚାଷଜମିରେ ପରିଣତ ହୋଇଛି । ହାତୀମାନେ ଜଙ୍ଗଲରୁ ବାହାରିବା ମାତ୍ରେ ଲୋକଙ୍କ ଦୃଷ୍ଟିରେ ଆସୁଛନ୍ତି ଏବଂ ଅତ୍ୟାଚାରର ଶିକାର ହେଉଛନ୍ତି ।

୪. ଗର୍ଭାବସ୍ଥାରେ ଓ ଛୁଆ ପ୍ରସବ ପରେ ହାତୀଟି ଯଥେଷ୍ଟ ପରିମାଣର ଖାଦ୍ୟ ଦରକାର କରେ । ଖାଦ୍ୟ ଅନ୍ୱେଷଣ ପାଇଁ ବେଳେ ବେଳେ ଜଙ୍ଗଲ ବାହାରକୁ ଚାଲିଆସେ । ଭୟଭୀତ ହୋଇ ଲୋକେ ତାକୁ ଆକ୍ରମଣ କରନ୍ତି । ଫଳରେ ହାତୀ ଗର୍ଭପାତ ଏବଂ ହାତୀଶାବକ ମୃତ୍ୟୁ ଭଳି ଦୁଃଖଦ ଘଟଣାମାନ ଘଟେ ।

୫. ବୃଦ୍ଧାବସ୍ଥାରେ ହାତୀମାନଙ୍କ କଳଦାନ୍ତ ଘୋରି ହୋଇଯାଏ । ଗୋଟିଏ ଗୋଟିଏ କଳଦାନ୍ତର ଓଜନ ପ୍ରାୟ ୩ କି.ଗ୍ରା. । ଏହି ଅବସ୍ଥାରେ ହାତୀଟି କଠିନ ତନ୍ତୁଯୁକ୍ତ ଖାଦ୍ୟ ଚୋବାଇ ପାରେ ନାହିଁ । କୋମଳ ଖାଦ୍ୟର ସନ୍ଧାନରେ ଜଙ୍ଗଲରୁ ବାହାରି ଧାନ, ଆଖୁ ଓ କଦଳୀ ଗଛର ଲୋଭରେ ଚାଷଜମି ଏବଂ ଜନବସତି ଆଡ଼କୁ ମୁହାଁଏ । ତେଣୁ ମଣିଷ ହାବୁଡ଼ରେ ପଡ଼ି ଅସୁବିଧାର ସମ୍ମୁଖୀନ ହୁଏ ।

୬. ସ୍ଥଳଚର ଜୀବମାନଙ୍କ ଭିତରେ ହାତୀ ସବୁଠାରୁ ବଡ଼ ହୋଇଥିବାରୁ ତା'ର ଚରାବୁଲା ପାଇଁ ବିସ୍ତୃତ ଅଞ୍ଚଳ, ବହୁପରିମାଣର ଖାଦ୍ୟ ଓ ଜଳ ଦରକାର ହୁଏ । ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧି ହେତୁ ଅଧିକ ଚାଷଜମି ଓ ବାସଗୃହମାନ ତିଆରି କରାଯାଉଛି । ଜଙ୍ଗଲ କ୍ଷୟ ଓ ଖଣିଖୋଳା ଆଦି କାମ ପାଇଁ ହାତୀର ଆବାସସ୍ଥଳୀ ସଂକୁଚିତ ହେଉଛି । କେତେକ ସ୍ଥାନରେ ଜଳବିଦ୍ୟୁତ୍ ପ୍ରକଳ୍ପ ସ୍ଥାପନ କରାଯିବାଦ୍ୱାରା ଆବାସସ୍ଥଳୀ ପାଣିରେ ବୁଡ଼ି ଯାଉଛି । ହାତୀର ଚଳପ୍ରଚଳ ପାଇଁ ଯଥେଷ୍ଟ ଜାଗା, ଖାଦ୍ୟ ଓ ପାଣିର ଅଭାବ ଯୋଗୁଁ ମଣିଷ ଓ ହାତୀ ମଧ୍ୟରେ ସଂଘର୍ଷ ବଢ଼ୁଛି । ଓଡ଼ିଶାରେ ବିଶେଷ ଭାବରେ ବିଖଣ୍ଡିତ ହୋଇଥିବା ହସ୍ତୀ ଆବାସସ୍ଥଳୀଗୁଡ଼ିକ ହେଉଛି ଚନ୍ଦକା, କପିଳାସ, ଶିମିଳିପାଳ, ଛେଣ୍ଡିପଦା, କୁଳଡ଼ିହା, ମାଲ୍ୟଗିରି, ସାତକୋଶିଆ, ରେଢ଼ାଖୋଲ, ଲଖାରି ଓ ଗୁଣୁପୁର । ହାତୀ ସଂଖ୍ୟା କମିବାରେ ଏହା ହେଉଛି ମୁଖ୍ୟ କାରଣ ।

୭. ପୋଡୁଚାଷ, ଦାନ୍ତ ପାଇଁ ଦନ୍ତାହାତୀର ଶିକାର, ଧାତବ ପଦାର୍ଥ ଉତ୍ତୋଳନ ଯୋଗୁଁ ଖଣି ଖନନ, ଜଙ୍ଗଲରେ ନିଆଁ ଲାଗିବା, ଖରାଦିନରେ ଜଙ୍ଗଲରେ ଜଳର ଅଭାବ, ହାତୀମାନଙ୍କ କବଳରୁ ଫସଲ ଓ ବାସଗୃହ ରକ୍ଷା କରିବା ପାଇଁ ହାତୀ ଶିକାର, ବିଭିନ୍ନ ରୋଗ ସଂକ୍ରମଣ ଜନିତ ମୃତ୍ୟୁ, ବିଜୁଳିତାର ଆଘାତରେ ମୃତ୍ୟୁ, ରେଳଗାଡ଼ି ସହିତ ଧକ୍କା ଓ ଅନ୍ୟାନ୍ୟ ଦୁର୍ଘଟଣା ଯୋଗୁଁ ହାତୀର ଅସ୍ୱାଭାବିକ ମୃତ୍ୟୁ ଘଟିଛି ଓ ସଂଖ୍ୟା ହ୍ରାସ ଘଟୁଛି ।

୮. ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା ଅଭୟାରଣ୍ୟରେ ୬୨ଟି ହାତୀ ଅଛନ୍ତି । ୫୦୦ ବର୍ଗକିଲୋମିଟର ଭଳି ବିରାଟ ଜଙ୍ଗଲରେ ବୁଲିବା ଅଭ୍ୟାସ ଥିବା ପ୍ରାଣୀଟି ସୀମିତ ଜଙ୍ଗଲରେ ଆବଦ୍ଧ ହେବାଦ୍ୱାରା ବେଳେବେଳେ ବୁଲୁବୁଲୁ ହାତୀମାନେ ଜଙ୍ଗଲ ଡେଇଁ ଗ୍ରାମ ଓ ସହରକୁ ଚାଲି ଆସୁଛନ୍ତି । ଏମାନେ ଫସଲ ନଷ୍ଟ କରିବା ସଙ୍ଗେସଙ୍ଗେ ମଣିଷକୁ ମୃତାହତ କରନ୍ତି । ହାତୀର ଆବାସସ୍ଥଳୀ ସଙ୍କୋଚନ ସତ୍ତ୍ୱେ ବର୍ଷର ଅଧିକାଂଶ ସମୟ ଜଙ୍ଗଲରେ ରହି ଲୋକମାନଙ୍କ ସଂସ୍ପର୍ଶରେ ନ ଆସିବାକୁ ସେମାନେ ଚେଷ୍ଟା କରନ୍ତି । ମାତ୍ର ବ୍ୟାପକ ଜଙ୍ଗଲକ୍ଷୟ ଯୋଗୁଁ ଖାଦ୍ୟ ଓ ପାଣିର ଅଭାବ ହେତୁ, ବିଶେଷକରି ଫସଲ ଅମଳ ପୂର୍ବରୁ ଆମ୍ବ, ପଣସ ପାଚିବା ସମୟରେ, ମହୁଲ ପଡ଼ିବା ସମୟରେ, ଏମାନେ ଏସବୁ ସୁସ୍ୱାଦୁ ଖାଦ୍ୟର ଆକର୍ଷଣରେ ଜଙ୍ଗଲରୁ ବାହାରି ଆସନ୍ତି । ଜଙ୍ଗଲ ନିକଟବର୍ତ୍ତୀ ଗାଁମାନଙ୍କରେ ଘରେ ରଖାଯାଇଥିବା ଧାନ, ନଡ଼ିଆ, କଦଳୀ ଓ ଦେଶୀ ମଦ ବାସ୍ନାରେ ଅନେକ ସମୟରେ ଘରକୁ ଆକ୍ରମଣ କରି ବାସଗୃହର କାନ୍ଥ ଭାଙ୍ଗି ଦିଅନ୍ତି ଯାହାଫଳରେ ଲୋକମାନେ ବେଳେବେଳେ କାନ୍ଥ ତଳେ ଚାପି ହୋଇ ମୃତ୍ୟୁ ବରଣ କରନ୍ତି । ଏଭଳି ଘଟଣାମାନ ପ୍ରାୟ କେନ୍ଦୁଝର ଓ ସମ୍ବଲପୁର ଜିଲ୍ଲାରେ ଅଧିକ ଦେଖିବାକୁ ମିଳିଥାଏ ।

### ହାତୀ ସଂରକ୍ଷଣର ଆବଶ୍ୟକତା

ନିମ୍ନଲିଖିତ କାରଣ ପାଇଁ ବଣରେ ହାତୀମାନଙ୍କର ସଂରକ୍ଷଣ ଏକାନ୍ତ ଆବଶ୍ୟକ ।

୧. ବଣର ଜୀବଜନ୍ତୁ ହିଁ ଜଙ୍ଗଲର ପ୍ରକୃଷ୍ଟ ସୌନ୍ଦର୍ଯ୍ୟ ଓ ଆକର୍ଷଣ । ତେଣୁ ଏମାନଙ୍କର ସୁରକ୍ଷା ନିହାତି ଦରକାର ।

୨. ଜୈବମଣ୍ଡଳରେ ସନ୍ତୁଳନ ରକ୍ଷା କରିବା ପାଇଁ ବନ୍ୟଜୀବ ସଂରକ୍ଷଣର ଆବଶ୍ୟକତା ରହିଛି ।

୩. ଜୈବ ବିଭିନ୍ନତାରେ ଏହା ସହାୟକ ହୋଇଥାଏ ।

୪. ବନ୍ୟଜୀବମାନଙ୍କୁ ସମୁଚିତ ଭାବରେ ରକ୍ଷା କରିବାଦ୍ୱାରା ହିଁ ମନୁଷ୍ୟ ସେମାନଙ୍କ ଦୌରାତ୍ମ୍ୟରୁ ନିଜକୁ ରକ୍ଷା କରିପାରେ ।

୫. ହାତୀ ସଂରକ୍ଷଣଦ୍ୱାରା ପ୍ରାକୃତିକ ଉପାୟରେ ଜଙ୍ଗଲ ସୁରକ୍ଷା ସମ୍ଭବପର ହୋଇଥାଏ ।

ହାତୀମାନଙ୍କର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ

ଏହି ବିଶାଳକାୟ ତୃଣଭୋଜୀ ପ୍ରାଣୀର ସୁରକ୍ଷା ଓ ସଂରକ୍ଷଣ କରିବାକୁ ହେଲେ ନିମ୍ନଲିଖିତ କେତେକ ବିଷୟରେ ଧ୍ୟାନ ଦେବାକୁ ପଡ଼ିବ ।

୧. ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଲୋକଙ୍କୁ ଅନ୍ୟତ୍ର ଥଇଥାନ ଠିକ୍ ଭାବରେ କରିବା ।

୨. ବନ୍ୟଜୀବ ସଂରକ୍ଷଣ ନିମନ୍ତେ କେତେକ ଜାଗାରେ ନିଷିଦ୍ଧାଞ୍ଚଳ ସୃଷ୍ଟି କରିବା ଦରକାର । ଏହାର ମୂଳ ଲକ୍ଷ୍ୟ ହେଉଛି – ବନ୍ୟ ଜୀବମାନଙ୍କୁ ସେମାନଙ୍କର ନିଜ ବଣ ରାଜ୍ୟରେ ସଂରକ୍ଷିତ କରି ରଖିବା ।

୩. ଜଙ୍ଗଲ ମଧ୍ୟରେ କରିଡ଼ର ନିର୍ମାଣ ଓ ତା'ର ସ୍ଥାୟୀ ସ୍ଥିତି ଉପରେ ଗୁରୁତ୍ୱ ଦିଆଯିବା ଉଚିତ ।

୪. ଟ୍ରେଞ୍ଚ ଖୋଳାଯିବା ଓ ତା'ର ସ୍ଥାୟିତ୍ୱ ପାଇଁ ଗୁରୁତ୍ୱ ଦେବା ।

୫. ଜଙ୍ଗଲର ସୁରକ୍ଷା ନିମନ୍ତେ ଗୃହପାଳିତ ପଶୁମାନଙ୍କୁ ଜଙ୍ଗଲକୁ ନଛାଡ଼ିବା ଆବଶ୍ୟକ ।

୬. ହାତୀ ଯେଉଁଠି ଫସଲ ନଷ୍ଟ କରୁଛି, ଘର ଭାଙ୍ଗୁଛି ଅଥବା ଗୃହପାଳିତ ପଶୁ କିମ୍ବା ମନୁଷ୍ୟକୁ ମାରୁଛି, ସରକାର ଯଥେଷ୍ଟ ଆର୍ଥିକ ସହାୟତା ଦେଇ କ୍ଷତି ଭରଣା କରିବା ଓ ଗ୍ରାମବାସୀମାନଙ୍କୁ ପ୍ରୋତ୍ସାହନ ଦେଇ ହାତୀମାନଙ୍କର ଯାତାୟାତକୁ ନିୟନ୍ତ୍ରଣ କରିବା ।

୭. ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବନ୍ୟଜନ୍ତୁର ବେଆଇନ ବ୍ୟବସାୟକୁ ନିଷେଧ କରିବା ।

୮. ଶିକାରକୁ ସମ୍ପୂର୍ଣ୍ଣ ନିଷେଧ ଓ ଶିକାରୀଙ୍କୁ କଠିନ ଦଣ୍ଡ ଦେବାର ବ୍ୟବସ୍ଥାକୁ କଡ଼ାକଡ଼ି ଭାବରେ ଲାଗୁ କରିବା ।

୯. ବନ୍ୟ ଜନ୍ତୁ ସଂରକ୍ଷଣ ନିୟମଗୁଡ଼ିକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ।

୧୦. ସର୍ବୋପରି ଜନସଚେତନତା ସୃଷ୍ଟି ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

ଅନ୍ୟ ସବୁ ପ୍ରାଣୀମାନଙ୍କ ପରି ହାତୀ ଏକ ପ୍ରାଣୀ । ତାଙ୍କ ଆବାସସ୍ଥଳୀ ସଙ୍କୋଚନ, ତାଙ୍କ ବିଚରଣ ସ୍ଥଳୀ ପାଖରେ କୋଳାହଳମୟ ପରିସ୍ଥିତିର ସୃଷ୍ଟି ଏବଂ ଉଜ୍ଜ୍ୱଳ ଆଲୋକ ଆଦିର ବ୍ୟବସ୍ଥା ହିଁ ସେମାନଙ୍କୁ ବ୍ୟତିବ୍ୟସ୍ତ କରିବା ସ୍ୱାଭାବିକ । ସେଥିପାଇଁ ସେମାନେ ଜନବସତି ଆଡ଼କୁ ମୁହାଁଇ ଜନଜୀବନ ହାନୀ କରିବାରେ ପଶ୍ଚାତ୍‌ପଦ ହେଉନାହାନ୍ତି । ସର୍ବୋପରି ସେମାନଙ୍କ ପାଇଁ ଅନେକ ଦୂରରେ ଜଙ୍ଗଲ ସୃଷ୍ଟି କରାଯାଇପାରିଲେ ସେମାନେ ନିର୍ଭୟ ଓ ନିର୍ଦ୍ୱନ୍ଦ୍ୱରେ ରହି ପାରିବେ ତଥା ତାଙ୍କର ବଂଶବୃଦ୍ଧି ଘଟିପାରିବ । ଏ ବିଶାଳକାୟ ପ୍ରାଣୀ ପ୍ରତି ଆମେ ସମସ୍ତେ ସଚେତନତା ହେବା ନିମନ୍ତେ ଓଡ଼ିଶା ରାଜ୍ୟ ସରକାର ବନ୍ୟ ପ୍ରାଣୀ ସପ୍ତାହ ମଧ୍ୟରୁ ଗୋଟିଏ ଦିନ ହସ୍ତୀ ଦିବସ ଭାବରେ ପାଳନ କରିବାର ପ୍ରୟାସ ଜାରି ରଖିଛନ୍ତି । କେବଳ ସରକାର କାହିଁକି ଆମେ ସମସ୍ତେ ସଚେତନ ହେଲେ ଏ ପ୍ରାଣୀ ରକ୍ଷା ପାଇପାରିବା ଏଥିରେ ସନ୍ଦେହ ନାହିଁ ।

ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର–୭୫୧୦୦୪

ବିଜୁ ପଟ୍ଟନାୟକ ବିଜ୍ଞାନ ଓ ଶିକ୍ଷା ମହାବିଦ୍ୟାଳୟ
ଜୟଦେବ ବିହାର,
ଭୁବନେଶ୍ୱର–୭୫୧୦୧୩

❖ ❖ ❖

# ଆନ୍ତର୍ଜାତୀୟ କ୍ରୀଡ଼ାରେ ଭାରତର ସ୍ଥାନ

ନାରାୟଣ ପ୍ରସାଦ ଦାସ

ଚଳିତ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ଆମ ଦେଶର ଜନସଂଖ୍ୟା ଶହେ କୋଟି ଅତିକ୍ରମ କରିସାରିଛି । ଜନସଂଖ୍ୟା ବୃଦ୍ଧିର ଆନୁପାତିକ ହାର ସହିତ ବିଭିନ୍ନ କ୍ଷେତ୍ରରେ ଭାରତର ଅଭିବୃଦ୍ଧିର ତୁଳନାତ୍ମକ ପରିସଂଖ୍ୟାନ ପ୍ରତି ଆଲୋକପାତ କଲେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେଉ ଯେ ଅନେକ କ୍ଷେତ୍ରରେ ଆମେ ଆଶାନୁରୂପ ପ୍ରଗତି ହାସଲ କରିପାରିନାହୁଁ । ତନ୍ମଧ୍ୟରୁ କ୍ରୀଡ଼ାରେ ପ୍ରଗତି ଅନ୍ୟତମ । ଏଠାରେ 'ପ୍ରଗତି'ର ଅର୍ଥ ଆନ୍ତର୍ଜାତିକସ୍ତରୀୟ ପ୍ରତିଯୋଗିତାରେ ଭାରତର ସାଫଲ୍ୟକୁ ବୁଝାଏ ।

ସମସ୍ତେ ଆମ ସହିତ ଏକମତ ହେବେ ଯେ ଆମେମାନେ ଆଧୁନିକ ଅଲମ୍ପିକ କ୍ରୀଡ଼ାରେ ଯେତେଗୋଟି ସ୍ୱର୍ଣ୍ଣପଦକ ହାସଲ କରିଛୁଁ ତାହା କେବଳ ଆମର ଜାତୀୟ କ୍ରୀଡ଼ା ହକିରେ । ଭାରତର ଏହି ସ୍ୱର୍ଣ୍ଣିମ ଅଭିଯାନ ଆରମ୍ଭ ହୋଇଥିଲା ୧୯୨୮ର ଆମ୍ଷ୍ଟରଡାମ୍ ଅଲମ୍ପିକ୍ କ୍ରୀଡ଼ାରୁ । ୧୯୩୨ ମସିହାର ଲସ୍‌ଏଞ୍ଜେଲସ୍, ୧୯୩୬ ମସିହାର ବର୍ଲିନ୍, ୧୯୪୮ ମସିହାର ଲଣ୍ଡନ, ୧୯୫୨ ମସିହାର ହେଲ୍‌ସିଙ୍କି ଓ ୧୯୫୬ ମସିହାର ମେଲବୋର୍ଣ୍ଣ ଅଲମ୍ପିକ ପର୍ଯ୍ୟନ୍ତ ଏହି ଜୟଯାତ୍ରା ଅବ୍ୟାହତ ରହିଥିଲା । ୧୯୬୦ ମସିହାର ରୋମ୍ ଅଲମ୍ପିକ୍‌ରେ ଚିରାଚରିତ ପ୍ରତିଦ୍ୱନ୍ଦୀ ପାକିସ୍ଥାନଠାରୁ ପରାଜୟ ବରଣ କରି ଭାରତ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିବାକୁ ବାଧ ହେଲା । ପୁନଶ୍ଚ ୧୯୬୪ ମସିହାରେ ଜାପାନ୍‌ର ଟୋକିଓଠାରେ ଅନୁଷ୍ଠିତ ଅଲମ୍ପିକ୍ କ୍ରୀଡ଼ାରେ ଆମେ ଏହାର ପ୍ରତିଶୋଧ ନେଲୁ ଓ ଚରମ ଉତ୍କଣ୍ଠା ପୂର୍ଣ୍ଣ ଫାଇନାଲ୍‌ରେ ୧–୦ ଗୋଲ୍‌ରେ ପାକିସ୍ଥାନକୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କଲୁଁ । ଏହାପରଠାରୁ ହକିରେ ଆମର ବିପର୍ଯ୍ୟୟର ଧାରା ଆରମ୍ଭ ହେଲା । ୧୯୬୮ ମସିହାର ମେକ୍‌ସିକୋ ସିଟି ଅଲମ୍ପିକ୍‌ରେ ତୃତୀୟ ଓ ୧୯୭୨ ମସିହାର ମ୍ୟୁନିକ୍ ଅଲମ୍ପିକ୍ସରେ ତୃତୀୟ ସ୍ଥାନ ହାସଲ କରିଥିବା ଆମର ହକିଦଳ ୧୯୭୬ ମସିହା ମଣ୍ଟ୍ରିଲ୍ ଅଲମ୍ପିକ୍‌ରେ ନୈରାଶ୍ୟଜନକ ଭାବେ ସପ୍ତମ ସ୍ଥାନ ଅଧିକାର କଲା । ଅବଶ୍ୟ ୧୯୮୦ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ମିତ୍ର ରାଷ୍ଟ୍ରମାନେ ମସ୍କୋ ଅଲମ୍ପିକ୍‌କୁ ବର୍ଜନ କରିବାରୁ ଭାରତ ପୁଣି ହକିରେ ସ୍ପେନ୍‌କୁ ୪–୩ ଗୋଲ୍‌ରେ ହରାଇ ଅଦ୍ୟାବଧି ଅଲମ୍ପିକ୍‌ରେ ତା'ର ଶେଷ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା । ତାହା ପରଠାରୁ ଅଲମ୍ପିକ୍‌ରେ ଆମର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟ ଜନକ ରହିଛି କହିଲେ ଭୁଲ୍ ହେବନି । ଅନ୍ୟ ଦଳଗତ କ୍ରୀଡ଼ାରେ ମଧ୍ୟ ଆମର ସ୍ଥିତି ନଗଣ୍ୟ, କାରଣ ଅନ୍ୟତମ ଲୋକପ୍ରିୟ ଖେଳ ଫୁଟବଲ୍‌ରେ ଆମର ସ୍ଥାନ ବିଶ୍ୱରେ ବହୁପଛରେ । ଅଲମ୍ପିକ୍ କ୍ରୀଡ଼ାରେ କେବଳ ୧୯୫୬ ମସିହାର ମେଲ୍‌ବୋର୍ଣ୍ଣ କ୍ରୀଡ଼ାରେ ଆମେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିଲୁଁ କିନ୍ତୁ ବୁଲ୍‌ଗେରିଆଠାରୁ ୩–୦ରେ ପରାଜିତ ହୋଇ ଚତୁର୍ଥ ସ୍ଥାନରେ ରହିଲୁ । ଅବଶ୍ୟ ସଦ୍ୟ ସମାପ୍ତ ଜବାହରଲାଲ୍ ନେହେରୁ ଗୋଲ୍ଡ କପ୍‌ରେ ଚମ୍ପିଆନ୍ ହେବାଦ୍ୱାରା ଭାରତୀୟ ଫୁଟବଲ ପ୍ରେମୀଙ୍କ ମନରେ ଏହା ବହୁତ ଉତ୍ସାହ ଭରି ଦେଇଛି କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ ବିଶ୍ୱ ଫୁଟବଲ୍ ମାନଚିତ୍ରରେ ସ୍ଥାନ ପାଇବାକୁ ହେଲେ ଫିଫା ବିଶ୍ୱ କପ୍ ଓ ଅଲମ୍ପିକ୍ସରେ ଉତ୍ତମ ପ୍ରଦର୍ଶନ ଏକାନ୍ତ ଜରୁରୀ ।

ଏହି ଦୁଇଟି କ୍ରୀଡ଼ା ବ୍ୟତୀତ ଯେଉଁ ଦଳଗତ କ୍ରୀଡ଼ାରେ ବିଶ୍ୱବାସୀ ଆମକୁ ଜାଣନ୍ତି ତାହା ହେଲା 'କ୍ରିକେଟ' । ବର୍ତ୍ତମାନ ଆମ ଦେଶର ଯୁବଗୋଷ୍ଠୀଙ୍କର ଏହା ଅତ୍ୟନ୍ତ ପ୍ରିୟ । ଗାଁଗଣ୍ଡାର ବିଲ୍ ପଡ଼ିଆଠାରୁ ସହରର ଗଳିକନ୍ଦିରେ ସ୍କୁଲ, କଲେଜର ଛାତ୍ରମାନେ ଏଥିରେ ମସ୍‌ଗୁଲ୍ । କିନ୍ତୁ ଏହା ଅଦ୍ୟାବଧି ଅଲମ୍ପିକ୍ କ୍ରୀଡ଼ାରେ ସାମିଲ୍ ହୋଇନାହିଁ ଓ ଖୁବ୍ କମ୍ ଦେଶ ଏହାକୁ ଖେଳୁଛନ୍ତି । ତଥାପି ଲୋକପ୍ରିୟତାରେ ଏହା ବର୍ତ୍ତମାନ ଭାରତରେ ଶୀର୍ଷରେ । ସେଥିରେ ଆମର ପ୍ରଦର୍ଶନକୁ ବିଚାରକୁ ନିଆଯାଉ । ୧୯୮୩ ମସିହାର ପ୍ରୁଡେନ୍‌ସିଆଲ୍ ବିଶ୍ୱକପ୍ ଓ ୧୯୮୫ ମସିହାର ବେନ୍‌ସନ୍

ଆଣ୍ଡ୍ ହେଜେସ କପ୍‌ରେ ଭାରତ ଚମ୍ପିଆନ୍ ହୋଇ ବିଶ୍ୱରେ ଚହଳ ସୃଷ୍ଟି କରିବା ପରଠାରୁ ଭାରତର ଅଗଣିତ ନରନାରୀ ଏହି କ୍ରୀଡ଼ାକୁ ଆପଣେଇ ନେଇଛନ୍ତି । କିନ୍ତୁ ତା'ପରଠାରୁ ଆଉ କୌଣସି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଆମକୁ ସଫଳତା ମିଳିନଥିଲା । ସେପ୍ଟେମ୍ବର ୨୪ ତାରିଖରେ ଦକ୍ଷିଣ ଆଫ୍ରିକାର ଜୋହାନ୍‌ସବର୍ଗରେ ଅନୁଷ୍ଠିତ ପ୍ରଥମ ଟ୍ୱେଣ୍ଟି–ଟ୍ୱେଣ୍ଟି ବିଶ୍ୱକପ୍ ଫାଇନାଲରେ ଚିରାଚରିତ ପ୍ରତିଦ୍ୱନ୍ଦୀ ପାକିସ୍ଥାନକୁ ୫ ରନ୍‌ରେ ପରାସ୍ତ କରି ଭାରତ ଦୀର୍ଘ ଦୁଇ ଦଶନ୍ଧି ପରେ ବିଶ୍ୱ ବିଜୟୀ ହେଲା । ଭାରତର କୋଟି କୋଟି ଜନତାଙ୍କ ମୁହଁରେ ପରିତୃପ୍ତିର ହସ ଫୁଟିଲା ।

ଏତ ଗଲା ଦଳଗତ କ୍ରୀଡ଼ା କଥା । ବ୍ୟକ୍ତିଗତ ସ୍ପର୍ଦ୍ଧାରେ ଅଲମ୍ପିକ୍‌ରେ ଭାରତର ପ୍ରଦର୍ଶନ ସେତେଟା ଉତ୍ସାହଜନକ ନୁହେଁ । ଅଦ୍ୟାବଧି ଫ୍ରି ଷ୍ଟାଇଲ୍ ରେସଲିଂରେ ବାଣ୍ଟମ୍‌ୱେଟରେ ଭାରତର ଖାସ୍‌ବା ଯାଦବ ୧୯୫୨ ମସିହାର ହେଲ୍‌ସିଙ୍କି ଗେମ୍ସରେ ତୃତୀୟ, ୧୯୯୬ ମସିହାର ଆଟଲାଣ୍ଟା ଅଲମ୍ପିକ୍ କ୍ରୀଡ଼ାରେ ଲନ୍ ଟେନିସ୍‌ରେ ଲିଆଣ୍ଡର ପେସ୍, ୨୦୦୦ ମସିହାରେ ସିଡ୍‌ନୀ ଅଲମ୍ପିକ୍ସରେ ଭାରୋତ୍ତଳନରେ କର୍ଣ୍ଣମ୍ ମାଲେଶ୍ୱରୀ ଓ ୨୦୦୪ ମସିହାରେ ଗ୍ରୀସ୍‌ର ଏଥେନ୍ସ ଅଲମ୍ପିକ୍ସରେ ବନ୍ଧୁକ ଚାଳନାରେ ରାଜ୍ୟବର୍ଦ୍ଧନ ସିଂହ ରାଠୋର ଗୋଟିଏ ଲେଖାଏଁ ରୌପ୍ୟ ପଦକ ଜିତି ଆମର ସମ୍ମାନ ରଖିଛନ୍ତି, ନଚେତ୍ ଆମେ ରିକ୍ତ ହସ୍ତରେ ଫେରି ଥାଆନ୍ତୁ ।

ଅଲମ୍ପିକ୍ କ୍ରୀଡ଼ା ପରେ ମନକୁ ଆସେ ଏସୀୟ କ୍ରୀଡ଼ାର କଥା । ୧୯୫୧ ମସିହା ମାର୍ଚ୍ଚ ୪ ତାରିଖରେ ଭାରତ ଆୟୋଜନ କରିଥିଲା ପ୍ରଥମ ଏସୀୟ କ୍ରୀଡ଼ା ରାଜଧାନୀ ନୂଆଦିଲ୍ଲୀରେ । ସେହି କ୍ରୀଡ଼ାରେ ୧୫ଟି ସ୍ୱର୍ଣ୍ଣ ପଦକ ଲାଭ କରି ଭାରତ ଜାପାନ୍ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲା । ୧୯୮୨ ମସିହାରେ ମଧ୍ୟ ନବମ ଏସୀୟ କ୍ରୀଡ଼ା ନୂଆଦିଲ୍ଲୀରେ ଆୟୋଜିତ ହୋଇଥିଲା ଓ ଭାରତ ୧୩ଟି ସ୍ୱର୍ଣ୍ଣପଦକ ହାସଲ କରିଥିଲା । ଅଦ୍ୟାବଧି ଆମେ ପଦକ ତାଲିକାରେ କଦାପି ଶୀର୍ଷ ସ୍ଥାନରେ ଉପନୀତ ହୋଇପାରିନାହୁଁ । ଏ କ୍ଷେତ୍ରରେ ଚୀନ ଓ ଜାପାନ ଆଦି ଏସୀୟ ରାଷ୍ଟ୍ର ଯଥେଷ୍ଟ ଅଗ୍ରଗତି କରିଥିଲେ ମଧ୍ୟ ଆମେ ପଛରେ ପଡ଼ିଛୁ ।

ଅବଶ୍ୟ ହକି ଯାଦୁକର ଧ୍ୟାନଚାନ୍ଦ, ବ୍ୟାଡ୍‌ମିଣ୍ଟନ ଖେଳାଳୀ ପ୍ରକାଶ ପାଡୁ୍ୟକୋନ୍, ଟେନିସ୍ ଖେଳାଳି ରାମନାଥନ୍ କ୍ରିଷ୍ଣନ୍ ଓ ତାଙ୍କ ପୁତ୍ର ରମେଶ କ୍ରିଷ୍ଣନ୍, ଅମୃତରାଜ ଭ୍ରାତାଦ୍ୱୟ ବିଜୟ ଓ ଆନନ୍ଦ ଅମୃତରାଜ, କ୍ରିକେଟରେ ଲିଟିଲ୍ ମାଷ୍ଟର ସୁନିଲ୍ ଗାଭାସ୍କର, ବିଶନ୍ ସିଂ ବେଦୀ, ଭିନୁ ମଙ୍କଡ଼, ବି.ଏସ୍. ଚନ୍ଦ୍ରଶେଖର ପ୍ରଭୃତି ଯେଉଳି ନିଜର ବ୍ୟକ୍ତିଗତ ସାଫଲ୍ୟ ଦ୍ୱାରା ଦେଶକୁ ଗୌରବାନ୍ୱିତ କରିଥିଲେ, ସାଂପ୍ରତିକ ସମୟରେ ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦ, ଟେନିସ୍ ଖେଳାଳି, ଲିଆଣ୍ଡର ପେସ୍ ଓ ମହେଶ ଭୂପତି ମହିଳା ବର୍ଗରେ ସାନିଆ ମିର୍ଜା, କ୍ରିକେଟ୍ ତାରକା ସଚିନ୍ ତେନ୍ଦୁଲକର ଓ ଯୁବରାଜ ସିଂହ ପ୍ରମୁଖ ସେମାନଙ୍କର ବ୍ୟକ୍ତିଗତ ସଫଳତା ପାଇଁ ଭାରତର ନାମ ବିଶ୍ୱ ଦରବାରରେ ପହଞ୍ଚାଇଛନ୍ତି । ଆମେମାନେ ସେମାନଙ୍କ ପାଇଁ ଗର୍ବିତ ।

ବର୍ତ୍ତମାନ ସମୟ ଆସିଛି କ୍ରୀଡ଼ା କ୍ଷେତ୍ରରେ ଦେଶକୁ ଆଗେଇ ନେବାର । ଏଥିପାଇଁ ସରକାର, ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ବିଭିନ୍ନ ଜାତୀୟ ଓ ରାଜ୍ୟ କ୍ରୀଡ଼ା ସଂଘ, ରାଜ୍ୟ ସରକାର, ସରକାରୀ ଓ ଘରୋଇ ଉଦ୍ୟୋଗ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କ୍ରୀଡ଼ା ପ୍ରଶାସକ ତଥା ସର୍ବୋପରି କ୍ରୀଡ଼ାବିତ୍ ସମସ୍ତଙ୍କୁ ଗୁରୁତ୍ୱପୂର୍ଣ୍ଣ ତୁଲେଇବାକୁ ପଡ଼ିବ । କେବଳ ସରକାରଙ୍କୁ ଚାହିଁ ବସିଲେ ହେବ ନାହିଁ । ସରକାରଙ୍କର ସମ୍ବଳ ସୀମିତ । ଏହି ସୀମିତ ସମ୍ବଳ ମଧ୍ୟରେ ସମସ୍ତ ଆବଶ୍ୟକତା କଦାପି ପୂରଣ କରି ହେବ ନାହିଁ । ତେଣୁ ଉଦ୍ୟୋଗ ଜଗତ ଏଥିପ୍ରତି ଧ୍ୟାନ ଦେବାର ସମୟ ଉପନୀତ । ଗୋଟିଏ ଗୋଟିଏ କ୍ରୀଡ଼ା ଶୃଙ୍ଖଳାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଯୋଜନାବଦ୍ଧ ପଦକ୍ଷେପ ଗ୍ରହଣ କରି ତା'ର ରୂପାୟନ ନିମନ୍ତେ ଉଦ୍ୟମ କରାଯିବା ହେଉଛି ଆଜିର ଆବଶ୍ୟକତା । ସରକାରୀ ତଥା ପ୍ରମୁଖ ଘରୋଇ ଉଦ୍ୟୋଗମାନେ ଏଥିପାଇଁ ଆଗେଇ ଆସିବା ଉଚିତ୍ । ଅବଶ୍ୟ ସେମାନେ ଯେ ଏଥିପାଇଁ ଉଦ୍ୟମ କରୁନାହାନ୍ତି ତାହା ନୁହେଁ, କିନ୍ତୁ ସେଥିରେ ଅଧିକ ମନୋନିବେଶର ଆବଶ୍ୟକତା ଅଛି । କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ଓ ରକ୍ଷଣା ବେକ୍ଷଣ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବା ଉଚିତ୍ । ତା' ସହିତ ଉନ୍ନତ ମାନର ଆଧୁନିକ କ୍ରୀଡ଼ା ସରଞ୍ଜାମ, ବୈଜ୍ଞାନିକ ପଦ୍ଧତିରେ ପ୍ରଶିକ୍ଷଣ ଓ ବିଭିନ୍ନ କ୍ରୀଡ଼ାରେ ପର୍ଯ୍ୟାପ୍ତ ପ୍ରତିଯୋଗିତା ଆୟୋଜନର ଆବଶ୍ୟକତା ରହିଛି । ସର୍ବାପେକ୍ଷା ଅଧିକ ଆବଶ୍ୟକ ହେଉଛି ଆମର କ୍ରୀଡ଼ାବିତ୍‌ମାନଙ୍କର ନିଷ୍ଠା, ଏକାଗ୍ରତା, ଅଧ୍ୟବସାୟ, ଶୃଙ୍ଖଳା ଓ କଠିନ ପରିଶ୍ରମର । ଏ ସମସ୍ତ ଉପାଦାନର ଉତ୍ତମ ସମନ୍ୱୟରେ ହିଁ ଆମେ କ୍ରୀଡ଼ାକ୍ଷେତ୍ରରେ ଅଗ୍ରଗତି କରିପାରିବା । ଆଧୁନିକ ଭାରତର ପ୍ରେସ୍ ଓ ତଡ଼ିତ ଗଣମାଧ୍ୟମ ସେମାନଙ୍କର ଦାୟିତ୍ୱକୁ ଉତ୍ତମ ଭାବେ ନିର୍ବାହ କରୁଛନ୍ତି କ୍ରୀଡ଼ାର ଉନ୍ନତି ନିମନ୍ତେ । ଆମେ ସମସ୍ତେ ମିଳିମିଶି ପରିଶ୍ରମ କଲେ ଭାରତ ଆଗାମୀ କାଲିର ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଯଥାଯୋଗ୍ୟ ସ୍ଥାନ ଲାଭ କରିବ ଏଥିରେ ଦ୍ୱିମତର ଅବକାଶ ନାହିଁ ।

ନିର୍ଦ୍ଦେଶକ
କ୍ରୀଡ଼ା ଓ ଯୁବସେବା ବିଭାଗ, ଭୁବନେଶ୍ୱର

# ଓଡ଼ିଆ ଅସ୍ମିତାର କୋଠଘର

ଡକ୍ଟର ଭାଗ୍ୟଲିପି ମଲ୍ଲ

ସଂଗ୍ରାହଳୟ କେବଳ ଏକ ଜ୍ଞାନର ଗନ୍ତାଘର, ସଂସ୍କୃତିର ବାହକ ଅଥବା ପରମ୍ପରାର ମୂକସାକ୍ଷୀ ନୁହେଁ, ଏକ ଦେଶର ସଂସ୍କୃତିର ପରିଚୟ, ସ୍ୱାଭିମାନର ପ୍ରତୀକ ଏବଂ ଜୀବନଧାରାର ପ୍ରତିଛବି। ସୃଜନ ସଂପଦର ଘର। ଉଭୟ ପରାଧୀନ ଓ ସ୍ୱାଧୀନ, ବିକଶିତ ଅଥବା ଅବିକଶିତ ସବୁ ଜନସମୁଦାୟର ମଣିଷ ଆପଣାର ଏହି ସଂପଦକୁ ଦେଖି ଖୁସି ହୁଏ। ଏ ସଂପଦ କେବଳ ବସ୍ତୁ ମାତ୍ର ନୁହେଁ। ବସ୍ତୁ ଭିତରେ ରହିଛି ସୃଜନଶୀଳତା ଓ ଭାବ ବୈଚିତ୍ର୍ୟ। ତେବେ ମଣିଷ କାହିଁକି ଏହି ସ୍ମୃତିର ସଂପଦକୁ ସଂପାଦିବାକୁ ପ୍ରୟାସ କରେ ତାହାର କାରଣ ବହୁବିଧ। ବହୁ କାରଣ ମଧ୍ୟରେ ପ୍ରମୁଖ ହେଉଛି ଆପଣା ଜାତିର ଅସ୍ମିତା ଅନ୍ୱେଷଣ ଓ ପ୍ରତିଷ୍ଠା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟକୁ ଆମେ ଏହି ମାନସିକତାରେ ବିଚାର କରିପାରିବା।

ଭାରତବର୍ଷରେ ସଂଗ୍ରହାଳୟ ଆନ୍ଦୋଳନ ଆରମ୍ଭ ହେଲା ୧୭୮୪ ମସିହାରେ । ସାର୍ ୱିଲିୟମ୍ ଏବଂ ନାଥାନିଆଲ୍ ୱାଲିକ୍ ଏହି ଦୁଇ ଇଂରେଜଙ୍କ ଦ୍ୱାରା ୧୮୮୪ ମସିହାରେ କୋଲକାତାରେ ସର୍ବପ୍ରଥମେ ପ୍ରତିଷ୍ଠିତ ହେଲା ଇଣ୍ଡିଆନ୍ ମ୍ୟୁଜିୟମ୍। ପରେ ପରେ ଗଢ଼ି ଉଠିଲା ଅନେକ ସଂଗ୍ରାହଳୟ। ଭାରତବର୍ଷରେ ପୁରୁଣା ସଂଗ୍ରହାଳୟଗୁଡ଼ିକ ମଧ୍ୟରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଅନ୍ୟତମ। ଆରମ୍ଭରେ ଏକ ପ୍ରତ୍ନଶାଳା ଭାବେ ଏହା ଜନ୍ମନେଲା କଟକ ସହରରେ ୧୯୩୨ ମସିହାରେ ଆଜିର ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ– ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବେ ଜନ୍ମ ନେବାର ମାତ୍ର ୪ ବର୍ଷ ପୂର୍ବରୁ। ଏ ଜନ୍ମଜାତକର ସ୍ରଷ୍ଟା ପ୍ରଫେସର ନିର୍ମଳ ଚନ୍ଦ୍ର ବାନାର୍ଜୀ ଏବଂ ପ୍ରଫେସର ଘନଶ୍ୟାମ ଦାସ। ଏହାର ପରିକଳ୍ପନା ପଛରେ ଥିଲା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ସାଂସ୍କୃତିକ ଇତିହାସର ଜନ୍ମକୁଣ୍ଡଳୀ ନିରୂପଣ। ସେତେବେଳେ କଟକ ସହର ଥିଲା ଓଡ଼ିଶାର ରାଜଧାନୀ। ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ କିଛି ତୋପ, କେତେକ ପ୍ରାଚୀନ ମୂର୍ତ୍ତି ଆଜି ବି ପରିଦୃଷ୍ଟ ହୁଏ, ଯାହା ସଂଗ୍ରହାଳୟର ଜନ୍ମଜାତକକୁ ଚିହ୍ନେଇ ଦିଏ। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଜନ୍ମ ନେଇଥିବା ଓଡ଼ିଆ ଜାତିର ଅସ୍ମିତାର ଗନ୍ତାଘର ସଂଗ୍ରହାଳୟ ଅଳ୍ପଦିନ ପାଇଁ ଭୁବନେଶ୍ୱରର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବିଧାନସୌଧରେ ଶୋଭା ପାଇଲା। ଆସିଲା ୧୦୦୦ ବର୍ଷର କଟକ ସହରରୁ ଆହୁରି ପୁରୁଣା ମନ୍ଦିରମାଳିନୀ ତୀର୍ଥଭୂମିକୁ। ତିଆରି ହେଲା ନୂଆ ପ୍ରାସାଦ ଭୁବନେଶ୍ୱରର କଳ୍ପନା ଛକରେ। ୧୯୫୭ ମସିହା ଡିସେମ୍ବର ମାସ ୨୯ ତାରିଖରେ ଯାହାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ। ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ହରେକୃଷ୍ଣ ମହତାବ।

ଆଜି ସେଇ ସଂଗ୍ରହାଳୟର ପ୍ରତିଷ୍ଠା ଦିବସ। ସେଦିନର ସେ ଛୋଟ ପ୍ରାସାଦଟି ବଢ଼ି ବଢ଼ି ଏବେ ଏକ ଭବ୍ୟ ରୂପ ନେଇଛି। ବାଟରେ ଚାଲିଗଲାବେଳେ ଯେମିତି ଗଲେ ବି ପାଦ ହେଉ, ଗାଡ଼ି ହେଉ, ଆଖି ଲାଖିଯାଏ ତା'ର ଆକର୍ଷଣୀୟ ବିଶାଳତା ପାଖରେ। ସେଦିନ ଭାରି ଛୋଟ ଥିଲା ସେ ପ୍ରାସାଦ। ଥିଲା ମାତ୍ର କିଛି ପଥର ମୂର୍ତ୍ତି, ଅଳ୍ପକିଛି ଅଭିଲେଖ, ପ୍ରାଚୀନ ମୁଦ୍ରା ଏବଂ ତାଳପତ୍ର ପୋଥି। ଧୀରେ ଧୀରେ ପ୍ରାସାଦର କୋଠରି ବଢ଼ି ବଢ଼ି ଚାଲିଲା, ଏକାଧିକ ହେଲା। ଭଳି ଭଳି ଆକାର ଓ ପ୍ରକାରର ସଂପଦ ସେଗୁଡ଼ିକରେ ଶୋଭା ପାଇଲା ଏବଂ ସେସବୁ ସଂପଦଗୁଡ଼ିକୁ ମଧ୍ୟ ବର୍ଗୀକରଣ କରି ଦିଆଗଲା। ଏବେ ସେଗୁଡ଼ିକର ସଂଖ୍ୟା ଅଶି ହଜାରରୁ ଅଧିକ । ଏହି ବିରଳ ସଂଗ୍ରହଗୁଡ଼ିକୁ ପ୍ରତ୍ନତତ୍ତ୍ୱ, ଲିପିତତ୍ତ୍ୱ, ପ୍ରାଚୀନ ମୁଦ୍ରା, ଖଣି ଓ ଭୂତତ୍ତ୍ୱ, ପ୍ରାଣୀବିଜ୍ଞାନ, ଚାରୁ ଓ କାରୁକଳା ପାରମ୍ପରିକ କଳା, ପଟ୍ଟଚିତ୍ର, ନୃତତତ୍ତ୍ୱ, ତାଳପତ୍ର, ପୋଥି, ଅସ୍ତ୍ରଶସ୍ତ୍ର ଏବଂ ସ୍ୱତନ୍ତ୍ର ବୌଦ୍ଧ ମୂର୍ତ୍ତି ପ୍ରଭୃତି ନାମରେ ବିଭାଗୀକରଣ କରାଯାଇଛି। ଏଗୁଡ଼ିକ ବ୍ୟତୀତ ମାନବ ସଭ୍ୟତାର ବିକାଶ, ଓଡ଼ିଶାର ସ୍ୱାଧୀନତା

ସଂଗ୍ରାମୀମାନଙ୍କୁ ନେଇ ସ୍ୱତନ୍ତ୍ର ଗ୍ୟାଲେରୀ ଏବଂ ସମୟକ୍ରମେ ଓଡ଼ିଶା (ଓଡ଼ିଶା ଥ୍ରୁ ଏଜେସ୍) ପ୍ରଭୃତି କେତେକ ବିଭାଗ ଖୋଲାଯିବାର ଆନୁଷଙ୍ଗିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି।

ଓଡ଼ିଶା ରାଜ୍ୟ ସଂଗ୍ରାହଳୟର ପ୍ରତ୍ନତତ୍ତ୍ୱ ବିଭାଗ ହେଉଛି ଭାରତବର୍ଷରେ ଅନନ୍ୟ। ଏହି ବିଭାଗରେ ଥିବା ସଂପଦଗୁଡ଼ିକ କେବଳ ଐତିହାସିକ ଦୃଷ୍ଟିକୋଣରୁ ନୁହେଁ, କଳାନୈପୁଣ୍ୟ, ଭାସ୍କର୍ଯ୍ୟ ଓ ମୂର୍ତ୍ତିତତ୍ତ୍ୱର ଚରମ ନିଦର୍ଶନ। ଏଥିରେ ପ୍ରଦର୍ଶିତ ଖ୍ରୀ.ପୂ. ୩ୟ ଶତାବ୍ଦୀଠାରୁ ଆରମ୍ଭ କରି ମଧ୍ୟଯୁଗୀୟ ପ୍ରତ୍ନତାତ୍ତ୍ୱିକ ମୂର୍ତ୍ତି ସମୂହ ଉତ୍କଳର କଳା କାରୀଗରିକୁ ଚିହ୍ନେଇ ଦିଏ। ଏ ବିଭାଗରେ ସ୍ଥାନ ପାଇଛି ବୌଦ୍ଧ, ଜୈନ କୀର୍ତ୍ତିରାଜି ସହ ଶୈବ, ଶାକ୍ତ ଓ ବ୍ରାହ୍ମଣ ଧର୍ମର ଅନନ୍ୟ ମୂର୍ତ୍ତିରାଜି। ଅନେକ ବିରଳ ମୂର୍ତ୍ତି ମଧ୍ୟରୁ ଅଶୋକ ସ୍ତମ୍ଭର ଭଗ୍ନାବଶେଷ, ସିଂହ ପ୍ରତୀକ ବୁଦ୍ଧ ବିଗ୍ରହ, ବିଶାଳକାୟ ଆମୋଘସିଦ୍ଧି, ଆକର୍ଷଣୀୟ ଅବଲୋକିତେଶ୍ୱର, ବିଭିନ୍ନ ଶୈଳୀର ଜୈନ ତୀର୍ଥଙ୍କର ସପ୍ତମାତୃକା ବିଗ୍ରହ ସମୂହ, ବୋଇତରେ ହସ୍ତୀ ରପ୍ତାନି, ଅସାଧାରଣ ଚାମୁଣ୍ଡା ମୂର୍ତ୍ତି ଏବଂ ଷଡ଼ାନନ ବିଶିଷ୍ଟ କାର୍ତ୍ତିକେୟ ମୂର୍ତ୍ତିସମୂହକୁ ଦେଖିଲେ ଆଖି ଅଟକିଯାଏ। ଏଗୁଡ଼ିକ କେବଳ ମୂର୍ତ୍ତି ନୁହନ୍ତି, ଏକ ଜାତିର ଧର୍ମ, ସଂସ୍କୃତି, ରାଜନୀତି, ଚିତ୍ର, ସଂଗୀତ, ସ୍ଥାପତ୍ୟ ଓ ଇତିହାସର ସ୍ମାରକୀ। ଏକ ଜାତିର ସୃଜନଶୀଳତାର ଅଭିପ୍ରକାଶ, ତା'ର ଆତ୍ମପରିଚିତି ।

ଏ ବିଭାଗକୁ ଲାଗି ରହିଛି ପ୍ରାଚୀନ ମୁଦ୍ରା ବିଭାଗ। ସଭ୍ୟତାର ପ୍ରାକ୍ କାଳରେ ମଣିଷ ମୁଦ୍ରାର ବ୍ୟବହାର ଶିଖି ନଥିଲା। ଆବଶ୍ୟକ ଦ୍ରବ୍ୟର ଚାହିଦା ପୂରଣ ନିମନ୍ତେ ଉତ୍ପାଦିତ ଶସ୍ୟ, କଉଡ଼ି, ଲୁଣ ଓ ଅନ୍ୟାନ୍ୟ ସାମଗ୍ରୀ ବିନିମୟର ପ୍ରଧାନ ମାଧ୍ୟମ ଥିଲା। କାଳକ୍ରମେ ବ୍ୟବସାୟ ବାଣିଜ୍ୟର ସୁବିଧା ନିମନ୍ତେ ଧାତୁନିର୍ମିତ ମୁଦ୍ରାକୁ ଅର୍ଥର ସ୍ଥାୟୀ ମାଧ୍ୟମ ରୂପେ ଗ୍ରହଣ କରାଗଲା। ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମଗ୍ରନ୍ଥମାନଙ୍କରୁ ଜଣାଯାଏ ଯେ, ପ୍ରାଚୀନ କାଳରେ ସ୍ୱର୍ଣ୍ଣ, ରୌପ୍ୟ ଓ ତାମ୍ର ମୁଦ୍ରାର ପ୍ରଚଳନ ଥିଲା। ସ୍ୱର୍ଣ୍ଣ ମୁଦ୍ରାକୁ 'ସୁବର୍ଣ୍ଣ' ବା 'ନିଷ୍କ', ରୌପ୍ୟ ମୁଦ୍ରାକୁ 'ପୁରଣ', 'ଧରଣ' ବା 'କର୍ଷପଣ' ଓ ତାମ୍ର ମୁଦ୍ରାକୁ 'ପଣ' କୁହାଯାଉଥିଲା। ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ବହୁବିଧ ମୁଦ୍ରାର ଗନ୍ତାଘର। ଓଡ଼ିଶା ତଥା ଭାରତର ବିଭିନ୍ନ ଅଞ୍ଚଳରୁ ଆବିଷ୍କୃତ ତଥ୍ୟ ସମ୍ବଳିତ ବିଭିନ୍ନ ରାଜବଂଶ ଦ୍ୱାରା ମୁଦ୍ରିତ ଓ ପ୍ରଚଳିତ ମୁଦ୍ରାଗୁଡ଼ିକର ସମୟାନୁକ୍ରମିକ ପ୍ରଦର୍ଶନ। ସର୍ବପ୍ରାଚୀନ ରୌପ୍ୟ ଲାଟିନ ମୁଦ୍ରାଠାରୁ ଆରମ୍ଭ କରି ଗୁପ୍ତଯୁଗୀୟ ବିବିଧ ପ୍ରକାରର ଗୁରୁତ୍ୱପୂର୍ଣ୍ଣ ସ୍ୱର୍ଣ୍ଣମୁଦ୍ରା, ବହୁ ବିଦେଶୀ ଓ ଦେଶୀୟ ମୁଦ୍ରାସମୂହ (ଯେଉଁଗୁଡ଼ିକର ସମୟ ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀଠାରୁ ବିଂଶ ଶତାବ୍ଦୀ ମଧ୍ୟରେ) ବିଭାଗରେ ସ୍ଥାନ ପାଇଛି। ଏହି ପ୍ରାଚୀନ ମୁଦ୍ରାଗୁଡ଼ିକ ଭାରତର କଳା, ସଂସ୍କୃତି, ଧର୍ମ, ଅର୍ଥନୀତି, ରାଜନୀତି ଏବଂ ସାମାଜିକ ଜୀବନ ସଂପର୍କରେ ସ୍ପଷ୍ଟ ଧାରଣା ଦିଏ। ମୁଦ୍ରାଶାଳାରେ ବିଭିନ୍ନ ପର୍ଯ୍ୟାୟରେ ମୁଦ୍ରା ନିର୍ମାଣର ପ୍ରକ୍ରିୟା ଏଠାରେ ପ୍ରଦର୍ଶିତ। ମୁଦ୍ରାକୁ ଅଳଂକାର ରୂପେ ବ୍ୟବହାର କରିବାର ପ୍ରଥା ମଧ୍ୟଯୁଗରେ ପ୍ରଚଳିତ ଥିବାର ନମୁନା ଏଠାରେ ରହିଛି।

ଲିପିତତ୍ତ୍ୱ ବିଭାଗ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଏକ ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ବିଭାଗ। ପ୍ରାଚୀନ ଅଭିଲେଖ ସମୂହର ପଠନ ଓ ତା' ସଂପର୍କରେ ଗଭୀର ଅନୁଧ୍ୟାନ ହିଁ ଲିପିତତ୍ତ୍ୱ । ପ୍ରାଚୀନ ଲେଖା ଗୋଟିଏ ଦେଶର ବା ଜାତିର ଇତିହାସ ସଂପର୍କରେ ନିର୍ଭୁଲ ତଥ୍ୟ ପ୍ରଦାନ କରିଥାଏ। ପର୍ବତଗାତ୍ର, ତାମ୍ରଫଳକ, କାଠ ଓ ଶଙ୍ଖ ଉପରେ ଖୋଦିତ ଲିପି, ପ୍ରତ୍ନତତ୍ତ୍ୱ ର ଏକ ବିଶେଷ ଅଙ୍ଗ ଭାବେ ପରିଗଣିତ। ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ସମୟରୁ ସର୍ବପ୍ରଥମେ ଲିପିର ଆବିଷ୍କରଣକୁ ଐତିହାସିକ ସମର୍ଥନ ମିଳେ। ଧଉଳିଠାରେ ଖ୍ରୀ.ପୂ. ୩ୟ ଶତାବ୍ଦୀର ପ୍ରସ୍ତରଲିପି ଏହାର ପ୍ରମାଣ। ଏ ବିଭାଗ ଖ୍ରୀ.ପୂ. ୩ୟ ଶତାବ୍ଦୀରୁ ଆରମ୍ଭ କରି ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ସଂଗୃହୀତ ଲିପିଗୁଡ଼ିକୁ ନେଇ ସମୃଦ୍ଧ। ବିଭାଗରେ ୧୧୯ଟି ତାମ୍ରଫଳକ, ୨୪ଟି ପ୍ରସ୍ତର ଅଭିଲେଖ ଏବଂ ପ୍ଲାଷ୍ଟର ଉପରେ ଖୋଦିତ ବହୁ ସଂଖ୍ୟକ ଅଭିଲେଖ ଗଚ୍ଛିତ ଅଛି। ତନ୍ମଧ୍ୟରୁ ତ୍ରୟୋଦଶ ଶତାବ୍ଦୀର ରାଣୀ ଚନ୍ଦ୍ରିକାଦେବୀଙ୍କ ରାଜୁତି ସମୟର ଗୁରୁତ୍ୱପୂର୍ଣ୍ଣ ଅଭିଲେଖ ଅନ୍ୟତମ। ଉକ୍ତ ଅଭିଲେଖଗୁଡ଼ିକରୁ ମାଠର, ବିଗ୍ରହ, ଭଞ୍ଜ, ଭୌମକର, ସୋମବଂଶୀ, ତୁଙ୍ଗ, ଶୁଳ୍କୀ, ନନ୍ଦ ଏବଂ ଗଙ୍ଗବଂଶ ରାଜାଙ୍କର ଇତିହାସ ଜାଣିବାକୁ ମିଳିଥାଏ। ଓଡ଼ିଶା ତଥା ଭାରତର ଐତିହ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରାଇବାରେ ସଂଗୃହୀତ ତାମ୍ରଫଳକଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗ୍ୟାଲେରୀରେ ପ୍ରଦର୍ଶିତ ଓଡ଼ିଆ ଲିପି ଓ ସଂଖ୍ୟାର କ୍ରମବିକାଶ, ଫଳକ, ଓଡ଼ିଆ ଅକ୍ଷର ଓ ସଂଖ୍ୟା ବିବର୍ତ୍ତନର ସୂଚନା ପ୍ରଦାନ କରେ।

ପ୍ରାଣୀ ବିଭାଗ ରାଜ୍ୟ ସଂଗ୍ରହାଳୟର ଏକ ପ୍ରମୁଖ ଆକର୍ଷଣୀୟ ବିଭାଗ। ସଂଗୃହୀତ ବିଭିନ୍ନ ଜାତିର ପଶୁପକ୍ଷୀଙ୍କୁ ଦୁଇଟି ପ୍ରକୋଷ୍ଠରେ ସୁସଜ୍ଜିତ କରି ରଖାଯାଇଛି। ଏଠାରେ ବିଭିନ୍ନ ଜାତିର ସ୍ତନ୍ୟପାୟୀ ପ୍ରାଣୀ ତଥା ଶିଶୁମାର ଏବଂ ସିମ୍ପାଞ୍ଜିର ଦୁଇଟି କଙ୍କାଳ ରହିଛି। କେତେକ ଦେଶୀ, ବିଦେଶୀ ତଥା ଦେଶାନ୍ତରୀ ପକ୍ଷୀମାନଙ୍କୁ ପ୍ରାକୃତିକ ପରିବେଶ ମଧ୍ୟରେ ପ୍ରଦର୍ଶନ କରାଯାଇଛି। ଚିତା, ବାଘ, ବଜ୍ରକାପ୍ତା, ନୀଳଗାଈ, ଓଧ ଆଦି କେତେକ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ଅନୁରୂପ ପ୍ରାକୃତିକ ପରିବେଶ ମଧ୍ୟରେ ପ୍ରଦର୍ଶନ କରାଯାଇଅଛି।

ଜେବ୍ରା, କଙ୍ଗାରୁ, ଜାଗୁଆର, କାସୁଆରୀ ଆଦି କେତେକ ବିଦେଶୀ ପ୍ରାଣୀଙ୍କ ସହ ଧଳାବାଘ, ହେଟା, ଭାଲୁ ଆଦି କେତେକ ଦେଶୀୟ ଜୀବଜନ୍ତୁଙ୍କୁ ନେଇ ଗଠିତ ସ୍ଥିର କୃତ୍ରିମ ଚିଡ଼ିଆଖାନା ବିଭାଗର ଅନ୍ୟତମ ଆକର୍ଷଣ । ଆମେରିକୀୟ ନାଲିଶୁଆ, ପ୍ରାକୃତିକ ବସା ସହ ବାୟାଚଢ଼େଇ ଓ ବିଭିନ୍ନ ଆକର୍ଷଣୀୟ ପଶୁପକ୍ଷୀଙ୍କୁ ନେଇ ପରିପୁଷ୍ଟ ଏହି ବିଭାଗଟି ଦର୍ଶକ, ପର୍ଯ୍ୟଟକ ଓ ଛାତ୍ରଛାତ୍ରୀଙ୍କୁ ମୁଗ୍ଧ କରେ ।

ମଣିଷ ମନର ଭାବକୁ ପ୍ରକାଶ କରିବାର ମାଧ୍ୟମ ହେଉଛି ଭାଷା । ଏହି ଭାଷାକୁ ଲିପିବଦ୍ଧ କରିବା ପାଇଁ ବିଭିନ୍ନ ଲିଖନ ମାଧ୍ୟମର ପ୍ରଚଳନ ହେଲା । ଶିଳାଲେଖାଠାରୁ ଆରମ୍ଭ କରି ତାମ୍ରଫଳକ, ପଶୁଚର୍ମଠାରୁ ଆରମ୍ଭ କରି ଗଛର ବଳ୍କଳ ପର୍ଯ୍ୟନ୍ତ ବହୁ ଲିଖନ ମାଧ୍ୟମ ବିକଶିତ ହେଲା । ଏ ସବୁ ମଧ୍ୟରୁ ତାଳପତ୍ର ଅନ୍ୟତମ । କାଗଜର ଉଦ୍ଭାବନ ପୂର୍ବରୁ ତାଳପତ୍ର ଏକ ପ୍ରମୁଖ ଲିଖନ ଉପାଦାନ ଥିଲା । ଓଡ଼ିଶାରେ ତାଳପତ୍ରର ପ୍ରଚଳନ ବହୁଳ ଭାବରେ ଦେଖିବାକୁ ମିଳେ । ଆଜି ବି ଗାଁ ଗାଁରେ ଭାଗବତ ଟୁଙ୍ଗୀ ତା'ର ପ୍ରମାଣ । ଏ ବିଭାଗର ଶୋଭା ମଣ୍ଡନ କରେ ୩୭,୦୦୦ରୁ ଅଧିକ ସଂଖ୍ୟକ ତାଳପତ୍ର ପୋଥି । ବେଦ, ତନ୍ତ୍ର, ଧର୍ମଶାସ୍ତ୍ର, ଦର୍ଶନ, ଜ୍ୟୋତିଷ, ଆୟୁର୍ବେଦ, ବ୍ୟାକରଣ, ଅଭିଧାନ, ସଂଗୀତ, ସଂସ୍କୃତ ପୁରାଣ, ଓଡ଼ିଆ ପୁରାଣ, କାବ୍ୟ, ଗଣିତ ଆଦି ବିଷୟବସ୍ତୁକୁ ନେଇ ଏହା ୨୭ଟି ବିଭାଗରେ ପର୍ଯ୍ୟବସିତ । ଓଡ଼ିଶାର ପୋଥିଗୁଡ଼ିକ ମୁଖ୍ୟତଃ ତାଳପତ୍ରରେ ତିଆରି ଏବଂ ଏଗୁଡ଼ିକ ଓଡ଼ିଆ, ସଂସ୍କୃତ, ହିନ୍ଦୀ, ବଙ୍ଗଳା, ତେଲୁଗୁ ଏବଂ ପାର୍ସୀ ଭାଷାରେ ଲେଖାଯାଇଛି, ଯେଉଁଥିରେ ରହିଛି ଦେବନାଗରୀ, ବଙ୍ଗଳା, ଓଡ଼ିଆ ଏବଂ ତେଲୁଗୁ ଲିପି । ତାଳପତ୍ର ବ୍ୟତୀତ ଭୂର୍ଜପତ୍ର, କୁମ୍ଭୀପତ୍ର, ବାଉଁଶପତ୍ର ତଥା ହାତୀଦାନ୍ତରେ ତିଆରି ପୋଥି ଏ ବିଭାଗର ଅନ୍ୟତମ ଆକର୍ଷଣ । ଖଡ଼୍ଗ, ମତ୍ସ୍ୟ, ବିଞ୍ଚଣା, ମୂଷିକ ଓ ମାଳା ଇତ୍ୟାଦି ବିଭିନ୍ନ ଆକୃତିର ପୋଥି ବିଭାଗର ଗୁରୁତ୍ୱ ଦ୍ୱିଗୁଣିତ କରେ । ହାତୀଦାନ୍ତରେ ଖୋଦିତ ଗୀତଗୋବିନ୍ଦ ପୋଥି ଓ ତାଳପତ୍ରରେ ଲିଖିତ ଚିକିତ୍ସାମଞ୍ଜରି ପୋଥି ଭାରତ ସରକାରଙ୍କ ଦ୍ୱାରା ଜାତୀୟ ସଂପତ୍ତି ଭାବେ ଘୋଷଣା କରାଯାଇଛି । ଚିତ୍ରିତ ତାଳପତ୍ର ପୋଥିଗୁଡ଼ିକ ଓଡ଼ିଶାର ଅମୂଲ୍ୟ ସମ୍ପଦ । ଗୀତଗୋବିନ୍ଦ, ଉଷା ଅଭିଳାଷ, ଅମରୁଶତକ, ବିଦଗ୍ଧ ମାଧବ ପ୍ରଭୃତି ଚିତ୍ରପୋଥି ଓଡ଼ିଶାର ଚିତ୍ରକଳା ପରମ୍ପରାକୁ ଉଜ୍ଜୀବିତ କରେ । ପଞ୍ଚଦଶ ଶତାବ୍ଦୀର ଅଭିନବ ଗୀତଗୋବିନ୍ଦ ଏ ବିଭାଗର ସର୍ବପ୍ରାଚୀନ ତାଳପତ୍ର ପୋଥି । ଯଦିଓ ବିଷୟବସ୍ତୁ ପର୍ଯ୍ୟବସିତ ପୋଥିଗୁଡ଼ିକ ୭ମ/୮ମ ଶତାବ୍ଦୀର, ମାତ୍ର ତାଳପତ୍ର ଦୀର୍ଘସ୍ଥାୟୀ ହୋଇନଥିବାରୁ ଉପଲବ୍ଧ ପୋଥିର ପ୍ରାଚୀନତା ସହଜସାଧ୍ୟ ନୁହେଁ । ରାଜ୍ୟ ସଂଗ୍ରହାଳୟର ତାଳପତ୍ର ପୋଥି ବିଭାଗ ସମଗ୍ର ବିଶ୍ୱର ଆକର୍ଷଣର କେନ୍ଦ୍ରବିନ୍ଦୁ ।

ଏ କଥା କହିବା ଅନାବଶ୍ୟକ, ଓଡ଼ିଶା ୬୨ ପ୍ରକାରର ଜନଜାତିଙ୍କ ବିଚରଣ ଭୂମି । ଜନଜାତି, ମାତ୍ର ସ୍ୱତନ୍ତ୍ର । ଆଚାର, ବିଚାର, ଖାଦ୍ୟପେୟ, ବେଶପୋଷାକ, ଆଭୂଷଣ, ଭାଷା, ସଂଗୀତ, ନୃତ୍ୟ, ଚିତ୍ର ସବୁଥିରେ । ମାତ୍ର ସଭ୍ୟତାର ବିକାଶ ପର୍ଯ୍ୟାୟରେ ସେମାନେ ସର୍ବମୂଳ ଉପାଦାନ । ସଂଗ୍ରହାଳୟ ସେମାନଙ୍କ ସୃଜନକର୍ମକୁ ସଂପାଦିଛି, ଅତି କଳାତ୍ମକ ଢଙ୍ଗରେ । ଅଳଙ୍କାର, ବସ୍ତ୍ର, ବାଦ୍ୟଯନ୍ତ୍ର, ଗୃହୋପକରଣ, ଜୀବନଶୈଳୀ, ପ୍ରାଗ୍‌ଐତିହାସିକ ଅସ୍ତ୍ରଶସ୍ତ୍ର ସବୁକିଛି ଏବଂ ଯାହା ସାଧାରଣ ଦର୍ଶକଙ୍କୁ ଅଭିଭୂତ କରେ ତାହା ଚାରୁ ଓ କାରୁକଳା ବିଭାଗ । କାଠଖୋଦେଇ ବିଭିନ୍ନ ସାମଗ୍ରୀ, ନାନାଦି ଗୃହୋପକରଣ, ସବାରି, ପାଲିଙ୍କି, ଉତ୍କଳୀୟ ରାଜା ମହାରାଜାଙ୍କ ବ୍ୟବହୃତ ସିଂହାସନ, ଛତ୍ରୀ, ହାଉଦା, ଢୋକ୍ରା କଳା ଏବଂ ହସ୍ତଶିଳ୍ପ–ସବୁ ସୂକ୍ଷ୍ମ କାରୁକାର୍ଯ୍ୟ ସଂପନ୍ନ । ଚାହିଁଲେ ଆଖି ଲାଖି ଯାଏ । ବୁଝିହୁଏ ଏ ସୂକ୍ଷ୍ମତା ଜୀବନ ବଞ୍ଚିବା ପାଇଁ ତୁଚ୍ଛ ଅଳଙ୍କରଣ ନୁହେଁ, ଆବଶ୍ୟକତା । ସୌନ୍ଦର୍ଯ୍ୟବୋଧ, ମାନସିକ ଅନ୍ନ ଓ ଆନନ୍ଦ । ତା' ପାଖକୁ ରହିଛି ପଟ୍ଟଚିତ୍ର ଭଣ୍ଡାର । ଓଡ଼ିଶୀ ଚିତ୍ରକରଙ୍କ ରେଖା ଓ ରଙ୍ଗକର୍ମର ଉଦ୍‌ଭାସନ–ଯାହା ପୃଥିବୀର ଅନ୍ୟ ପାରମ୍ପରିକ ଚିତ୍ରକଳା ମଧ୍ୟରେ ସ୍ୱାତନ୍ତ୍ର୍ୟର ସୂଚକ । ରାବଣାନୁଗ୍ରହ, ନବଗୁଞ୍ଜର, ବୁଦ୍ଧଚରିତ, କନ୍ଦର୍ପହସ୍ତୀ, ଜଗନ୍ନାଥଙ୍କ ବିବିଧ ବେଶ, ଗୋପଲୀଳା, କାଳୀୟଦଳନ ଏବଂ ପାରମ୍ପରିକ ଶୈଳୀର ପଟ୍ଟଚିତ୍ରରେ ସୁଶୋଭିତ ଏ ବିଭାଗ ଦର୍ଶକଙ୍କୁ ମୁଗ୍ଧ ବିଭୋର କରେ ।

ଅନ୍ୟ ଏକ ପ୍ରଶସ୍ତ କୋଠରୀରେ ରହିଛି ପ୍ରାଚୀନ ଅସ୍ତ୍ରଶସ୍ତ୍ର । ବିଭିନ୍ନ ପ୍ରକାରର ଖଣ୍ଡା, ବର୍ଚ୍ଛା, ଢାଲ, ଯୁଦ୍ଧରେ ବ୍ୟବହୃତ ଫାର୍ସା, ତୋପ, କମାଣ ପର୍ଯ୍ୟନ୍ତ ଏଠାରେ ଅଛି ଏବଂ ଅଛି ଭିନ୍ନ ଭିନ୍ନ ଆକାର ଓ ପ୍ରକାରର ବନ୍ଧୁକ ସହିତ ମଧୁବାବୁଙ୍କ ବ୍ୟବହୃତ ବନ୍ଧୁକ । ଏ ସମସ୍ତ ପ୍ରାଚୀନ ଅସ୍ତ୍ରଶସ୍ତ୍ର ଓଡ଼ିଶାର ଆଦିବାସୀ ଓ ରାଜା ମହାରାଜାଙ୍କ ସମରକୌଶଳର ପ୍ରତୀକ । ଏ ଅସ୍ତ୍ରଶସ୍ତ୍ରରୁ ବୁଝିହୁଏ ଉତ୍କଳୀୟ ଯୋଦ୍ଧାର ବୀରତ୍ୱର ଗାଥା । ମିଳେ ସାମରିକ ଇତିହାସ ରଚନାର ଉପାଦାନ । ଓଡ଼ିଶା ଖଣିଜ ସଂପଦକୁ ନେଇ ଗର୍ବ କରେ । ସଂଗ୍ରହାଳୟର ଖଣିଜ ବିଭାଗ ବହୁ ମୂଲ୍ୟବାନ ଖଣିଜ ପଥରଖଣ୍ଡରେ ବିମଣ୍ଡିତ । ସେଥିମଧ୍ୟରୁ ପ୍ରାଚୀନ ମନ୍ଦିର ଏବଂ ଅନ୍ୟାନ୍ୟ ଭାସ୍କର୍ଯ୍ୟରେ ବ୍ୟବହୃତ ହୋଇଥିବା ଖଣ୍ଡୋଲାଇଟ୍ ଏବଂ ବାଲିପଥର ଅନ୍ୟତମ । ଏହାଛଡ଼ା ଲୁହାପଥର, କ୍ରୋମାଇଟ୍, ଲିଡ୍ ଏବଂ ବକ୍ସାଇଟ୍ ପ୍ରଭୃତି ଅନ୍ୟାନ୍ୟ ଖଣିଜ ପଥରଖଣ୍ଡ ଦର୍ଶକ ଓ ଛାତ୍ରଛାତ୍ରୀଙ୍କ ଜିଜ୍ଞାସାକୁ

ଆକର୍ଷିତ କରେ। ପତ୍ରଛାପ ବହନ କରିଥିବା ଫସିଲ ଏ ବିଭାଗର ଅନ୍ୟତମ ଆକର୍ଷଣ। ସଂଗ୍ରହାଳୟକୁ ଲାଗି ରହିଛି ଏକ ସମୃଦ୍ଧ ପାଠାଗାର। ପ୍ରାଚୀନ ପତ୍ରପତ୍ରିକା, ଜ୍ଞାନବିଜ୍ଞାନର ସକଳ ଚର୍ଯ୍ୟାରେ ଏହା ଯଥାର୍ଥତଃ ଭଣ୍ଡାରଘର। ଦୁଷ୍ପ୍ରାପ୍ୟ ଏଠି ସହଜଲଭ୍ୟ। ପ୍ରାୟ ଅଶି ହଜାରରୁ ଅଧିକ ଗବେଷଣାତ୍ମକ ବହି ଓ କୋଡ଼ିଏ ହଜାରରୁ ଅଧିକ ଦୁର୍ଲଭ ପୁରୁଣା ପତ୍ରପତ୍ରିକାକୁ ନେଇ ଏ ପାଠାଗାର ସମୃଦ୍ଧ। ଏହାଛଡ଼ା ସୁବିସ୍ତୃତ ସବୁଜିମା ଭରା ମନୋରମ ବଗିଚା, ଉନ୍ମୁକ୍ତ ପ୍ରତ୍ନତତ୍ତ୍ୱ ଉଦ୍ୟାନ ଓ ଦୁଇଟି ପ୍ରାଚୀନ ପାବଚ୍ଛ କୂପ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ।

ମୁଁ ଆରମ୍ଭରେ କହିଛି, ସଂଗ୍ରହାଳୟ ଏକ ଜନସମୁଦାୟର ଅସ୍ମିତାର କୋଠଘର, ଦର୍ପଣ ବି କୁହାଯାଇପାରେ। ସେ ଦର୍ପଣରେ ଏକ ଜନସମୁଦାୟ ବର୍ତ୍ତମାନକୁ ଦେଖେ। ଯାହାକୁ ସେ ନିଜ ପରି ଭଲପାଏ, ଯାହା ଭିତରେ ସେ ନିଜକୁ ଦେଖେ, ପରମ୍ପରାକୁ ଦେଖେ। ତେଣୁ ସେଗୁଡ଼ିକୁ ସ୍ମୃତିର ସଂପଦ ଭାବେ ସାଇତି ରଖେ। ମାତ୍ର ବର୍ତ୍ତମାନ ତିଆରି ହେବା ପଛରେ ଥାଏ ଇତିହାସ। କ୍ରମବିବର୍ତ୍ତନ ଏବଂ ବିବର୍ତ୍ତନର କ୍ରମରେ ବି ତିଆରି ହୋଇଯାଏ ଭବିଷ୍ୟତ। ଅର୍ଥାତ୍, ଇତିହାସ–ବର୍ତ୍ତମାନ–ଭବିଷ୍ୟତ ସତେ ଯେପରି ଏକ ଅଚ୍ଛିଣ୍ଡା ସୂତା। ସୂକ୍ଷ୍ମ। ଏ ସୂକ୍ଷ୍ମର ଅନ୍ୟ ନାମ ଜୀବନ। ତେଣୁ ସଂଗ୍ରହାଳୟକୁ ଯଦି ଅତୀତର ଘର କୁହାଯିବ, ଅର୍ଥାତ୍ ସେହି ଦୃଷ୍ଟିରୁ ବିଚାର କରାଯିବ ତାହା ସଂଗ୍ରହାଳୟ ପ୍ରତି ଅମର୍ଯ୍ୟାଦା ନୁହେଁ। ଆପଣାର ସଂସ୍କୃତି ପ୍ରତି ଅସ୍ୱୀକୃତି। ତେଣୁ ପୃଥିବୀରେ ଆଜି ପ୍ରତ୍ୟେକ ଜନସମୁଦାୟ ନିଜର ସୃଜନଶୀଳତା ଓ ପ୍ରଜ୍ଞାର ବିକାଶ ରହସ୍ୟକୁ ଭେଦିବା ଲାଗି, ଭବିଷ୍ୟତ ଗଢ଼ିବା ଲାଗି ସଂଗ୍ରହାଳୟକୁ ସମୃଦ୍ଧ କରିବାରେ ଲାଗିଛନ୍ତି। ଉଦ୍ଦେଶ୍ୟ, ଆପଣା ଜନସମୁଦାୟର ପରିଚିତି ଓ ଅନ୍ୟମାନଙ୍କ ସହିତ ସଂପୃକ୍ତିର ପ୍ରତିଷ୍ଠା ଓ ସହାନୁଭାଗିତା। ରାଜ୍ୟ ସଂଗ୍ରହାଳୟ ଏହି ଆଭିମୁଖ୍ୟର ଏକ ସାର୍ଥକ ରୂପାୟନ। ଓଡ଼ିଆ ଜାତିର ଆତ୍ମପରିଚିତିର ଘର।

କ୍ୟୁରେଟର, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ,
ଭୁବନେଶ୍ୱର

# ଏ କି ତୁମ ଇଚ୍ଛା ପ୍ରଭୋ !

ସୁଦର୍ଶନ ସାମନ୍ତରା

ତୁମ ଗଢା ଏଇ ବିଶ୍ୱ
ଆଖି ପାଉନାହିଁ କେତେ ବିସ୍ତୃତି ତାହାର
ନଦ–ନଦୀ–ବନ–ଗିରି ସାଗର ସମେତ
ସୁନ୍ଦର ଏ ଧରଣୀଟି ଗଢିଛ ତ ତୁମେ ?

ଏଇଠି ରହି ମୁଁ ଦେଖେ ଅନନ୍ତ ଆକାଶ
ଆଖି ପାଏ ନାହିଁ, କେତେ କାହିଁ ବ୍ୟାପ୍ତି ତାର !
ଆମ ସୂର୍ଯ୍ୟଠାରୁ ଦୀପ୍ତ କେତେ ଯେ ଜ୍ୟୋତିଷ୍କ
କେତେ ସୃଷ୍ଟି କାହିଁଅଛି ହୁଏ ନାହିଁ ଜାଣି
ହାରିଯାଏ ଅନୁମାନ, ଥକିଯାଏ ମନ
କେବଳ ଏତିକି ବୁଝେ ତୁମେ ସ୍ରଷ୍ଟା ତା'ର ।

ସେହି ବିଜ୍ଞାନର ଛାୟା ଅନ୍ତରାଳେ ମନେ
ଜାଗେ ଘୋର ଦୁଃଖମନ୍ତେ ପୃଥିବୀ ସମସ୍ୟା
ତୁମ ନାମେ ଦ୍ୱାହିଦେଇ କେତେ ବୁଦ୍ଧିମାନ
ଜ୍ଞାନ–ଅଭିମାନୀ ନର ବଢାଇ ସ୍ୱ–ଶକ୍ତି
ବଢାଇ ଦିଅନ୍ତି ଭେଦ ମନୁଷ୍ୟ ସମାଜେ ।

ଧର୍ମ ବୋଲି କହି, କିଛି ଦେଇ ନାମ ତାର
ତୁମେ ତା'ର ସ୍ରଷ୍ଟା ବୋଲି କରନ୍ତି ପ୍ରଚାର
ରୀତି ନୀତି, ଗତି ଆଉ ପୂଜା ଆରାଧନା
ତୁମ ପାଇଁ ଖଞ୍ଜି କରି ତୁମର ପ୍ରଚାର
ଶ୍ରେଷ୍ଠ–ପ୍ରତିପାଦି ସେହି ନାମକୁ ତୁମର
ଅନ୍ୟ ଯେତେ ବିଶ୍ୱେ ତାହା କହନ୍ତି ଅସାର ।

ଅନନ୍ତ ବିଶ୍ୱରେ ତୁମେ ଏକ ଅଦ୍ୱିତୀୟ
ଦେଖାଇଛ ଦେଖାଉଛ ନିତି ରୂପ ତୁମ
ପ୍ରମାଣ କରୁଛ ତୁମ ଅନନ୍ତ ଶକତି
କିନ୍ତୁ ଏଇ ଧରଣୀର ସର୍ବଶ୍ରେଷ୍ଠ ଜୀବ
ମନୁଷ୍ୟକୁ ଦେଇ ଜ୍ଞାନ, ଦେଇ କିଛି ଶକ୍ତି
କରୁଛ ଅବୁଝା, ପୁଣି ନିଅ ଧ୍ୱଂସ ପଥେ
ଏକି ତୁମ ଇଚ୍ଛା ପ୍ରଭୋ ! କହ ସତକରି

ଶ୍ରୀ ଶ୍ରୀ ମହାବୀର ସେବାଶ୍ରମ
ନାଗପୁର, ଗୋପ, ପୁରୀ